# ଧରିତ୍ରୀ DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 10/2026 Page 16 ₹ 7.00

୫୨ଶ ଭାଗ ୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 48 ମୂଲ୍ୟ ₹୭/-







## ସୌରଶକ୍ତି ପାଇଁ ୧୦ହଜାର କୋଟି ନିବେଶ ହେବ

### ୧୧ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ

ଭୁବନେଶ୍ୱର,୯।୧
(ରବିନାରାୟଣ ଜେନା)

ରାଜ୍ୟ କ୍ୟାବିନେଟ ଶୁକ୍ରବାର ୧୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ୮ ବିଭାଗ ପକ୍ଷରୁ ଆଗତ ସମସ୍ତ ୧୧ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ସେଥିମଧ୍ୟରେ ଶିଳ୍ପ ବିଭାଗର ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡ୍‌ର ସମନ୍ୱିତ ସୌର ଉତ୍ପାଦନ ସୁବିଧାକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଇନ୍‌ଗଟ୍ ଏବଂ ୱାଫେର୍ ନିର୍ମାଣଠାରୁ ସୌର ସେଲ୍ ଉତ୍ପାଦନ ପର୍ଯ୍ୟନ୍ତ ଭ୍ୟାଲୁଚେନ୍‌କୁ ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପ ୨ଟି ପର୍ଯ୍ୟାୟରେ ବିକଶିତ ହେବ ଏବଂ ଏଥିରେ ୧୦ ଜିଡବ୍ଲ୍ୟୁ ଇନ୍‌ଗଟ୍‌-ୱାଫେର୍ ଏବଂ ୫ ଜିଡବ୍ଲ୍ୟୁ ସେଲ୍ ଉତ୍ପାଦନ ହେବ। ଏଥିରେ ପ୍ରାୟ ୧୦ ହଜାର କୋଟି ଟଙ୍କାର ନିବେଶ ହେବାକୁ ରହିଥିବାବେଳେ ୫,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ଉଚ୍ଚ-ଦକ୍ଷତା-କୁଶଳୀ ନିଯୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ। ଏହା ଅକ୍ଷୟ ଶକ୍ତି ଉତ୍ପାଦନର ଅନୁକୂଳ ପରିବେଶ ସୃଷ୍ଟି ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ** ଲାଟେରାଲ ଏଣ୍ଟ୍ରିରେ ସମସ୍ୟା




# ଯୁବବର୍ଗ ଦକ୍ଷ, ଆତ୍ମବିଶ୍ୱାସୀ ହେଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ: ମୁଖ୍ୟମନ୍ତ୍ରୀ

**ଓଡ଼ିଶା ଦକ୍ଷତା ପ୍ରତିଯୋଗିତାର ସମାପନୀ ସମାରୋହ**

- ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର: ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ଙ୍କୁ ରୌପ୍ୟ ଓ ୫୦ଜଣଙ୍କୁ ବ୍ରୋଞ୍ଜ ପଦକ
- ୪୭ ଆଇଟିଆଇ ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସ, ୯ଟିରେ ଏଆଇ ଲାବ୍



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିନ ଅନୁ ଗର୍ଗ ଓ ଅଧିକାରୀଙ୍କ ସହ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର' ବିଜେତାମାନେ।

ଭୁବନେଶ୍ୱର, ୯।୧ (ସୁଚିସ୍ମିତା ସାହୁ)

ଓଡ଼ିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଆମରି ଓଡ଼ିଶାରେ ହିଁ ଆପଣଙ୍କୁ ନିଯୁକ୍ତି ମିଳିବ। ଦକ୍ଷତା କ୍ଷେତ୍ରର ସମସ୍ତସ୍ତରରେ ଉତ୍କର୍ଷତା ହାସଲ କରିବା ଆମର ଲକ୍ଷ୍ୟ। ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ଆବଶ୍ୟକ। ଆମର ଯୁବବର୍ଗ ଦକ୍ଷ ଏବଂ ଆତ୍ମବିଶ୍ୱାସୀ ହେଲେ ହିଁ ସେମାନେ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢ଼ିପାରିବେ, ଯାହା ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ। ଯୁବବର୍ଗଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଲେ, ଓଡ଼ିଶାର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ଲୋକସେବାଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ସମାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତାମାନଙ୍କୁ 'ମୁଖ୍ୟମନ୍ତ୍ରୀ ଦକ୍ଷତା ପୁରସ୍କାର' ପ୍ରଦାନ କରିଥିଲେ। ଏହି ଅବସରରେ ସେ ରାଜ୍ୟର ଦକ୍ଷ ଓ ଯୁବ କୁଶଳୀ ଛାତ୍ରୀଛାତ୍ରଙ୍କୁ ଆହୁରି ଉତ୍ସାହିତ କରିବାକୁ ଯାଇ କହିଲେ, ଆମର ଶିଳ୍ପାୟନ ଲକ୍ଷ୍ୟର ତିନୋଟି ମୁଖ୍ୟ ସ୍ତମ୍ଭ ହେଉଛି- ଭିତ୍ତିଭୂମି, ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଏବଂ ଦକ୍ଷତା। ଏ ସବୁ କ୍ଷେତ୍ରକୁ ସୁଦୃଢ଼ କରି ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇକୋ-ସିଷ୍ଟମକୁ ଶ୍ରେଷ୍ଠ କରିବା ପାଇଁ ଉଦ୍ୟମ ଜାରି ରହିଛି। ଗତ ୧୮ମାସ ମଧ୍ୟରେ ୬.୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି, ଯାହାଦ୍ୱାରା ୩ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ। କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ସ୍କିମ୍‌କୁ ଅନୁମୋଦନ କରାଯାଇଛି। ରାଜ୍ୟର ୪୭ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପରିଣତ କରିବା ସହିତ ଏଠାରେ ଭିତ୍ତିଭୂମିରେ ଉନ୍ନତି ଏବଂ ଅତ୍ୟାଧୁନିକ ସ୍କିଲ ମାଧ୍ୟମରେ ଟ୍ରେନିଂ ଦିଆଯାଇପାରିବ। ସେହିପରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ରାଜ୍ୟର ୯ଟି ଆଇଟିଆଇରେ ଏଆଇ ଲାବ ଖୋଲାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ନୂତନ ଓଡ଼ିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶନ କରୁଛି। ଏହା ପ୍ରତିଭା ଚିହ୍ନଟ, ଉତ୍କର୍ଷତାକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ଦେଇପାରିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଲେ, ସବୁ ଛାତ୍ରୀଛାତ୍ରମାନେ ସୃଜନଶୀଳତା ଉପରେ ନିଜକୁ ଦକ୍ଷ କରିବା ଦରକାର। ନିଜ କଥାବାର୍ତ୍ତା, ଚାଲିଚଳଣକୁ ବଦଳାଇବାକୁ ପଡ଼ିବ। ପିଲାମାନଙ୍କୁ କେବଳ ଓଡ଼ିଶାସ୍ତରରେ ନୁହେଁ, ବରଂ ବିଶ୍ୱସ୍ତରରେ ଦକ୍ଷ କରିବାକୁ ପଡ଼ିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏଥିସହ ସ୍ୱର୍ଣ୍ଣ ବିଜେତାଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଦିଆଯାଇଥିଲା। ଏହି ରାଜ୍ୟସ୍ତରୀୟ ବିଜେତାମାନେ ଜାତୀୟସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହିତ ପରବର୍ତ୍ତୀ ସମୟରେ ୱାର୍ଲ୍ଡ ସ୍କିଲ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ହିଞ୍ଜିଳି କଂଗ୍ରେସ ନେତା ଦଳରୁ ନିଲମ୍ବିତ

ହିଞ୍ଜିଳିକାଟୁ,୯।୧ (ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ (ପଶ୍ଚିମ) ସାଙ୍ଗଠନିକ ଜିଲା କଂଗ୍ରେସ ଅନ୍ତର୍ଗତ ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀରୁ ୨୦୨୪ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ ପାଢୀଙ୍କୁ ଦଳ ପକ୍ଷରୁ ଶୁକ୍ରବାର ନିଲମ୍ବିତ କରାଯାଇଛି। କିଛିଦିନ ତଳେ ଖରିଡା ବାଲିଘାଟ ରାସ୍ତା ଖୋଳିବା ଓ ବିପକ୍ଷ ଗୋଷ୍ଠୀ ସହ ଗଣ୍ଡଗୋଳ ନେଇ ହିଞ୍ଜିଳି ଥାନାରେ ପରସ୍ପର ବିରୋଧରେ ୨ ମାମଲା ରୁଜୁ ହୋଇଥିଲା। ରଜନୀକାନ୍ତ ଗଞ୍ଜାମ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇ ଚର୍ଚ୍ଚାରେ ଥିଲେ। ଖରିଡା ନିକଟ ଋଷିକୁଲ୍ୟା ନଦୀ ବାଲିଘାଟରେ ତାଙ୍କ ଉପରେ ହୋଇଥିବା ଆକ୍ରମଣ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପୂର୍ବରୁ ପୁରୁଷୋତ୍ତମପୁର ତହସିଲ ଭୀମପୁର ବାଲିଘାଟ ନେଇ ତାଙ୍କର ଗଣ୍ଡଗୋଳ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା। ରାଜନୀକାନ୍ତ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ପିସିସି ସଭାପତିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଅନୁଧ୍ୟାନ କରାଯାଇ ରଜନୀକାନ୍ତଙ୍କୁ ଦଳରୁ ନିଲମ୍ବନ କରାଗଲା ବୋଲି ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ୩୦ ଲକ୍ଷ ଟଙ୍କା, ୪୪ ଗ୍ରାମ୍ ସୁନା ମିଳିଲା

**ମା' ତାରିଣୀଙ୍କ ହୁଣ୍ଡି ଗଣତି**

ଘଟଗାଁ,୯।୧ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ଶୁକ୍ରବାର ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି। ଗଣତି ଅନୁଯାୟୀ ୩୦ ଲକ୍ଷ ୬୨ ହଜାର ୧୯୫ ଟଙ୍କା, ୪୪ ଗ୍ରାମ ୨୮୦ ମିଲିଗ୍ରାମ ସୁନା ଓ ୯୯୯ଗ୍ରାମ ୧୬୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି।

ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ମଦନମୋହନ ପୂର୍ତ୍ତି ଉପସ୍ଥିତ ଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ହରେକୃଷ୍ଣ ପଲେଇ, ଶରତ ବେହେରା, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖୀ, ଗଗନ ବେହେରା, ପୀତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖୀ, ଷ୍ଟେଟ୍ ବ୍ୟାଙ୍କ ଶାଖାର ପିନାକୀ ମହାନ୍ତ, ତ୍ରିଶାଳା ହାଁସଦା, ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।


ମନ୍ଦିର କର୍ମଚାରୀ ଗଣତି କରୁଛନ୍ତି।

# ୬୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୯।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲା ଏସ୍‌ପିଙ୍କ ନିକଟରେ ୬୩ ଜଣ ମାଓବାଦୀ ଆତ୍ମସମର୍ପଣକରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୪୫ ଜଣ ପୁରୁଷ ଓ ୧୮ ମହିଳା ରହିଛନ୍ତି। ଏମାନଙ୍କ ଉପରେ ୧ କୋଟି ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ଦାନ୍ତେୱାଡା ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ କଳାହାଣ୍ଡି ଏରିଆ କମିଟି ସଦସ୍ୟ ପାକଲୁ ମଧ୍ୟ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି।

ଏବେ ମାଓବାଦୀ ସଂଗଠନ ପ୍ରାୟତଃ ଭୁଶୁଡ଼ି ପଡ଼ିଥିବା ବେଳେ ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟ ଜୋର୍‌ସୋର ଚାଲିଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତ ମାଓବାଦୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଦାନ୍ତେୱାଡା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ଜିଜିଆ କର ବନ୍ଦକର: ଭକ୍ତ



ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଦଳୀୟନେତା।

ଭୁବନେଶ୍ୱର,୯।୧ (ରବିନାରାୟଣ ଜେନା)

**ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରିବ ଯୁବ କଂଗ୍ରେସ**

ପ୍ରଦୂଷଣ ନାଁରେ ସରକାର ଜନସାଧାରଣଙ୍କ ଉପରେ ଲଗାଇଥିବା ଜିଜିଆ କରକୁ ତୁରନ୍ତ ବନ୍ଦ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ସରକାର ସାଧାରଣ ଲୋକଙ୍କ ଉପରେ କୌଣସି ମାନଦଣ୍ଡ ନ ଥାଇ ମନଇଚ୍ଛା ଫାଇନ୍ ଅସୁଲ କରୁଛନ୍ତି। ସମଗ୍ର ରାଜ୍ୟରେ କର ଅସୁଲି ପାଇଁ ହାହାକାର ପଡ଼ିଛି। ସାଧାରଣ ଖାଉଟି, କୃଷକ, ଛୋଟ ବେପାରି, ଅସ୍ଥାୟୀ ଚାକିରିଆ ଏପରି କି ବେକାର ଯୁବକଙ୍କ ଉପରେ ମଧ୍ୟ ଫାଇନ ପଡୁଛି। ଗୋଟିଏ ପଟେ ସରକାର ବେକାର ଯୁବବର୍ଗଙ୍କୁ ଚାକିରି ଯୋଗାଇ ପାରୁ ନ ଥିବାବେଳେ ସେମାନଙ୍କଠାରୁ ଜୋର ଜୁଲମ୍ କରି ଫାଇନ ଆଦାୟ କରୁଛନ୍ତି। ଏହାକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି।

ଭକ୍ତ କହିଛନ୍ତି, ବଡ଼ ବଡ଼ ଶିଳ୍ପରୁ କେତେ ପ୍ରଦୂଷଣ ହେଉଛି ତା'ର ହିସାବ ସରକାର ଦେଇପାରିବେ ନାହିଁ, ଏପଟେ ଝିଙ୍କିକା ମାରି ବଣି ପୋଷିବା ନୀତିରେ ଗରିବବର୍ଗଙ୍କ ତଣ୍ଟି ଧରିଛନ୍ତି। ଫେବୃଆରୀରେ ଏନେଇ ବିଧାନସଭା ଘେରାଉ ହେବ ଏବଂ ସରକାରଙ୍କୁ କଂଗ୍ରେସ ଜବାବ ମାଗିବ। ଭକ୍ତ କହିଛନ୍ତି, ପୁରୀସ୍ଥିତ ଭକ୍ତ ନିବାସରେ ରହୁଥିବା ଜଗନ୍ନାଥ ଦର୍ଶନାଭିଳାଷୀଙ୍କ ଗାଡ଼ି ଉପରେ କର କାହିଁକି ଲଗାଯାଉଛି। ସରକାର ପୁଞ୍ଜିପତିଙ୍କ ଉପରେ କର ପକାଇବା ପାଇଁ ସାହସ ନାହିଁ, କିନ୍ତୁ ସାଧାରଣ ଲୋକଙ୍କୁ କର ଦେବାକୁ ବାଧ୍ୟ କରୁଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ଯୁବନେତା ମନୋଜ ବିଶ୍ୱାଳ କହିଛନ୍ତି, ଯଦି ସରକାର ତୁରନ୍ତ ଏହାକୁ ବନ୍ଦ ନ କରନ୍ତି ତେବେ ପରିବହନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ।

# ଦନ୍ତା ଆକ୍ରମଣରେ ୩ ମୃତ

କରଞ୍ଜିଆ,୯।୧ (କବିତା ମହାନ୍ତ)

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ୍ ସୀମାନ୍ତ ଝାଡ଼ଖଣ୍ଡର ବେନିସାଗର ଗ୍ରାମରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ହାତୀ ଦେଖିବାକୁ ଘରୁ ବାହାରକୁ ବାହାରିଥିବା ବେଳେ ୨ଯୁବକଙ୍କୁ ହାତୀ ପାଦରେ ଦଳି ଦେଇଥିଲା। ଶୁକ୍ରବାର ଅପରାହ୍ଣରେ ଆଉ ଜଣଙ୍କୁ ମଧ୍ୟ ହାତୀ ଦଳି ମାରି ଦେଇଥିବା ସୂଚନା ମିଳିଛି। ଝାଡ଼ଖଣ୍ଡ ବନ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ପାଖରେ ଜଗିରହିଥିବା ନରହନ୍ତା ଦନ୍ତାକୁ ଘଉଡ଼ାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ସେଠାକାର ଲୋକେ ଦାବି କରିଛନ୍ତି। ମୃତ ୩ ଜଣଙ୍କର ପରିଚୟ ମିଳିପାରିନାହିଁ।

# ଶିମିଳିପାଳରେ ମାଇନସ୍ ୧ ଡିଗ୍ରୀ, ତୁଷାରପାତ

**୧୨ ବର୍ଷର ରେକର୍ଡ ଭାଙ୍ଗିଲା**

**୩.୬ ଡିଗ୍ରୀ ସହ ରାଉରକେଲା ଦେଶର ୪ର୍ଥ ଥଣ୍ଡା ସହର**

ଭୁବନେଶ୍ୱର, (ବନ୍ଦନା ସେଠୀ)/ ବାରିପଦା,୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାରା ରାଜ୍ୟରେ ଅସମ୍ଭାଳ ଶୀତ ଲହରି ଜାରି ରହିଛି। ଗାଁଠାରୁ ସହର ସବୁଠି ହାଡ଼ଭଙ୍ଗା ଶୀତରେ ଥରୁଛି ପୂରା ଓଡ଼ିଶା। ରାଜଧାନୀ ଭୁବନେଶ୍ୱର ହେଉ ଅବା ପାହାଡିଆ ଓ ସମତଳ ଅଞ୍ଚଳରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ସର୍ବନିମ୍ନ ତାପମାତ୍ରା। ଶୁକ୍ରବାର ମୟୂରଭଞ୍ଜ ଜିଲା ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୧୨ବର୍ଷର ରେକର୍ଡ ଭାଙ୍ଗିଛି। ବୁଧବାର ଓ ଗୁରୁବାର ଶିମିଳିପାଳର ଉପର ବାର୍‌ହାକାମୁଡାରେ ତାପମାତ୍ରା ଶୂନ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଶେଷ ୨୪ ଘଣ୍ଟାରେ ଏହା ମାଇନସ୍ ୧ ଡିଗ୍ରୀକୁ ଖସି ଆସିଛି। ୨୦୧୪ ମସିହା ପରେ ଶିମିଳିପାଳରେ ଶୂନ ଡିଗ୍ରୀ ତଳକୁ ପାରଦ ଖସି ନ ଥିଲା। ଏଥିସହ ଏହି ଅଞ୍ଚଳରେ ତୁଷାରପାତ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ସର୍ବନିମ୍ନ ରାତ୍ରି ତାପମାତ୍ରା ଅନୁଯାୟୀ ସମତଳ ଅଞ୍ଚଳ ମଧ୍ୟରେ ରାଉରକେଲା ଦେଶର ଚତୁର୍ଥ ଥଣ୍ଡା ସହର ଭାବେ ପରିଣତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରହିଥିଲା। ଉତ୍ତରାଖଣ୍ଡର ପନ୍ତନଗରଠାରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିବାବେଳେ ଏହା ଦେଶର ପ୍ରଥମ ଥଣ୍ଡା ସହର ପାଲଟିଥିଲା। ଏହା ପଛକୁ ୩.୨ ଡିଗ୍ରୀ ସହିତ ଦ୍ୱିତୀୟ ସ୍ଥାନରେ ଝାଡ଼ଖଣ୍ଡର ଡାଲଟନଗଞ୍ଜ, ୩.୪ ଡିଗ୍ରୀ ସହିତ ତୃତୀୟ ସ୍ଥାନରେ ଉତ୍ତରପ୍ରଦେଶ ରାଜ୍ୟର ଆଲିଗଡ ସହର ଏବଂ ଚତୁର୍ଥ ସ୍ଥାନରେ ରାଉରକେଲା ସହର ରହିଛି। ଶୁକ୍ରବାର ରାଜ୍ୟର ୨୩ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା।

ରାଜଧାନୀ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିବା ସହ ପୁଣି ଥରେ ୧୯୫୨ ମସିହାର ରାତି ତାପମାତ୍ରାକୁ ଦୋହରାଇଥିଲା। କଟକରେ ମଧ୍ୟ ଜାନୁଆରୀର ୫ମ ସର୍ବନିମ୍ନ ରାତି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୬ ଡିଗ୍ରୀ, ରାଉରକେଲା ୩.୬, ସେମିଳିଗୁଡା ୪.୧, ଝାରସୁଗୁଡା ୪.୬, ଫୁଲବାଣୀ ୫, କିରେଇ ୫.୭, ଦାରିଙ୍ଗବାଡ଼ି ୬, ସୁନ୍ଦରଗଡ଼ ୬.୫, ଅନୁଗୋଳ ୭, ନବରଙ୍ଗପୁର ୭.୫, ଢେଙ୍କାନାଳ ୭.୬, ଭବାନୀପାଟଣା ୭.୮, କେନ୍ଦୁଝର ୭.୯, ବଲାଙ୍ଗୀର ୮.୧, ରାଣୀତାଲ ୮.୪, ବାରିପଦା ଓ ମହିଷାପାଟ ୮.୬ ଡିଗ୍ରୀ, ସୋନପୁର ୯, ସମ୍ବଲପୁର ୯.୨ ଓ କୋରାପୁଟରେ ୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହାବାଦ୍ ଶନିବାର ଖୋର୍ଦ୍ଧା, କଟକ, ଅନୁଗୋଳ, ସୁନ୍ଦରଗଡ ଏବଂ ଝାରସୁଗୁଡାରେ ପ୍ରବଳ ଥଣ୍ଡା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।


ଶିମିଳିପାଳର ଉପର ବାର୍‌ହାକାମୁଡାରେ ହୋଇଥିବା ତୁଷାରପାତ।

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

ରାଇଘର, ୯।୧ (କିରଣ ପଟ୍ଟନାୟକ)

ରାୟପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ଭାରତମାଳା ରାସ୍ତାର ନବରଙ୍ଗପୁର ଜିଲା ରାଇଘର ବ୍ଲକ ଭାରଣ୍ଡପାରା ଗ୍ରାମ ନିକଟରେ ଗୁରୁବାର ରାତିରେ ଏକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ରାଇଘର ବ୍ଲକ ଉଦୟପୁରର ପରିତୋଷ ରାୟ ଓ ବିଧାନ ରାୟ।

ସୂଚନାନୁଯାୟୀ, ଉଦୟପୁରର ପରିତୋଷ ଓ ବିଧାନ ଦିନ ମଜୁରିଆଭାବେ କାମ କରନ୍ତି। ସେମାନେ ଗୁରୁବାର ସନ୍ଧ୍ୟାରେ ଉମରକୋଟରୁ କାମ ସାରି ବାଇକ୍‌ରେ ଫେରୁଥିବା ବେଳେ ମାଟି ଲେବଲ କରୁଥିବା ଗ୍ରେଡେର ଗାଡି ଧକ୍କା ଦେଇଥିଲା। ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗ୍ରେଡେର ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇ କ୍ୟାମ୍ପ ନିକଟକୁ ପଳାଇଥିଲେ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ରାଇଘର ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶୁକ୍ରବାର ସକାଳେ ମୃତକଙ୍କ ପରିବାର ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୮/୨୬ରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗ୍ରେଡେର ଗାଡ଼ି ଡ୍ରାଇଭରଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ନୋଟିସ୍ କରି ଛାଡ଼ି ଦେଇଥିବା ସୂଚନା ମିଳିଛି।

# ଜଳବାୟୁ ଅନୁକୂଳ ଅଞ୍ଚଳରେ ହେବ ବାଉଁଶ ଚାଷ

**ବାଉଁଶ ସାମଗ୍ରୀ ବିକ୍ରି ପାଇଁ ୱେବ୍‌ସାଇଟ୍ ଉନ୍ମୋଚନକଲେ ମନ୍ତ୍ରୀ**

ଭୁବନେଶ୍ୱର, ୯।୧ (ବନ୍ଦନା ସେଠୀ)


ଜାତୀୟ ବାଉଁଶ ସମ୍ମିଳନୀରେ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସହ ଅନ୍ୟ ଅତିଥି।

ଓଡ଼ିଶାରେ ବାଉଁଶ ଶିଳ୍ପର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଏହାକୁ ଆହୁରି ପ୍ରମୋଟ୍ କରୁଛନ୍ତି। ବାଉଁଶ ଶିଳ୍ପ ଦ୍ୱାରା ଲୋକଙ୍କ ରୋଜଗାର ବଢ଼ିବା ସହିତ ଅର୍ଥନୈତିକ ସ୍ଥିରତା ଆସିବ। ଆଗରୁ ବାଉଁଶକୁ ଗରିବଙ୍କ ଗଛ କୁହାଯାଉଥିବାବେଳେ ଏବେ ତାହାକୁ 'ଗ୍ରୀନ୍ ଗୋଲ୍ଡ' କୁହାଯାଉଛି। ବାଉଁଶ ଦ୍ୱାରା ଲୋକଙ୍କ ରୋଜଗାର ସୃଷ୍ଟି ନିମନ୍ତେ ଭାରତ ସରକାରଙ୍କ ପାଖରେ ଜାତୀୟ ବାଉଁଶ ମିଶନ୍ ଅନ୍ତର୍ଗତ ୩୨କୋଟିର ପ୍ରସ୍ତାବ ରଖାଯାଇଛି। ଓଡ଼ିଶାର ବାଉଁଶ ଚାଷୀଙ୍କ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ କନ୍‌କ୍ଲେଭ କରାଯାଇ ଟ୍ରେନିଂ ପ୍ରଦାନ କରାଯିବ। ଆଗାମୀ ଦିନରେ ବାଉଁଶ ଜଙ୍ଗଲ ବୃଦ୍ଧି ନେଇ ମଧ୍ୟ ପଦକ୍ଷେପ ନିଆଯିବ। ଜଳବାୟୁ ଅନୁକୂଳ ସ୍ଥାନ ଯଥା ରାୟଗଡା, କଟକର ବଡ଼ମ୍ବା, ନରସିଂହପୁର, ଶିମିଳିପାଳ, ମାଲକାନଗିରି ଆଦି ଅଞ୍ଚଳରେ ବାଉଁଶ ଚାଷ ପାଇଁ ଯୋଜନା ରହିଛି ବୋଲି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଶୁକ୍ରବାର ୱାନ୍ ଫ୍ୟୁଚର ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲଠାରେ 'ଜାତୀୟ ବାଉଁଶ ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସିଂ ଖୁଣ୍ଟିଆ ବାଉଁଶ କାରିଗରମାନଙ୍କୁ ଡିଜିଟାଲାଇଜ୍ କରିବା ଏବଂ ସେମାନଙ୍କ ସାମଗ୍ରୀର ଅନ୍‌ଲାଇନ ବିକ୍ରୟ ନିମନ୍ତେ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ www.odishabamboo-haat.comର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ନେତୃବୃନ୍ଦ ଏବଂ ସ୍ଥାୟୀ ଡିଜାଇନ ବିଶେଷଜ୍ଞଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ଗ୍ରାମୀଣ ସମୃଦ୍ଧି ଓ ଏକ ନବୀକରଣ ଯୋଗ୍ୟ ସମ୍ପଦ ଭାବେ ବାଉଁଶର ବ୍ୟାପକ ସମ୍ଭାବନା ଉପରେ ଆଲୋଚନା କରାଯାଇଥିଲା। ସେହିପରି ବୈଷୟିକ ଅଧିବେଶନଗୁଡ଼ିକରେ ସରକାରୀ ନୀତି, ଅତ୍ୟାଧୁନିକ ବାଉଁଶ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫାଉଣ୍ଡେଶନର ପରାମର୍ଶଦାତା ଗୁରୁ ପ୍ରସାଦ ମିଶ୍ର, ସମ୍ମିଳନୀର ମୁଖ୍ୟ ସମନ୍ୱୟକାରୀ ଶାରଦା ପ୍ରସାଦ ପଣ୍ଡା ଏବଂ ବିଶ୍ୱ ବାଉଁଶ ଦୂତ ତଥା ସ୍ଥାୟୀ ଡିଜାଇନ ବିଶେଷଜ୍ଞ ଡ. ରେବେକା ରିଉବେନ୍ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଉଁଶ ଶିଳ୍ପର ଅଗ୍ରଗତି ଏବଂ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ବାଉଁଶ ଉନ୍ନୟନ ଏଜେନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ କାର୍ତ୍ତିକ ଭି. ଏବଂ ସହ-ଆୟୋଜକ ଭାରତୀୟମ ଟ୍ରଷ୍ଟର ସୁଧାକର ପାହି ଉପସ୍ଥିତ ଥିଲେ।




# ପୁଣି ବଢ଼ିବ ୫୦୨ ପିଜି ସିଟ୍

## ସବୁ ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଡିଏମ୍ଇଟିଙ୍କ ପତ୍ର

**ଭୁବନେଶ୍ୱର,୯।୧(ରବିନାରାୟଣ ଜେନା)**

ରାଜ୍ୟରେ ରୋଗୀ ସେବାକୁ ତ୍ୱରାନ୍ୱିତ କରିବା ତଥା ଡାକ୍ତର ଅଭାବକୁ ପୂରଣ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଭେଷଜ ଶିକ୍ଷା, ତାଲିମ ନିର୍ଦ୍ଦେଶାଳୟ(ଡିଏମ୍ଇଟି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ଡିଏମ୍ଇଟି ପ୍ରଫେସର ଡା. ଏସ୍.କେ. ମିଶ୍ର ସମସ୍ତ ସରକାରୀ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଡିନ୍ ତଥା ପ୍ରିନ୍ସିପାଲଙ୍କ ସହିତ ଭୁବନେଶ୍ୱରସ୍ଥିତ ପିଜିଆଇଏମ୍ଇଆର୍ ନିର୍ଦ୍ଦେଶକ ଏବଂ କଟକସ୍ଥିତ ରାଜ୍ୟ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଡା. ମିଶ୍ର ପତ୍ରରେ ଦର୍ଶାଇଛନ୍ତି, ଆଗାମୀ ଦୁଇ ବର୍ଷ ମଧ୍ୟରେ ପିଜି ସିଟ୍ ବଢ଼ାଇବାକୁ ରାଜ୍ୟ ସରକାରଙ୍କ ଯୋଜନା ରହିଛି। ରାଜ୍ୟରେ ଥିବା ୧୨ଟି ସରକାରୀ ମେଡିକାଲ ଓ ହସ୍ପିଟାଲରେ ୫୦୨ ପିଜି ସିଟ୍ ବଢ଼ିବ। ଡିଏମ୍ଇଟି ଦର୍ଶାଇଛନ୍ତି, ଦୟାକରି ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦାନ କରାଯାଇଥିବା ପିଜି ସିଟ୍ ତାଲିକା ଅନୁଯାୟୀ ଆପଣଙ୍କ ମେଡିକାଲ କଲେଜ ଓ ହସ୍ପିଟାଲରେ ସିଟ୍ ସଂଖ୍ୟା ବୃଦ୍ଧି ଏବଂ ନୂତନ ପିଜି କୋର୍ସ ଖୋଲିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କର। ଏଥିପାଇଁ ଯଦି କିଛି ଅଧିକ ପଦ ସୃଷ୍ଟି ସମ୍ବନ୍ଧୀୟ ପ୍ରସ୍ତାବ କିମ୍ବା ଆର୍ଥିକ ପ୍ରସ୍ତାବ ରହିଛି ତାକୁ ମଧ୍ୟ ତୁରନ୍ତ ନିର୍ଦ୍ଦେଶାଳୟକୁ ଜଣାଇବାକୁ ସେ ଦର୍ଶାଇଛନ୍ତି।

ଡିଏମ୍ଇଟିଙ୍କ ପିଜି ସିଟ୍ ସୂଚନା ଅନୁଯାୟୀ, ଫୁଲବାଣୀସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ସର୍ବାଧିକ ୭୬ଟି ପିଜି ସିଟ୍ ବଢ଼ିବାକୁ ରହିଛି। ଏହାସହିତ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ୭୫ଟି ପିଜି ସିଟ୍ ବଢ଼ିବାକୁ ରହିଥିବାବେଳେ ବଲାଙ୍ଗୀରସ୍ଥିତ ବିବି ମେଡିକାଲ କଲେଜ ଓ ହସ୍ପିଟାଲରେ ୫୭ଟି ପିଜି ସିଟ୍ ବଢ଼ିବାକୁ ରହିଛି। ଏହାବାଦ୍ ବାରିପଦାସ୍ଥିତ ପିଆର୍ଏମ୍ଏମ୍ସିଏଚ୍ର ୧୮ ପିଜି ସିଟ୍ ବଢ଼ିବାକୁ ରହିଥିବାବେଳେ ଭୁବନେଶ୍ୱରସ୍ଥିତ ପିଜିଆଇଏମ୍ଇଆର୍ର ୨୬, କଟକ ବଡ଼ମେଡିକାଲର ୨୪, ତାଳଚେରସ୍ଥିତ ପିଏମ୍ପି ମେଡିକାଲ କଲେଜ ଓ ହସ୍ପିଟାଲର ୩୬, କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲର ୩୭, ଯାଜପୁରସ୍ଥିତ ଏମ୍ଜେକେ, ଏମ୍ସିଏଚ୍ର ୭୦, କଳାହାଣ୍ଡିସ୍ଥିତ ଏସ୍ଏମ୍ଏମ୍ସିଏଚ୍ର ୩୫, ବ୍ରହ୍ମପୁରସ୍ଥିତ ଏମ୍କେସିଜିର ୧୯ ଓ ସୁନ୍ଦରଗଡ଼ସ୍ଥିତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ୨୯ଟି ପିଜି ସିଟ୍ ବଢ଼ିବାକୁ ରହିଛି। ସେଥିମଧ୍ୟରେ ନିଶ୍ଚେତକ, ବାୟୋକେମେଷ୍ଟ୍ରିର, କମ୍ୟୁନିଟି ମେଡିସିନର, ଇଏନ୍ଟି, ଏଫ୍ଏମ୍ଟିର, ଜେନେରାଲ ମେଡିସିନ, ମାଇକ୍ରୋବାୟୋଲୋଜି, ପ୍ରସୂତି ବିଭାଗ, ଫାର୍ମାସିଷ୍ଟ, ମନସ୍ତତ୍ତ୍ୱବିତ୍, ରେଡିଓ ଡାଇଗ୍ନୋଷ୍ଟିକ ସହିତ ଅନ୍ୟାନ୍ୟ ବିଭାଗର ପଦ ରହିଛି।

# ୧ମ ପର୍ଯ୍ୟାୟରେ ବଣ୍ଟାହେବ ୧୦ ଲକ୍ଷ ପିଏମ୍ ଆବାସ: ମନ୍ତ୍ରୀ ନାଏକ

**ଭୁବନେଶ୍ୱର,୯।୧(ସୁନିତ୍ ମିଶ୍ର)**



ରାଜ୍ୟରେ ଭାଜପା ସରକାର ଶାସନକୁ ଆସିବା ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ ରାଜ୍ୟର ଗରିବ ଲୋକମାନଙ୍କୁ ଘର ବଣ୍ଟାଯାଇ ନ ଥିଲା। ହେଲେ ରାଜ୍ୟର ଗରିବ ହିତାଧିକାରୀମାନଙ୍କୁ ପଞ୍ଚାୟତିରାଜ ବିଭାଗ ନୂଆବର୍ଷ ଭେଟିଦେବାକୁ ଯାଉଛି। ଜାନୁଆରୀରେ ୧୦ ଲକ୍ଷ ହିତାଧିକାରୀଙ୍କୁ ପକ୍କାଘର ବଣ୍ଟନ କରିବାକୁ ଯୋଜନା ହୋଇଥିବା ଜଣାପଡ଼ିଛି। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ନାଏକ କହିଛନ୍ତି, ପିଏମ୍ ଆବାସ ପାଇଁ ୩୭ ଲକ୍ଷ ହିତାଧିକାରୀ ଆବେଦନ କରିଥିଲେ। ସେମାନଙ୍କ ଭିତରୁ ଏବେ ସୁଦ୍ଧା ୩୪ ଲକ୍ଷ ହିତାଧିକାରୀଙ୍କୁ ଶର୍ଟଲିଷ୍ଟ କରାଯାଇଛି। କେନ୍ଦ୍ର ସରକାରଙ୍କୁ ଏହି ତାଲିକା ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲୁ ପକ୍କାଘର ତୁରନ୍ତ ଯୋଗାଇ ଦେବା ଲାଗି। କେବଳ ଓଡ଼ିଶା ନୁହେଁ ଦେଶର ବିଭିନ୍ନ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ବିଭାଗ ପକ୍ଷରୁ ପିଏମ୍ ଆବାସ ଜାନୁଆରୀ ସୁଦ୍ଧା ମିଳିବ। କେନ୍ଦ୍ର ନିକଟରେ ଘର ଦେବା ଲାଗି ଯେଉଁ ଦାବି ରଖାଯାଇଥିଲା ସେମାନେ ଜାନୁଆରୀରୁ ପର୍ଯ୍ୟାୟକ୍ରମେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୧୦ ଲକ୍ଷର ଟାର୍ଗେଟ ରଖିଛନ୍ତି। ଏହିପରି ୩ଟି ପର୍ଯ୍ୟାୟରେ ଗରିବ ଲୋକଙ୍କୁ ଘର ବଣ୍ଟନ କରାଯିବ। ପୂର୍ବରୁ ବିଜେଡି ସରକାର ପିଏମ୍ ଆବାସ ଯୋଜନା ଲାଗି କରିଥିବା ପଞ୍ଜୀକରଣରେ ବହୁ ଜଣଙ୍କୁ ଜାଣିଶୁଣି ବାଦ୍ ଦିଆଯାଇଥିବା ବେଳେ ଅନେକ ଅଯୋଗ୍ୟଙ୍କୁ ସାମିଲ କରାଯାଇଥିଲା। ତେଣୁ ସେସବୁର ଯାଞ୍ଚ ଭଲ ଭାବେ କରି ପଞ୍ଜୀକରଣ କାର୍ଯ୍ୟ ସାରିବାକୁ ନେଇ ବିଳମ୍ବ ହେଲା ବୋଲି ମନ୍ତ୍ରୀ ନାଏକ କହିଛନ୍ତି।

# ସରକାର ବ୍ୟବହାର କରିବେ ସ୍ୱଦେଶୀ ଇମେଲ୍

**ଭୁବନେଶ୍ୱର,୯।୧(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ପ୍ରଶାସନିକ କାର୍ଯ୍ୟରେ ଏଣିକି ସ୍ୱଦେଶୀ ଇମେଲ୍ ବ୍ୟବହାର କରାଯିବ। ଯାହା ଓଡିଶା ପ୍ରଶାସନ ପାଇଁ ନୂଆ ଯୁଗ ହେବ ବୋଲି କୁହାଯାଉଛି। ଡିଜିଟାଲ ଗଭର୍ଣ୍ଣାନ୍ସରେ ସୁଧାର ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ଏକ ବଡ଼ ପଦକ୍ଷେପ ନିଆଯାଇଛି। ଏଣିକି ପ୍ରଶାସନିକ କାମରେ ବ୍ୟବହାର ହେବା ଲାଗି ପ୍ରଚଳିତ ହେବାକୁ ଥିବା ସ୍ୱଦେଶୀ ଇମେଲ ଓକାକ୍ ପକ୍ଷରୁ ବିକଶିତ କରାଯାଇଛି।

କେବଳ ଇମେଲ୍ ନୁହେଁ ଭିଡିଓ କନଫରେନ୍ସିଂ ପାଇଁ ବି 'ଆଲାପ' ନାମରେ ଏକ ସ୍ୱଦେଶୀ ସିଷ୍ଟମକୁ ମଧ୍ୟ ଓକାକ୍ ବିକଶିତ କରିଛି। ଏହାକୁ ବ୍ୟବହାର ଲାଗି ସରକାରଙ୍କ ପକ୍ଷରୁ ସବୁ ବିଭାଗକୁ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ସରକାରୀ ସମସ୍ତ ତଥ୍ୟ ସୁରକ୍ଷିତ ରହିବ। ଏହାର ଡାଟା ସେଣ୍ଟର ଓଡ଼ିଶାରେ ରହିବ। ବ୍ଲକ, ଜିଲା ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଏହାକୁ ବ୍ୟବହାର କରିବେ। ଏନେଇ ସବୁ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବଙ୍କ ସମେତ ସମସ୍ତ ଜିଲାପାଳମାନଙ୍କୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଅଧିକାରୀମାନେ ସ୍ମାର୍ଟ ଫୋନରେ ସହଜରେ ଏହାକୁ ବ୍ୟବହାର କରିପାରିବେ।

# ୨୮ରୁ ହୋଇପାରେ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୯।୧(ପି.ଟି.)**

ସଂସଦର ବଜେଟ ଅଧିବେଶନ ଜାନୁଆରୀ ୨୮ରେ ଆରମ୍ଭ ହୋଇପାରେ ଏବଂ ଫେବୃଆରୀ ୧ରେ କେନ୍ଦ୍ରୀୟ ବଜେଟ ଆଗତ ହେବ। ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ଆପାତତଃ ଏହା ଚୂଡ଼ାନ୍ତ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

ସୂଚନାନୁଯାୟୀ, ଜାନୁଆରୀ ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାର୍ଲାମେଣ୍ଟ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ୨୯ରେ ଧ୍ୱଜାବତରଣ ଉତ୍ସବ ହେବାକୁ ଥିବାରୁ ଏହି ଦିନ ସଂସଦ ଛୁଟି ରହିବ। ୩୦ ତାରିଖରେ ପାର୍ଲାମେଣ୍ଟରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ। ଜାନୁଆରୀ ୩୧ରେ ଲୋକ ସଭା ଓ ରାଜ୍ୟ ସଭା ଛୁଟି ରହିବ। ଫେବୃଆରୀ ୧ ରବିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରିବେ। ଫେବୃଆରୀ ୧୩ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ପରେ ସଂସଦ ପ୍ରାୟ ମାସେ ପର୍ଯ୍ୟନ୍ତ ଛୁଟି ରହିବ। ମାର୍ଚ୍ଚ ୯ରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇ ଏପ୍ରିଲ ୨ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ସାଧାରଣତଃ ସଂସଦ ଶୁକ୍ରବାର ମୁଲତବୀ ହୋଇଥାଏ। କିନ୍ତୁ ସେହିଦିନ ଗୁଡ୍ ଫ୍ରାଇଡେ ପଡୁଥିବାରୁ ୨ ତାରିଖ ପର୍ଯ୍ୟନ୍ତ ପାର୍ଲାମେଣ୍ଟ ଚାଲିବ। ବଜେଟ ଅଧିବେଶନ ମଝିରେ ପଡୁଥିବା ଛୁଟି ବିଭାଗ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିଗୁଡ଼ିକୁ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଲେଖାନୁଦାନ ଯାଞ୍ଚ ପାଇଁ ସହାୟକ ହୋଇଥାଏ।

# କୋର୍ଟକୁ ବୋମା ଧମକ ପରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

**କଟକ,୯।୧(କାର୍ତ୍ତିକ ସାହୁ)**

- ଜିଲା କୋର୍ଟରେ ଲାଗିଲା ମେଟାଲ ଡିଟେକ୍ଟର
- ହାଇକୋର୍ଟ ଭିତରକୁ ବାକ୍ସ, ବ୍ୟାଗ୍ କିମ୍ବା ଜିନିଷପତ୍ର ନେବାକୁ ବାରଣ

କୋର୍ଟକୁ ବୋମା ଧମକ ମିଳିବାର ଦିନକ ପରେ ଶୁକ୍ରବାର କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବରେ ଚାଲିଛି। ମାତ୍ର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ପରିଲକ୍ଷିତ ହୋଇଛି। ଜିଲା କୋର୍ଟର ଦୁଇଟି ପ୍ରବେଶ ପଥରେ ଗୋଟିଏ ଲେଖାଏ ମେଟାଲ ଡିଟେକ୍ଟର ଲଗାଯାଇଛି। ହାଇକୋର୍ଟରେ ପୂର୍ବରୁ ମେଟାଲ ଡିଟେକ୍ଟର ରହିଛି। ତଥାପି ଅଧିକ ମେଟାଲ ଡିଟେକ୍ଟର ଲଗାଯିବା ଉପରେ ବିଚାର କରାଯାଉଛି। ହାଇକୋର୍ଟ ଭିତରକୁ କୌଣସି ବାକ୍ସ, ବ୍ୟାଗ୍ କିମ୍ବା ଜିନିଷପତ୍ର ନେବାକୁ ବାରଣ କରାଯାଇଛି। ପୂର୍ବାପେକ୍ଷା ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଛି। ହାଇକୋର୍ଟ ଓ ଜିଲା କୋର୍ଟ ପରିସରରେ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଛି। ଓଡ଼ିଶା ପୋଲିସ ଇମେଲ ଧମକକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। କଟକ, ଦେବଗଡ଼ ଓ ସମ୍ବଲପୁର ଜିଲା କୋର୍ଟକୁ ଧମକପୂର୍ଣ୍ଣ ଇମେଲ ଆସିବା ପରେ ପୋଲିସ ତୁରନ୍ତ ଯାଞ୍ଚ କରିଥିଲା। ଇମେଲ ଧମକ ଗୁଜବ ବୋଲି ପୋଲିସ ଜାଣିବାକୁ ପାଇଛି। ଏଭଳି ଇମେଲ ଧମକରେ ସାରା ଓଡ଼ିଶାର ଲୋକଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ହେଲେ ଏଭଳି ଇମେଲର ଉତ୍ପତ୍ତି ଅଥବା ମୂଳସୂତ୍ରକୁ ଯାଞ୍ଚ କରୁଥିବା ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପଲ୍ୟୁଶନ ସାର୍ଟିଫିକେଟ୍ ନାହିଁ ତ ତେଲ ନାହିଁ ବିରୋଧରେ ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସାହିତ୍ୟାନୁଷ୍ଠାନ 'ପ୍ରୀତି ପ୍ରଣତି' ର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ପ୍ରଦର୍ଶନୀ ପଡ଼ିଆ ନିକଟ, ସମୟ: ପୂର୍ବାହ୍ନ ୧୦ଟା ୪୫ ।
- ଆର୍‌ଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଦର୍ପଣ–୨୦୨୬, ସ୍ଥାନ: ବିଦ୍ୟାଳୟ ପରିସର, କଳାରାହଙ୍ଗ, ପଟିଆ, ସମୟ: ସନ୍ଧ୍ୟା ୬ଟା ୩୦ ।

**କଟକ**
- ଡାଇନା ଡ୍ୟାମ୍ସ ସ୍କୁଲର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଗାନ୍ଧୀଛକସ୍ଥିତ ପୌର ଟାଉନହଲ, ସମୟ: ସକାଳ ୯ଟା ।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ୧୭ତମ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ତଥା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନୂଆପାଟଣା, ତିଗିରିଆ, ସମୟ: ଅପରାହ୍ନ ୩ଟା ।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦ ।
- ପ୍ରଜ୍ଞାନ ମିଶନର ପକ୍ଷରୁ ତିନିଦିନିଆ ଗୀତାଜ୍ଞାନ ଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦ ।
- ବିଜୟିନୀ ପବ୍ଲିକେଶନ ପକ୍ଷରୁ ଚିତ୍ତରଞ୍ଜନଙ୍କ ସାରସ୍ୱତ ସର୍ଜନା: ଦିଗ ଓ ଦିଗନ୍ତ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୫ଟା ୩୦ ।

**ଖୋର୍ଦ୍ଧା**
- ମହନ୍ତ ନବକିଶୋର ଦାସଜୀ ମହାରାଜଙ୍କ ପଞ୍ଚମ ବାର୍ଷିକ ସ୍ମରଣ ମହୋତ୍ସବ, ସ୍ଥାନ: ଶ୍ରୀଗୋପାଳଜୀଉ ମଠ, ବଡ଼ନୂଆଗାଁ, ଜଟଣୀ, ସମୟ: ସକାଳ ୮ଟା ।

**ବାଲେଶ୍ୱର**
- ଅଗରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ:ବିଦ୍ୟାଳୟ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଶିଶୁ ମେଳା, ସ୍ଥାନ:ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର, ସିମୁଳିଆ, ସମୟ: ସକାଳ ୯ଟା ।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଲି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର , ସମୟ: ପୂର୍ବାହ୍ନ ୧୦ଟା ।
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ରେମୁଣା ଭାଜପା କାର୍ଯ୍ୟାଳୟ, ବାଲିଆ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା ।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା ୩୦ ।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ:ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ:ଅପରାହ୍ନ ୫ଟା ।

**ଭଦ୍ରକ**
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମଞ୍ଜୁରୀରୋଡ଼, ଭଣ୍ଡାରିପୋଖରୀ, ସମୟ: ସକାଳ ୧୦ଟା ।

**କେନ୍ଦୁଝର**
- କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସ୍ଥାନ କେଇଏମ୍ଏସ୍ ଖେଳପଡ଼ିଆ, ଚମ୍ପୁଆ, ସମୟ: ସକାଳ ୮ ଟା ।
- ପିଏମ୍‌ଶ୍ରୀ ମହତାବ ଉଚ୍ଚବିଦ୍ୟାଳୟରେ ପିଏମଶ୍ରୀ ମେଳା,ସ୍ଥାନ:ବିଦ୍ୟାଳୟ ପରିସର, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା ।

**ମୟୂରଭଞ୍ଜ**
- ଷ୍ଟେଶନ ଆଥଲେଟିକ ଆସୋସିଏନ ପକ୍ଷରୁ ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା ।
- ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଜୟପୁର ସ୍କୁଲ ପରିସର, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା ।
- ସାଇଁକୁଲା ଦାମୋଦର ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ:ସ୍କୁଲ ପରିସର, ଗୋପବନ୍ଧୁ ନଗର,ସମୟ:ପୂର୍ବାହ୍ନ୧୦ଟା ।

**ବ୍ରହ୍ମପୁର**
- ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ ; ପୂର୍ବାହ୍ନ ୧୦ଟା ୩୦ ।
- ଜିଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବାପୁଜୀ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା ।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା ।
- ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଗୁରୁଜୀ ବିହାର, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସନ୍ଧ୍ୟା ୬ଟା ।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ୟୁସିପି ଇଂଜିନିୟର ସ୍କୁଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା ।

**ଢେଙ୍କାନାଳ**
- ଟାଟାଷ୍ଟିଲ କପିଳାସ ହାଫ୍ ମାରାଥନ, ସ୍ଥାନ: କପିଳାସ ପାଦଦେଶ, ସମୟ: ସକାଳ ୭ଟା ।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀମନ୍ଦିର ରୋଡ, କଂଗ୍ରେସ ଭବନ, ସମୟ:ଅପରାହ୍ନ ୪ଟା ।
- ଆଗ୍ନେୟ–୨୦୨୬ର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ:ସନ୍ଧ୍ୟା ୬ଟା ୩୦ ।

**ଅନୁଗୋଳ**
- ୨୬ ତମ ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ଅନୁଗୋଳ କାଙ୍ଗୁଲା ଗୋଡ଼ିସାହି, ସମୟ: ସକାଳ ୮ଟା ।

**ଜଗତ୍‌ସିଂହପୁର**
- ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ୩ୟ ସନ୍ଧ୍ୟାରେ କୋଚିନ, ଚେନ୍ନାଇ, କୋଲକତା ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।
- କଳାମଞ୍ଚ ଅନୁଷ୍ଠାନ ପକ୍ଷରୁ ନାଟକ 'ସ୍ୱାମୀଙ୍କୁ ଛୁଇଁବା ପାପ' ମଞ୍ଚସ୍ଥ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ରାତି ୯ଟା ।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଲାଇ, ମାର୍ଶାଘାଇ, ସମୟ: ସକାଳ ୯ଟା ।
- ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ପୁସ୍ତକ ମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା ।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା ।

**ଯାଜପୁର**
- ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଓ ସର୍ବଭାରତୀୟ ଯୁବସମାବେଶର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ସକାଳ ୮ଟା ।
- ବ୍ୟାସନଗର ପ୍ରେସ ଫୋରମର ୧୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା୩୦ ।
- ବଡ଼ଚଣା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବଲିଉଡ୍ ଗାୟିକା ଅରୁଣିତା କାଞ୍ଜିଲାଲଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡଚଣା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ।

**ନୟାଗଡ଼**
- ଶ୍ରୀରାମ ଚରିତ ମାନସ ପାରାୟଣର ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ: ସକାଳ ୭ଟା ।
- ଓଡ଼ଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ପାୱାର କିଙ୍ଗ ବାଙ୍କୀ ବନାମ ନୟାଗଡ଼ କ୍ରିକେଟ ଟିମ୍, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ଧାନକିଣାରେ ଅବ୍ୟବସ୍ଥା, ଟାଟା ପାୱାରର ମନମାନୀ ପରି ପ୍ରସଙ୍ଗକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସର ଜିଲା କାର୍ଯ୍ୟାଳୟ, ନୟାଗଡ଼, ସମୟ: ମଧ୍ୟାହ୍ନ ୧୨ଟା ।
- ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ଦିବସରେ ଫିଚ୍ୟୁରର ଫୁଟ୍‌ବଲ ଏକାଡେମୀ ମଣିପୁର ବନାମ ଜେବି ୟୁନାଇଟେଡ ଫେସି ଦିଲ୍ଲୀ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା ।
- ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳାର ୩ୟ ଦିବସ, ସ୍ଥାନ: ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡିଆ, ସମୟ: ଅପରାହ୍ନ ୩ଟା ।
- ରଣପୁର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ରଣପୁର ବାଘ ସାମନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା ।

**ରାୟଗଡ଼ା**
- ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଯୁଧିଷ୍ଠିର ମହାଙ୍କୁଡ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଭଲିବଲ ଗ୍ରାଉଣ୍ଡ, ଗୁଣପୁର, ସମୟ: ସକାଳ ୯ଟା ୩୦ ।
- ପିଏମ୍‌ଶ୍ରୀ ଉତ୍ସବ ଓ ମେଗା କ୍ୟାମ୍ପ, ସ୍ଥାନ: ପିଏମଶ୍ରୀ ଜିସି ଜିଲା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ପୋର୍ଟ୍ସ କାର୍ନିଭାଲ ଅଲଫ୍ରେସକୋ, ସ୍ଥାନ: ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ, ରାୟଗଡା,
- ସମୟ:ପୂର୍ବାହ୍ନ ୧୦ଟା ।

**କୋରାପୁଟ**
- ପିଏମ୍ ଶ୍ରୀ ଉତ୍ସବ, ସ୍ଥାନ: ନୋଡ଼ାଲ ହାଇସ୍କୁଲ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା ।
- ଏମ୍‌ଜିଏନ୍‌ଆରଇଜିଏସ୍ ବଞ୍ଚାଓ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ୍ କ୍ଲବ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦ ।

**ସମ୍ବଲପୁର**
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମଲେଇ ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ଟା ।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇ–ବସ ସେବାର ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ନିକଟସ୍ଥ ରିଭର ଫ୍ରଣ୍ଟ, ସମୟ : ପୂର୍ବାହ୍ନ ୧୦ ଟା ।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ ସକାଶେ ଆଲୋଚନା, ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା ।
- ଜିଲା କଂଗ୍ରେସ ପକ୍ଷରୁ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାର ଉଚ୍ଛେଦ ସମେତ ବିଭିନ୍ନ ବିଷୟରେ ଆଲୋଚନା , ସ୍ଥାନ : ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ।

**ବଲାଙ୍ଗୀର**
- ଲୋଇସିଂହା ବ୍ଲକ୍ ଯୋଗୀସର୍ଡା ପିଏମ୍‌ଶ୍ରୀ ହରିହର ନୋଡ଼ାଲ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ– ଯୋଗୀସର୍ଡ଼ା ପିଏମ୍‌ଶ୍ରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜିଲାର ଲେଖକମାନଙ୍କ ଜରୁରୀ ବୈଠକ, ସ୍ଥାନ: ସୁଦପଡ଼ା କଲ୍ୟାଣ ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଜିଲା କଂଗ୍ରେସ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବଲାଙ୍ଗୀର ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ ମ୍ୟାଚ୍, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦ ।
- ମାସିକ ରଚନା ସନ୍ଧ୍ୟା ଆଲୋଚନା କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା ୪୫ ।
- କଣ୍ଟାବାଞ୍ଜି ମାଟିର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନୀୟ ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା ।

**ରାଉରକେଲା**
- ରୁଦ୍ର ମହାଯଜ୍ଞ ଆହୈତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶ୍ର ଖଟାଲ ବସ୍ତି, ସମୟ: ପୂର୍ବାହ୍ନ ୧୧ଟା ।
- ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆର୍‌ଏମ୍‌ସି ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ଅପରାହ୍ନ ୧ଟା ।
- ଶ୍ରୀ ନାରାୟଣୀ ନମୋ ନମୋ ବସନ୍ତ ଉତ୍ସବ, ସ୍ଥାନ: ମହାରାଜା ଅଗ୍ରସେନ ଭବନ, ପାନପୋଷ ରୋଡ୍, ସମୟ: ସନ୍ଧ୍ୟା ୬ଟା ।
- ୭୧ ତମ କୋଏଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍–୨୦୨୬ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଦୁର୍ଗାପୂଜା ପଡିଆ, କୋଏଲ ନଗର, ସମୟ: ସନ୍ଧ୍ୟା ୬ଟା ।
- ଲୋକନାଟକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ରାତି ୭ଟା ।

**ସୁନ୍ଦରଗଡ଼**
- ଏକବିଂଶ ଶତାବ୍ଦୀରେ ନାରୀ ସଶକ୍ତିକରଣ ଓ ଲିଙ୍ଗଗତ ସାମ୍ୟତା ଉପରେ ୨ଦିନିଆ ଆଲୋଚନାଚକ୍ର ଉଦ୍‌ଘାଟନ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ସୁନ୍ଦରଗଡ ସୁର୍ ଅନୁଷ୍ଠାନର ୩୪ତମ ବାର୍ଷିକ ଉତ୍ସବ, ସ୍ଥାନ: ବନବାସୀ କଲ୍ୟାଣ ଆଶ୍ରମ, ଭୋଜପୁର, ସମୟ: ପୂର୍ବାହ୍ନ ୧୦ଟା ।

**ବରଗଡ଼**
- ବିରାଟ ରାମଲୀଳା ମହୋତ୍ସବ ଅବସରରେ କଳସ ଯାତ୍ରା, ସ୍ଥାନ:ଭେଡେନ,ସମୟ:ସକାଳ ୮ଟା ।
- ବଜରଙ୍ଗ ଦଳର ବୈଠକ,ସ୍ଥାନ:ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା ।
- ମାଁ ବହଲତଳିଏନ ଫୁଟବଲ ପ୍ରତିଯୋଗିତା, ସ୍ଥାନ:ମିନି ଷ୍ଟାଡିୟମ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା

**କଳାହାଣ୍ଡି**
- ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ ଓ ମଶାଲ ଯାତ୍ରା, ସ୍ଥାନ: କେସିଙ୍ଗା ସହରସ୍ଥିତ ବିଦ୍ୟାପୀଠରେ ଆୟୋଜିତ ବୁଢ଼ାରଜା ମଞ୍ଚ, ସମୟ: ପ୍ରତ୍ୟୁଷ ୫ଟା ।
- କଳାହାଣ୍ଡି ଉତ୍ସବ 'ଘୁମୁରା'ର ବିଭିନ୍ନ ସବ୍ କମିଟିର ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ।
- କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନର ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ଭାଗିରଥି ଇନ, ସମୟ: ଅପରାହ୍ନ ୪ଟା ।

**ବୌଦ୍ଧ**
- ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଓ ପରିବେଶ ଅନୁକୂଳ ପ୍ରକଳ୍ପ ପ୍ରଦର୍ଶନୀ ମେଳା, ସ୍ଥାନ: ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ସପ୍ତମ ଖଡଙ୍ଗ ଲୋକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା ।

**ସୁବର୍ଣ୍ଣପୁର**
- ଅମରପାଲି ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପର ସେମି ଫାଇନାଲ, ପାୟୋନିଅର ପୁରୀ ବନାମ ଡିସିଏ ବୌଦ୍ଧ,ସ୍ଥାନ: ବିକଳପୁର, କମିରା,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା ।
- ଜୟ ଜଗନ୍ନାଥ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବିଶାଳପାଲି, ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୧ ଟା ।

**ନୂଆପଡ଼ା**
- ୩୪ ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା ।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ନାମ ପରିବର୍ତ୍ତନ ବିରୋଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ (ୱାର ରୁମ୍), ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ ଟା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖୁ ଚାଷ, କପା ବଣିଜ,**
**ଶୁଣ୍ଠି ସାଙ୍ଗରେ ଭାଗ**
**କ'ଣ କରିବି ବୁଦ୍ଧି ଦିଶୁ ନାହିଁ**
**କାହାକୁ କରିବି ଆଗ ।**

ଚାଷ ଓ ବଣିଜରେ ଅସଙ୍ଗତ ଲୋକଙ୍କ ସହ ଭାଗୀଦାରି ହେବା ଉଚିତ ହୋଇନଥାଏ । ଏଭଳି ଲୋକଙ୍କ ସହ ଭାଗୀଦାରି ହେଲେ ବ୍ୟକ୍ତି ହରବରରେ ପଡ଼ିବା ହିଁ କେବଳ ସାର ହୁଏ । ଏଥିସହ କ୍ଷତିଗ୍ରସ୍ତ ହେବାର ମଧ୍ୟ ସମ୍ଭାବନା ରହେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

**ଆମ୍ବ ଫଳେ ପେଣ୍ଡାପେଣ୍ଡା**
**ତେନ୍ତୁଳି ଫଳେ ବଙ୍କା**
**ଭଦ୍ରଲୋକଙ୍କ ଘରେ କେବଳ**
**ରାଣ୍ଡ ହାତରେ ଶଙ୍ଖା ।**

ବଡଲୋକିଆଙ୍କ କ୍ଷେତ୍ରରେ ନୀତି ନିୟମର ଖୋଲା ବ୍ୟତିକ୍ରମ ଦେଖାଯାଏ । ତାଙ୍କ ପାଇଁ ସବୁ ମାଫ । ବଡ଼ବଡ଼ିଆଙ୍କ ଘରେ ଅନ୍ୟାୟ ଅନୀତି ହେଉଥିଲେ ମଧ୍ୟ ସେଥିପ୍ରତି କେହି ତିଳେହେଲେ ପ୍ରତିବାଦ କରି ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ପିଡିଏସ୍ ପାଇଁ ବଢ଼ିଲା ଆୟ ମାନଦଣ୍ଡ

## ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ

**ଭୁବନେଶ୍ୱର,୯।୧ (ରବିନାରାୟଣ ଜେନା)** ରାଜ୍ୟ ସରକାରଙ୍କ ପକ୍ଷରୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ–୧୯୫୫ର ଧାରା–୩ ଅନୁଯାୟୀ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)କୁ ସୁପରିଚାଳିତ କରିବା ଉଦ୍ଦେଶ୍ୟରେ ଏବଂ ଲୋକଙ୍କୁ ସହଜଯୋଗ୍ୟ ହେବାପାଇଁ ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ପରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆସିଥିବା ଆୟ ମାନଦଣ୍ଡ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି । ସଂଶୋଧିତ ପ୍ରସ୍ତାବ ଅନୁଯାୟୀ, ଏଣିକି ଗ୍ରାମାଞ୍ଚଳ ପରିବାରର ମାସିକ ଆୟ ୧୦,୦୦୦ ଟଙ୍କା ପରିବର୍ତ୍ତେ ୧୫,୦୦୦ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ସହରାଞ୍ଚଳରେ ପରିବାରର ମାସିକ ଆୟ ୧୫,୦୦୦ ଟଙ୍କାରୁ ୨୦,୦୦୦ଟଙ୍କାକୁ ବୃଦ୍ଧି କରାଯାଇଛି ।

ସେ କହିଥିଲେ ଯେ, ରାଜ୍ୟରେ ସମସ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ବନ୍ଧୀୟ କାର୍ଯ୍ୟକଳାପ ଓଡ଼ିଶା ସାଧାରଣ ବଣ୍ଟନ ବ୍ୟବସ୍ଥା (ନିୟନ୍ତ୍ରଣ) ଆଦେଶ–୨୦୧୬ର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ହୁଏ । ଅନୁରୂପ ଭାବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ–୨୦୧୩ ସହିତ ରାଜ୍ୟରେ ଖାଦ୍ୟ ସୁରକ୍ଷା ଜନିତ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ସ୍ୱଚ୍ଛ କରିବା ପାଇଁ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା (ଲକ୍ଷ୍ୟଭିତ୍ତିକ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା) ନିୟମ–୨୦୨୦ ପ୍ରସ୍ତୁତ କରାଯାଇଥିଲା । ରାଜ୍ୟ ସରକାର ୨୦୧୪ରେ ବିଭିନ୍ନ କାର୍ଯ୍ୟକାରୀ ଗୋଷ୍ଠୀ ସହିତ ବିସ୍ତୃତ ଆଲୋଚନା ପରେ ଏନ୍‌ଏଫ୍‌ଏସ୍‌ଏ–୨୦୧୩ର ଧାରା–୪୦ ଅନୁଯାୟୀ ପରିକଳ୍ପିତ ବ୍ୟବସ୍ଥା, ଅନ୍ତୋଦୟ ଅନ୍ନ ଯୋଜନା (ଏଏୱାଇ) ଏବଂ ଲକ୍ଷ୍ୟଭିତ୍ତିକ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ଟିପିଡିଏସ୍) ଅଧୀନରେ ପ୍ରାଥମିକତା ପରିବାର ଚିହ୍ନଟ ପାଇଁ ୧୧ଟି ମାନଦଣ୍ଡ ଯୋଡିବା ସହିତ ୯ଟି ବାଦ ଦେଇଥିଲେ । ସେଥିମଧ୍ୟରେ ଗ୍ରାମୀଣ କ୍ଷେତ୍ରରେ ୧୦,୦୦୦ ଟଙ୍କା ଏବଂ ସହରାଞ୍ଚଳରେ ୧୫,୦୦୦ ଟଙ୍କାରୁ ଅଧିକ ମାସିକ ଦରମା ସହିତ ଘରୋଇ କ୍ଷେତ୍ରରେ କାର୍ଯ୍ୟ କରୁଥିବା କୌଣସି ସଦସ୍ୟଙ୍କ ପରିବାର ବାଦ୍ ଦେବା ମାନଦଣ୍ଡରେ ଅନ୍ତର୍ଭୁକ୍ତ ରହିଛି । ସେହିପରି ଯେଉଁ ପରିବାରର ସଦସ୍ୟ ଗ୍ରାମାଞ୍ଚଳରେ ୧୦,୦୦୦ ଟଙ୍କା ଏବଂ ସହରାଞ୍ଚଳରେ ୧୫,୦୦୦ ଟଙ୍କାରୁ ଅଧିକ ମାସିକ ଆୟ କରୁଛନ୍ତି, ସେହି ପରିବାର ମଧ୍ୟ ବାଦ ଦେବା ମାନଦଣ୍ଡରେ ଅନ୍ତର୍ଭୁକ୍ତ ଥିଲା ।

# ଆଜିଠାରୁ ଆକାଶରେ ସବୁଠୁ ଉଜ୍ଜ୍ୱଳ ଦେଖାଯିବେ ବୃହସ୍ପତି

**ଭୁବନେଶ୍ୱର,୯।୧ (ସୁଚିସ୍ମିତା ସାହୁ)** ସୌରଜଗତର ସବୁଠାରୁ ବଡ଼ ଗ୍ରହ ବୃହସ୍ପତି ଶନିବାରଠାରୁ ଆକାଶରେ ଅଧିକ ବଡ଼ ଓ ଉଜ୍ଜ୍ୱଳ ଦେଖାଯିବେ । ମହାକାଶରେ ପୃଥିବୀ, ସୂର୍ଯ୍ୟ ଏବଂ ବୃହସ୍ପତି ଏକ ସରଳରେଖାରେ ଖୁବ୍ ନିକଟରେ ରହିବେ । ଏହି ବିରଳ ଓ ଚମତ୍କାର ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ବୃହସ୍ପତିକୁ ଚିହ୍ନଟ କରିବା ଅତ୍ୟନ୍ତ ସହଜ । ତାରାପରି ବୃହସ୍ପତି ଝିଲ୍‌ମିଲ୍ କରେ ନାହିଁ, ବରଂ ଏକ ସ୍ଥିର, ଉଜ୍ଜ୍ୱଳ ହଳଦିଆ–ଧଳା ଆଲୋକ ବିନ୍ଦୁ ଭାବେ ଦେଖାଯାଏ । ଶନିବାରଠାରୁ ସୂର୍ଯ୍ୟାସ୍ତ ପରେ ପୂର୍ବ ଆକାଶରେ ଏହାକୁ ଦେଖିବାକୁ ମିଳିବ । ରାତି ବଢ଼ିବା ସହିତ ବୃହସ୍ପତି ଉପରକୁ ଗତି କରି ମଧ୍ୟରାତ୍ରି ବେଳକୁ ମୁଣ୍ଡ ଉପରେ ଆକାଶର ସବୁଠାରୁ ଉଜ୍ଜ୍ୱଳ ବସ୍ତୁ ହେବ । ବୃହସ୍ପତିକୁ ଦେଖିବା ପାଇଁ କୌଣସି ଦୂରବୀକ୍ଷଣ ଆବଶ୍ୟକ ନାହିଁ । ତଥାପି ଏକ ଛୋଟ ଦୂରବୀକ୍ଷଣ ବା ବଡ ବାଇନାକୁଲାରରେ ଏହାର ଚାରିଟି ବୃହତ୍ ଚନ୍ଦ୍ର – ଆୟୋ, ୟୁରୋପା, ଗାନିମିଡ ଏବଂ କାଲିଷ୍ଟୋ ଦେଖାଯାଇପାରିବ । ବୃହସ୍ପତି ପୃଥିବୀ କକ୍ଷପଥ ବାହାରେ ସୂର୍ଯ୍ୟଠାରୁ ପ୍ରାୟ ୭୮ କୋଟି କି.ମି. ଓ ପୃଥିବୀଠାରୁ ମାତ୍ର ୧୫ କୋଟି କି.ମି. ଦୂରରେ ବୁଲୁଛି । ବୃହସ୍ପତି ପ୍ରତି ୧୩ ମାସରେ ଥରେ ପୃଥିବୀର ନିକଟତର ହୋଇଥାଏ । ସେହି ସମୟରେ ବୃହସ୍ପତି ରାତି ଆକାଶରେ ଉଜ୍ଜ୍ୱଳ ଦେଖାଯାଏ । ଏହି କାରଣରୁ ପ୍ରାଚୀନ ସଭ୍ୟତାର ଲୋକମାନେ ସହଜରେ ବୃହସ୍ପତିକୁ ଲକ୍ଷ୍ୟ କରିଥିଲେ ଏବଂ ଟେଲିସ୍କୋପ ଅସ୍ତିତ୍ୱର ବହୁ ପୂର୍ବରୁ ଏହାର ଗତିକୁ ଆକଳନ କରିପାରିଥିଲେ । ସୋସିଆଲ ମିଡିଆ ଏବଂ ଜ୍ୟୋତିଷଶାସ୍ତ୍ରରେ ବାରମ୍ବାର ଦାବି ସତ୍ତ୍ୱେ ବିଜ୍ଞାନ କୁହେ ବୃହସ୍ପତିର ଅବସ୍ଥିତି ମାନବ ସ୍ୱାସ୍ଥ୍ୟ, ଆଚରଣ, ଭୂମିକମ୍ପ, ଜଳବାୟୁ କିମ୍ବା ଭାଗ୍ୟ ଉପରେ କୌଣସି ପ୍ରଭାବ ପକାଏ ନାହିଁ ବୋଲି ଜନବିଜ୍ଞାନୀ ଶୁଭେନ୍ଦୁ କହିଛନ୍ତି ।

## ସୌରଶକ୍ତି ପାଇଁ...

ପ୍ରଥମ ପୃଷ୍ଠାରୁ...

କରି ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ ନିବେଶକୁ ସୁଲଭ କରିବ । ଏହି ସୁବିଧା ଓଡ଼ିଶାରେ ଅପଷ୍ଟ୍ରିମ୍ ସୌର ଭାଲୁଚେନକୁ ସୁଦୃଢ଼ କରିବ । ଗୁରୁତ୍ୱପୂର୍ଣ୍ଣ ସୌରଶକ୍ତି ଉତ୍ପାଦନ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ଆତ୍ମନିର୍ଭର ହୋଇପାରିବ । ୨୦୩୦ ସୁଦ୍ଧା ୧୦୦ ଜିଡବ୍ଲ୍ୟୁ ଘରୋଇ ସୌର ମଡ୍ୟୁଲ୍ ଉତ୍ପାଦନ କ୍ଷମତା ହାସଲ କରିବାର ଭାରତର ଲକ୍ଷ୍ୟକୁ ସହଜ କରିବ । ଏହା କାଚ, ରାସାୟନିକ ପଦାର୍ଥ, ପ୍ୟାକେଜିଂ, ଲଜିଷ୍ଟିକ୍ ଏବଂ ଅତ୍ୟାଧୁନିକ ଯନ୍ତ୍ରପାତି ଭଳି କ୍ଷେତ୍ରରେ ସହାୟକ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ମଧ୍ୟ ପ୍ରୋତ୍ସାହିତ କରିବା ସହିତ ରାଜସ୍ୱ ବୃଦ୍ଧି କରିବ ବୋଲି ମୁଖ୍ୟ ଶାସନ ସଚିବ ଗର୍ଗ କହିଛନ୍ତି । ଟାଟା ପାୱାର ପୂର୍ବରୁ ଭାରତରେ ବଡ଼ଧରଣର ସୌର ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନ କାର୍ଯ୍ୟ କରୁଥିବାରୁ, ଏହି ପ୍ରକଳ୍ପ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ଶିଳ୍ପ ନୀତିରେ ସ୍ଥିରତା ଏବଂ ସୁବିଧା ପ୍ରତି ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପ ସବୁଜ ଶିଳ୍ପାୟନ, ଉଚ୍ଚ–ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଏବଂ ଶିଳ୍ପ ବିବିଧତା ପାଇଁ ରାଜ୍ୟର ଦୃଷ୍ଟିକୋଣ ସହିତ ଭାରତରେ ଅକ୍ଷୟ ଶକ୍ତି ଉପକରଣ ଉଦ୍ଭାବନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ସ୍ଥାପିତ କରିବ ବୋଲି ମୁଖ୍ୟ ସଚିବ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଷଷ୍ଠ ସ୍ଥାନରେ ରହିଥିବାରୁ ଯାତ୍ରାରେ ଲକ୍ଷ୍ୟପୂରଣ ହେବାର ଆଶା ରହିଛି । ନିକଟ ସମ୍ପର୍କୀୟ ମାନଙ୍କ ସହଯୋଗରେ ଆନୁଷ୍ଠାନିକ କାମ ସମ୍ପନ୍ନ ହୋଇପାରିବ । ଶିଳ୍ପ, ବାଣିଜ୍ୟ,ବ୍ୟବସାୟରେ ଟେନସନ୍ ଲାଗି ରହିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ । ବନ୍ଧୁ ମିଳନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ ।

**ବୃଷ** ତୃତୀୟାଧିପ ଏକାଦଶଭାବକୁ ଦେଖୁଥିବାରୁ ଆବଶ୍ୟକ ସାହାଯ୍ୟ,ସହଯୋଗ ପାଇବାରେ କୌଣସି ଅସୁବିଧା ହେବନାହିଁ । ନିଜ ପରିସରର ଆନୁଷ୍ଠାନିକ କାମରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ । ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ ।

**ମିଥୁନ** କର୍ମାଧିପତିଙ୍କୁ ଚାରୋଟି ଗ୍ରହ ଦେଖୁଥିବାରୁ ଏକାଧିକ କାମରେ ଅନୁପ୍ରବେଶର ସୂଚନା ରହିଛି । ବନ୍ଧୁମାନଙ୍କ ସହ ଆଲୋଚନା ସମୟରେ ଅନାବଶ୍ୟକ କଥା ନକହିବା ଭଲ ହେବ । ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବେ । ବ୍ୟବସାୟିକ କ୍ଷେତ୍ରରେ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ।

**କର୍କଟ** ବୁଧକ୍ଷେତ୍ରସ୍ଥ ଚନ୍ଦ୍ରଙ୍କ କୁପ୍ରଭାବରୁ ସମ୍ପର୍କୀୟଙ୍କ ସହ ସୁସମ୍ପର୍କ ରହିବନାହିଁ । ଜମିଜମା ସମ୍ପର୍କୀୟ କଥା, ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଅଟକିଯିବ । କର୍ମକ୍ଷେତ୍ରରେ ଈର୍ଷାପରାୟଣ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି ।

**ସିଂହ** ଲାଭଭାବସ୍ଥ ଶୁଭଗ୍ରହ ପ୍ରଭାବରୁ ଆଜିର ଆଲୋଚନା ଓ ନିଷ୍ପତ୍ତି କାର୍ଯ୍ୟକାରୀ ହେବ । ଶାରୀରିକ ସୁସ୍ଥତାରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ । ପାରିବାରିକ ଅସୁବିଧା ଓ ଅସାମଞ୍ଜସ୍ୟତା କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ । ଉତ୍ତରାଫାଲଗୁନୀ ନକ୍ଷତ୍ରର ବୁଝାମଣା ଠିକ୍ ରହିବ ଏବଂ ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ ।

**କନ୍ୟା** ଆଜିର ଗ୍ରହସ୍ଥିତି ପ୍ରତ୍ୟେକ ଦୃଷ୍ଟିରୁ ଭଲ ରହିଥିବାରୁ ଯାହା କରିବେ ସେଥିରେ ନିଶ୍ଚିତ ସଫଳତା ପାଇବେ । କିନ୍ତୁ ଅର୍ଥ ସମ୍ପର୍କୀୟ ଆଲୋଚନା କିମ୍ବା ଦ୍ରବ୍ୟପ୍ରାପ୍ତିରେ ପ୍ରତିରୋଧ ସୃଷ୍ଟି ହୋଇପାରେ । ହସ୍ତା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜାଇ ଦେଇପାରନ୍ତି । ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ ।

**ତୁଳା** ଅନୁକୂଳ ଗ୍ରହସ୍ଥିତି ହେତୁ କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟରେ ଆଶା ପୂରଣ ହେବାର ସୂଚନା ରହିଛି । ସମସ୍ୟାର ସମାଧାନ ଦିଗରେ ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ । ବାହାରେ ଭ୍ରମଣ କାରଣରୁ ସାମାନ୍ୟ ଥଣ୍ଡାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ । ବାଦ୍ୟ,ନୃତ୍ୟ ତଥା ସଙ୍ଗୀତାଦି କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି ।

**ବିଛା** ମୁଖଭାବସ୍ଥ ଚତୁଃଗ୍ରହ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା କାରଣରୁ ସମ୍ମୁଖରେ ନ ହେଲେ ମଧ୍ୟ ପଛରେ ଶତ୍ରୁମାନେ ମଧ୍ୟ ପ୍ରଶଂସା କରିବେ । ସ୍ୱାସ୍ଥ୍ୟ, ଲୋକ ସମ୍ପର୍କ, ସାହିତ୍ୟ, ସାମ୍ବାଦିକତା, ରାଜନୀତି ତଥା ପ୍ରଶାସନ କ୍ଷେତ୍ର ଭଲ ରହିବ । ଅନୁରାଧା ନକ୍ଷତ୍ର ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ ।

**ଧନୁ** ରାଶି ପ୍ରତି ଗୁରୁ ଓ ଶୁକ୍ରଙ୍କ ସମ୍ପର୍କରୁ ଧର୍ମକାର୍ଯ୍ୟ, ନୂତନ ପ୍ରକଳ୍ପ, ଆନୁଷ୍ଠାନିକ କାମରେ ବ୍ୟୟବରାଦ କରିପାରନ୍ତି । ଶୁଭ ଖବରରୁ ଦିନଟି ଖୁସିରେ ଅତିବାହିତ ହେବ । ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପାରିବାରିକ ସୌହାର୍ଦ୍ଦ୍ୟରୁ ଖୁସି ରହିବେ । ବନ୍ଧୁଙ୍କ ପ୍ରତାରଣା ଓ ପରୋକ୍ଷ ଶତ୍ରୁତାରୁ ମନସ୍ତାପ କରିବେ । ବାଣିଜ୍ୟ, ପରିବହନ ସ୍ଥିତି ମଧ୍ୟମ ପ୍ରକାରର ରହିବ ।

**ମକର** ସପ୍ତମାଧିପତି ଭାଗ୍ୟସ୍ଥ ଯୋଗୁ ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତାରୁ ଶୁଭଫଳ ପାଇବେ । ଅନ୍ୟକୁ ସୁହାଇଲା ଭଳି ବାକ୍ୟାଳାପ କରି ସହଜରେ ଆପଣେଇ ନେବେ । ଅଯାଚିତ ଭାବରେ ଅର୍ଥ, ସମ୍ମାନ ଓ ବନ୍ଧୁଙ୍କ ଆଦର, ଅଭ୍ୟର୍ଥନା ମଧ୍ୟ ପାଇପାରନ୍ତି । କିନ୍ତୁ ସାମୟିକ ଭାବରେ ଦାୟିତ୍ୱପୂର୍ଣ୍ଣ କାମଟିକୁ ପାସୋରି ସମାଲୋଚିତ ହୋଇପାରନ୍ତି ।

**କୁମ୍ଭ** ଏକାଦଶସ୍ଥ ଗ୍ରହମାନେ ଅର୍ଥ, ଉଚ୍ଚସମ୍ମାନ, ଆନୁଷ୍ଠାନିକ କାମରେ ସମ୍ବର୍ଦ୍ଧିତ କରିପାରନ୍ତି । ପୁନଶ୍ଚ ପ୍ରତିଷ୍ଠାର୍ଜନ କରିପାରନ୍ତି । କିନ୍ତୁ କଠିନ ପରିଶ୍ରମ ଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ । ଶିଳ୍ପ, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଉନ୍ନତି ଘଟିବା ସହ ମାଙ୍ଗଳିକ କାମର ପ୍ରସ୍ତୁତିର ଆଲୋଚନା କରିପାରନ୍ତି ।

**ମୀନ** ଆଜି ଛଅଟି ଗ୍ରହ କେନ୍ଦ୍ରସ୍ଥଳରେ ଅବସ୍ଥାନ କରୁଥିବାରୁ ପ୍ରତି କ୍ଷେତ୍ରରେ ସଫଳତା ପାଇବେ । କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଏବଂ ବୈଷୟିକ ଅଭିବୃଦ୍ଧିରୁ ଖୁସି ରହିବେ । କିନ୍ତୁ ଭ୍ରାତୃ ସମ୍ପର୍କର ନ୍ୟୂନତା, ପଡ଼ୋଶୀଙ୍କ କୁତ୍ସାରଟନା ସହ ସ୍ୱାସ୍ଥ୍ୟହାନିରୁ ଚିନ୍ତିତ ରହିପାରନ୍ତି । କର୍ମକ୍ଷେତ୍ରରେ ବାକ୍‌ବିତଣ୍ଡାଜନିତ ଟେନ୍‌ସନ ବଢ଼ିପାରେ ।

ଆଜି ଜାନୁଆରୀ ୧୦ ତାରିଖ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥି, ମାଘ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ, ଶନିବାର, ଶ୍ରୀରାମକୃଷ୍ଣ–ବିବେକାନନ୍ଦ ମିଶନ ଓ ମଠରେ ଉତ୍ସବ । ରାଶିନକ୍ଷତ୍ର–ଘ.୦୩।୪୦ ମି. ପର୍ଯ୍ୟନ୍ତ, ହସ୍ତା/କନ୍ୟା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୪ମି. ଗତେ ଘ.୦୯।୧୦ ମଧ୍ୟେ, ଘ. ୧୨।୧୫ ଗତେ ଘ.୦୧।୧୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୯।୧୦ ଗତେ ଘ.୧୦।୩୨ ମଧ୍ୟେ ରାହୁକାଳ ।

# ଆଣିଥିଲେ ଶବ, ହେଲେ ଶବ

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

ପୁରୀ ସ୍ୱର୍ଗଦ୍ୱାରରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶବ ନେଇ ଆସିଥିବା ଜଣେ ଯୁବକ ଶବ ପାଲଟିଛନ୍ତି। ସାମାନ୍ୟ ବଚସା ଓ କଥା କଟାକଟିକୁ ନେଇ ଯୁବକଙ୍କ ବେକ କାଟି ହତ୍ୟା କରାଯାଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ହେଲେ ଭଦ୍ରକ ବନ୍ତ ଥାନା ଅନ୍ତର୍ଗତ ଆପଣ୍ଡା ଗ୍ରାମର ରଞ୍ଜନ କୁମାର ଦାସ, ଗୁରୁତର ହେଲେ ଉକ୍ତ ଗ୍ରାମର ମାନସ ନାୟକ। ସମୁଦ୍ରକୂଳ ଥାନା ପୋଲିସ ଅଭିଯୁକ୍ତ ବାଲିସାହିର ତନ୍ମୟ ମହାପାତ୍ରଙ୍କୁ ଗିରଫ କରି କେସ୍ ନଂ ୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୁରୀ ଏକ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକମାନେ ଏଠାକୁ ଆସୁଥିବା ବେଳେ ସମୁଦ୍ରକୂଳ ପରି ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ହତ୍ୟାକାଣ୍ଡ ଘଟଣା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ମୃତ ଯୁବକ ରଞ୍ଜନ ଜଣେ ସମ୍ପର୍କୀୟଙ୍କ ଶେଷକୃତ୍ୟ ପାଇଁ ସ୍ୱର୍ଗଦ୍ୱାର ଆସିଥିଲେ। ଶେଷକୃତ୍ୟ ପରେ ରଞ୍ଜନ ଓ ତାଙ୍କ ସାଙ୍ଗମାନେ ବାହାରକୁ ଆସି ଚୈତନ୍ୟ ଛକ ନିକଟରେ ବସି କଥାବାର୍ତ୍ତା ହେଉଥିଲେ। ସେଠାରେ ଥିବା ଯୁବକଙ୍କ ସହ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା। ପରେ କଥା କଟାକଟି ସହ ଝଗଡ଼ା ହୋଇଥିଲା। ଏହି ସମୟରେ ଯୁବକ ଜଣଙ୍କ ଉତ୍କ୍ଷିପ୍ତ ହୋଇ ଛୁରିରେ ଆକ୍ରମଣ କରିଥିଲେ। ରଞ୍ଜନଙ୍କ ବେକକୁ ଛୁରିରେ ବାରମ୍ବାର ଆକ୍ରମଣ କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରଞ୍ଜନଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହ ଥିବା ମାନସ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରେ ମାନସ ଗୁରୁତର ହୋଇଥିଲେ। ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ସମୁଦ୍ରକୂଳ ଥାନାରେ ଅଟକ ରଖିବା ସହ ରଞ୍ଜନଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା।

ଘଟଣା ସମ୍ପର୍କରେ ଆହତ ମାନସ ନାୟକ କହିଛନ୍ତି, ଘର ନିକଟରେ ସମ୍ପର୍କୀୟ ଜେଜେ ମା'ଙ୍କ ଦେହାନ୍ତ ହୋଇଥିଲା। ତାଙ୍କର ଶବ ସତ୍କାର କରିବାକୁ ପୁରୀ ଆସିଥିଲୁ। ସ୍ୱର୍ଗଦ୍ୱାରରୁ ବାହାରି ଆମେ କଥା ହେଉଥିବା ବେଳେ ସେଠାରେ ଥିବା ଜଣେ ଯୁବକ ମୋତେ କାହିଁକି କହୁଛ ବୋଲି କହି ଯୁକ୍ତି କରିଥିଲେ। ଏହାକୁ ନେଇ କଥା କଟାକଟି ହୋଇଥିଲା। ଏହି ସମୟରେ ଯୁବକ ଜଣଙ୍କ ପାଖରେ ରଖିଥିବା ଛୁରିରେ ରଞ୍ଜନଙ୍କୁ ଆକ୍ରମଣ କରିଥିଲେ।

ଏନେଇ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି, ବିଳମ୍ବିତ ରାତିରେ ଏକ ସୂଚନା ମିଳିଥିଲା ଯେ, କେତେଜଣ ବ୍ୟକ୍ତି ଶବ ଦାହ ପାଇଁ ଆସିଥିଲେ। ସେଠାରେ ତାଙ୍କର ଜଣେ ବ୍ୟକ୍ତିଙ୍କ ସହ ବଚସା ହୋଇଥିଲା। ପରେ ଯୁବକ ଜଣଙ୍କ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ରଞ୍ଜନ ଦାସ ନାମକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଯୁବକ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଅଟକ ରଖି ଅଧିକ ପଚରାଉଚରା କରୁଥିବା ଏସପି ସୂଚନା ଦେଇଛନ୍ତି।

## ଗାଁରେ ହେଲା ଶବସତ୍କାର

ଭଦ୍ରକ,୯।୧(ସନାତନ ରାଉତ)

ଶବ ସତ୍କାର ପାଇଁ ମୃତଦେହ ନେଇ ପୁରୀ ଯାଇଥିଲାବେଳେ ନିଜେ ଶବ ହୋଇ ଗାଁକୁ ଫେରିଲେ। ଏମିତି ଏକ ଘଟଣା ଘଟିଯାଇଛି ଭଦ୍ରକ ଜିଲା ବନ୍ତ ଥାନା ଆପଣ୍ଡା ଗ୍ରାମରେ। ସୂଚନା ଅନୁଯାୟୀ, ଆପଣ୍ଡା ଗ୍ରାମର ବାଇଧର ନାୟକଙ୍କ ସ୍ତ୍ରୀ ମୃତ୍ୟୁବରଣ କରିବା ପରେ ଗୁରୁବାର ତାଙ୍କ ମୃତଦେହ ନେଇ ପରିବାର ଓ ପଡ଼ୋଶୀ ପୁରୀ ସ୍ୱର୍ଗଦ୍ୱାରକୁ ଯାଇଥିଲେ। ପଡ଼ୋଶୀ ହିସାବରେ ଉକ୍ତ ଗ୍ରାମର ମଦନ ଦାସଙ୍କ ପୁଅ ରଞ୍ଜନ କୁମାର ଦାସ(୩୫) ସ୍ୱର୍ଗଦ୍ୱାର ଯାଇଥିଲେ। କୌଣସି ଏକ କଥାକୁ ନେଇ ବଚସା ହେବା ଏବଂ ଏଥିଜନିତ ଆକ୍ରମଣରେ ରଞ୍ଜନଙ୍କର ମୃତ୍ୟୁ ଘଟିଥିବା ବେଳେ ମାନସ ନାୟକ(୨୮) ଆହତ ହୋଇ ପୁରୀ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବ୍ୟବଚ୍ଛେଦ ହୋଇ ମୃତଦେହ ଶୁକ୍ରବାର ଅପରାହ୍ଣରେ ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ରଞ୍ଜନ ବାପା ମାଙ୍କର ଏକମାତ୍ର ପୁଅ ହୋଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ୨ ଦିନିଆ ସମ୍ବଲପୁର ଗସ୍ତ

ସମ୍ବଲପୁର,୯।୧ (ପ୍ରମୋଦ ବହିଦାର)

**ଉଦ୍‌ଘାଟନ କରିବେ ଇ-ବସ୍ ସେବା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ୨ ଦିନିଆ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ଶନିବାର ସକାଳେ ସର୍ବ ପ୍ରଥମେ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବେ। ପୂର୍ବାହ୍ଣରେ ନିକଟସ୍ଥ ମହାନଦୀ ପାର୍ଶ୍ୱ ରିଭର ଫ୍ରଣ୍ଟରେ ବହୁ ପ୍ରତୀକ୍ଷିତ ଇ-ବସ୍(ଆମ ବସ୍)ସେବାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଅପରାହ୍ଣରେ ବୁର୍ଲାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାରେ ଯୋଗଦେବା ସହିତ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଉକ୍ତ ଦିନ ସେ ରାତିରେ ହୀରାକୁଦ ଅଶୋକ ନିବାସରେ ରାତ୍ରିଯାପନ କରିବେ। ତା'ପରଦିନ ଅର୍ଥାତ୍ ରବିବାର ପୂର୍ବାହ୍ଣରେ ସମ୍ବଲପୁରଠାରେ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୨୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ୬ ଶଯ୍ୟା ବିଶିଷ୍ଟ କାଜୁଆଲିଟି(ଆପତ ଚିକିତ୍ସା ବିଭାଗ), ଭେଷଜ ବିଭାଗ ସହିତ ଟ୍ରମାକେୟାର ୟୁନିଟ୍ ଓ ନୂତନ ଓପିଡି(ବହିର୍ବିଭାଗ)କୁ ଉଦ୍‌ଘାଟନ କରିବେ। ଏହାବାଦ ଜମାଦାରପାଲି ଟିପୁପଡ଼ାଠାରେ ପ୍ରାୟ ୪୫୧ କୋଟି ଟଙ୍କା ବ୍ୟୟ ଅଟକଳରେ ସମ୍ବଲପୁର ସହରରେ ଦିନରାତି ୨୪ ଘଣ୍ଟା ଧରି ପାନୀୟ ଜଳ ଯୋଗାଣ ପାଇଁ ପ୍ରସ୍ତାବିତ ୬୫ ଏମ୍ଏଲ୍‌ଡି ବିଶିଷ୍ଟ ଜଳ ବିଶୋଧନ ପ୍ରକଳ୍ପ(ଡବ୍ଲ୍ୟୁଟିପି)ର ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି। ଏଥିପାଇଁ ବିଭିନ୍ନ ବିଭାଗରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଥିବା ସୂଚନା ମିଳିଛି।

# କମିବନି ଭକ୍ତନିବାସ ପାର୍କିଂ ଫି'

ପୁରୀ,୯।୧(ଅଜିତ୍ କୁମାର ମହାନ୍ତି)

**ପାର୍କିଂ ଫି' ଯଥାର୍ଥ ବୋଲି କହିଲେ ମୁଖ୍ୟ ପ୍ରଶାସକ**

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତନିବାସରେ ଚାରିଚକିଆ ଗାଡ଼ି ପାର୍କିଂ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଫି' ବୃଦ୍ଧି କରାଯାଇଥିଲା। ଭକ୍ତନିବାସରେ ରହିବା ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ତାଙ୍କର ଚାରିଚକିଆ ଯାନ ପାର୍କିଂ କରିବା ପାଇଁ ଗୋଟିଏ ଦିନକୁ ୧୮ ଶତକଡ଼ା ଜିଏସ୍‌ଟି ମିଶାଇ ୫୦୦ ଟଙ୍କା ଦେବାକୁ ନୋଟିସ ଜାରି କରାଯାଇଥିଲା। ଏହା ଗତ ୭ ତାରିଖରୁ ଲାଗୁ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ସେବାୟତଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ପର୍ଯ୍ୟଟକ ନାପସନ୍ଦ କରିବା ସହ ଏଦିଗରେ ଶ୍ରୀମନ୍ଦିର ପ୍ରଶାସନ ପୁନର୍ବାର ବିଚାର କରୁବୋଲି ମତପ୍ରକାଶ କରିଥିଲେ।




# ସଞ୍ଚିତାଙ୍କ କେହି ରାଜନୈତିକ ଶତ୍ରୁ ନ ଥିଲେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ବିୟୋଗରେ ଭାଜପାର ଅପୂରଣୀୟ କ୍ଷତି ହୋଇଛି। ଦଳ ପାଇଁ ତାଙ୍କ ନିଷ୍ଠା ଓ ପ୍ରତିବଦ୍ଧତା ପ୍ରେରଣାଦାୟୀ ହୋଇରହିବ। ଦଳ ଲାଗି ସେ ଅନେକ ତ୍ୟାଗ ଓ ତପସ୍ୟା କରିଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଅନେକ କାର୍ଯ୍ୟ କରି ସଙ୍ଗଠନକୁ ମଜଭୁତ କରିଛନ୍ତି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ କୋରେଇ ବିଧାୟିକା ଭାବେ ସେ କାର୍ଯ୍ୟ କରିଥିଲେ। ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମକରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ। ଏଥିସହ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସଞ୍ଚିତା ଅନେକ କାର୍ଯ୍ୟ କରିଛନ୍ତି। ତାଙ୍କର ଅନେକ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ କେହି ରାଜନୈତିକ ଶତ୍ରୁ ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସଞ୍ଚିତା ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସଞ୍ଚିତା ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସ୍ୱର୍ଗତା ମହାନ୍ତି ଜଣେ ସ୍ଥିତପ୍ରଜ୍ଞ ଓ ଉତ୍ସର୍ଗୀକୃତ ରାଜନେତ୍ରୀ ଥିଲେ। ସେ ଲୋକଙ୍କ ସହ ଭଲ ସମ୍ପର୍କ ରଖିପାରୁଥିଲେ। ସେ ଯେଉଁ କାମ ଆରମ୍ଭ କରୁଥିଲେ ତାହା ଶେଷ ନ ହେବା ପର୍ଯ୍ୟନ୍ତ ଛାଡୁ ନ ଥିଲେ। ତାଙ୍କ ସାମାଜିକ, ରାଜନୈତିକ ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ଥିଲା। କୋରେଇ ବିଧାନସଭା ଆସନରେ ରେକର୍ଡ ସଂଖ୍ୟାରେ ବିଜୟୀ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ ବୋଲି ସେ କହିଛନ୍ତି। ଶ୍ରଦ୍ଧାଞ୍ଜଳି ସଭାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ସାଂସଦ ରବି ନାରାୟଣ ବେହେରା, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଚେନ୍ନାଇ** (ଶ୍ରୀପେରୁମ୍ବୁଦୁର)ଠାରେ ଆମ ଗ୍ରାନାଇଟ୍ ୟୁନିଟ୍‌ରେ କାମ କରିବା ପାଇଁ **ପୁରୁଷ ହେଲ୍‌ପର୍** ପ୍ରାର୍ଥୀ ଆବଶ୍ୟକ। ପ୍ରାର୍ଥୀଙ୍କୁ ଫିନିଶ୍‌ଡ ଗ୍ରାନାଇଟ୍ ବୋଝେଇ ଓ ଖଲାସ କରିବା, ପ୍ୟାକିଂ ତଥା ଷ୍ଟାକିଂରେ ସାହାଯ୍ୟ କରିବାକୁ ହେବ। ଦରମା: **ଟ.14,000-15,000/-**। ରହିବା ଓ ଖାଇବା ସୁବିଧା ଦିଆଯିବ।
**ଷ୍ଟୋନ୍ ଆର୍ଟ ପ୍ରା. ଲି଼, ଚେନ୍ନାଇ**
ଯୋଗାଯୋଗ:
**8090890945, 8015654079**

See Career Appointment on every Wednesday & Saturday

UNIVERSITY DEPARTMENT OF TEACHER EDUCATION
UTKAL UNIVERSITY
VANI VIHAR, BHUBANESWAR-751007, ODISHA
UTKAL UNIVERSITY NAAC A+ Accredited
**WALK-IN INTERVIEW**
**No.: NC-UDTE-84/384/2026** **Date: 09/01/2026**
Walk-In Interview will be held for engagement of different teaching positions on **17th January, 2026 at 10:00 AM,** P.G. Department of Statistics, Utkal University. The engagements are purely temporary on consolidated basis.
For all details and update; please refer to the official website of Utkal University **https://utkaluniversity.ac.in**
**Sd/- Chairperson**
**PG Council, Utkal University**

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY
**RECRUITMENT OF GRADUATE ENGINEER TRAINEES (GETs) THROUGH GATE-2025**
**National Aluminium Company Limited (NALCO)**, a Navratna Central PSU and one of the largest integrated Alumina- Aluminium Complexes of Asia, is looking for Graduate Engineer Trainees (GETs) through **GATE-2025**, as per the details given below:

| Sl. No. | Discipline | No of Posts |
|---|---|---|
| 01 | Mechanical | 59 |
| 02 | Electrical | 27 |
| 03 | Chemical | 24 |

Candidates willing to apply in NALCO may visit career section of NALCO website **www.nalcoindia.com** for further details.
**Advt. No. 10250803, Date: 30/12/2025**
**CGM(HR)-R&P**

SBI
**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:
**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ଲିଙ୍ଗରାଜଙ୍କ ନୀତିକାନ୍ତି ନେଇ ଆଇନ ମନ୍ତ୍ରୀଙ୍କୁ ରିପୋର୍ଟ ଦେଲା କମିଟି

ଭୁବନେଶ୍ୱର, ୯।୧(ସୁନିତ୍ ମିଶ୍ର)

ମହାପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି, ସେବାପୂଜା, ବିଧି ଏବଂ ପର୍ବପର୍ବାଣିକୁ ଶୃଙ୍ଖଳିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ମନ୍ଦିରର ରେକର୍ଡ ଅଫ୍ ରାଇଟ୍ସର ଅନୁଧ୍ୟାନ ଓ ବିଶ୍ଳେଷଣ କରିବା ପାଇଁ ୨ ଜଣିଆ କମିଟି ଗଠନ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହି କମିଟି ପକ୍ଷରୁ ଅନୁଧ୍ୟାନକରି ପ୍ରସ୍ତୁତ କରାଯାଇଥିବା ଅନ୍ତରୀଣ ରିପୋର୍ଟ ଶୁକ୍ରବାର ଅପରାହ୍ଣରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରିଛି। ଅବସରପ୍ରାପ୍ତ ଜଷ୍ଟିସ୍ ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ୨ ଜଣିଆ କମିଟି ମନ୍ଦିର, ନିଯୋଗ, ସେବାପୂଜା ବାବଦରେ ଥିବା ବିଭିନ୍ନ ପୁରାତନ ନଥିକୁ ଅନୁଧ୍ୟାନ ସହ ମନ୍ଦିର ସହିତ ସଂଶ୍ଳିଷ୍ଟ ସେବାୟତ, ନିଯୋଗ ଆଦିଙ୍କ ସହ ଆଲୋଚନାକରି ପ୍ରସ୍ତୁତ ଏହି ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛି।

ଏହି ରିପୋର୍ଟକୁ ମନ୍ତ୍ରୀ ହରିଚନ୍ଦନ ଗ୍ରହଣକରିବା ଅବସରରେ କହିଛନ୍ତି, ମହାପ୍ରଭୁ ଲିଙ୍ଗରାଜ ହେଉଛନ୍ତି ସାରା ଓଡ଼ିଶା ତଥା ଦେଶର କୋଣ ଅନୁକୋଣରେ ଥିବା ଶ୍ରଦ୍ଧାଳୁଙ୍କ ଲାଗି ପ୍ରତ୍ୟକ୍ଷ ଠାକୁର। ଶ୍ରୀଲିଙ୍ଗରାଜଙ୍କ ପ୍ରତି ଥିବା ଓଡ଼ିଶାବାସୀଙ୍କ ଭକ୍ତି ଓ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କ ନୀତିକାନ୍ତି ଓ ସେବାପୂଜା ଖୁବ୍‌ଶୀଘ୍ର ଶୃଙ୍ଖଳିତ ହେବାକୁ ଯାଉଛି। ଆଗାମୀ ଦିନରେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କମିଟି ଦେଇଥିବା ସମସ୍ତ ପ୍ରସ୍ତାବକୁ ଅନୁଶୀଳନକରି ବିଭିନ୍ନ ନୀତିକାନ୍ତି, ପର୍ବପର୍ବାଣି, ଯାନିଯାତ୍ରା, ସେବା ଆଦିକୁ ଶୃଙ୍ଖଳିତ ତଥା ସୁନ୍ଦର ଭାବେ ପରିଚାଳନା କରିବା ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ସ୍ତରରେ ସ୍ୱୀକୃତିକୁ ଗୁରୁତ୍ୱ

**ଆଜି ବିଶ୍ୱ ହିନ୍ଦୀ ଦିବସ**

ପ୍ରତିବର୍ଷ ଜାନୁଆରୀ ୧୦ରେ ପାଳିତ ହୋଇଆସୁଛି 'ବିଶ୍ୱ ହିନ୍ଦୀ ଦିବସ'। ବିଶ୍ୱ ସ୍ତରରେ ଅନ୍ୟତମ ସର୍ବାଧିକ କଥିତ ଭାଷା ଭାବେ ଅଭିହିତ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ତଥା ଏହାର ସ୍ୱୀକୃତି ଲାଗି ଏହି ଦିବସ ଅବସରରେ ଗୁରୁତ୍ୱାରୋପ କରାଯାଇଥାଏ। ୧୯୭୫ ଜାନୁଆରୀ ୧୦ରେ ମହାରାଷ୍ଟ୍ରର ନାଗପୁରଠାରେ ପ୍ରଥମ ବିଶ୍ୱ ହିନ୍ଦୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଐତିହାସିକ



ଦିବସକୁ ସ୍ମରଣ କରିବା ଲାଗି ଭାରତ ସରକାର ୨୦୦୬ରେ ପ୍ରଥମ ଥର ପାଇଁ ଜାନୁଆରୀ ୧୦କୁ ବିଶ୍ୱ ହିନ୍ଦୀ ଦିବସ ଭାବେ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିବସ ଅବସରରେ ସାରା ବିଶ୍ୱରେ ଥିବା ଭାରତୀୟ ଦୂତାବାସ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ପାଳନ କରାଯାଉଛି।

ହିନ୍ଦୀକୁ ଏକ ଅନ୍ତର୍ଜାତୀୟ ଭାଷା ଭାବେ ପ୍ରତିଷ୍ଠିତ କରିବା, ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଏବଂ ହିନ୍ଦୀ କବି, ଲେଖକ, ପଣ୍ଡିତ ଓ ଭାଷାପ୍ରେମୀଙ୍କ ଅବଦାନକୁ ସମ୍ମାନିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ଭାରତ ବ୍ୟତୀତ ନେପାଳ, ମରିସସ୍, ଦକ୍ଷିଣ ଆଫ୍ରିକା, ଗୁଏନା ଏବଂ ତ୍ରିନିଦାଦ ପରି ଅନେକ ଦେଶରେ ହିନ୍ଦୀ ଭାଷାଭାଷୀ ଗୋଷ୍ଠୀ ଏହି ଦିବସକୁ ପାଳନ କରନ୍ତି।



ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡ଼ିକ ଉପରେ - ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବଧାରା ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଆଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। -ଶ୍ରୀମା



# ଲାଟେରାଲ ଏଣ୍ଟ୍ରିରେ ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ୟୁପିଏସ୍‌ସି ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପସଚିବ ସ୍ତରରେ ୪୫ଟି ଲାଟେରାଲ ଏଣ୍ଟ୍ରି (ବାହାର କ୍ଷେତ୍ରରୁ ବିଶେଷଜ୍ଞ ଆଣି ସରକାରୀ ପଦବୀରେ ଅବସ୍ଥାପିତ କରିବା ପ୍ରକ୍ରିୟା) ପାଇଁ ବିଜ୍ଞାପନ ପ୍ରକାଶ କରିଥିଲା। ହେଲେ ଏକ ବର୍ଷ ପରେ ସଂରକ୍ଷଣ ଉପରେ ରାଜନୈତିକ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ତାହାକୁ ପ୍ରତ୍ୟାହାର କରିନେଲା। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସୂତ୍ରରୁ ପ୍ରକାଶ ଯେ, ପରିବର୍ତ୍ତନ ପାଇଁ ମନ୍ତ୍ରଣାଳୟଗୁଡ଼ିକ ସହିତ ଆଲୋଚନା ହେଉଛି, କିନ୍ତୁ ବାସ୍ତବରେ ନୀତି ଏଯାବତ କାଗଜପତ୍ରରେ ସୀମିତ ଅଛି। ଆଶ୍ଚର୍ଯ୍ୟଜନକ କଥା, ଆରମ୍ଭରୁ ବିଭିନ୍ନ କ୍ଷେତ୍ରର ପ୍ରାୟ ୬୦ଜଣ ବିଶେଷଜ୍ଞଙ୍କୁ ଅଣାଯାଇଥିଲା, କିନ୍ତୁ ଏବେ ୩୮ରୁ ୪୦ ଜଣ ଅଛନ୍ତି। ଏହି ଅବକ୍ଷୟ ସୂଚିତ କରୁଛି ଯେ, ଏଥିରେ ସମସ୍ୟା ରହିଛି। ଲାଟେରାଲ ଏଣ୍ଟ୍ରି ସ୍ୱାଭାବିକ ଭାବରେ ଖରାପ ନୁହେଁ। ଏଥିରେ ବାହାରୁ ଆସୁଥିବା ବିଶେଷଜ୍ଞ, ବିଶେଷକରି ଅର୍ଥନୀତିଜ୍ଞ, ପ୍ରଯୁକ୍ତିବିତ୍, ବୈଜ୍ଞାନିକଙ୍କଠାରୁ ଭାରତର ସିଭିଲ ସର୍ଭିସେସ ଜଟିଳ ନୀତିଗତ ଚ୍ୟାଲେଞ୍ଜ କ୍ଷେତ୍ରରେ ଉପକୃତ ହୋଇପାରିବେ। କିନ୍ତୁ ଦୃଢ଼ତା ଏବଂ ସ୍ୱଚ୍ଛତା ବିନା ଆମେ ସମ୍ପର୍କବାଦ ଓ ରାଜନୈତିକ ହସ୍ତକ୍ଷେପକୁ ଆମନ୍ତ୍ରଣ କରି ଯୋଗ୍ୟତାକୁ କ୍ଷୟକରି ବିପଦର ସମ୍ମୁଖୀନ ହେଉଛୁ। ସଂରକ୍ଷଣ ପ୍ରତିବାଦ କେବଳ ରାଜନୈତିକ ନାଟକ ନ ଥିଲା। ବରଂ ଏହା ଏକ ସାଧାରଣ ସମସ୍ୟାକୁ ପ୍ରକାଶ କରିଥିଲା, ଯେଉଁଥିରେ ଭାରତର ଆଇନଗତ ଢାଞ୍ଚା ଏବଂ ସାମାଜିକ ନ୍ୟାୟ ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ସଂସ୍କାର ବିଷୟରେ କେବେ ବି ଚିନ୍ତା କରାଯାଇ ନ ଥିଲା । ଯୋଗ୍ୟତା, ମୂଲ୍ୟାୟନ ମାନଦଣ୍ଡ, ଉତ୍ତରଦାୟିତ୍ୱ ଏବଂ କାର୍ଯ୍ୟକାଳ ସୁରକ୍ଷା ବିଷୟକୁ ସମାଧାନ ନ କଲେ ସମସ୍ୟା ହ୍ରାସ ପାଇବ ନାହିଁ। ଲାଟେରାଲ ଏଣ୍ଟ୍ରି ସ୍ଲୋଗାନ ହେବା ଉଚିତ ନୁହେଁ। ଯଦି ଏହା କାମ କରିବାକୁ ଯାଉଛି, ତେବେ ଏହାକୁ ସ୍ପଷ୍ଟ ନିୟମ ସହିତ ନିଶ୍ଚିତ କରାଯିବା ଆବଶ୍ୟକ।

### ପ୍ରଶାସନିକ ବିଶୃଙ୍ଖଳା

ବ୍ରହ୍ମୋସ ଏରୋସ୍ପେସର ମହାନିର୍ଦ୍ଦେଶକ ଭାବରେ ଜୈତୀର୍ଥ ଆର୍. ଜୋଶୀଙ୍କ ନିଯୁକ୍ତିକୁ ରଦ୍ଦ କରିବା ପାଇଁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ପଦକ୍ଷେପ ନେଇଛି, ଯେଉଁଥିରୁ ଭାରତର ବାବୁ ବ୍ୟବସ୍ଥାର ବିଫଳତା ସ୍ପଷ୍ଟ ହେଉଛି। ବ୍ରହ୍ମୋସ ଭଳି ରଣନୈତିକ ପ୍ରତିଷ୍ଠାନକୁ ପ୍ରାର୍ଥୀ ଚିହ୍ନଟ ଓ ଚୟନ ପଦ୍ଧତି ଆରମ୍ଭ କରିବାକୁ କୁହାଯିବା ଏକ ସରଳ ନ୍ୟାୟିକ ଉପାୟ। କିନ୍ତୁ ଏହା ଦର୍ଶାଉଛି ଯେ, ଆପଣଙ୍କ ଶାସନ ମାନଦଣ୍ଡ ପାଇଁ ପୂର୍ଣ୍ଣତଃ ସୁଚିନ୍ତିତ ନିରୀକ୍ଷଣ ଆବଶ୍ୟକ। ବ୍ରହ୍ମୋସ ପ୍ରକୃତରେ ସ୍ଥାନୀୟ ସମସ୍ୟାର ନୂତନ ସମାଧାନ ପନ୍ଥା ବାହାର କରିବାର ପ୍ରୟୋଗଶାଳା ନୁହେଁ। ଏହା ଏକ ପ୍ରମୁଖ ଭାରତ-ରୁଷ୍ ପ୍ରତିରକ୍ଷା ସହଯୋଗ ଏବଂ ଭାରତର ପ୍ରତିରୋଧ କ୍ଷମତା ତଥା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାର କେନ୍ଦ୍ରବିନ୍ଦୁ। ଏହାର ମୁଖ୍ୟଙ୍କ ନିଯୁକ୍ତି ସ୍ୱଚ୍ଛତା ଓ ସାଂଗଠନିକ ଦୃଢ଼ତାର ମାନଦଣ୍ଡ ହେବା ଦରକାର। କିନ୍ତୁ ଏହା ପରିବର୍ତ୍ତେ ବରିଷ୍ଠତାକୁ ନେଇ ବିବାଦ, ସନ୍ଦେହଜନକ ମୂଲ୍ୟାଙ୍କନ ଏବଂ ନ୍ୟାୟସଙ୍ଗତିର ଅଭାବ ସାମ୍ନାକୁ ଆସୁଛି। ଡିଆରଡିଓର ବିଶିଷ୍ଟ ବୈଜ୍ଞାନିକ ଏସ୍. ନାମ୍ବି ନାଇଡୁଙ୍କ ଅଭିଯୋଗ କେବଳ ଏକ ବ୍ୟକ୍ତିଗତ ଅଭିଯୋଗ ନୁହେଁ। ଯୋଗ୍ୟତାକୁ ନେଇ ଦୀର୍ଘକାଳୀନରୁ ଥିବା ଅସନ୍ତୋଷକୁ ଏହା ପ୍ରକାଶ କରେ। ଯଦି ସର୍ବୋଚ୍ଚ ପଦବୀରେ ଥିବା ସବୁଠୁ ବରିଷ୍ଠ ପ୍ରାର୍ଥୀଙ୍କୁ ଅଣଦେଖା କରାଯାଏ, ତେବେ ଏହା ଉପରେ ବ୍ୟବସ୍ଥାର ରେକର୍ଡରେ ବଳିଷ୍ଠ ଯୁକ୍ତି ରହିବା ଆବଶ୍ୟକ। ପୋଲିସ ମୁଖ୍ୟ ହେଉ ବା ପିଏସ୍‌ୟୁ ମୁଖ୍ୟ କିମ୍ବା ନିୟାମକ ମୁଖ୍ୟ, ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ମାମଲା ନ୍ୟାୟିକ ବିବାଦ ସ୍ଥିତିରେ ପହଞ୍ଚିଯାଉଛି। ପ୍ରଶାସନିକ ନିଷ୍ପତ୍ତି ଗ୍ରହଣ ପାଇଁ କୋର୍ଟ ଏବଂ ଟ୍ରିବ୍ୟୁନାଲଗୁଡ଼ିକ ବାରମ୍ବାର ନୈତିକ ଦିଗଦର୍ଶକର ଭୂମିକା ଗ୍ରହଣ କରିବା ଉଚିତ ନୁହେଁ। ପ୍ରତିରକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନେତୃତ୍ୱର ବିଶ୍ୱସନୀୟତା ସାମାନ୍ୟ କଥା ନୁହେଁ; ଯଦି ସରକାର ଦକ୍ଷତା ଏବଂ ବୃତ୍ତିଗତ ଦାବି କରିବାକୁ ଚାହାନ୍ତି, ତେବେ ଏହାକୁ ସେଠାରେ ପ୍ରଦର୍ଶନ କରିବାକୁ ପଡ଼ିବ।

### ୟୁପିରେ କ୍ୟାଡର ସମ୍ପ୍ରସାରଣ

ଉତ୍ତର ପ୍ରଦେଶ(ୟୁପି) ବର୍ତ୍ତମାନ ଏହାର ଅନୁମୋଦିତ ଆଇଏଏସ୍ ସଂଖ୍ୟା ବୃଦ୍ଧି କରିଛି। ଅଧିକ ପଦବୀ, ଅଧିକ ବରିଷ୍ଠ ପଦବୀ, ବିଭିନ୍ନ ବର୍ଗ ପାଇଁ ଅଧିକ ସଂରକ୍ଷଣ ବ୍ୟବସ୍ଥା କରିଛି। ଏହି ସମ୍ପ୍ରସାରଣ ଦୁଇଟି ସତ୍ୟକୁ ସୂଚିତ କରେ। ପ୍ରଥମତଃ, ୟୁପିର ଶାସନ ସମ୍ମୁଖୀନ ହେଉଥିବା ବ୍ୟାପକ ଚ୍ୟାଲେଞ୍ଜକୁ ଶେଷରେ ସରକାର ସ୍ୱୀକାର କରିଛନ୍ତି। ଏତେ ବଡ଼ ରାଜ୍ୟ କମ୍‌ସଂଖ୍ୟକ ବାବୁଙ୍କୁ ନେଇ ଚାଲିପାରିବ ନାହିଁ, ଯେଉଁମାନେ ପ୍ରଶାସନିକ ସ୍ତରରେ ନିରନ୍ତର ସଂଘର୍ଷ କରିଆସୁଛନ୍ତି। ଉତ୍ତର ପ୍ରଦେଶରେ ଖାଲି ପଦବୀ ଏକମାତ୍ର ମୁଣ୍ଡବିନ୍ଧାର କାରଣ ନ ଥିଲା। ବରଂ ଲଗାତର ସ୍ଥାନାନ୍ତର, ସଂକ୍ଷିପ୍ତ କାର୍ଯ୍ୟକାଳ, ସମାନ୍ତରାଳ କ୍ଷମତା ଗଠନ ଏବଂ ରାଜନୈତିକ ସୂକ୍ଷ୍ମ ପରିଚାଳନା ପ୍ରତ୍ୟେକ ସ୍ତରରେ ପ୍ରଶାସନିକ କର୍ତ୍ତୃତ୍ୱକୁ ଶେଷ କରିଦେଇଛି। ଆପଣ ଅଧିକ ଜିଲା ମାଜିଷ୍ଟ୍ରେଟ, ଅଧିକ କମିଶନର, ଅଧିକ ସଚିବ ନିଯୁକ୍ତ କରିପାରିବେ, କିନ୍ତୁ ଯଦି ଚାକିରିରେ ସେମାନଙ୍କର ହାରାହାରି କାର୍ଯ୍ୟକାଳ ବର୍ଷ ନୁହେଁ, କେତୋଟି ମାସ ରଖାଯାଏ, ତେବେ ପ୍ରଶାସନକୁ କିପରି ସୁଦୃଢ଼ କରାଯାଉଛି ବୋଲି କୁହାଯିବ? ୟୁପିକୁ କେବଳ ଅଧିକ ଅଫିସରଙ୍କ ଆବଶ୍ୟକତା ନାହିଁ; ଏହାକୁ ଏପରି ଏକ ବ୍ୟବସ୍ଥା ଦରକାର ଯାହା ଅଧିକାରୀଙ୍କୁ ସେମାନଙ୍କ କାମ କରିବା ପାଇଁ ବିଶ୍ୱାସ ଜନ୍ମାଇପାରିବ। କାର୍ଯ୍ୟକାଳର ସ୍ଥିରତା, ମନମୁଖି ହସ୍ତକ୍ଷେପରୁ ସୁରକ୍ଷା, ଦାୟିତ୍ୱର ସ୍ପଷ୍ଟତା ଏବଂ ଫଳାଫଳ-ଭିତ୍ତିକ ଉତ୍ତରଦାୟିତ୍ୱ ଯେକୌଣସି କ୍ୟାଡର ସମ୍ପ୍ରସାରଣ ବିଜ୍ଞପ୍ତି ଅପେକ୍ଷା ଅଧିକ ମୂଲ୍ୟବାନ। ଏହା ନ ହେଲେ ବାସ୍ତବ ଶାସନର ଉନ୍ନତି ହୋଇପାରିବ ନାହିଁ।

Email: dilipcherian@gmail.com

# ସ୍ତମ୍ଭ ଓ ସ୍ତମ୍ଭ ସାହିତ୍ୟ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଖବରକାଗଜରେ କୌଣସି ଲେଖକର ଆଲେଖ୍ୟ ଯଦି ସ୍ତମ୍ଭ ରୂପରେ ମୁଦ୍ରିତ ହୋଇ ପ୍ରକାଶ ପାଏ ତାକୁ ସ୍ତମ୍ଭ କୁହାଯାଏ ଓ ସେହି ଲେଖକଙ୍କୁ ସ୍ତମ୍ଭକାର କୁହାଯାଏ। ସାଧାରଣତଃ ସ୍ତମ୍ଭଗୁଡ଼ିକରେ ସମସାମୟିକ ସମାଜର ରାଜନୀତିକ, ଅର୍ଥନୀତିକ, ସାଂସ୍କୃତିକ, ଧାର୍ମିକ ତଥା ବହୁବିଧ ସମସ୍ୟା ଆଲୋଚିତ ହୁଏ। ସମାଜର ବିଭିନ୍ନ ସମସ୍ୟା ଉତ୍‌ଥାପନ ଓ ଅନୁଶୀଳନ କଲାବେଳେ ସ୍ତମ୍ଭକାର ତା'ର ନିଜସ୍ୱ ମତକୁ ପରିବେଷଣ କରେ। ମାତ୍ର ଖବରକାଗଜରେ ପ୍ରକାଶ ପାଉଥିବା ସମସ୍ତ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ହୋଇପାରେ ନାହିଁ। ଯଦି ସ୍ତମ୍ଭ ସାହିତ୍ୟର ମାନ ଓ ମୂଲ୍ୟବୋଧ ରକ୍ଷା ନ କରେ ତାହା ସାହିତ୍ୟ ନୁହେଁ। ତାହା କେବଳ ସ୍ତମ୍ଭ। ଅପର ପକ୍ଷରେ ସାହିତ୍ୟ ସର୍ବଦା ସାହିତ୍ୟ, ତାହା ସ୍ତମ୍ଭ ରୂପରେ ପ୍ରକାଶ ପାଉ ଅବା ଭିନ୍ନ ରୂପରେ ପ୍ରକାଶ ପାଉ। ଖବର ମଧ୍ୟ ସ୍ତମ୍ଭ ରୂପରେ ପ୍ରକାଶ ପାଏ, ମାତ୍ର ତାକୁ କେହି ସ୍ତମ୍ଭ ଖବର କହନ୍ତି ନାହିଁ। ତା'ହେଲେ ସାହିତ୍ୟ ସ୍ତମ୍ଭ ରୂପରେ ପ୍ରକାଶ ପାଇଲେ ତାକୁ କାହିଁକି ସ୍ତମ୍ଭ ସାହିତ୍ୟ କୁହାଯିବ, ତାହା ବିତର୍କର ବିଷୟ। ଏଣୁ ସ୍ତମ୍ଭ ସାହିତ୍ୟକୁ ଏବେ ଖବର ସାହିତ୍ୟ କୁହାଗଲାଣି କାରଣ ଏହା ଖବର ଆଧାରିତ।

ଏହି କିଛିବର୍ଷ ହେଲା ସ୍ତମ୍ଭ ସାହିତ୍ୟକୁ ଏକ ସାହିତ୍ୟିକ ସଂରଚନା (LITERARY FORM) ଭାବରେ ଗ୍ରହଣ କରାଯାଉଛି। ତା'ପୂର୍ବରୁ କେବଳ ସ୍ତମ୍ଭ ଶବ୍ଦଟି ବ୍ୟବହାର ହେଉଥିଲା। ତା'ପୂର୍ବରୁ ଆମେ ସ୍ତମ୍ଭ କହିଲେ ଆଜିକାଲି ଯାହା ବୁଝୁ ସେହିଭଳି ଆଲେଖ୍ୟ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲା, ମାତ୍ର ସ୍ତମ୍ଭ ଶବ୍ଦ ବ୍ୟବହାର ହେଉ ନ ଥିଲା। ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ଇଂଲଣ୍ଡରେ ସାମୟିକ ପତ୍ରିକା (PERIODICAL ESSAY)ର ଉଦ୍ଭବ ହେଲା। ୧୭୦୯ ମସିହାରେ ରିଚାର୍ଡ ଷ୍ଟିଲ୍ "ଦି ଟେଟ୍‌ଲର୍" ନାମରେ ଗୋଟିଏ ସାମୟିକ ପତ୍ରିକା ପ୍ରକାଶ କଲେ ଓ ୧୭୧୧ରେ ଯୋଶେଫ୍ ଏଡିସନ୍ ଓ ରିଚାର୍ଡ୍ ଷ୍ଟିଲ୍‌ଙ୍କ ଯୁଗ୍ମ ପ୍ରଚେଷ୍ଟାରେ 'ଦି ସ୍ପେକ୍ଟାଟର' ନାମରେ ଏକ ପତ୍ରିକା ପ୍ରକାଶ ପାଇଲା। ସେମାନେ ଏହି ପତ୍ରିକାରେ ସମସାମୟିକ ଘଟଣାବଳୀ, ରାଜନୀତି, ଧର୍ମ, ନୀତିବୋଧ ଆଦି ସମ୍ପର୍କରେ ଆଲୋଚନା କରି ନିୟମିତ ଭାବରେ ପ୍ରବନ୍ଧ ପ୍ରକାଶ କଲେ। ପରବର୍ତ୍ତୀ କାଳରେ ସେଗୁଡିକ ସାହିତ୍ୟ ଭାବରେ ଗୃହୀତ ହେଲା। ସେତେବେଳେ ସେହି ପ୍ରବନ୍ଧଗୁଡିକ ସ୍ତମ୍ଭ ରୂପରେ ପ୍ରକାଶ ପାଉ ନ ଥିଲେ ମଧ୍ୟ ସେଗୁଡିକ ହେଉଛନ୍ତି ଆଜିର ଖବରକାଗଜରେ ପ୍ରକାଶ ପାଉଥିବା ସ୍ତମ୍ଭସାହିତ୍ୟର ଅଗ୍ରଦୂତ। ରିଚାର୍ଡ ଷ୍ଟିଲ୍ ଏହାର ମୂଳଦୁଆ ପକାଇଥିଲେ। ସେତେବେଳେ ଉଭୟ ଷ୍ଟିଲ୍ ଓ ଏଡିସନ୍‌ଙ୍କ ପ୍ରବନ୍ଧଗୁଡ଼ିକ ଜନମତକୁ ପ୍ରଭାବିତ କରୁଥିଲା। କ୍ରମେ ଏହିଭଳି ପ୍ରବନ୍ଧର ପାଠକୀୟତା ବଢ଼ିଲା। ଊନବିଂଶ ଶତାବ୍ଦୀରେ ଉଇଲିଅମ୍ ହାଜଲିଟ୍ ଓ ଚାର୍ଲାସ୍ ଲେମ୍ବ୍‌ଙ୍କ ପ୍ରବନ୍ଧ ନିୟମିତ ଭାବରେ ପ୍ରକାଶ ପାଇଲା। ହାଜଲିଟ୍‌ଙ୍କ ପ୍ରବନ୍ଧଗୁଡ଼ିକ ଦି ଏକ୍‌ଜାମିନର,



ଦି ଲଣ୍ଡନ୍ ମାଗାଜିନ ଓ ଦି ଏଡିନ୍‌ବର୍ଗ ରିଭ୍ୟୁରେ ଏବଂ ଲେମ୍ବ୍‌ଙ୍କ ପ୍ରବନ୍ଧଗୁଡିକ ଲଣ୍ଡନ ମାଗାଜିନ୍‌ରେ ପ୍ରକାଶ ପାଇ ଆଦୃତ ହେଲା। ସେତେବେଳେ ସ୍ତମ୍ଭ ଶବ୍ଦଟି ଆଜିର ଅର୍ଥରେ ବ୍ୟବହାର ହେଉ ନ ଥିଲା, ମାତ୍ର ସେଗୁଡିକ ଆଜି ଖବରକାଗଜରେ ପ୍ରକାଶ ପାଉଥିବା ସ୍ତମ୍ଭ ସାହିତ୍ୟର ବିକଶିତ ରୂପ।

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଆଧୁନିକ ଖବରକାଗଜର ପ୍ରସାରଣ ବଢ଼ିବା ପରେ ପୃଷ୍ଠାଗୁଡ଼ିକୁ ସ୍ତମ୍ଭ ଭାବରେ ବିଭାଜନ କରି ମୁଦ୍ରଣ କରାଗଲା ଓ ତା'ପରେ ସ୍ତମ୍ଭ ଶବ୍ଦ ବ୍ୟବହାର ହେଲା। ଭାରତରେ ବ୍ରିଟିଶ ସାମ୍ବାଦିକତାର ପ୍ରଭାବରେ ଖବରକାଗଜଗୁଡିକ ସ୍ତମ୍ଭ ମୁଦ୍ରଣ ଆରମ୍ଭ କଲେ ଓ ବିଂଶ ଶତାବ୍ଦୀର ଆଦ୍ୟଭାଗରେ ସ୍ତମ୍ଭଲିଖନ ଆରମ୍ଭ ହେଲା। ଦି ହିନ୍ଦୁ, ଅମୃତ ବଜାର, ୟଙ୍ଗ୍ ଇଣ୍ଡିଆ, ହରିଜନ ଇତ୍ୟାଦି ପତ୍ରିକାରେ ସ୍ତମ୍ଭ ଏକ ସ୍ୱଷ୍ଟ ବିଭାଗ ଭାବରେ ମୁଣ୍ଡଟେକିଲା ଓ ସେହି ସ୍ତମ୍ଭଗୁଡ଼ିକରେ ଲେଖକମାନେ ନିଜର ସ୍ପଷ୍ଟ ମତ ପ୍ରକାଶ କଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ରାଜନୀତି, ସମାଜ ସଂସ୍କାର, ଅର୍ଥନୀତି, ପର୍ଯ୍ୟାବରଣ, ଖେଳ ଆଦି ବିବିଧ ବିଷୟରେ ସ୍ତମ୍ଭ ଲେଖାହେଲା। କୁଲଦୀପ ନାୟାର, ଖୁସ୍‌ୱନ୍ତ ସିଂ, ଏମ୍ .ଜେ. ଆକବର ଆଦି ସ୍ତମ୍ଭ ଲେଖି ଆଦୃତ ହେଲେ। ସମ୍ପ୍ରତି ରାମଚନ୍ଦ୍ର ଗୁହା, ଇତିହାସ, ରାଜନୀତି, ପର୍ଯ୍ୟାବରଣ ଉପରେ, ଯୋଗେନ୍ଦ୍ର ଯାଦବ ରାଜନୀତି, ଗଣତନ୍ତ୍ର ଭଳି ବିଷୟ ଉପରେ, ଶେଖର ଗୁପ୍ତା ସମସାମୟିକ ଶାସନ ଓ ଘଟଣାବଳୀ ଉପରେ, ପି ସାଇନାଥ ସାମାଜିକ ନ୍ୟାୟ, ଗ୍ରାମୀଣ ଭାରତ ଉପରେ, ସ୍ୱାମୀନାଥନ୍ ଅର୍ଥନୀତି, ସାମାଜିକ ଜୀବନ, ଶିକ୍ଷା ଉପରେ ଓ ବିବେକ ଦେବରାୟ ଅର୍ଥନୀତି, ଶାସନ ପଦ୍ଧତି, ଆଇନ ଆଦି ଉପରେ ସ୍ତମ୍ଭ ଲେଖୁଛନ୍ତି।

ଓଡ଼ିଶାରେ ସାମ୍ବାଦିକତା ଆରମ୍ଭ ହେଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ। ଉତ୍କଳ ଦୀପିକା (୧୮୬୬)ରେ ସମସାମୟିକ ସାମାଜିକ ସମସ୍ୟା, ସାହିତ୍ୟ, ସଂସ୍କୃତି ଆଧାରିତ ମନନଶୀଳ ପ୍ରବନ୍ଧ ପ୍ରକାଶ ପାଇଲା। ସେତେବେଳେ ସ୍ତମ୍ଭ ଶବ୍ଦ ବ୍ୟବହୃତ ହେଉ ନ ଥିଲେ ମଧ୍ୟ ଏହି ପତ୍ରିକା ସ୍ତମ୍ଭ ଲିଖନର ମୂଳଦୁଆ ପକାଇଥିଲା, କାରଣ ଏହା ତତ୍କାଳୀନ ଜାତୀୟ ସମସ୍ୟାକୁ ବ୍ୟକ୍ତିଗତ ମତ ସହ ପ୍ରକାଶ କରୁଥିଲା। ସମାଜ ୧୯୧୯ରେ ପ୍ରତିଷ୍ଠା ହେବା ପରେ ସାମ୍ବାଦିକତାର ପରିସର ବୃଦ୍ଧିପାଇଲା। ଅନେକ ଲେଖକ ସମାଜ ସଂସ୍କାର, ଜାତୀୟତା, ରାଜନୀତିକ ପରିସ୍ଥିତି, ଭାଷା, ଅସ୍ମିତା ଆଦି ବିଷୟରେ ସ୍ତମ୍ଭ ଲେଖିଲେ। ପରବର୍ତ୍ତୀ ସମୟରେ ପ୍ରଜାତନ୍ତ୍ର, ଧରିତ୍ରୀ, ପ୍ରଗତିବାଦୀ ଆଦି ଖବରକାଗଜରେ ପ୍ରତ୍ୟେକ ଦିନ ବିବିଧ ବିଷୟକ ସ୍ତମ୍ଭ ପ୍ରକାଶ ପାଇ ଜନାଦୃତ ହେଲା। ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ହରେକୃଷ୍ଣ ମହତାବ, ସୁରେନ୍ଦ୍ର ମହାନ୍ତି, ସାତକଡି ହୋତା, ବିଭୂତି ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ମନୋଜ ଦାସ ଆଦି ସ୍ତମ୍ଭ ରଚନା କରି ଜନମତକୁ ପ୍ରଭାବିତ କରିବାରେ ସଫଳ ହେଲେ। ପରବର୍ତ୍ତୀ ସମୟରେ ସେଗୁଡିକ ସଂକଳିତ ହୋଇ ସାହିତ୍ୟର ମର୍ଯ୍ୟାଦା ଲାଭକଲା। ହରେକୃଷ୍ଣ ମହତାବଙ୍କ 'ଗାଁ ମଜ୍‌ଲିସ', ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ', ଚିତ୍ତରଞ୍ଜନ ଦାସଙ୍କ 'ବିଶ୍ୱକୁ ଗବାକ୍ଷ' ଓ ମନୋଜ ଦାସଙ୍କ 'କେତେ ଦିଗନ୍ତ' ସ୍ତମ୍ଭ ସାହିତ ଭାବରେ ବହୁଜନାଦୃତ।

ଖବରକାଗଜଗୁଡ଼ିକରେ ଗଳ୍ପ, କବିତା, ରମ୍ୟରଚନା ଆଦି ନିର୍ଦ୍ଦିଷ୍ଟ ଦିନରେ ସ୍ତମ୍ଭ ଆକୃତିରେ ପ୍ରକାଶ ପାଉଥିଲେ ମଧ୍ୟ ତାକୁ ସ୍ତମ୍ଭ ସାହିତ୍ୟ କୁହାଯାଏ ନାହିଁ। ତାହା କେବଳ ସାହିତ୍ୟ ଅନ୍ତର୍ଭୁକ୍ତ। ସ୍ତମ୍ଭ ସାହିତ୍ୟ ମୂଳତଃ ସାମ୍ବାଦିକତାର ଗୋଟିଏ ସଂରଚନା ଭାବରେ ଉଦ୍ଭବ ହୋଇଛି। ମାତ୍ର ସବୁ ସ୍ତମ୍ଭ ସାହିତ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରି ନାହିଁ। ସାହିତ୍ୟର ଆତ୍ମା ହେଉଛି ରସ। ବ୍ୟବହୃତ ଶବ୍ଦାବଳୀ ଓ ପରିବେଷଣ ଶୈଳୀ ଯଦି ପାଠକ ହୃଦୟରେ କଳାତ୍ମକ ଆନନ୍ଦ ସୃଷ୍ଟି କରି ନ ପାରେ ତାହା ସାହିତ୍ୟ ପଦବାଚ୍ୟ ନୁହେଁ। ସାହିତ୍ୟ ପାଠକର କଳ୍ପନା ଓ ଭାବାବେଗକୁ ସ୍ପର୍ଶ କରେ। ଏହା ମଣିଷ ଜୀବନର ବିଭିନ୍ନ ଦିଗକୁ ଅନୁଶୀଳନ କରେ, ମାତ୍ର ସିଧାସଳଖ ଉପଦେଶଧର୍ମୀ ନ ହୋଇ ଜୀବନ ପ୍ରତି ଏକ ନୈତିକ ଓ ଦାର୍ଶନିକ ଦୃଷ୍ଟିଭଙ୍ଗୀ ପ୍ରଦାନ କରେ। ଯେଉଁ ସ୍ତମ୍ଭ କେବଳ ସମସାମୟିକ ତଥ୍ୟଭିତ୍ତିକ ତା'ର ସ୍ଥାୟିତ୍ୱ ବେଶିଦିନ ରହେ ନାହିଁ। ସମୟ ଗଡିଗଲେ ତଥ୍ୟ ପ୍ରାସଙ୍ଗିକତା ହରାଏ। ମାତ୍ର ଯେତେବେଳେ ସ୍ତମ୍ଭକାର ତଥ୍ୟକୁ ତତ୍ତ୍ୱ ସହ ମିଶାଇ ସାହିତ୍ୟର ପୁଟ ଦେଇ ଆକର୍ଷଣୀୟ ଶବ୍ଦ ସଂଯୋଜନା ଓ ଶୈଳୀରେ ପରିବେଷଣ କରେ ସେତେବେଳେ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ହୁଏ ଓ କାଳଜୟୀ ହୁଏ। ସ୍ଥାନ, କାଳ ନିର୍ବିଶେଷରେ ଆବେଗିକ ଆବେଦନ ସୃଷ୍ଟି କରିବା, ସାର୍ବଜନୀନ ସତ୍ୟ ପରିବେଷଣ କରିବା ଓ ସୌନ୍ଦର୍ଯ୍ୟବୋଧଯୁକ୍ତ ଆନନ୍ଦ ସୃଷ୍ଟି କରିବା ହେଉଛି ସାହିତ୍ୟର ଧର୍ମ। ଯେଉଁ ସ୍ତମ୍ଭ ଏହା ସୃଷ୍ଟି କରିପାରେ ନାହିଁ ତାହା କେବଳ ସ୍ତମ୍ଭ ହୋଇ ରହେ, ସ୍ତମ୍ଭ ସାହିତ୍ୟ ହୋଇପାରେ ନାହିଁ। ଏବେ ସ୍ତମ୍ଭ ସାହିତ୍ୟକୁ ଖବର ସାହିତ୍ୟ କୁହାଗଲାଣି ଏବଂ ତାହା ପାଇଁ ପୁରସ୍କାର ପ୍ରଦାନ କରାଯାଉଛି। ସମ୍ପ୍ରତି ବହୁ ପ୍ରତିଭାବାନ୍ ଓ ପ୍ରତିଷ୍ଠିତ ଲେଖକ ସ୍ତମ୍ଭ ଲେଖୁଛନ୍ତି। ସେମାନଙ୍କ କେଉଁ ଆଲେଖ୍ୟ ସ୍ତମ୍ଭ ପଦବାଚ୍ୟ ଓ କେଉଁ ଆଲେଖ୍ୟ ସ୍ତମ୍ଭ ସାହିତ୍ୟ ପଦବାଚ୍ୟ ତାହା ପାଠକମାନେ ବିଚାର କରିବେ।

ପ୍ରାକ୍ତନ ଅଧ୍ୟକ୍ଷ, ଡି.ଏ.ଭି
ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼
ମୋ: ୭୦୦୮୩୬୯୯୨୦

# ହଜମହୋଇପାରୁ ନ ଥିବା ଦୁଃଖ



ଡ. ଦ୍ୱିତୀଚନ୍ଦ୍ର ସାହୁ

ବଦହଜମି ଗୋଟେ ବଡ଼ ସମସ୍ୟା। ଗ୍ୟାସ୍‌ଜନିତ କାରଣରୁ ଧୀରେ ଧୀରେ ଏଇ ରୋଗ ବୟସ ଅନୁପାତରେ ବଢ଼ିବଢ଼ିଚାଲେ। ମଣିଷକୁ କଲବଲକରେ। ଖାଇବାର ଲୋଭକୁ ରୋକିହୁଏନି କି ଖାଇହୁଏନାହିଁ। ଅନେକ ପ୍ରକାର ପ୍ରତିବନ୍ଧକ ଲାଗିଯାଏ। ଇଏ ବଡ଼ ପୀଡ଼ାଦାୟକ ଅବସ୍ଥା। ସାମ୍ନାରେ ସହଜରେ ଉପଲବ୍ଧ ଖାଦ୍ୟକୁ ଖାଇ ନ ପାରିବା ଏବଂ ପ୍ରତିବଦଳରେ ଯାହା ପାଟିକୁ କେବେ ରୁଚେନି ସେଇ ରକମର ଖାଦ୍ୟକୁ ଗିଳିବାକୁ ବାଧ୍ୟହେବା ପ୍ରାଣକୁ କଲବଲକରେ। ଏଇ ଦୁଃଖକୁ ପ୍ରକାଶ୍ୟରେ କହି ହୁଏନା କି ସହି ହୁଏନା। କହିଲେ ଫେର୍ ଅନେକ କଥା ୟାତାଠାରୁ ଶୁଣିବା ଥୟ। ସେହି କାରଣରୁ ବଦହଜମିର ଶିକାର ମଣିଷଙ୍କ ଜୀବନ ଦୁର୍ବିଷହ ଲାଗେ । ନିଜ ସାମ୍ନାରେ ଟାଉଟାଉ ହୋଇ ଖାଦ୍ୟକୁ ପଶୁପ୍ରାୟ ଚରିଯାଉଥିବା ମଣିଷକୁ ଦେଖିଲେ ନିଜ ଭିତରେ ଈର୍ଷା ଜାତହୁଏ। ରାଗରେ ନିଜ ଭିତରେ ନିଜେ ଜଳିବାକୁ ହୁଏ। ସେହିପରି ବିଭିନ୍ନ ଖାଦ୍ୟର ସ୍ୱାଦ ଅବା ବିଭିନ୍ନ ଭୋଜିଭାତର ଖାଦ୍ୟ ତାଲିକା ବଖାଣିବାବେଳେ ବଦହଜମିର ଶିକାର ହୋଇଥିବା ମଣିଷ ଭିତରେ ଅନୁରୂପ ପ୍ରତିକ୍ରିୟା ଜାତହୁଏ।

ଜୀବନର ସମସ୍ତ ଦୁଃଖ ସମୟର ପାଚନ ପ୍ରକ୍ରିୟାରେ ଗଲେ ନରମ ହୋଇଯାଏ ନାହିଁ। କିଛି ଦୁଃଖ ଏମିତି ଅଛି, ଯାହା ମନୁଷ୍ୟ ମନର ଆତ୍ମସାରକୁ ସ୍ପର୍ଶକରେ ସେଗୁଡ଼ିକୁ ନା ଭୁଲିହୁଏ ନା ଭୋଗିହୁଏ। ଏହି ହଜମ ହୋଇପାରୁ ନ ଥିବା ଦୁଃଖ ମନୁଷ୍ୟ ଅସ୍ତିତ୍ୱର ଗଭୀର ତତ୍ତ୍ୱକୁ ଉଜାଗର କରେ। ଏହା କେବଳ ଖାଦ୍ୟ ଭିତରେ ସୀମିତ ନୁହେଁ। ବିବିଧ କ୍ଷେତ୍ରରେ ମଣିଷଙ୍କ ଭିତରେ ହଜମ ହୋଇପାରୁ ନ ଥିବାର ଦୁଃଖ ଛଟପଟ କରିଥାଏ। ନିଜ ପରିବାର, ସମ୍ପର୍କୀୟ, ସମଗୋତ୍ରୀୟ ତଥା ବନ୍ଧୁବର୍ଗରେ ଏହାର ପରିମାଣ ଟିକେ ଅଧିକ। ନିଜ ପରିବାରର କୌଣସି ସଦସ୍ୟ/ସଦସ୍ୟାଙ୍କ ଉତ୍ତରୋତ୍ତର ଉନ୍ନତି ଘଟିଲେ ପରିବାରରେ ଉତ୍ସବମୁଖର ହେବା କଥା। ଏହା ଏକ ଆନନ୍ଦର ପ୍ରସଙ୍ଗ। କିନ୍ତୁ ଆଜିକାଲି ସବୁ କିଛି ଓଲଟା। ସେଇ ମଣିଷ ପଛରେ ଆରମ୍ଭ ହୋଇଯାଏ ଚୁପୁରୁଚାପୁରୁ କଥାବାର୍ତ୍ତା। ତା'ର ଗୋହି ଖୋଳିବା ଆରମ୍ଭକରି ଦିଅନ୍ତି କେତେଜଣ ମଣିଷ। ନିଜ ଲୋକର ପ୍ରଗତିକୁ ଦେଖିସହି ନ ପାରିବାର ପ୍ରତିକ୍ରିୟା ହେଉଛି ନିନ୍ଦା ଆଲୋଚନା। ସମଗୋତ୍ରୀୟ ତଥା ବନ୍ଧୁବର୍ଗରେ ହଜମ ନ କରିବାର ଦୁଃଖ ଟିକେ ବେଶି। ବିଗତ ଦିନର ତଥାକଥିତ ବନ୍ଧୁ ଆଉ ଏଇ ସଂସାରରେ ନାହାନ୍ତି ବୋଲି ସମସ୍ତେ କହନ୍ତି। ଏବର ବନ୍ଧୁ ଆଗରେ ହାଏ ହାଏ ପଛରେ ବାଏ ବାଏ। ଯଦି ଆପଣ ନିଜର ଦକ୍ଷତା ଓ ସାମର୍ଥ୍ୟ ଅନୁସାରେ ଆଗକୁ ବଢ଼ିଗଲେ କିମ୍ବା ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଆଗୁସାର ହୋଇଗଲେ ତେବେ ଜାଣ ଆପଣଙ୍କ ଶତ୍ରୁ ସୃଷ୍ଟିହୋଇ ସାରିଥିବେ। ଆଉ ସେଥିମଧ୍ୟରୁ ପ୍ରଥମ ନମ୍ବର ଶତ୍ରୁଟିଏ ହୋଇଥିବ ଆପଣଙ୍କର ଯେକୌଣସି ବନ୍ଧୁଟିଏ ଅବା ପାଖ ଲୋକଟିଏ। ଆପଣଙ୍କଠାରୁ ହୁଏତ ସେ କେବେ ନା କେବେ ସହାୟତା ବି ପାଇଥିବ। ନିଜ ସାମର୍ଥ୍ୟ ପ୍ରଦର୍ଶନରେ ଅପାରଗତା ଅବା ବିଫଳତା ସେମାନଙ୍କ



ଦୁଃଖର କାରଣ ହୋଇଥାଏ। ସେହିଭଳି କ୍ଷେତ୍ରରେ ନିଜ ପାଖଲୋକର ପ୍ରଗତି ଓ ପ୍ରଶଂସା ହିଁ ହଜମ ହୋଇପାରୁ ନ ଥିବା ଦୁଃଖ ହୋଇପଡ଼େ। ତେଣିକି ଆପଣଙ୍କ ନାମରେ ପଛରେ କୁତ୍ସାରଟନା ଆରମ୍ଭ ହୁଏ।

ଦର୍ଶନ ଦୃଷ୍ଟିରେ ଏପରି ଦୁଃଖ ହେଉଛି 'ଅଭାବର ଚେତନା'। ମନୁଷ୍ୟ ଯେତେବେଳେ ଯାହାକୁ ଜୀବନର ଅଂଶ ବୋଲି ଭାବିଥାଏ, ସେଇ ଅଂଶର ଅକସ୍ମାତ୍ ଅନୁପସ୍ଥିତି ବା ତା'ର ଅହେତୁକ ପ୍ରଗତି ମନ ଭିତରେ ଶୂନ୍ୟତା ସୃଷ୍ଟିକରେ। ଏହି ଶୂନ୍ୟତା ହେଉଛି ହଜମ ନ ହୋଇପାରିବାର ଦୁଃଖ। ଏହି ଦୁଃଖ ମୂଳରେ ରହିଛି ଆସକ୍ତି। ବୁଦ୍ଧ ଦର୍ଶନ କହେ, ଆସକ୍ତି ହିଁ ଦୁଃଖର କାରଣ। ଯଦିଓ ଆସକ୍ତି ବିନା ମନୁଷ୍ୟ ରହିପାରେନି, କିନ୍ତୁ ସେଇ ଆସକ୍ତି ହେତୁ ଜଣେ ଯଦି ଅନ୍ୟ ପ୍ରତି ଈର୍ଷାଶୀଳ ହୁଏ ସେତେବେଳେ ଦୁଃଖ ବହୁଗୁଣିତ ହୋଇଥାଏ।

ଦୁଃଖକୁ ହଜମ କରିପାରିଲେ ମଣିଷ ସ୍ୱାଭାବିକ ରହେ। ମନରେ ଥରେ ଦୁଃଖ ଜମାଟ ବାନ୍ଧିଲେ ତାହା ଅଭେଦ୍ୟ ପାଚେରି ସୃଷ୍ଟି କରିପାରେ। ତାକୁ ଅତିକ୍ରମ କରିବା ସମ୍ଭବ ହୋଇପାରେନା। ଏମିତିରେ ଦୁଃଖ ବଢ଼େ। ନିଜ ଅନ୍ତରଙ୍ଗ ବନ୍ଧୁର ଖୁସି ନିଜ ପାଇଁ ପୀଡ଼ାଦାୟକ ମନେହୁଏ। ଅପରପକ୍ଷେ ନିଜର ଆତ୍ମୀୟ ଓ ଅନ୍ତରଙ୍ଗ ବନ୍ଧୁଙ୍କ ପ୍ରୀତି ଛଳନା ନିର୍ଭେଜାଲ ମଣିଷଙ୍କୁ କଷ୍ଟଦିଏ। ଯେଉଁମାନଙ୍କ ମୁହଁରେ ଖୁସି ଦେଖିବାକୁ ତା'ର ଅପେକ୍ଷା ଥାଏ, ସେଇମାନଙ୍କ କପଟ ଆଚରଣ ସ୍ୱଭାବତଃ ଯନ୍ତ୍ରଣା ଦେଉଥିଲେ ବି ନିଜର ଉଦାର ହୃଦୟରେ କ୍ଷମା ଦିଏ। ସେ ଜାଣେ ଆଜିକା ସମାଜରେ ମିଠାଛଳନା ଅଧିକ, ଅନ୍ତରଙ୍ଗପଣ କମ୍। ମିତ୍ରତାଠାରୁ ଦ୍ରୋହ ବେଶି। ସମ୍ପର୍କଠାରୁ ତିକ୍ତତା ବହୁତ। ପ୍ରେମ ଅପେକ୍ଷା ପ୍ରତାରଣା ସହଜ।

ଅବଶ୍ୟ ତାତ୍ତ୍ୱିକ ଦୃଷ୍ଟିରୁ ଏପରି ଦୁଃଖ ମନୁଷ୍ୟକୁ ଅଧିକ ସଚେତନ କରେ ନିଜର ସୀମିତତା ଓ ବିଫଳତା ସମ୍ପର୍କରେ। ନିଜର ସାମର୍ଥ୍ୟକୁ ଚିହ୍ନାଇଦିଏ । ଜୀବନ ଯେ ନିର୍ଦ୍ଦିଷ୍ଟତା ଭିତରେ ସମ୍ପୂର୍ଣ୍ଣ ନୁହେଁ। ତା'ର ପରିସର ବ୍ୟାପକ ଓ ବହୁଭାଗ, ବହୁ ଦିଗ ଏବଂ ବହୁ ପ୍ରକାରର ସମାହାର ମାତ୍ର। ଏହି ସତ୍ୟକୁ ନେଇ ଦୁଃଖ ଆମକୁ ବାରମ୍ବାର ସ୍ମରଣକରାଏ। ତଥାପି ତଥାକଥିତ ମଣିଷମାନେ ନିଜର ସାମର୍ଥ୍ୟକୁ ଖୋଜି ସେ ଦିଗରେ ନିଜକୁ ପ୍ରତିଷ୍ଠାକରିବା ଅପେକ୍ଷା ଅନ୍ୟର ଛାୟାରେ ବଞ୍ଚିବା କିମ୍ବା ଅନ୍ୟର ସଫଳତାକୁ ନିଜର ବିଫଳତା ବୋଲି ଧରିବା ଏକ ଭ୍ରମ । ଏଇ ଭ୍ରମରେ ଯିଏ ଥରେ ପଡ଼େ ତା' ପାଇଁ ନିଜ ଅପେକ୍ଷା ବାକି ଲୋକ ଅଜବ ଲାଗନ୍ତି। ନିଜେ ଭଲ ବାକିସବୁ ଅସାର ଲାଗନ୍ତି। । ହଜମହୋଇପାରୁ ନ ଥିବା ଦୁଃଖ ମଧ୍ୟରେ ଏକ ମୌନ ଶିକ୍ଷା ଲୁଚିଥାଏ। ତା'ହେଲା ସହନଶୀଳତା, ସମ୍ବେଦନଶୀଳତା ଓ ଅନ୍ୟର ଯନ୍ତ୍ରଣାକୁ ବୁଝିବାର ଶକ୍ତି। ବଦହଜମିକୁ ସାଧାରଣ ରୋଗ ଭାବି ଯେଉଁମାନେ ଅବହେଳାକରନ୍ତି ତା'ର ଚରମ ପରିଣତି ସେମାନେ ଭୋଗନ୍ତି । ସେହିପରି ହଜମ ନ କରିପାରିବା ଦୁଃଖକୁ ଯିଏ ଜାବୁଡ଼ି ଧରନ୍ତି ସେମାନେ ମୁଖ୍ୟସ୍ରୋତରୁ ଉଭେଇ ଯାଆନ୍ତି।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ହାତୀଙ୍କ ପାଇଁ ହସ୍ପିଟାଲ, ଏମିତି କଥା କେବେ ଶୁଣିଥିଲେ କି। ଏଭଳି ଏକ ହସ୍ପିଟାଲ ଭାରତରେ ପ୍ରଥମେ ମଥୁରାରେ କରାଯାଇଛି। ଏଠାରେ ଶିକୁଳିରେ ବନ୍ଧାହୋଇ ରହୁଥିବା ଅବହେଳିତ ହାତୀଙ୍କର ହାଇଡ୍ରୋଥେରାପି ପୁଲ୍‌ଠାରୁ ଆରମ୍ଭ କରି ଭେଟେରିନାରି ଚିକିତ୍ସା କରାଯାଉଛି। ଯମୁନା ନଦୀ କୂଳରେ ୧୨,୦୦୦ ବର୍ଗଫୁଟ ଜମିରେ ପ୍ରତିଷ୍ଠା କରାଯାଇଥିବା ଏହ ୱାଇଲ୍ଡ ଲାଇଫ୍ ଏସ୍‌ଓଏସ୍ ଏଲିଫ୍ୟାଣ୍ଟ ହସ୍ପିଟାଲରେ ଆହତ, ଅସୁସ୍ଥ ହାତୀଙ୍କ ଚିକିତ୍ସା ହେଉଛି। ବିଶେଷକରି ଏହି ହାତୀମାନଙ୍କୁ ଅନେକ ବର୍ଷ ବନ୍ଦୀକରି ରଖାଯିବା ସହ ଭିକ୍ଷା କରିବାରେ ଲଗାଯାଇଥାଏ। ଅନେକ ଦଶନ୍ଧି ଧରି ସେମାନଙ୍କୁ ବାନ୍ଧି ରଖିବା ଯୋଗୁ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥାଏ। ଏହା ବ୍ୟତୀତ ଦୀର୍ଘଦିନର କ୍ଷତ ଓ ଗଣ୍ଠି ରୋଗରେ ସେମାନେ ପୀଡ଼ିତ ହେଉଛନ୍ତି। ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି କମ୍ ଖର୍ଚ୍ଚରେ ଚିକିତ୍ସା ସେବା ଯୋଗାଇ ଦିଆଯିବା ପାଇଁ ହସ୍ପିଟାଲ କରାଯାଇଛି। ୱାୟରଲେସ ଡିଜିଟାଲ ଏକ୍ସ-ରେ, ଥର୍ମାଲ ଇମେଜିଂ ଓ ଅଲଟ୍ରାସୋନୋଗ୍ରାଫି ଦ୍ୱାରା ରୋଗକୁ ଠିକ୍ ଭାବେ ଚିହ୍ନଟ କରାଯାଇପାରୁଛି। କ୍ୟାମ୍ପସ ମଧ୍ୟରେ ହାତୀ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି, ଯାହା ହତୀଙ୍କ ଉଦ୍ଦେଶ୍ୟର କରାଯିବା ପରେ ତତ୍କ୍ଷଣାତ ଚିକିତ୍ସା କରାଯାଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଜାନୁଆରୀ ୧୯୭୭

- ରାଜ୍ୟ କଂଗ୍ରେ ଦଳର ବିଧାନସଭା ସଭ୍ୟ ତ୍ରିଲୋଚନ କାନୁନଗେ ଉପରୁ ଅଟଳ ଆଦେଶ ପ୍ରତ୍ୟାହୃତ।
- ଏୟାର ମାର୍ଶାଲ ତ୍ରିଲୋକ ନାଥ ଘଡ଼ିଓକ ଜାତୀୟ ପ୍ରତିରକ୍ଷା କଲେଜର କମାଣ୍ଡର ରୂପେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଚଳଇ ଧୀରେ ମେଘ ଆକାଶେ ନାହିଁ ବେଗ
ଅଶନିଘୋଷ ନାହିଁ ଶୁଭଇ
ପିଚ୍ଛିଳ ପଥେ ପାଦ ରଚଇ ପରମାଦ
ମରମ କି ଦରଦ ଲଭଇ !
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦିଆଯାଉ

ମହାଶୟ,

କେନ୍ଦ୍ର ସରକାର ତାଙ୍କ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ବିଚାର ବିଭାଗୀୟ ଅଫିସର(ହାକିମ)ଙ୍କୁ ପେନ୍‌ସନ ସହିତ ୨,୦୦୦ଟଙ୍କା ଚିକିତ୍ସା ଭତ୍ତା ଦେଉଥିବା ସ୍ଥଳେ ଏମ୍‌ଏଲ୍‌ଏଙ୍କୁ ୫୦,୦୦୦ଟଙ୍କା ଚିକିତ୍ସା ଭତ୍ତା ଦେଉଛନ୍ତି। ପୁନଶ୍ଚ ନିକଟ ଅତୀତରେ ସରକାରୀ ମନ୍ତ୍ରୀ ଓ ଏମଏଲଏମାନଙ୍କର ଭତ୍ତା ବଢ଼ାଇଛନ୍ତି। ଅନ୍ୟାନ୍ୟ ରାଜ୍ୟରେ ସରକାର ଚିକିତ୍ସା ଭତ୍ତା ଦେଉଥିବାବେଳେ ଓଡ଼ିଶା ସରକାର ପେନସନରଙ୍କ ଚିକିତ୍ସା ଭତ୍ତା କଥାକୁ କର୍ଣ୍ଣପାତ କରୁନାହାନ୍ତି। ବର୍ତ୍ତମାନ ଦେଉଥିବା ପେନସନ ଟଙ୍କା ସମୁଦ୍ରକୁ ଶଙ୍ଖେ ପରି ମନେହୁଏ। ପେନସନରଙ୍କ ଅଧାରୁ ଅଧିକ ଟଙ୍କା ଔଷଧ କିଣାରେ ଯାଉଥିବା ବେଳେ ପରିବାର ପ୍ରତିପୋଷଣ ସମ୍ଭବ ହେଉନାହିଁ। କେନ୍ଦ୍ରର ପେନ୍‌ସନ ୨୪ଟି ରାଜ୍ୟର ପେନ୍‌ସନର ଓ ରାଜ୍ୟର ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଏହି ଭତ୍ତା ପାଉଥିବାରୁ ରାଜ୍ୟ ପେନସନରଙ୍କ ଏହା ଏକ ଯୁକ୍ତିଯୁକ୍ତ ଦାବି। ଏଣୁ ରାଜ୍ୟ ସରକାର ପେନ୍‌ସନରମାନଙ୍କ ପାଇଁ ଚିକିତ୍ସା ଭତ୍ତା ମଞ୍ଜୁର କରିବାକୁ ଅନୁରୋଧ। ଏହାଦ୍ୱାରା ରାଜ୍ୟର ୬୫ ଲକ୍ଷ ପେନ୍‌ସନରଙ୍କ ପରିବାର ଉପକୃତ ହେବେ।

-ସୁରେଶ କୁମାର ସାହୁ, ଅବସରପ୍ରାପ୍ତ କର୍ମଚାରୀ (ବିଚାର ବିଭାଗ), ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | | | | 7 |
| | | 2 | | | | | | |
| | | | | 7 | | | 8 | |
| | 4 | | 7 | 6 | | 2 | | |
| | 6 | | | | 2 | | | 3 |
| | | | 1 | | | | 5 | |
| | | | 2 | | | 1 | | 5 |
| | 7 | 1 | | 8 | 9 | | | |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 7 | 3 | 6 | 9 | 2 | 8 | 5 |
| 3 | 2 | 9 | 5 | 8 | 7 | 1 | 4 | 6 |
| 8 | 5 | 6 | 2 | 4 | 1 | 7 | 3 | 9 |
| 5 | 9 | 2 | 8 | 3 | 4 | 6 | 7 | 1 |
| 7 | 4 | 8 | 9 | 1 | 6 | 3 | 5 | 2 |
| 1 | 6 | 3 | 7 | 5 | 2 | 8 | 9 | 4 |
| 9 | 8 | 1 | 6 | 7 | 5 | 4 | 2 | 3 |
| 2 | 7 | 4 | 1 | 9 | 3 | 5 | 6 | 8 |
| 6 | 3 | 5 | 4 | 2 | 8 | 9 | 1 | 7 |

ଗତକାଲିର ଉତ୍ତର

# ନିଷ୍ଠାନୀଳମଣି: ବୈଷ୍ଣବଜନଙ୍କ ମୁକ୍ତି-ସରଣୀ

**ଅତୀତର ବହି**



ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ

**ରୀତି ଯୁଗର ଅନ୍ୟତମ ପ୍ରମୁଖ କବି କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା। ତିରିଶରୁ ଅଧିକ ଧର୍ମ ଓ କାହାଣୀଭିତ୍ତିକ କାବ୍ୟର ରଚୟିତା ହୋଇ ବି ବେଶ୍ ଦିନଯାଏ ଓଡ଼ିଆ ସାହିତ୍ୟରେ ସେ ଉପେକ୍ଷିତ। ଅଭିମନ୍ୟୁ ସାମନ୍ତସିଂହାର ତାଙ୍କ 'ପ୍ରେମକଳା' କାବ୍ୟରେ ସଦାନନ୍ଦଙ୍କୁ ନିଜର କାବ୍ୟଗୁରୁ ଭାବେ ଅଭିହିତ କଲାପରେ ତାଙ୍କ ପ୍ରତି ସୁଧୀଜନଙ୍କର ଦୃଷ୍ଟି ଆକର୍ଷିତ ହୁଏ। ସଦାନନ୍ଦ ବ୍ରହ୍ମା(ହୋତା)ଙ୍କର ଜନ୍ମହୁଏ ନୟାଗଡ଼ ଜିଲା ଶରଣକୁଳ ନିକଟବର୍ତ୍ତୀ ଭିକାରୀପଡ଼ା ଗ୍ରାମରେ ୧୭୩୮ ଖ୍ରୀଷ୍ଟାବ୍ଦରେ। ଲଡୁକେଶ୍ୱରଙ୍କ ପ୍ରସାଦରୁ ଜନ୍ମ ହୋଇଥିବାରୁ ତାଙ୍କ ପିତୃଦତ୍ତ ନାମ ସଦାଶିବ। ସ୍ନେହରେ ମା' ଡାକନ୍ତି ସଦାନନ୍ଦ। ତାଙ୍କର ଗୁରୁଦତ୍ତ ନାମ ସାଧୁଚରଣ ଦାସ।**



ସଦାନନ୍ଦଙ୍କ ପିତା ପରମାନନ୍ଦ ବ୍ରହ୍ମା ଓ ମାତା ଭବାନୀଦେବୀ ଏବଂ ଗୁରୁ ଶ୍ରୀ କିଶୋର ଦାସ। ସେ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଅନେକ କାବ୍ୟ-କବିତା ରଚନା କରିଛନ୍ତି। ସଂସ୍କୃତ, ପାର୍ଶୀ ଓ ମରାଠୀ ଭାଷାରେ ତାଙ୍କର ଗଭୀର ପ୍ରବେଶ ଥିଲା। ଓଡ଼ିଆ ଭାଷାରେ ସେ ଯୁଗଳ ରସାମୃତଲହରୀ, ଯୁଗଳ ରସାମୃତ ଭଉଁରୀ, ଲଳିତ ଲୋଚନା, ପ୍ରେମ କଳ୍ପଲତା, ପ୍ରେମ ତରଙ୍ଗିଣୀ, ନିଷ୍ଠାନୀଳମଣି, ନାମଚିନ୍ତାମଣି, ଚୌରଚିନ୍ତାମଣି, ପ୍ରୀତିଚିନ୍ତାମଣି ପ୍ରଭୃତି କାବ୍ୟ-କବିତା ରଚନା କରିଛନ୍ତି। ଏଥିସହିତ ଅନେକ କ୍ଷୁଦ୍ର କବିତା, ଚଉତିଶା ଓ ଜଣାଣ ରଚନା ସହ ଭଗବଦ୍ ଗୀତାର ଅନୁବାଦ କରିଛନ୍ତି। ଏସବୁ ତାଳପତ୍ରରେ ଲିଖିତ ହୋଇଥିଲା। ଯହିଁରୁ କିଛି ପୁସ୍ତକାକାରରେ ପ୍ରକାଶ ପାଇଛି। ପୁରୀର ଗଜପତି ବୀରକେଶରୀ ଦେବ ତାଙ୍କ କବିତ୍ୱରେ ମୁଗ୍ଧହୋଇ ତାଙ୍କୁ କବିସୂର୍ଯ୍ୟ ଉପାଧି ପ୍ରଦାନ କରିଥିଲେ।

ତାଙ୍କ କୁଳର ସାଂଙ୍ଖ୍ୟ ହୋତା ହୋଇଥିଲେ ମଧ୍ୟ ରାଜାଙ୍କ ଦ୍ୱାରା ତାଙ୍କର ପିତାମହ ବ୍ରହ୍ମା ଉପାଧି ପ୍ରାପ୍ତ ହୋଇଥିଲେ। ସେ ସମୟରେ ବ୍ରାହ୍ମଣ ଶାସନଗୁଡ଼ିକରେ ଗ୍ରାମର ଭଲମନ୍ଦ ବୁଝିବା ଓ ସଭାସମିତିରେ ରାଜାଙ୍କର ପ୍ରତିନିଧିତ୍ୱ କରିବା ପାଇଁ ରାଜାମାନେ ସେହି ଗ୍ରାମ କିମ୍ବା ଅନ୍ୟ ଶାସନର ଜ୍ଞାନୀ, ଗୁଣୀ ଓ ବୁଦ୍ଧିମାନ ବ୍ରାହ୍ମଣଙ୍କୁ ବ୍ରହ୍ମା ପଦରେ ନିଯୁକ୍ତି ଦେଉଥିଲେ। ସଦାନନ୍ଦଙ୍କ ପିତା ପରମାନନ୍ଦ ହୋତାଙ୍କୁ ଭିକାରୀପଡ଼ା ଗ୍ରାମର ବ୍ରହ୍ମା ଉପାଧି ମିଳିଥିଲା। ବଂଶାନୁକ୍ରମେ ସଦାନନ୍ଦଙ୍କୁ ମଧ୍ୟ ପୁରୀ ଗଜପତି ବୀରକେଶରୀ ଦେବ ବ୍ରହ୍ମା ଉପାଧି ପ୍ରଦାନ କରିଥିଲେ। ଏହି ଦୁଇଟି ଉପାଧିକୁ ବୈଷ୍ଣବ ଧର୍ମ ଗ୍ରହଣ ପରେ ବୈଷ୍ଣବମାନଙ୍କ ବିରୋଧ ସତ୍ତ୍ୱେ ସେ ଛାଡ଼ିପାରି ନଥିଲେ। ସେ ଲେଖିଛନ୍ତି: "ମୁଁ କବିସୂର୍ଯ୍ୟ ବ୍ରହ୍ମା ଏହି ଗୁମାନ / କୃଷ୍ଣ ନ ଭଜି ବୃଥା ନେଉଛି ଦିନ ଯେ।" (ଚତୁର୍ଥ ଛାନ୍ଦ, ନିଷ୍ଠାନୀଳମଣି)

ତାଙ୍କ ରଚିତ 'ନିଷ୍ଠାନୀଳମଣି' କାବ୍ୟଟି ବୈଷ୍ଣବ କାବ୍ୟ ଜଗତରେ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ। ବୈଷ୍ଣବ ଧର୍ମର ନିଷ୍ଠା ଓ ନିୟମ ସହିତ ଆଚାର, ବିଚାର ଓ ପ୍ରଚାର ପାଇଁ ଏହି ଗ୍ରନ୍ଥ ଅଭିପ୍ରେତ। ଚୈତନ୍ୟପନ୍ଥୀଙ୍କ ଚିନ୍ତା, ଚେତନା ଓ ଆଚାର ବ୍ୟବହାରର ତାତ୍ତ୍ୱିକ ପ୍ରତିଫଳନ ଓ ଧାର୍ମିକ ପଥପ୍ରଦର୍ଶନ ହିଁ ପୁସ୍ତକର ଆଭିମୁଖ୍ୟ। ଓଡ଼ିଶୀ ବୈଷ୍ଣବ ଧର୍ମକୁ ନିବିଡ଼ଭାବେ ବୁଝିବାକୁ ଏହା ଏକ ପ୍ରାମାଣିକ ଗ୍ରନ୍ଥ। ଅଳ୍ପରେ ତତ୍ତ୍ୱବୋଧ ଓ ବିଶୁଦ୍ଧ କବିତ୍ୱର ପରିପ୍ରକାଶ ଏଥିରେ ଘଟିଛି। ଧାର୍ମିକ ତତ୍ତ୍ୱଗ୍ରନ୍ଥଗୁଡ଼ିକ ଶ୍ରୋତା-ବକ୍ତାକ୍ରମରେ ପ୍ରଶ୍ନ ଉତ୍ତର ଛଳରେ ଲେଖାଯାଇଥାଏ। ସଦାନନ୍ଦ ମନ ଓ ଚିତ୍ତକୁ ସମ୍ବୋଧନ କରି ଗଭୀର ତତ୍ତ୍ୱଗୁଡ଼ିକୁ ଅତି ସରଳ ଭାଷାରେ ବର୍ଣ୍ଣନା କରିଛନ୍ତି। ଜଣାଯାଏ, ଏହି ଗ୍ରନ୍ଥ ୧୭୮୦ ଖ୍ରୀଷ୍ଟାବ୍ଦ ପରେ ରଚିତ। ଶ୍ରୀ ରାଧାକୃଷ୍ଣ ବସୁଙ୍କ ଦ୍ୱାରା ସଂଶୋଧିତ ହୋଇ ୟୁନିଅନ୍ ପ୍ରିଣ୍ଟିଂ ୱାର୍କ୍ସ, କଟକରେ ୧୯୨୦ରେ ଏହା ପୁସ୍ତକ ଆକାରରେ ପ୍ରକାଶିତ। ପୁସ୍ତକରେ ୧୨ଟି ଛାନ୍ଦ ରହିଛି। ପ୍ରଥମ ଛାନ୍ଦ ମଙ୍ଗଳାଚରଣରେ ସରସ୍ୱତୀଙ୍କ ବନ୍ଦନା କରାଯାଇଛି। ପ୍ରାକୃତ ଓଡ଼ିଆ ଓ ସଂସ୍କୃତର ସମ୍ମିଳିତ ଭାଷାରେ କାବ୍ୟଟି ରଚିତ ("ବହୁ ଛନ୍ଦ ବନ୍ଧ କାବ୍ୟ ପରାକୃତ ମତେ / ମୋ ମୁଖେ ପ୍ରକାଶିଲେ ସଂସ୍କୃତ ସମ୍ମିଳିତେ।")

ନୟାଗଡ଼, ଦଶପଲ୍ଲା, ଘୁମୁସର ଓ ଚିକିଟି ପରେ କବି ପୁରୀରେ ଅବସ୍ଥାନ କରିଥିଲେ। ଚିକିଟି ଦରବାରରୁ ସେ ମହାକବି ଉପାଧି ପାଇଥିଲେ। ପୁରୀ ରହଣି ସମୟରେ ବୈଷ୍ଣବ ଧର୍ମ ଗ୍ରହଣ ସହ ଜଗନ୍ନାଥ ସଂସ୍କୃତି ପ୍ରତି ଆକୃଷ୍ଟ ହୋଇଥିଲେ। ମଧୁପୁରଗଡ଼ର ରାଜା ଘନଶ୍ୟାମ ନରେନ୍ଦ୍ର ମଠ ପ୍ରତିଷ୍ଠାକରି ତାଙ୍କୁ ମହନ୍ତ କରିଥିଲେ। ଦ୍ୱୈତବାଦୀ ବୈଷ୍ଣବ ଓ ଅଦ୍ୱୈତବାଦୀକୁ ସ୍ମାର୍ତ୍ତରୂପେ ସେ ସ୍ୱୀକାର କରିଛନ୍ତି। ଶୈବ, ଶାକ୍ତ, ଗାଣପତ୍ୟ, ସୌର ଚାରି ସମ୍ପ୍ରଦାୟ ସମ୍ପର୍କରେ ବିଶଦ ବର୍ଣ୍ଣନା ଗ୍ରନ୍ଥରେ ରହିଛି। ବୈଷ୍ଣବଧର୍ମୀମାନଙ୍କର ସମ୍ବନ୍ଧ କୃଷ୍ଣଙ୍କ ସହିତ ସେବ୍ୟ ଓ ସେବକ। କୃଷ୍ଣ ପ୍ରଭୁ ଅନ୍ୟମାନେ ତାଙ୍କର ଦାସ। ସେ ଚାରିଟି ସମ୍ପ୍ରଦାୟ ସମ୍ପର୍କରେ ବିଶେଷ ବର୍ଣ୍ଣନା କରିଛନ୍ତି। 'ଶ୍ରୀ' ସମ୍ପ୍ରଦାୟ ଲକ୍ଷ୍ମୀ ଉପାସନା ଆଧାରିତ ଏବଂ ଏହାର ଶ୍ରେଷ୍ଠ ଆଚାର୍ଯ୍ୟ ରାମାନୁଜ। 'ବ୍ରହ୍ମା' ସମ୍ପ୍ରଦାୟର ମାଧ୍ୱାଚାର୍ଯ୍ୟ, ସନକ ସମ୍ପ୍ରଦାୟର ନିମ୍ବାନୁଜ, ଶିବ ସମ୍ପ୍ରଦାୟର ବିଷ୍ଣୁସ୍ୱାମୀ ପ୍ରମୁଖ ଆଚାର୍ଯ୍ୟ ଆପଣା ଆପଣା ଧର୍ମମତକୁ ପ୍ରଚାର କରିଥିଲେ। ଚାରି ସମ୍ପ୍ରଦାୟଙ୍କର ଚାରିଟି ଧାମ ରାମନାଥ, ବଦ୍ରିକା, ଦ୍ୱାରକା ଓ ବୃନ୍ଦାବନ। ବୃନ୍ଦାବନ ପ୍ରଭୁ କୃଷ୍ଣଙ୍କ ବାସ। ଏଣୁ ଏହାକୁ ସେ ନିତ୍ୟଧାମ ରୂପରେ ସୂଚିତ କରିଛନ୍ତି। ତୃତୀୟ ଛାନ୍ଦରେ ଶାସ୍ତ୍ରନିଷ୍ଠା, ଚତୁର୍ଥ ଛାନ୍ଦରେ ଶ୍ରୀଗୁରୁନିଷ୍ଠା, ପଞ୍ଚମ ଛାନ୍ଦରେ ଆଚାରନିଷ୍ଠା, ଷଷ୍ଠ ଛାନ୍ଦରେ ସଙ୍ଗନିଷ୍ଠା, ସପ୍ତମ ଛାନ୍ଦରେ ଏକାନ୍ତ ଭକ୍ତିନିଷ୍ଠା, ଅଷ୍ଟମ ଛାନ୍ଦରେ ଧାମନିଷ୍ଠା, ନବମ ଛାନ୍ଦରେ ତତ୍ତ୍ୱନିଷ୍ଠା, ଦଶମ ଛାନ୍ଦରେ କୃପାନିଷ୍ଠା, ଏକାଦଶ ଛାନ୍ଦରେ ରସନିଷ୍ଠା ଏବଂ ଦ୍ୱାଦଶ ଛାନ୍ଦରେ ଗଣନିଷ୍ଠା ବର୍ଣ୍ଣିତ ହୋଇଛି। ଗଣନିଷ୍ଠାରେ କୃଷ୍ଣଙ୍କର ପ୍ରିୟା ତିନି ପ୍ରକାରର ଗୋପୀ, ମହିଷୀ ଓ ଲକ୍ଷ୍ମୀଗଣ। ଏମାନେ ଦେବକନ୍ୟା, ବେଦକନ୍ୟା ଓ ମୁନିକନ୍ୟା। ଏ ଭିତରୁ ଗୋପୀକନ୍ୟାମାନେ ନିତ୍ୟସିଦ୍ଧା। 'ନିଷ୍ଠାନୀଳମଣି' ଗ୍ରନ୍ଥରେ ଗୂଢ଼ ବୈଷ୍ଣବ ତତ୍ତ୍ୱକୁ କବି ସହଜଭାବେ ବ୍ୟକ୍ତ କରିଛନ୍ତି। ମନକୁ ବୁଝାଇବା ଓ ଧର୍ମତତ୍ତ୍ୱ ପ୍ରତି ସାଧାରଣ ପାଠକଙ୍କୁ ଆକୃଷ୍ଟ କରିବାରେ ନିଷ୍ଠାନୀଳମଣି ସଫଳ ହୋଇଛି। ସବୁ ଇନ୍ଦ୍ରିୟ ମଧ୍ୟରେ ମନ ସାର। ଏଣୁ ମନ ବା ଚିତ୍ତକୁ ବୁଝାଇବା ପାଇଁ ଏହି ଗ୍ରନ୍ଥରେ ସଫଳ ପ୍ରୟାସ କରାଯାଇଛି। କବିଙ୍କ ଭାଷାରେ "ସବୁ ଇନ୍ଦ୍ରିୟରେ ପ୍ରଧାନ ମନ ସେ/ ତାହାର ବିଚାର ହେଲା ଏବେ ଏହି ଆଶେ/ କେ ଶ୍ରୋତା କେ ବକ୍ତା ଏଠି କିଛି ନ ବର୍ଣ୍ଣିବି/ ବାତୁଳ ପରାଏ କିଛି ବର୍ଣ୍ଣନ କରିବି।" (ପ୍ରଥମ ଛାନ୍ଦ)

'ନିଷ୍ଠାନୀଳମଣି'ରେ କବି ନିଜ ମନକୁ ସମ୍ବୋଧନ କରି ତାତ୍ତ୍ୱିକ ଉପଦେଶ ଦେଇଛନ୍ତି। ତାଙ୍କ ମତରେ ଗୌରାଙ୍ଗ (ଚୈତନ୍ୟ)ଙ୍କ ହାଟରେ ବହୁ ଦ୍ରବ୍ୟ ଅଛି। କ୍ରୟ ବିକ୍ରୟ ପାଇଁ ବହୁ ମହାଜନଙ୍କର ଭିଡ଼। ଏଥିମଧ୍ୟରେ କବି ନିଜକୁ ଜଣେ ନୂତନ ବେପାରୀ ବୋଲି କହିଛନ୍ତି। ଲାଭ ଆଶାରେ ମହାଜନମାନେ ଦ୍ରବ୍ୟ କିଣି ସୁନ୍ଦର ପସରା ମେଲିଛନ୍ତି। ଏହି ପସରା ହିଁ 'ନିଷ୍ଠାନୀଳମଣି'। ଯାଚି ଯାଚି ଦ୍ରବ୍ୟ ଦେବା ଉଚିତ ନୁହେଁ ବରଂ ରସିକ ଗ୍ରାହକେ ଆପେ ଆସି ଏ ଦ୍ରବ୍ୟ କିଣିବେ। କବି ଉପେନ୍ଦ୍ର ଭଞ୍ଜଙ୍କ ପରବର୍ତ୍ତୀ ସମୟର ଜଣେ ନିଷ୍ଠାବାନ୍ କବି ଓ ବୈଷ୍ଣବ ଧର୍ମ ପ୍ରବକ୍ତାଭାବେ ତାଙ୍କର ଆସନ ଓଡ଼ିଆ ସାରସ୍ୱତ କ୍ଷେତ୍ରରେ କାଳକାଳକୁ ସୁରକ୍ଷିତ।



ଭକ୍ତକବି ଶ୍ରୀ କବିସୂର୍ଯ୍ୟବ୍ରହ୍ମାଙ୍କ ପ୍ରଣୀତ

ନିଷ୍ଠାନୀଳମଣି

ଶ୍ରୀରାଧାକୃଷ୍ଣ ବସୁ, ଏମ୍, ଏଙ୍କ ଦ୍ୱାରା ପ୍ରକାଶିତ।

ପ୍ରଥମ ସଂସ୍କରଣ

The Union Printing Works,
Printer J. Pradhan,
CUTTACK.
1920

ମୂଲ୍ୟ ଦଶଅଣା ମାତ୍ର।

– ୬୭, ସରସ୍ୱତୀ କୁଞ୍ଜ, ଜାଗମରା
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୪୩୭୨୫୬୧୭୬

## ପୁସ୍ତକ ପରିଚୟ

### ଓଡ଼ିଆ ସାହିତ୍ୟ





**କିଛି ମତ କିଛି ଅଭିମତ**
**ଲେଖକ:** ସୁମନ୍ୟୁ ଶତପଥୀ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୯୫/-

ଆଲୋଚ୍ୟ ବହିରେ ଲେଖାର ପ୍ରକାରଭେଦକୁ ନେଇ ଚାରିଟି ପରିଚ୍ଛେଦ ରହିଛି। ପ୍ରଥମ ପରିଚ୍ଛେଦ "ଓଡ଼ିଆ ସାହିତ୍ୟ: ସୃଷ୍ଟି", ଦ୍ୱିତୀୟ ପରିଚ୍ଛେଦ "ଓଡ଼ିଆ ସାହିତ୍ୟ: ସ୍ରଷ୍ଟା" ତୃତୀୟ ପରିଚ୍ଛେଦ "ଓଡ଼ିଆ ସାହିତ୍ୟ: ଶୈଳୀ" ଓ ଚତୁର୍ଥ ପରିଚ୍ଛେଦ 'ସାକ୍ଷାତ୍କାର'। "ବହି ବିଷୟରେ ଦୁଇପଦ" ଶୀର୍ଷକ ଗଦ୍ୟଲେଖରେ ଲେଖାଗୁଡ଼ିକର ସଂହତି ବିଷୟରେ ଉଲ୍ଲେଖ କରି ଇଂଲିଶ୍ ସାହିତ୍ୟରେ ଅଧ୍ୟାପନା ସତ୍ତ୍ୱେ ସେ କିପରି ନିଜ ମାତୃଭାଷା ଓଡ଼ିଆ ପ୍ରତି ଆବେଗାତ୍ମକ ଭାବେ ଶ୍ରଦ୍ଧାଶୀଳ ତାହା ବ୍ୟକ୍ତ କରିଛନ୍ତି। ବାପା ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ଦିଗପାଳ ବସନ୍ତ କୁମାର ଶତପଥୀଙ୍କଠୁଁ ସେ ଯେ କଥା କହିବାର ଚତୁରତା ଛଡ଼ାଇ ଆଣିଛନ୍ତି, ଗ୍ରନ୍ଥସ୍ଥ ଆଲୋଚନାଗୁଡ଼ିକ ପଢ଼ିଲେ ତାହା ଜାଣିହୁଏ। ଗୋଟିଏ ଦୃଷ୍ଟାନ୍ତ ଏତେ ପ୍ରଭାବିତ କରେ ଯେ, ତାହା ଉଲ୍ଲେଖ ନ କରି ରହିହୁଏ ନାହିଁ। ନିଜ ପତ୍ନୀ ଅପର୍ଣ୍ଣାଙ୍କୁ ଆଲୋଚ୍ୟ ବହିର ଡମି କପିଟି ଦେଖାଇବା ପରେ ସେ ଏହି ମର୍ମରେ କହନ୍ତି: "ତମେ ଇଂରାଜୀରେ ପ୍ରଫେସର ଓ ଇଂରାଜୀରେ ଲେଖାପଢ଼ା କର ବୋଲି କହିବାରୁ ମୁଁ ତମକୁ ବାହାହେଇଗଲି। କିନ୍ତୁ ତମେ ଯେ ଓଡ଼ିଆରେ ଲେଖ- ଏ କଥା ଏବେ ଧରାପଡ଼ିଲା।" ପ୍ରଥମ ପରିଚ୍ଛେଦରେ ଥିବା ଲେଖାଗୁଡ଼ିକ ମଧ୍ୟରୁ ପ୍ରଥମଟି ତୁଳନାତ୍ମକ "ସେକ୍ସପିୟରଙ୍କ ଟେମ୍ପେଷ୍ଟ ଓ ରାମଶଙ୍କରଙ୍କ ବନବାଳା"। ଅନ୍ୟ ପ୍ରସଙ୍ଗ ମଧ୍ୟରେ ରହିଛି ରାଧାନାଥଙ୍କ ମହାଯାତ୍ରା, ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠର ଇଂରାଜୀ ଅନୁବାଦ, ଲଛମା; ଗୋପୀନାଥ ମହାନ୍ତିଙ୍କ ଟଡ଼ପା, ଚନ୍ଦ୍ରଶେଖର ରଥଙ୍କ 'ଯନ୍ତ୍ରାରୂଢ଼', ରମାକାନ୍ତ ରଥଙ୍କ 'ଶ୍ରୀରାଧା', ଅଖିଳ ନାୟକଙ୍କ 'ଭେଦ' ଓ ବାସୁଦେବ ସୁନାନୀଙ୍କ 'ମଶାଣି ସହର ଦିଲ୍ଲୀ'ର ଦଳିତ ଭାବନା। ଦ୍ୱିତୀୟ ପରିଚ୍ଛେଦରେ ଗୋପାଳ ଛୋଟରାୟ, ବସନ୍ତ ଶତପଥୀ, ମହାପାତ୍ର ନୀଳମଣି ସାହୁ, ମନୋଜ ଦାସ, ଜେ.ପି. ଦାସ ଓ ହୃଷୀକେଶ ମଲ୍ଲିକଙ୍କ ଲେଖକୀୟ ସ୍ୱାତନ୍ତ୍ର୍ୟ ଆଲୋଚିତ। ତୃତୀୟ ପରିଚ୍ଛେଦରେ ଓଡ଼ିଆ ଭ୍ରମଣ ବୃତ୍ତାନ୍ତ ପରିସରରେ ଭୁବନେଶ୍ୱର ବେହେରାଙ୍କ ପଶ୍ଚିମ ଆଫ୍ରିକାରେ ଦେଢ଼ଙ୍କି, ଶୈଳୀ ନନ୍‌ସେନ୍ସ, ଓଡ଼ିଆ ଲାଳିକା ଓ ଅନୁବାଦ ପ୍ରସଙ୍ଗରେ ଚର୍ଚ୍ଚା କରାଯାଇଛି। ଚତୁର୍ଥ ପରିଚ୍ଛେଦରେ ଜୟନ୍ତ ମହାପାତ୍ର ଓ ମନୋଜ ଦାସଙ୍କ ସହ ସାକ୍ଷାତ୍କାର ବହିଟିକୁ ପୁଷ୍କଳ କରିଛି। ଦୃଷ୍ଟିକୋଣର ଭିନ୍ନତା ଓ ପ୍ରସଙ୍ଗର ବିବିଧତା ଦୃଷ୍ଟିରୁ ଆଲୋଚ୍ୟ ପୁସ୍ତକଟି ଓଡ଼ିଆ ସମାଲୋଚନା ସାହିତ୍ୟରେ ଏକ ସମୟୋପଯୋଗୀ ସଂଯୋଗ।

### ଓଲଟପୁର





**ଲେଖକ:** ବିରଜା ରାଉତରାୟ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍ସ, ଡବ୍‌ଲିନ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ଉପନ୍ୟାସଟିର କଳେବର ୧୧୧ ପୃଷ୍ଠାର, ତଥାପି ଏହାକୁ ଉପନ୍ୟାସ ନ କହି ଲେଖକ କହିଛନ୍ତି 'ଉପନ୍ୟାସିକା' (ପ୍ରଚ୍ଛଦଲେଖ)। 'ଓଲଟପୁର' ପରି କୃତ୍ରିମ ଅଙ୍ଗନ୍ୟାସ ଓ ସେବା ଚିକିତ୍ସାର ଏକ ବିଶ୍ୱସନୀୟ ପ୍ରତିଷ୍ଠାନ ହେଉଛି ଉପନ୍ୟାସର ପ୍ରସଙ୍ଗ। ଦୁର୍ଘଟଣା ଓ ନାନା ପ୍ରତିକୂଳ ସ୍ଥିତିର ଶିକାର ହୋଇ ଭିନ୍ନକ୍ଷମ ହୋଇଯାଇଥିବା ଲୋକଙ୍କର ଆଶାର କେନ୍ଦ୍ରଭାବେ ଲେଖକ 'ଓଲଟପୁର' ଉପନ୍ୟାସଟିକୁ ଗଢ଼ି ତୋଳିଛନ୍ତି। ସୀମାଦ୍ରି ଓ ତା'ର ସେବିକା ବିଦ୍ୟୁ ଉପନ୍ୟାସର ମୁଖ୍ୟ ଚରିତ୍ର ହୋଇଥିଲେ ବି ଏଥିରେ ଥିବା ଅନ୍ୟ ଚରିତ୍ର ଯଥା- ରୋନି, ରୋହିତ, କାଳିଆ, ଅର୍ପିତା, ଐଶ୍ୱର୍ଯ୍ୟା ଓ ବିଭୂତିବାବୁ ଆଦିଙ୍କ ଉପଲବ୍ଧି ଗ୍ରନ୍ଥର କାହାଣୀକୁ ଜୀବନ୍ତ ଓ ପ୍ରେରଣାମୟ କରିଛି। ଓଲଟପୁରର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ହାଡ଼ଭଙ୍ଗା, ସ୍ନାୟବିକ ତ୍ରୁଟି, ମେରୁଦଣ୍ଡ ଆଘାତ, ମସ୍ତିଷ୍କାଘାତ ଓ ପକ୍ଷାଘାତ ଆଦି ରୋଗର ଚିକିତ୍ସା ସଫଳତାର ସହ କରାଯାଏ। ଯେତେବେଳେ ଜୀବନର ସବୁ ଆଶା ତୁଟିଯାଏ, ଓଲଟପୁର ହୋଇଉଠେ ଜୀବନର ନୂଆ ସୂର୍ଯ୍ୟୋଦୟ। ଓଲଟପୁର ନିର୍‌ତାର୍‌ର ପୁନର୍ବାସ କେନ୍ଦ୍ରରେ ସୀମାଦ୍ରିର ପ୍ରଥମ ସକାଳ। ବ୍ୟକ୍ତିଗତ ସେବିକା ବିଦ୍ୟୁଲତା ସୀମାଦ୍ରିକୁ ବସାଇ ହୁଇଲ୍‌ଚେୟାରକୁ ଆଗକୁ ଗଡ଼ାଇ ନେଉନେଉ କହୁଛି: "ଦିଦି, ମୁହଁରେ ଟିକେ ଛୋଟ ସ୍ମାଇଲ୍ ତ ଦିଅନ୍ତୁ! ଆଜିଠୁଁ ଆପଣଙ୍କର ଥେରାପି ନୂଆ ଆରମ୍ଭ ହେବ। ଦେଖିବେ, ଆପଣ ସିନା ଆସିଲାବେଳେ ଏଠାକୁ ହୁଇଲ୍‌ଚେୟାରରେ ବସିକି ଆସିଥିଲେ, କିନ୍ତୁ ଗଲାବେଳକୁ ବହୁତ କିଛି ବଦଳି ଯାଇଥିବ। ମୋ ମନ କହୁଛି ସେମିତି କିଛି ଗୋଟେ ନିଶ୍ଚୟ ହେବ।" ନିରକ୍ଷ ଜନଙ୍କ ଭିତରେ ସାହସ, ଭରସା ଓ ଆଶାର ଚମକ ଭରିଦିଏ ଉପନ୍ୟାସଟି। ପ୍ରଚ୍ଛଦଲେଖରେ କୁହାଯାଇଛି: "ଓଲଟପୁର ଏକ ଜୀବନ ଦର୍ଶନ। ଏଠି ଜୀବନ ଯେତିକି ଅସହାୟ, ସେତିକି ସମ୍ଭାବନାମୟ।" ଉପନ୍ୟାସଟି ବିରଜାଙ୍କ ସୃଜନଯାତ୍ରାର ଏକ ନୂଆ ମାଇଲଷ୍ଟୋନ୍।

## କାଳକାଳକୁ

**"ତମେ ଯଦି ସମସ୍ତେ ପଢୁଥିବା ବହି ପଢୁଛ,
ତେବେ ସମସ୍ତେ ଯାହା ଭାବନ୍ତି,
କେବଳ ତାହା ହିଁ ଭାବିବ।"
-ହାରୁକି ମୁରାକାମି**



**ହାରୁକି ମୁରାକାମିଙ୍କ** ଜନ୍ମ ୧୨ ଜାନୁଆରୀ ୧୯୪୯ରେ ଜାପାନର କ୍ୟୋଟୋରେ। ସେ ଏକାଧାରରେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ଅନୁବାଦକ। ବିଶ୍ୱର ପଚାଶରୁ ଅଧିକ ଭାଷାରେ ତାଙ୍କ ସାହିତ୍ୟ ଅନୂଦିତ ହୋଇଛି। ଜାପାନୀ ଭାଷା-ସାହିତ୍ୟର ସବୁଠୁଁ ଅଧିକ ବିକ୍ରିତ ପୁସ୍ତକର ସେ କାଳଜୟୀ ରଚୟିତା। ବିଶ୍ୱ ସାହିତ୍ୟକୁ ଅମୂଲ୍ୟ ଅବଦାନ ପାଇଁ ଅନେକ ପୁରସ୍କାର ଓ ସମ୍ମାନରେ ସେ ପୁରସ୍କୃତ ହୋଇଛନ୍ତି; ଯହିଁରେ ଅନ୍ତର୍ଭୁକ୍ତ 'ଗୁନ୍‌ଜୋ ନବଲେଖକ ପୁରସ୍କାର', 'ୟୋମିୟୁରି ପୁରସ୍କାର', 'ଫ୍ରାଙ୍କ ଓ କନୋର ଅନ୍ତର୍ଜାତୀୟ କଥା ପୁରସ୍କାର', 'ନୋମା ସାହିତ୍ୟ ପୁରସ୍କାର', 'ଫ୍ରାନ୍‌ଜ କାଫ୍‌କା ପୁରସ୍କାର', 'ଗୁଡ୍ ରିଡ୍‌ସ ଚଏସ୍ ପୁରସ୍କାର', 'ଜେରୁଜେଲମ୍ ପୁରସ୍କାର' ଓ 'ପ୍ରିନ୍‌ସେସ୍ ଅଫ ଅଷ୍ଟୁରିୟାସ୍ ପୁରସ୍କାର'। ତାଙ୍କର ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି- 'ନରୱେଜିଆନ୍ ଉଡ୍'(୧୯୮୭), 'କାଫ୍‌କା ଅନ୍ ଦ ସୋର୍'(୨୦୦୨); 'ମ୍ୟାନ୍ ୱିଦାଉଟ୍ ଓମେନ୍' (୨୦୧୪)। ହାରୁକିଙ୍କ ପ୍ରଥମ ଉପନ୍ୟାସ 'ହିଅର ଦ ଉଇଣ୍ଡ୍ ସିଙ୍ଗ୍' ପ୍ରକାଶ ପାଇଥିଲା ୧୯୭୯ରେ। ସେ କହନ୍ତି: "ମୁଁ ସ୍ୱପ୍ନ ଦେଖେ ଓ ଭାବେ ଏହା ହିଁ ଏକମାତ୍ର କରିବା ଲାଏକ କାମ।"

## କବିତା

### ଭୁଲିଯିବାର ବେଳ

**ଡ. ଅନିଲ ନନ୍ଦ**

ସେମାନେ ଭୁଲିଗଲେଣି ସେଦିନଠୁ
ନଈ ସୁଅରେ ଭାସିଯିବା ପରେ
ଚିକ୍‌ଚିକ୍ ଛିଟ ରଙ୍ଗର ଶାର୍ଟ
ପିନ୍ଧି ଆସୁଥିବା ବହୁଦିନର
ଚଉଡ଼ା ବାଟା ଚପଲ।

ଖାଲି ସେମାନେ ନୁହଁ
ଅଭିଯାନରେ ବାହାରିଥିବା
ପାଖ ଓ ଦୂର ଲୋକମାନେ ବି
ଭୁଲିଯାଆନ୍ତି କିଛି ନା କିଛି
ବର୍ଷାରେ ଧୋଇଯିବା ପରେ ଝାଳ
ଖରାରେ ଶିଝିଯିବା ପରେ ରକ୍ତ।

କିଛି କ୍ଷତରେ କଅଁଳି ଆସେ ଚର୍ମ
କିଛି ପଙ୍କରେ ଫୁଟୁଥାଏ ପଦ୍ମ
କିଛି ଦୁର୍ଗ ସାଜେ ଭଗ୍ନାବଶେଷ
ଆଉ ଯାହା ଦେହସୁହା ଘରକରଣା
ଚାଲିଯାଏ ମହାବାତ୍ୟା ମୁହଁକୁ।

ଅନେକ କଥା ରଖିହୁଏନି ମନେ
ଘଷିମାଜି ଦେଉଥିବା ସୁଖ ବା ଦୁଃଖ
ଆପଣାପଣର ନଥିପତ୍ର।
ଯେତେଥର ଫେରାଇ ଅଣାଯାଏ
ଟଙ୍ଗାହେଇଥିବା ଆଇନାରୁ ମୁହଁ
ସେତେଥର ଉଙ୍କିମାରେ ଘା'
ବୋହିପଡ଼େ ପୋଷେ ପୂଯ
ସଂଚରିଯାଏ ପୂତିଗନ୍ଧ
ସେତେଥର ପାହାଡ଼ ହେଇ
ମୁଣ୍ଡ ଟେକେ କେବେକାର ଚିତ୍କାର।

କେତେ କ'ଣ ଭୁଲିଗଲା ପରେ ବି
ହଜାରେ ଘଟଣାର ଘନଘଟା,
କେହି ଭୁଲିପାରନ୍ତି ନାହିଁ
ନିଜ ପାଖରେ ଅନ୍ତତଃ ନିଜକୁ
ନିଜ ସଙ୍ଗେ ଯୋଡ଼ି ହେଉଥିବା
ନିଜ ନବଜାତ ପରିଚୟମାନଙ୍କୁ।

ଆସ୍ତେ ଆସ୍ତେ ଭୁଲିଯିବା ବେଳକୁ ହିଁ
ମନେପଡୁଥାଏ ବାରମ୍ବାର
ନିଜେ ନିଜ ପ୍ରିୟତମ ଈଶ୍ୱର।
ମୋ: ୯୯୩୭୮୪୩୩୬୯

### ହଜିବାର ଭୟ

**ଶୁଭସ୍ମିତା ତ୍ରିପାଠୀ**

କିଛି ପାଇବାର ଜିଦ୍ କରେନି ସେ
ତା' ରଫ୍‌ଖାତାର
ଅଧାଲେଖା କବିତାରୁ ବୁଝିଥିଲି
ବେଳ ଅବେଳରେ କିନ୍ତୁ
କିଛି ହରେଇବାର ଭୟ ତାକୁ ଖୁବ୍ ଘାରେ
ସେ କିଛି ଭିତରେ ହୁଏତ ଥିବ
କୋଇଲିମାନଙ୍କୁ ପାଳୁଥିବା
ତା' ବାରିପଟ ଗଛଡାଳର ସେ କାଉବସା,
ହଳେ ଜଉ କଣ୍ଢେଇଙ୍କ ଦେହକରେ
ମହମ ଭଳି ତରଳି ଯାଉଥିବା ଦିନ,
କିଛି ପ୍ରିୟତମ ନିଃଶବ୍ଦତା,
ତା' କବିତା ଡାଏରୀ ଭିତରେ
ନିଶ୍ଚିନ୍ତରେ ଶୋଇଯାଇଥିବା
ସେ ନୀଳ ପ୍ରଜାପତି
ଥାଇପାରେ ବି, ସେ ଭୟମାନଙ୍କ ଭିତରେ
କେବେ ଆଉ ତାରାମାନେ ନ ଫୁଟିବାର
ଜହ୍ନହଜା ରାତି!

ଶବ୍ଦ ହୁଏନି, ତମେ ଭାଙ୍ଗ ସ୍ୱପ୍ନର କାଚ,
ଜଳେଇଦିଅ ମେଘଙ୍କୁ ଡାକୁଥିବା ସବୁଜ ଜଙ୍ଗଲ,
ଲିଭେଇଦିଅ ସୂର୍ଯ୍ୟ, ଛିଣ୍ଡେଇନିଅ କଇଁ,
ପଙ୍କରେ ପୋତିଦିଅ ପୋଖରୀ,
କି ଫୁଲମାନଙ୍କୁ ହତ୍ୟାକରି
କାଚ ଶିଶିରେ ସାଇତିନିଅ ଅତର

କିଛି ହରେଇବାର ଭୟ ଥିଲାଯାକ କିନ୍ତୁ
ମଲାଡାଳରେ ପତ୍ର କଅଁଳିବାର ପ୍ରତିଶ୍ରୁତି ନେଇ
ଏମିତି ଉତ୍ତରୁଥିବ ଭିଜିଲା କବିତାର ଧାଡ଼ି!
ମୋ: ୮୪୮୦୮୬୭୧୯୦

### ଗୀତି-କବିତା

### ପ୍ରୀତିଫୁଲ

**ସୁଜିତ କୁମାର ମିଶ୍ର**

ମୁଁ ଆଶା ସମ୍ଭାରେ ମଧୁ ମୋହାବିଷ୍ଟ
ଅୟୁତ ସୁଖର ଢେଉ,
ତୁମେ ତାରାଫୁଲ ମନ ଆକାଶରେ
ସପନର ମିଠାମହୁ।

ଦିନର ଦୁର୍ବାର ତାତିରେ ତୁମେ ମୋ
ଦରଦୀ ବନ୍ଧୁର ଗୀତି,
ମଳୟ ଛୁଆଁରେ ମୁଁ କଲ୍ଲୋଳ କାବ୍ୟ
କ୍ଳାନ୍ତିହୀନ ପ୍ରଜାପତି।

ମୁଁ ହଜାଇ ମୋତେ ତମକୁ ପାଇଛି
ମମତାର ବନ୍ଧନରେ,
ବୋଧେ ସେଥିପାଇଁ ଭରା ବଇଶାଖେ
ଭିଜୁଛି ମୁଁ ବରଷାରେ।

ଆମ ଗାଆଁ ଦେଇ
ତମେ ଯେବେ ଯାଅ
ବୁଣି ପୀରତିର ବୀଜ,
ମୋତେ ଲାଗେ ପୁଣି ଫଗୁଣ ଫେରିଛି
ହୋଇ ରଙ୍ଗ ସଜବାଜ।
ମୋ: ୭୬୮୩୮୬୬୭୪୨

## ଶୀତସ୍ମୃତି

**ଲଘୁ ଗଳ୍ପ**

**ପ୍ରଫୁଲ୍ଲ ବାରିକ**

ଗ୍ରୀଷ୍ମରେ ଜଳିଛି। ଉତ୍ତାପରେ ସିଝିଛି। ଦେହର ଝାଳକୁ ପୋଛିଚି ପଣତକାନିରେ। ଛଟପଟ ହେଇଚି ପଳେ ଶୀତଳତା ପାଇଁ। ଆସିଚି ବର୍ଷା। ଭିଜିଛି। ପାଣି ସରସର ଘରୁ ବାହାର। ବାହାରିପାରିନି ପଦାକୁ। ଆଇଁଷିଣିଆ ଗନ୍ଧରେ ଫାଟିପଡ଼ିଛି ନାକ। ବର୍ଷା ପରେ ଭେଟିଛି ଶରତକୁ। ଶିଶିରର ସ୍ପର୍ଶ ପାଇ ହେଇଚି ବିମୋହିତ। ଏସବୁ ଭିତରେ କେବେ ତମେ ଆସିନ ସ୍ମୃତିକୁ ମୋର। କେବେ ବି। ଭୁଲିଯାଇଛି ସେମାନଙ୍କ ସାନ୍ନିଧ୍ୟ ପାଖରେ ତମକୁ। ତମ ସହ ବିତିଥିବା ଦିନକୁ। କହିପାର ମୋତେ ସ୍ୱାର୍ଥପର। ବିଟପୀ। ଶୁଣିବାକୁ ପ୍ରସ୍ତୁତ ମୁଁ। ଏଇଥିପାଇଁ ଯେ ତମେ ମୋ' ନିଜର। ବନ୍ଧା ଆମର ଜୀବନ ଆରମ୍ଭରୁ ଏବଂ ବନ୍ଧାଥିବ ଜନ୍ମଯାକ। ମୃତ୍ୟୁରେ ତୁଟିବ ସମ୍ପର୍କ। ସେମାନଙ୍କ ସହ ସମ୍ପର୍କ ଅଢ଼େଇ ଦିନର। ପରଦେଶୀ ଚଢ଼େଇ ସେମାନେ। ନୂଆ ନୂଆ ଆଦର ଅନେକ।

ଶୀତ ଆସିଲେ ତମେ ମନେପଡ଼। ଖାଲି ମନେପଡ଼ ନାଇଁ, ଅସଲରେ ଲୋଡ଼ାପଡ଼। ତମ ଆଲିଙ୍ଗନର ଆଶ୍ଲେଷ ଆଉ ମିଳେନା କୋଉଠୁ। ମିଳିବାର ପ୍ରଶ୍ନ ଉଠେନା। ଛୁଇଁବା ତ ଦୂର ତମ ସନ୍ନିକଟରେ ଚରିଯାଏ ଦେହଠୁ ମନରେ ଉତ୍ତାପ। ବର୍ଫିଳ ଥଣ୍ଡାରେ କମ୍ପୁଥିବାବେଳେ ଶରୀର, କୋଳ ମାରିଯାଉଥିବା ବେଳେ ହାତଗୋଡ଼, ତମ ଆଲିଙ୍ଗନ ଭରିଦିଏ ଦେହରେ ଉତ୍ତାପ। ଖସିଯାଏ ଦେହରୁ ଚାଦର। ମଥାରୁ ସ୍କାର୍ଫ। ଅସହନୀୟ ଉତ୍ତାପରେ ଶୀତରେ ବି ଝାଳକଣ୍ଟି ଭିଜିଯାଏ ବ୍ଲାଉଜ। ଢିଲାକରି ଅଙ୍ଗବସନ ହେବାକୁ ପଡ଼େ ସହଜ। ନ ହେଲେକି ରହିହୁଏ ତମ ପାଖରେ! ତମଠୁ ପାଇବା ମୂଲ୍ୟରେ ଦେବାକୁ ମୋ' ପାଖରେ କିଛି ନ ଥାଏ। କେଇଖଣ୍ଡ କାଠ, କି ଝଟା ଦି'ଖଣ୍ଡର ଦାନକୁ ଛାଡ଼ି। ଗୋବର ମାଟିର ଲେପଟିଏରେ ତମେ ଉଲ୍ଲସି ଉଠ। ବାସ୍, ସେତିକି ତୁମର ପ୍ରାପ୍ୟ। ତା'ଠୁ ଅଧିକ କିଛି ନୁହେଁ। ମୁଁ ଜାଣେ, ତମେ ଦେବାରେ ଦାନୀ। ନେବାରେ ନିରାସକ୍ତ। ସେଥିପାଇଁ ସୁଖରେ ଦୁଃଖରେ ସମ୍ପର୍କ ତମ ସହ ଜନ୍ମରୁ। ତମେ ଦୁଃଖୀର ବନ୍ଧୁ। ସୁଖୀର ବି ସାଥୀ। ସମ୍ପର୍କ ତମସହ ସଭିଙ୍କର ଜନ୍ମ ଜନ୍ମାନ୍ତରର। ହେ ମୋର ହାଣ୍ଡିଶାଳର ମାଟିଚୁଲି, ପାରିଛି କିଏ ତୁମକୁ ଭୁଲି? ନା ପାରିବି ମୁଁ? ଆଉ ଯେତେସବୁ ଚକଚକ ଚହଟଚିକ୍କଣ,



ଦେବାର ଦାମ୍ ନିଅନ୍ତି ସେବାଠୁ ଅଧିକ। ସେଥିପାଇଁ ସମ୍ପର୍କ ସେମାନଙ୍କ ଥିଲାବାଲାଙ୍କ ସହ। ନ ଥିଲାବାଲାଙ୍କ ଦୁଆର ମାଡ଼ନ୍ତିନି। ତମେ ଦୁଃଖୀର ସାଥୀ। ଅଭିମାନ କ୍ରୋଧରହିତ ତମର ନିଷ୍କଳଙ୍କ ଚରିତ୍ର। ପଡ଼ିଥାଅ ଅପଚରା। ଧୂଳି ଅଳନ୍ଧୁ ଭିଡ଼ରେ। ଲୋଡ଼ାପଡ଼ ଶୀତରେ। ଆଉ କାହାର ହେଉ ନ ହେଉ, ମୋର କିନ୍ତୁ ଶୀତର ସାଥୀ ତମେ। ତମେ ମୋ' କମ୍ବଳ। ତମେ ମୋ' ରେଜେଇ। ତମେ ସ୍କାର୍ଫ ମଥାର। ତମେ ମୋ' ସ୍ୱେଟର। ମୋଟେ ରାଗିବନି। ଆଠମାସ ଯୁଆଡ଼େ ଗଲେବି ଚାରିମାସ ମୁଁ ଗୋଟାପଣେ ତମର। କେବଳ ତମର। ସମ୍ପର୍କ ଆମର ପରା ଜନ୍ମ ଜନ୍ମାନ୍ତରର।

– ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ Bhubaneswar, Saturday, January 10/ 2026




# ଓଡ଼ିଶା ମହିଳା ଟାଇଟଲ ବଜାୟ ରଖିଲେ

**ଖେଲୋ ଇଣ୍ଡିଆ ବିଚ୍ ସକ୍କର**

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ମହିଳା ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨-୧ ଗୋଲରେ ଗୁଜରାଟକୁ ହରାଇ ଟାଇଟଲ ବଜାୟ ରଖିଛି। ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ମଧ୍ୟ ଓଡ଼ିଶା ଚାମ୍ପିୟନ ହୋଇଥିଲା।

ଓଡ଼ିଶା-ଗୁଜରାଟ ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚର ୧୩ଶ ମିନିଟରେ ମନୀଷା ନାଏକ ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ମାତ୍ର ଅଗ୍ରଣୀକୁ ଅଧିକ ସମୟ ବଳବତ୍ତର ରଖିପାରି ନ ଥିଲା ଓଡ଼ିଶା। ଗୋଟିଏ ମିନିଟ ପରେ ଅର୍ଥାତ୍ ୧୪ଶ ମିନିଟରେ ଗୁଜରାଟର ଭୂମିଶା ଡ୍ରାଭିଡ ଗୋଲଟି ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚର ୧୬ଶ ମିନିଟରେ ସୁମିତ୍ରା ହେମ୍ବ୍ରମ ଓ ୨୭ତମ ମିନିଟରେ ମନୀଷା ୟେଲୋ କାର୍ଡ ପାଇଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖି ଲଢୁଆ ପ୍ରଦର୍ଶନ କରିଥିବା ଓଡ଼ିଶା ପକ୍ଷରୁ ୨୮ତମ ମିନିଟରେ ଖୁଦୋଙ୍ଗବାମ ଅମ୍ବାଲିକା ଏକ ଗୋଲ ଦେଇ ଓଡ଼ିଶାକୁ ପୁଣି ଅଗ୍ରଣୀ କରିଥିଲେ। ଏହି ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧଲାଗି ଗୁଜରାଟ ଦଳ ବହୁ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ରକ୍ଷଣଭାଗ ତାହାକୁ ହେବାକୁ ଦେଇ ନ ଥିଲା। ପ୍ରତିଯୋଗିତାରେ ଅପରାଜେୟ ରହିବା ସହ ଓଡ଼ିଶା ଚାମ୍ପିୟନ ହୋଇଛି। ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ୧୧-୩ ଗୋଲରେ ହରାଇଥିବା ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚରେ ଅରୁଣାଚଳ ପ୍ରଦେଶକୁ ୮-୪ ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲରେ ସେହି ଅରୁଣାଚଳ ପ୍ରଦେଶକୁ ୭-୦ ଗୋଲରେ ହରାଇ ଓଡ଼ିଶା ଫାଇନାଲରେ ପ୍ରବେଶ କରିଥିଲା।


ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ।

# ଗୁରୁଙ୍ଗଙ୍କୁ ରୌପ୍ୟ



ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଡିଉର ଘୋଘଲା ବିଚ୍‌ରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ ସିଲାଟ ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ଲାସ-ସି (୫୫-୬୦ କେଜି) ଟାଣ୍ଡିଙ୍ଗ୍ ଇଭେଣ୍ଟରେ ସୋହିଲ ଗୁରୁଙ୍ଗ ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ମହିଳା ରେଗୁ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଥିଲେ ଓଡ଼ିଶା ଦଳ। ଏହି ଦଳରେ ପିୟୁ ଦାସ, ବସୁନ୍ଧରା ତଣ୍ଡି ଓ ଉମାବତୀ ପାତ୍ର ସଦସ୍ୟା ଥିଲେ। ବିଚ୍ ଗେମ୍ସରେ ଓଡ଼ିଶା ପେନ୍‌ଚାକ ସିଲାଟ ଦଳର ଏହା ପ୍ରଥମ ସ୍ୱର୍ଣ୍ଣ ଥିଲା। ପ୍ରଥମ ସଂସ୍କରଣରେ ଦଳ ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇ ନ ଥିଲା। ଏଥର ଅନୁଷ୍ଠିତ ପୁରୁଷ ରେଗୁ ଟିମ୍ ଇଭେଣ୍ଟରେ ଓଡ଼ିଶା ଦଳ ବ୍ରୋଞ୍ଜ ଜିତି ପଦକ ସଂଖ୍ୟା ବଢ଼ାଇଛି। ରାହୁଲ ସା, ସୋନି ସେମିଲା ଓ ଅଂଶୁମାନ ଭୌମିକ ଓଡ଼ିଶା ଦଳର ସଦସ୍ୟ ଥିଲେ।

# ବନିତାଙ୍କୁ ୩ ରୌପ୍ୟ ପଦକ

**ଅସ୍ମିତା ଭାରୋତ୍ତୋଳନ**

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଉତ୍ତର ପ୍ରଦେଶର ମୋଦିନଗରଠାରେ ଆରମ୍ଭ ହୋଇଥିବା ଅସ୍ମିତା ଭାରୋତ୍ତୋଳନ ଲିଗ୍ ଜାତୀୟ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ବନିତା ନାଏକ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳିକା ୪୮ କେଜି ଯୁବ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବନିତା ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୭୮ ଏହିପରି ମୋଟ ୧୩୮ କେଜି ଉତ୍ତୋଳନ କରି ୩ ରୌପ୍ୟ ଜିତିଛନ୍ତି। ପ୍ରତ୍ୟେକ ବର୍ଗ ଲାଗି ତାଙ୍କୁ ୧୨,୦୦୦ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହାଇପରଫର୍ମାନ୍ସ ସେଣ୍ଟରରେ ବନିତା ଅଭ୍ୟାସ କରୁଛନ୍ତି। ୩ ପଦକ ବିଜୟୀ ବନିତାଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।


ପଦକ ସହ ବନିତା ନାଏକ।

# ଉତ୍କଳ ଓପନ ଟେନିସ ଆରମ୍ଭ


ଉଦ୍‌ଘାଟନୀ ଉତ୍ସବରେ ଆୟୋଜକଙ୍କ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଛି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ସଭାପତି ଅସିତ ତ୍ରିପାଠି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ପିସିସିଏଫ୍ ଦେବଦତ୍ତ ବିଶ୍ୱାଳ, ଓଡ଼ିଶା ପୋଲିସ ଏଡିଜି ଦୟାଲ ଗଙ୍ଗୱାର, ଉତ୍କଳ ବିଲ୍ଡର୍ସ ନିର୍ଦ୍ଦେଶକ ଅମିତ ବୈଦ, ଟୁର୍ନାମେଣ୍ଟ କମିଟି ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର ଓ କ୍ଲବର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଦିବସ ଖେଳରେ ପ୍ରଭାବୀ ପ୍ରଦର୍ଶନ କରି ଏଓ.କେ. ଶାଜଫା, ସୁଶ୍ରୀ କର୍ମକାର, ତ୍ରିଶା ସାହୁ ଓ ସଂରଚନା ଦାସ ୧୪ ବର୍ଷରୁ କମ୍ ବାଳିକା ବର୍ଗ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାଲାଗି ମୋଟ ୩.୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରତି ବର୍ଗର ଚାମ୍ପିୟନଙ୍କୁ ଟ୍ରଫି ସହ ଯଥାକ୍ରମେ ୧୨,୦୦୦ ଓ ୮,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ।

# ଡବ୍ଲ୍ୟୁପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନୀ

ନଭି ମୁମ୍ବାଇ, ୯।୧

ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)୨୦୨୬ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମିସ୍ ୟୁନିଭର୍ସ ୨୦୨୧ ହର୍ନାଜ ସାନ୍ଧୁଙ୍କ ମହିଳା ସମାଜ ଉପରେ ପ୍ରଭାବ ପକାଇବା ଭଳି ପ୍ରେରଣାଦାୟକ ଭାଷଣ ସହ ଇଭେଣ୍ଟ ଆରମ୍ଭ ହୋଇଥିଲା। ତା'ପରେ ଅଭିନେତ୍ରୀ ଜାକ୍ଲିନ ଫର୍ନାଣ୍ଡିଜ ତାଙ୍କ ଡ୍ୟାନସିଂ ଗ୍ରୁପ୍ ସହ ଷ୍ଟେଜ୍ ସମ୍ଭାଳିଥିଲେ। ସେମାନେ ଫିଲ୍ମ 'କିକ୍'ର ଲୋକପ୍ରିୟ ଗୀତ 'ୟାର ନା ମିଲେ' କୁ ନେଇ ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ପରବର୍ତ୍ତୀ ସମୟରେ ଗାୟକ 'ୟୋ ୟୋ' ହନି ସିଂ ତାଙ୍କ ଆକର୍ଷଣୀୟ କାର୍ଯ୍ୟକ୍ରମ ଜରିଆରେ ଦର୍ଶକମାନଙ୍କ ମନକୁ ମୋହି ଥିଲେ। ମହିଳା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ମହିଳା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟିକା ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କୁ ନେଇ ତାଙ୍କ ବିଶେଷ କାର୍ଯ୍ୟକ୍ରମ 'ମିଲେନେୟର' ପରିବେଷଣ କରିଥିଲେ। ପରେ ସେ ନିଜେ ମଞ୍ଚ ଉପରକୁ ଆସି 'ପାୟଲ' ଶୀର୍ଷକ ଗୀତ ଗାଇଥିଲେ। ସୁପରଷ୍ଟାର ଜଣକ ସମ୍ପୂର୍ଣ୍ଣ ବ୍ଲାକ୍ ଆଉଟଫିଟ୍‌ରେ ଥିଲେ। ତାଙ୍କ 'ବ୍ଲୁ ଆଇ' ଓ ଲୁଙ୍ଗି ଡ୍ୟାନ୍ସ' କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଥିଲା। ଲୋକପ୍ରିୟ ଗୀତ 'ପାର୍ଟି ଅଲ୍ ନାଇଟ୍' ପରିବେଷଣ ବେଳେ ଜାକ୍ଲିନ୍ ଫର୍ନାଣ୍ଡିଜ ଓ ହର୍ନାଜ ସାନ୍ଧୁ ମଞ୍ଚ ଉପରକୁ ଆସି ତାଙ୍କ ସହିତ ଯୋଗ ଦେଇଥିଲେ।

# ମହିଳା ଏଚ୍‌ଆଇଏଲ୍ ଫାଇନାଲ ଆଜି

ରାଞ୍ଚି, ୯।୧ (ପି.ଟି.)

ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚ୍‌ଆଇଏଲ୍)ର ଫାଇନାଲ ଶନିବାର ଏସ୍‌ଜି ପାଇପର୍ସ ଓ ଶ୍ରାଚି ବେଙ୍ଗଲ ଟାଇଗର୍ସ ମଧ୍ୟରେ ଖେଳାଯିବ। ବିଜେତା ଦଳକୁ ୧.୫ କୋଟି ଟଙ୍କା ଏବଂ ରନର-ଅପ୍ ଦଳକୁ ୧ କୋଟି ଟଙ୍କାର ଆର୍ଥିକ ପୁରସ୍କାର ମିଳିବ। ତୃତୀୟ ସ୍ଥାନ ଅଧିକାର କରିଥିବା ରାଞ୍ଚି ରୟାଲ ୫୦ ଲକ୍ଷ ଟଙ୍କା ପାଇବ। ଡବ୍ଲ୍ୟୁଏଚ୍‌ଆଇଏଲର ଏହି ସିଜନରେ ମ୍ୟାଚଗୁଡ଼ିକ ତୀବ୍ର ପ୍ରତିଦ୍ୱନ୍ଦ୍ୱାତ୍ମକ ପରିଲକ୍ଷିତ ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ଏସ୍‌ଜି ପାଇପର୍ସ ଟେବୁଲ ଶୀର୍ଷରେ ରହିଥିବା ବେଳେ ଶ୍ରାଚି ବେଙ୍ଗଲ ଟାଇଗର୍ସ ଦ୍ୱିତୀୟ ସ୍ଥାନରେ ରହିଥିଲା। ପ୍ରତିଯୋଗିତାର ଏହି ଶ୍ରେଷ୍ଠ ଦୁଇ ଦଳ ଲିଗ୍ ପର୍ଯ୍ୟାୟରେ ପରସ୍ପରକୁ ଦୁଇଥର ଭେଟିଥିଲେ। ଉଭୟ ଥର ଶ୍ରାଚି ବେଙ୍ଗଲ ଟାଇଗର୍ସ ପେନାଲ୍ଟି ଶୁଟଆଉଟରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲ୍‌ରେ ଡ୍ର ରହିବା ପରେ ଶୁଟଆଉଟରେ ଟାଇଗର୍ସ ୪-୩ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ଗେମ୍ ଗୋଲ୍‌ଶୂନ୍ୟ ଡ୍ର' ରହିବା ପରେ ଶୁଟଆଉଟରେ ବେଙ୍ଗଲ ଟାଇଗର୍ସ ୭-୬ରେ ଜିତିଥିଲା। ତେବେ ଲିଗ୍ ପର୍ଯ୍ୟାୟ ପରିସଂଖ୍ୟାନ ଉପରେ ନଜର ପକାଇଲେ ଏସ୍‌ଜି ପାଇପର୍ସକୁ ଫେଭରାଇଟ ବୋଲି କୁହାଯାଇପାରେ। ଏହି ଦଳ ଟୁର୍ନାମେଣ୍ଟରେ ଦ୍ୱିତୀୟ ସର୍ବାଧିକ ୧୧ଟି ଗୋଲ୍ ସ୍କୋର କରିଛି। ପ୍ରଥମ ସ୍ଥାନରେ ରାଞ୍ଚି ରୟାଲ୍ସ (୧୩ ଗୋଲ୍) ରହିଛି। ପାଇପର୍ସ ଅଧିନାୟକ ନବନୀତ କୌର ଟୁର୍ନାମେଣ୍ଟରେ ବ୍ୟକ୍ତିଗତ ସର୍ବାଧିକ ୪ଟି ଗୋଲ୍ ସ୍କୋର କରିଥିବା ବେଳେ ଲୋଲା ରିରା (୩ଗୋଲ୍) ଓ ସୁନେଲିତା ଟପ୍ପୋ (୨ ଗୋଲ୍)ଙ୍କର ମଧ୍ୟ ଅବଦାନ ରହିଛି। ଜ୍ୟୋତି ସିଂ ଓ ମାଇରା ଟେରେସା ମଧ୍ୟ ଗୋଟିଏ ଲେଖାଏଁ ଗୋଲ୍ ଦେବାରେ ସଫଳ ହୋଇଛନ୍ତି। ଲିଗ୍‌ରେ ପାଇପର୍ସ ଦ୍ୱିତୀୟ ଶ୍ରେଷ୍ଠ ଡିଫେନ୍‌ସିଭ ରେକର୍ଡ ରହିଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ୯ଟି ଗୋଲ୍ ବରଣ କରିଛି। ଅନ୍ୟପକ୍ଷରେ ଶ୍ରାଚି ବେଙ୍ଗଲ ଟାଇଗର୍ସ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ସୁଦ୍ଧା ୭ ଗୋଲ୍ ସ୍କୋର କରିପାରିଛି। ତନ୍ମଧ୍ୟରୁ ୫ଟି ଅଗଷ୍ଟିନା ଗୋର୍ଜେଲାନିଙ୍କ ଗୋଲ୍ ରହିଛି। ବନ୍ଦନା କାଟାରିଆଙ୍କ ନେତୃତ୍ୱାଧୀନ ଏହି ଦଳରେ ଅନେକ ଅଭିଜ୍ଞ ଖେଳାଳି ରହିଛନ୍ତ, ଯାହାକି ଦଳର ବଡ଼ ସମ୍ବଳ।

# ଅନୁରାଧା ଏଆଇପିଏସ୍‌ଏସ୍‌ସିବି କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ


ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଗେନ୍ ବାତ୍ରାଙ୍କ ସହ ଅନୁରାଧା ବିଶ୍ୱାଳ।

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏଆଇପିଏସ୍‌ଏସ୍‌ସିବି)ର ୧୫ଶ ଏଜିଏମ୍ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ନିର୍ବିବାଦରେ ଏଆଇପିଏସ୍‌ଏସ୍‌ସିବିର କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ କରାଯାଇଛି। ବୋର୍ଡ ପକ୍ଷରୁ ଏ ସମ୍ପର୍କରେ ପତ୍ର ଯୋଗେ ଅନୁରାଧାଙ୍କୁ ଜଣାଇ ଦିଆଯାଇଛି। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ହର୍ଡଲ୍ସ କୁଇନ ଅନୁରାଧା। ''ଏହା ମୋ ପାଇଁ ବଡ଼ ସୁଯୋଗ ଏବଂ ଗୁରୁ ଦାୟିତ୍ୱ। କେବଳ ଆଥ୍‌ଲେଟିକ୍ସ ନୁହେଁ ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ହେବ। ମୁଁ ମଧ୍ୟ ନ୍ୟାଶନାଲ ଗେମ୍ସ ସଂଯୋଜକ ଏବଂ ଆଥ୍‌ଲେଟ୍ସ ସ୍କଲାରଶିପ୍ ସ୍କିମ୍‌ର ଚୟନ କମିଟି ସଦସ୍ୟ ଅଛି। ଏପରି ସୁଯୋଗ ମିଳିଥିବାରୁ ମୁଁ ମୋ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଧନ୍ୟବାଦ ଦେବି। ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଏକାଧିକ ଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛି'' ବୋଲି ନିଜ ପ୍ରତିକ୍ରିୟାରେ ଅନୁରାଧା ପ୍ରକାଶ କରିଛନ୍ତି।

**ମହିଳା ପ୍ରିମିୟର ଲିଗ୍**

# ମୁମ୍ବାଇ ଇଣ୍ଡିଆନ୍ସର ସମ୍ମାନଜନକ ସ୍କୋର

ନଭି ମୁମ୍ବାଇ, ୯।୧

ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଶୁକ୍ରବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଆରମ୍ଭ ହୋଇଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷ ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ସମ୍ମାନଜନକ ସ୍କୋର କରିଛି। ଆରମ୍ଭରେ ଧିମା ଖେଳିଥିଲେ ହେଁ ମୁମ୍ବାଇ ଦଳ ଏହି ମ୍ୟାଚରେ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଛି। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟିକା ସ୍ମୃତି ମନ୍ଧାନା। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଦଳର ବୋଲରମାନେ ପାୱାରପ୍ଲେ ୬ ଓଭରରେ ମାତ୍ର ୩୪ ରନ ବ୍ୟୟ କରିଥିଲେ। ୧୫ ଓଭରରେ ଯାଇ ମୁମ୍ବାଇ ସ୍କୋର ୧୦୦ ଛୁଇଁଥିଲା। ମାତ୍ର ପରବର୍ତ୍ତୀ ୫ ଓଭରରେ ଦଳ ୫୪ ରନ କରିବାରୁ ସ୍କୋର ୧୫୦ ଅତିକ୍ରମ କରିଥିଲା। ଦଳ ପକ୍ଷରୁ ସଜିଭନ ସଜନା ସର୍ବାଧିକ ୪୫, ନିକୋଲା କାରେ ୪୦ ଓ ଗୁନାଲାନ କମଲିନି ୩୨ ରନ କରିଥିଲେ। ଆରସିବି ବୋଲରଙ୍କ ମଧ୍ୟରେ ନାଦିନେ ଡି କ୍ଲର୍କ ସର୍ବାଧିକ ୪ଟି ଏବଂ ଲୌରେନ ବେଲ୍ ଓ ଶ୍ରୀୟଙ୍କା ପାଟିଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# କିଟ୍ ବାଳିକା, ବାଳକ ଟେନିସ ଦଳ ରନରଅପ୍

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

କୋଲକାତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଟେନିସ ଚାମ୍ପିୟନଶିପ୍‌ରେ କିଟ୍ ବାଳିକା ଓ ବାଳକ ଦଳ ରନରଅପ୍ ହୋଇଛି। ଏଥିସହିତ କିଟ୍ ବିଶ୍ୱବିଦ୍ୟାଳୟର ଏହି ଉଭୟ ଦଳ ସର୍ବଭାରତୀୟ ଏବଂ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାପାଇଁ ଯୋଗ୍ୟତା ଅର୍ଜନ କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ମଧ୍ୟ ଏହି ଯୋଗ୍ୟତା ମିଳିଛି। ଯୋଗ୍ୟତା ହାସଲ କରିଥିବା ସମସ୍ତ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ଅଲ୍ ଓଡ଼ିଶା କବାଡ଼ି ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ଅଲ ଓଡିଶା ପୁରୁଷ କବାଡି ପ୍ରିମିୟର ଲିଗ ଶୁକ୍ରବାର ଆରମ୍ଭ ହୋଇଛି। ଏହା ୩ ଦିନ ଧରି ପଟିଆ ଦୋଳ ମେଳଣ ପଡିଆରେ ଚାଲିବ। ଉଦଘାଟନୀ ମ୍ୟାଚରେ ରେନବୋ ବିଷ୍ଟ ୩୯-୨୯ରେ ଜୟ ମହାକାଳ ଦଳକୁ ପରାସ୍ତ କରିଛି। ଲିଗରେ ଭାଗ ନେଇଥିବା ଅନ୍ୟ ୪ ଦଳ ହେଲେ ଶ୍ରୀଦେବ ୱାରିୟର୍ସ,ମହାଦେବ ୱାରିୟର୍ସ, ପରି ରେଞ୍ଜର ଓ ମା' ମଙ୍ଗଳା ଫାଇଟର୍ସ। ଉଦଘାଟନୀ ସମାରୋହରେ ଏମ୍‌ପି ଅପରାଜିତା ମହାନ୍ତି,ଭାଜପା ଉପ ସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଲକ୍ଷ୍ମୀ ପ୍ରିୟା ପରିଡା, ସୁବାସ ଚନ୍ଦ୍ର ସାହୁ (ଜିଲ୍ଲା ସମ୍ପାଦକ ଯୁବମୋର୍ଚ୍ଚା), ପଟିଆ ଗ୍ରାମ ମଙ୍ଗଳ ସମିତିର ସମ୍ପାଦକ ସନ୍ତୋଷ ପରିଡା, ସଭାପତି ଚିତ୍ତରଞ୍ଜନ ପାତ୍ର, ଜୟନ୍ତୀ ଜେନା, ସଞ୍ଜୟ ସେଠୀ, କ୍ଲବ ସଭାପତି ସୁବାସ ପରିଡ଼ା, ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତିପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟରେ କବାଡି କ୍ରୀଡାର ବିକାଶ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଲିଗ ଆୟୋଜନ କରାଯାଇ ଆସୁଛି ବୋଲି ଜିତେନ୍ଦ୍ର କୁମାର ରାଉତ କହିଛନ୍ତି।



ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

# ସର୍ବଭାରତୀୟ ବେସାମରିକ କ୍ୟାରମ୍ ପାଇଁ ଚୟନ

ଭୁବନେଶ୍ୱର, ୯।୧ (ତପନ ସ୍ୱାଇଁ)

ସର୍ବଭାରତୀୟ ବେସାମରିକ କ୍ୟାରମ୍ ପ୍ରତିଯୋଗିତା ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଫେବୃଆରୀ ୧୭ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ମହିଳା ଓ ପୁରୁଷ ଦଳର ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ୧୧ ତାରିଖରେ ୟୁନିଟ-୨ସ୍ଥିତ ରିକ୍ରିଏଶନ କ୍ଲବରେ ଅନୁଷ୍ଠିତ ହେବ। ଏଥିରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଅଧିକ ବିବରଣୀ ଲାଗି ହରପ୍ରସାଦ ବିଶ୍ୱାଳ, ମୋତିଲାଲ କାଲୋ, ବାମନ ଚରଣ ପ୍ରତିହାରୀ କିମ୍ବା ସୁରେଶ ଚନ୍ଦ୍ର ଦାସଙ୍କୁ ଯୋଗାଯୋଗ କରାଯାଇପାରିବ ବୋଲି ଓଡ଼ିଶା ସେକ୍ରେଟାରିଏଟ ଏମ୍ପ୍ଲଇଜ୍ ଆଥ୍‌ଲେଟିକ୍ ଆସୋସିଏଶନର କ୍ରୀଡ଼ା ସମ୍ପାଦକ ନୃସିଂହ ଚରଣ ପୃଷ୍ଟି ଜଣାଇଛନ୍ତି।

# ସେମିରେ ସିନ୍ଧୁ

କୁଆଲାଲମ୍ପୁର, ୯।୧ (ପି.ଟି.)

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କି ରେଡ୍ଡୀ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୦/୨୦୨୬ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 10/2026 | Page 16 | ₹ 7.00

୫୨ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 48 | ମୂଲ୍ୟ₹୭/-









ଇରାନରେ ପ୍ରତିବାଦର ନୂଆ ଟ୍ରେଣ୍ଡ୍: ଜଣେ ମହିଳା ସିଗାରେଟ୍ ନିଆଁ ଲଗାଇ ସର୍ବୋଚ୍ଚ ଧର୍ମୀୟ ନେତା ଆୟାତୋଲା ଅଲି ଖାମେନେଇଙ୍କ ଫଟୋକୁ ପୋଡୁଛନ୍ତି। ଏହା ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟ୍‌ଫର୍ମରେ ଭାଇରାଲ ହୋଇଛି। (ରିପୋର୍ଟ: ପୃଷ୍ଠା–୮)

# ଫୋନ୍ କଲେନି, ଭୁଶୁଡ଼ିଲା ଚୁକ୍ତି

## ଭାରତ ସହ ଚୁକ୍ତି ଅଟକିବାର କାରଣ କହିଲେ ଆମେରିକା ବାଣିଜ୍ୟ ସଚିବ

ନୂଆଦିଲ୍ଲୀ,୯।୧ (ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ୍ କଲେ ନାହିଁ ବୋଲି ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଭୁଶୁଡ଼ିଗଲା ବୋଲି ଆମେରିକା କମର୍ସ ସେକ୍ରେଟାରି ହୋୱାର୍ଡ ଲ୍ୟୁଟ୍‌ନିକ୍ କହିଛନ୍ତି। ଭାରତ–ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ଲ୍ୟୁଟ୍‌ନିକ୍‌ଙ୍କ ଏହି ମନ୍ତବ୍ୟ ପରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତେବେ ମୋଦି ଓ ଟ୍ରମ୍ପ ୨୦୨୫ରେ ୮ ଥର କଥା ହୋଇଥିଲେ ବୋଲି ନୂଆଦିଲ୍ଲୀ ପକ୍ଷରୁ କୁହାଯିବା ସହ ଲ୍ୟୁଟ୍‌ନିକ୍‌ଙ୍କ ମନ୍ତବ୍ୟକୁ ଖଣ୍ଡନ କରାଯାଇଛି।

ଆମେରିକା ବାଣିଜ୍ୟ ସଚିବ ଲ୍ୟୁଟ୍‌ନିକ୍ ଶୁକ୍ରବାର ଅଲ୍-ଇନ୍ ପୋଡ୍‌କାଷ୍ଟକୁ ସାକ୍ଷାତ୍‌କାର ଦେଇ କହିଛନ୍ତି, ୱାଶିଂଟନ୍ ସହ ବାଣିଜ୍ୟ ଚୁକ୍ତି କରିବା ନେଇ ନୂଆଦିଲ୍ଲୀ ଅନେକ ଥର ସୁଯୋଗକୁ ହାତଛଡ଼ା କରିଛି। ଗତବର୍ଷ ପ୍ରାରମ୍ଭରେ ଟ୍ରେଡ୍ ନେଗୋସିଏଟରମାନେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ପନ୍ନ ପାଇଁ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ୍ କଲ୍ କରି ନ ଥିଲେ। ନୂଆଦିଲ୍ଲୀ 'ଟ୍ରେନ୍ ମିସ୍' କରିବା ପରେ ପ୍ରାରମ୍ଭିକ ଆଲୋଚନା ବେଳେ ପାରସ୍ପରିକ ଟିକସ ହ୍ରାସ ପାଇଁ ଦାବି କରିଥିଲା।

୨୦୨୫ ଅଗଷ୍ଟରେ ଟ୍ରମ୍ପ ଭାରତ ☞ପୃଷ୍ଠା–୪







# ୯ ଅନଶନକାରୀଙ୍କୁ ଅଟକ ପ୍ରତିବାଦ: ମହିଳାଙ୍କ ଥାନା ଘେରାଉ

- ଶିଳିପୁରଠାରେ ଅଣ୍ଡରପାସ୍‌ର ଉଚ୍ଚତା ବୃଦ୍ଧି ଘଟଣା
- ମାର୍ଶାଘାଇ ଥାନା ଅଞ୍ଚଳରେ ଲାଗିଲା ବିଏନ୍‌ଏସ୍ ଧାରା ୧୬୩
- ଶାନ୍ତିଶୃଙ୍ଖଳା ପାଇଁ ୪ ପ୍ଲାଟୁନ ପୋଲିସ ମୁତୟନ



ମାର୍ଶାଘାଇ ଥାନା ଘେରାଉ କରିଥିବା ମହିଳାପୁରୁଷ ଓ ଛାତ୍ରୀମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

**କେନ୍ଦ୍ରାପଡ଼ା/ ମାର୍ଶାଘାଇ, ୯।୧ (ଜଗନ୍ନାଥ ଧଳ/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ନିର୍ମାଣାଧୀନ ଚଣ୍ଡିଖୋଲ-ପାରାଦୀପ ୫୩ ନଂ. ଜାତୀୟ ରାଜପଥର କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇରେ ଜନ ଅସନ୍ତୋଷ ଉଗ୍ର ରୂପ ନେଇଛି। ଶିଳିପୁର ଅଣ୍ଡରପାସ୍ ପୋଲ ଅଧିକ ଉଚ୍ଚତା କରିବାକୁ ଚାଲିଥିବା ଗଣଧାରଣାସ୍ଥଳରୁ ୯ଜଣଙ୍କୁ ମାର୍ଶାଘାଇ ପୋଲିସ ଶୁକ୍ରବାର ଉଠାଇନେଇଛି। ଏହାର ପ୍ରତିବାଦରେ ଆଖପାଖ ଅଞ୍ଚଳର ପ୍ରାୟ ୧୫ଟି ଗ୍ରାମର ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ସକାଳ ୮ଟାରୁ ମାର୍ଶାଘାଇ ଥାନା ଘେରାଉ କରିଛନ୍ତି। ଅଟକ ବ୍ୟକ୍ତିଙ୍କୁ ତୁରନ୍ତ ମୁକୁଳାଇବା ସହ ନିର୍ମାଣାଧୀନ ଅଣ୍ଡରପାସ୍ ପୋଲର ଉଚ୍ଚତା ବୃଦ୍ଧି ଦାବି ରଖିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଥାନା ଅଞ୍ଚଳରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୬୩ ଜିଲା ପ୍ରଶାସନ ପକ୍ଷରୁ ଲାଗୁ କରାଯାଇଛି। ଅପରପକ୍ଷରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ନେତୃତ୍ୱରେ ୪ ପ୍ଲାଟୁନ ପୋଲିସ ବଳ ମୁତୟନ ହୋଇଛନ୍ତି।

ଏ ସମ୍ପର୍କରେ ଆନ୍ଦୋଳନରେ ସାମିଲ ଶିକ୍ଷାବିତ୍ ଭିକାରୀ ଚରଣ ବେହେରା କହିଛନ୍ତି, ଶିଳିପୁର ଛକ ଗ୍ରାମାଞ୍ଚଳ ଲୋକଙ୍କ ଯାତାୟାତ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଛି। ଆଖପାଖର ୧୫ଟି ରାଜସ୍ୱ ଗ୍ରାମର ଅଧିବାସୀଙ୍କ ଯାତାୟାତ ସହ ଦୈନନ୍ଦିନ ପରିବହନ ଏହି ଛକ ମଧ୍ୟ ଦେଇ ହେଉଛି। ଏବେ ଜାତୀୟ ରାଜପଥ ନିର୍ମାଣ ଚାଲିଛି। ତେବେ ଏଠାରେ ଥିବା ଅଣ୍ଡରପାସ୍ ପୋଲକୁ ଏକ ଭୁଲ୍ ନକ୍ସା ମାଧ୍ୟମରେ ନିର୍ମାଣ ହେଉଛି। ପୋଲର ଉଚ୍ଚତା ବୃଦ୍ଧି ନ ହେଲେ ପରିବହନ କାର୍ଯ୍ୟରେ ବାଧା ଆସିବ। ଏହାର ଉଚ୍ଚତା ବୃଦ୍ଧି ଆବଶ୍ୟକ। ପୋଲ ନିର୍ମାଣ ସମୟରେ ଏ ନେଇ ଅଞ୍ଚଳବାସୀ ବାରମ୍ବାର ଜିଲା ପ୍ରଶାସନ, ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନୁରୋଧ ଓ ଦାବି ସତ୍ତ୍ୱେ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ବିରୋଧକରି ଗତ ୫ ତାରିଖଠାରୁ ଶାନ୍ତିପୂର୍ଣ୍ଣ ଭାବେ ମାର୍ଶାଘାଇ ଶିଳିପୁର ଛକଠାରେ ଗଣଧାରଣା ଚାଲିଛି। ତେବେ କୌଣସି କାରଣରୁ ଗଣଧାରଣା ସ୍ଥଳରୁ ଏଥିରେ ସାମିଲ ଥିବା ଗୌରାଙ୍ଗ ଚରଣ ବେହେରା, ଅଶ୍ୱିନୀ କୁମାର ଦାସ, ରୋହନ ଧନରାଜ ଯାଦବ, କୃତ୍ତିବାସ ମଲ୍ଲିକ, ବୀରେନ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ଚନ୍ଦ୍ରଶେଖର ଯାଦବ, ଜିତେନ୍ଦ୍ର ବେଉରା ଓ ଗୌତମ ପ୍ରଧାନଙ୍କୁ ପୋଲିସ ଉଠାଇନେଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳର ମହିଳାପୁରୁଷମାନେ ଥାନାରୁ ଅଟକ ବ୍ୟକ୍ତିଙ୍କୁ ତୁରନ୍ତ ମୁକୁଳାଇବାକୁ ନିବେଦନ କରିଛନ୍ତି। ଗତ ୪ ଦିନ ଧରି ଗଣଧାରଣା ପରେ ୫ମ ଦିନରେ ଜିଲା ପ୍ରଶାସନର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ମତ ରଖିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜେ. ପି. ବର୍ମାଙ୍କୁ ପଚାରିବାରେ ଶିଳିପୁରଠାରେ ପୂର୍ବରୁ ଏକ ଗଳିପୋଲ ଥିଲା। ଏହି ପୋଲ ବାଟ ଦେଇ ଗୋମହିଷାଦି ଯାତାୟାତ କରିଥାନ୍ତି। ଲୋକଙ୍କ ଯାତାୟାତ ଓ ପରିବହନ କାର୍ଯ୍ୟ ପାଇଁ ନିକଟସ୍ଥ ପେଟ୍ରୋଲ ଟାଙ୍କି ଛକରେ ବଡ଼ ଅଣ୍ଡରପାସ୍ ପୋଲ ଅଛି। ଏହି ପଥ ଦେଇ ସମସ୍ତ କାର୍ଯ୍ୟ ହୋଇପାରିବ। ଅପରପକ୍ଷରେ ଶିଳିପୁରଠାରୁ ମାତ୍ର ଶହେ ମିଟର ମଧ୍ୟରେ ଏକ ପୋଲ ରହୁଛି। ଏହାକୁ ଦୃଷ୍ଟିରେ ରଖିଲେ ଶିଳିପୁରଠାରେ ଅଧିକ ଉଚ୍ଚତା ବିଶିଷ୍ଟ ପୋଲ ନିର୍ମାଣ ବୈଷୟିକ ଦୃଷ୍ଟିକୋଣରୁ ସମ୍ଭବ ନୁହେଁ। ଏ ସମ୍ପର୍କରେ ଗଣଧାରଣାକାରୀଙ୍କୁ ବୁଝାଯାଇଥିବା ସେ କହିଛନ୍ତି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଗୌଡ଼ଙ୍କୁ ପଚାରିବାରେ ଗତ ୫ ତାରିଖଠାରୁ ଚାଲିଥିବା ଏହି ଗଣଧାରଣାର ରୂପରେଖ ଗୁରୁବାର ବଦଳିଯାଇଛି। ପ୍ରାୟ ୭ ଘଣ୍ଟା ଧରି ସେମାନେ ରାଜପଥ ଅବରୋଧ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆନ୍ଦୋଳନକାରୀଙ୍କୁ ଥାନାରେ ଅଟକ ରଖାଯାଇଛି। ଏଥିସହ ରାଜପଥ ଅବରୋଧକାରୀଙ୍କ ନାମରେ ନଂ.୧୧।୨୬ରେ ମାମଲା ରୁଜୁ ହୋଇଛି। ଅଟକ ବ୍ୟକ୍ତିମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ପୋଲିସ ଛାଡ଼ି ଦେଇଛି। ଶୁକ୍ରବାର ପୂର୍ବାହ୍ନରେ ମହିଳାପୁରୁଷମାନେ ଥାନା ଘେରାଉ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଥାନା ଅଞ୍ଚଳକୁ ବିଏନ୍‌ଏସ୍ ଧାରା ୧୬୩ରେ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ପରିସ୍ଥିତି ଏବେ ଜିଲା ପୋଲିସର ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି। ମାର୍ଶାଘାଇ ଅଣ୍ଡରପାସ ଉଚ୍ଚା କରିବା ଦାବିରେ ଚାଲିଥିବା ଅନଶନ ସାମୟିକ ଭାବେ ସ୍ଥଗିତ ରହିଥିବା ସୂଚନା ମିଳିଛି।

## ନକଲି ନିଯୁକ୍ତିପତ୍ର ଦେଇ ୧୫ ଲକ୍ଷ ଟଙ୍କା କାରବାର

- ଘଟଣାରେ ଜଡ଼ିତ ଜଣେ ଗିରଫ, ଜଣେ ଫେରାର
- ଅପହରଣ ମାମଲାରେ ୨ କୋର୍ଟ ଚାଲାଣ

**ମହାକାଳପଡ଼ା, ୯।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ଗିରଫ ମନୋରଞ୍ଜନ ତ୍ରିପାଠୀ, ଅଜୟ ତ୍ରିପାଠୀ ଓ ରବୀନ୍ଦ୍ର ସ୍ୱାଇଁ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନରେ ନକଲି ନିଯୁକ୍ତିପତ୍ର ଦେଇ ୧୫ ଲକ୍ଷ ଟଙ୍କା କାରବାର ଘଟଣାରେ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣେ ଫେରାର ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ପୃଥକ୍ ଭାବେ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭/୨୬ ଓ ୧୮/୨୬ରେ ମାମଲା ରୁଜୁ କରିଥିବା ଆଇଆଇସି ମାନସ କୁମାର ମଲିକ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ମୂଳୁବସନ୍ତ ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଓ ରାଙ୍କି ଗ୍ରାମର ଅଖିଳ ସ୍ୱାଇଁ ଭାରତୀୟ ରେଳ ବିଭାଗ ନକଲି ନିଯୁକ୍ତିପତ୍ର ଓ ଆଇକାର୍ଡ ପ୍ରଦାନକରି ସ୍ଥାନୀୟ ବିଜୟନଗର ଗାଁର ମନୋରଞ୍ଜନ ତ୍ରିପାଠୀ ଓ ଅଜୟ ତ୍ରିପାଠୀଙ୍କଠାରୁ ୧୫ ଲକ୍ଷ ଟଙ୍କା ନେଇଥିଲେ। ପରେ ମନୋରଞ୍ଜନ ଓ ଅଜୟ ଫ୍ଲାଇଟ ଯୋଗେ କୋଲକାତାଠାରେ ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାହା ନକଲି ନିଯୁକ୍ତିପତ୍ର ଥିବା ସେମାନେ ଜାଣିବାକୁ ପାଇ ନିରାଶରେ ଘରକୁ ଫେରିଥିଲେ। ରବୀନ୍ଦ୍ର ଓ ଅଖିଳଙ୍କୁ ପଚାରିବାରେ ବହୁ ବଚସା ପରେ ୩ ଲକ୍ଷ ୩୦ ହଜାର ଟଙ୍କା ସେମାନଙ୍କୁ ଫେରାଇଥିଲେ। ଅବଶିଷ୍ଟ ଟଙ୍କା ଦେବା ନେଇ ରବୀନ୍ଦ୍ର ଓ ଅଖିଳ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ। ରବୀନ୍ଦ୍ର ସ୍ୱାଇଁ ବିଜୟନଗର ଗ୍ରାମ୍ୟ ବ୍ୟାଙ୍କରେ ହାଉସ୍ କିପର ଭାବେ କାର୍ଯ୍ୟ କରନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ବ୍ୟାଙ୍କ ଖୋଲିବା ପରେ ମନୋରଞ୍ଜନ ଓ ଅଜୟ ୨ ଲକ୍ଷ ଟଙ୍କା ରବୀନ୍ଦ୍ରଙ୍କଠାରୁ ନେଇ ଅପହରଣ କରିଥିବା ତାଙ୍କ ସ୍ତ୍ରୀ କାଞ୍ଚନ ସ୍ୱାଇଁ ଥାନାରେ ଅପରାହ୍ନରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ବିଜୟନଗର ଗ୍ରାମରୁ ମନୋରଞ୍ଜନ ଓ ଅଜୟଙ୍କୁ ଗିରଫକରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ମନୋରଞ୍ଜନ ଓ ଅଜୟ ୧୫ ଲକ୍ଷ ଟଙ୍କା ନେଇ ନକଲି ନିଯୁକ୍ତିପତ୍ର ପ୍ରଦାନ କରିବା ଅଭିଯୋଗରେ ରବୀନ୍ଦ୍ର ଓ ଅଖିଳଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ରବୀନ୍ଦ୍ରଙ୍କୁ ଗିରଫ କରିବା ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଖିଳ ସ୍ୱାଇଁ ଫେରାର ଥିବା ଜଣାପଡ଼ିଛି।

## ଫାଷ୍ଟଫୁଡ୍ ଦୋକାନ ଜାଳିଦେଲେ

**ଏରସମା, ୯।୧ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ରାମତରା ଗ୍ରାମର ମନସା ଦେବୀପୂଜା ପଡ଼ିଆରେ ୭ ତାରିଖ ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଳଖିଆ ବନେଇବାକୁ ମନା କରିବାରୁ ୩ ଅଭିଯୁକ୍ତ ଫାଷ୍ଟଫୁଡ ଦୋକାନ ଜାଳି ଦେଇଥିଲେ। ଏହି ଘଟଣାରେ ରାମତରା ଗ୍ରାମର ଜଗନ୍ନାଥ ଗିରି (୩୨)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ସହଯୋଗୀ ଫେରାର ହୋଇଯାଇଥିବା ଆଇଆଇସି ପ୍ରେମଜୀତ ଦାସ କହିଛନ୍ତି। ମନସା ଦେବୀ ପୂଜା ପଡିଆରେ ଯାତ୍ରା ଅନୁଷ୍ଠିତ ହେଉଥିଲା। ସେଠାରେ ଓଲରା ଗ୍ରାମର ଜଗନ୍ନାଥ ଗୁଡ଼ିଆ (୩୫) ଏକ ଫାଷ୍ଟ ଫୁଡ ଦୋକାନ କରିଥିଲେ। ଗତ ବୁଧବାର ରାତି ପ୍ରାୟ ୧୨ଟା ୩୦ରେ ୩ ଜଣ ଯୁବକ ସେଠାରେ ପହଞ୍ଚି ଗୁଡ଼ିଆଙ୍କୁ ଜଳଖିଆ ବନେଇବାକୁ କହିଥିଲେ। ମାତ୍ର ଗୁଡ଼ିଆ ମନା କରିବାରୁ ସେମାନେ ଉତ୍ତେଜିତ ହୋଇ ତାଙ୍କ ଦୋକାନରେ ନିଆଁ ଲଗେଇ ଦେଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବରପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ମାତ୍ର ସେତେବେଳକୁ ଗୋଟିଏ ସାଇକେଲ, ଆସବାବପତ୍ର, ଅନ୍ୟାନ୍ୟ ସାମଗ୍ରୀ ଆଦି ପୋଡି ଯାଇଥିଲା। ଏନେଇ ଗୁଡ଼ିଆ ଏରସମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୫/୨୬) ରୁଜୁ କରିଛି।

## ସ୍ତ୍ରୀଙ୍କୁ ନିର୍ଯାତନା: ସ୍ୱାମୀ ଗିରଫ

**ଏରସମା, ୯।୧ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଆମ୍ବିକି ପଞ୍ଚାୟତ ଅନ୍ତର୍ଗତ କାଙ୍କଣ ଗ୍ରାମରେ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗ ହୋଇଛି। ଏନେଇ ଅଭିଯୁକ୍ତ ସ୍ୱାମୀଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ମେଘବର୍ଣ୍ଣ ରାଉତ। ପ୍ରକାଶ ଯେ, କୌଣସି ଘଟଣାକୁ ନେଇ ମେଘବର୍ଣ୍ଣ ଓ ତାଙ୍କ ସ୍ତ୍ରୀ ବର୍ଷାରାଣୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମେଘବର୍ଣ୍ଣ ଓ ତାଙ୍କ ଭିଣୋଇ ଲୁଣି ପୋଖରୀ ଗ୍ରାମର ମାନସ ରାଉତ ଅଧିକାଂଶ ସମୟରେ ବର୍ଷାରାଣୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିବା ନେଇ ଏରସମା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ.୧୭/ ୨୬) ରୁଜୁ କରିବା ସହ ମେଘବର୍ଣ୍ଣ ଓ ତାଙ୍କ ଭିଣୋଇ ମାନସଙ୍କୁ ଗିରଫ କରିଛି।

## ଚାଷୀଙ୍କ ଜମାଖାତାରୁ ଉଠାଇ ନିଆଗଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

**ଆଳି, ୯।୧ (ବନମାଳୀ ସେନାପତି)**

**ବ୍ୟାଙ୍କ ମ୍ୟାନେଜର, କର୍ମଚାରୀଙ୍କ ନାମରେ ଥାନାରେ ଏତଲା**

କେନ୍ଦ୍ରାପଡ଼ା ଜିଲା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ଋଣ ଟଙ୍କା କାରବାରକୁ ନେଇ ଦୁର୍ନୀତିରେ ଉବୁଟୁବୁ ହେଉଛି। ଜୁଆଣିଆ ଗ୍ରାମର ୧୩୨ ଜଣ ଚାଷୀଙ୍କ ଅଜାଣତରେ ସେମାନଙ୍କ ଆକାଉଣ୍ଟରୁ ୧କୋଟି ଟଙ୍କା ଉଠାଇ ନିଆଯାଇଥିବା ଆଳି ଥାନାରେ ବ୍ୟାଙ୍କର ମ୍ୟାନେଜର ଓ କର୍ମଚାରୀଙ୍କ ନାମରେ ଶୁକ୍ରବାର ଏତଲା ଦିଆଯାଇଛି। ଜୁଆଣିଆ ଗ୍ରାମର ପ୍ରଶାନ୍ତ ସାମଲଙ୍କ ସହିତ ଶତାଧିକ ଚାଷୀ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୨୦୨୫ ଡିସେମ୍ବର ୧୯ରେ ଗ୍ରାମର ୧୩୨ଜଣ ଚାଷୀଙ୍କୁ ୮୦ହଜାର ଟଙ୍କା ଲେଖାଏ କୃଷି ଋଣ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ପକ୍ଷରୁ ମଞ୍ଜୁର ହୋଇ ସେମାନଙ୍କ ଆକାଉଣ୍ଟରେ ଜମା ହୋଇଥିଲା। ଋଣ ହେବାର ୨୦ଦିନ ପରେ ଜାନୁଆରୀ ୮ ସନ୍ଧ୍ୟାରେ ଜଣେ ପରେ ଜଣେ ଚାଷୀଙ୍କ ଆକାଉଣ୍ଟରୁ ଋଣ ଟଙ୍କା ଉଠିଯାଇଥିବା ମୋବାଇଲ ଫୋନ୍‌କୁ ମେସେଜ ଆସିଥିଲା। ଏ ନେଇ କେତେଜଣ ଚାଷୀ ବ୍ୟାଙ୍କ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ବ୍ୟାଙ୍କ ମ୍ୟାନେଜରଙ୍କୁ ପଚାରିବା ନିମନ୍ତେ କହିଥିଲେ। ଶୁକ୍ରବାର ପୂର୍ବାହ୍ନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଚାଷୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖାରେ ପହଞ୍ଚି କ'ଣ ପାଇଁ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ନିଆଗଲା ବୋଲି ପ୍ରଶ୍ନ କରିବା ପରେ ମ୍ୟାନେଜର ନ ଥିବାରୁ ଅନ୍ୟ କର୍ମଚାରୀମାନେ ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ପ୍ରାୟ ଘଣ୍ଟାଏ କାଳ ଚାଷୀମାନେ ବ୍ୟାଙ୍କ ଘେରାଉ କରିବା ପରେ ପୋଲିସ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଚାଷୀମାନେ କ'ଣ ପାଇଁ ସେମାନଙ୍କ ଆକାଉଣ୍ଟରୁ ଟଙ୍କା କଟିଲା ସେମାନଙ୍କ ପାସ୍‌ବୁକ୍ ଚେକ୍ କରିବା ଜିଦ୍‌ରେ ଅଟଳ ରହିବାରୁ ପୋଲିସର ପରାମର୍ଶକ୍ରମେ ବ୍ୟାଙ୍କ ପକ୍ଷରୁ କେତେଜଣ ଚାଷୀଙ୍କ ପାସ୍‌ବୁକ୍ ଷ୍ଟେଟ୍‌ମେଣ୍ଟ ଦିଆଗଲା। ପାସ୍‌ବୁକ ଷ୍ଟେଟ୍‌ମେଣ୍ଟରେ ଭୁଲ୍‌ବଶତଃ ସେମାନଙ୍କ ଆକାଉଣ୍ଟରେ ଟଙ୍କା ଯାଇଥିବାରୁ ତାହା ଉଠାଇ ନିଆଯାଇଥିବା ଦେଖି ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ୧୩୨ ଜଣ ଚାଷୀଙ୍କ ଆକାଉଣ୍ଟକୁ ଭୁଲ୍‌ବଶତଃ କିଭଳି ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆସିଲା ଓ ଟଙ୍କା ଆସିବାର ୨୦ ଦିନ ପରେ ଚାଷୀଙ୍କ ଅଜାଣତରେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠିଯିବା ଘଟଣାରେ ବ୍ୟାଙ୍କ ମ୍ୟାନେଜରଙ୍କ ଭୂମିକା ଉପରେ ସନ୍ଦେହକରି ଚାଷୀମାନେ ଆଳି ଥାନାରେ ବ୍ୟାଙ୍କ ମ୍ୟାନେଜର ଓ ଅନ୍ୟ କର୍ମଚାରୀଙ୍କ ନାମରେ ଏତଲା ଦେଇଛନ୍ତ। ଏ ନେଇ ବ୍ୟାଙ୍କ ମ୍ୟାନେଜର ବ୍ୟାଙ୍କରେ ଅନୁପସ୍ଥିତ ଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ପୋଲିସ ନିକଟରେ ଅଭିଯୋଗ ପହଞ୍ଚିଛି। ତେବେ ଚାଷୀମାନଙ୍କ ନାମରେ ଋଣ ହେବା, ଆକାଉଣ୍ଟରେ ଟଙ୍କା ଆସିବା ଓ ଟଙ୍କା ଆସିବାର ୨୦ ଦିନରେ ଟଙ୍କା ଉଠିଯିବା ଘଟଣା ପଛରେ କ'ଣ କାରଣ ରହିଛି, ପ୍ରକୃତ ରହସ୍ୟ କ'ଣ ତାହା ଅଧିକ ତଦନ୍ତ ହେଲେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ତୁରନ୍ତ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ନିମନ୍ତେ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଧୀରଜ ଲେଙ୍କାଙ୍କୁ ପଚାରିବାରେ ମାମଲା ରୁଜୁ ହୋଇନାହିଁ। ସୋମବାର ଚାଷୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଡକାଯାଇଛି। ସେମାନେ ଆସିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।



ବ୍ୟାଙ୍କ ପରିସରରେ ଚାଷୀମାନେ ନିଜର ପାସ୍‌ବୁକ୍ ଯାଞ୍ଚ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହ୍ରିତିକ



@ ଗୌରହରି



@ ଶୁଭେନ୍ଦୁ



@ ବିଭୂତି



@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଧୀକ୍ଷଣ ଯନ୍ତ୍ରୀଦ୍ୱୟଙ୍କୁ ଜବାବ ତଲବ

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

- ମରାମତି, ରକ୍ଷଣାବେକ୍ଷଣ ନାମରେ ବ୍ୟାପକ ଅନିୟମିତତା

**ଯାଜପୁର, ୯।୧ (ହର୍ଷବର୍ଦ୍ଧନ ବେହେରା)**




ଗ୍ରାମାଞ୍ଚଳ ସହିତ ସହରାଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅନେକ ଯୋଜନା ମାଧ୍ୟମରେ ବିପୁଳ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପକ୍କା ରାସ୍ତାଗୁଡ଼ିକ ନିର୍ମାଣ ହେଉଛି। ସମ୍ପ୍ରତି ଦୀର୍ଘସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ନିୟମିତ ବ୍ୟବଧାନରେ ରକ୍ଷଣାବେକ୍ଷଣ ଓ ମରାମତି ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଏବଂ ଆନ୍ତରିକତାର ଅଭାବ ସହିତ ଦୁର୍ନୀତିଖୋର ମନୋଭାବ ଯୋଗୁ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆବଣ୍ଟିତ ସରକାରୀ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଅଧୀନରେ ୩୪୨.୮୪ କି.ମି. ଦୈର୍ଘ୍ୟ ବିଶିଷ୍ଟ ୧୦୦ଟି ପିଏମ୍‌ଜିଏସ୍‌ୱାଇ ରାସ୍ତାର ନିୟମିତ ରକ୍ଷଣାବେକ୍ଷଣ ବାବଦରେ ମାତ୍ର ୨୩.୩୧% ଏବଂ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ ଅଧୀନ ୯୫.୫୮ କି.ମି. ଦୈର୍ଘ୍ୟ ୨୩ଟି ରାସ୍ତାର ରକ୍ଷଣାବେକ୍ଷଣ ଖର୍ଚ୍ଚ ମାତ୍ର ୧୨.୩୨% ଖର୍ଚ୍ଚ ହୋଇପାରିଛି। ଏଭଳି ଅନିୟମିତତା ଯୋଗୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗର ମୁଖ୍ୟଯନ୍ତ୍ରୀ (ପିଏମ୍‌ଜିଏସ୍‌ୱାଇ) ୭।୧।୨୦୨୬ରେ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀଦ୍ୱୟଙ୍କୁ ୭ ଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଉକ୍ତ କାରଣ ଦର୍ଶାଅ ନୋଟିସରେ ସମ୍ପୃକ୍ତ ଯନ୍ତ୍ରୀମାନଙ୍କର କର୍ତ୍ତବ୍ୟରେ ଗୁରୁତର ଅବହେଳାକୁ ପ୍ରତିଫଳିତ କରେ ଏବଂ ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ ନାହିଁ ବୋଲି ଚେତାବନୀ ଦିଆଯାଇଛି।

ପିଏମ୍‌ଜିଏସ୍‌ୱାଇ ମରାମତି ନାଁରେ ୨୦୨୫-୨୬ ବର୍ଷରେ ଜିଲାର ଦୁଇ ଡିଭିଜନ ତଥା ଯାଜପୁର-୧ରେ ୩୧୨.୬୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ୬।୧।୨୦୨୫ ସୁଦ୍ଧା ମାତ୍ର ୭୨.୬୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ଜାରକା ଡିଭିଜନ-୨ରେ ୧୧୯.୭୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ମାତ୍ର ୧୪.୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଛି। ଏଥିରୁ ପିଏମ୍‌ଜିଏସ୍‌ୱାଇ ରାସ୍ତାଗୁଡ଼ିକର ମରାମତି ପାଇଁ ବିଭାଗୀୟ ଅଧିକାରୀ କେତେ ତତ୍ପର ତାହା ଜଳଜଳ ହୋଇ ଦିଶୁଛି। ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟର ନିୟମିତ ନିର୍ଦ୍ଦେଶ ସତ୍ତ୍ୱେ ଅଧୀକ୍ଷଣ ଯନ୍ତ୍ରୀମାନେ ସମୟସୂଚୀ ଅନୁଯାୟୀ ବିଲ୍ ଏବଂ ଭାଉଚର ପ୍ରକ୍ରିୟାକରଣ କରିବାକୁ ପଛଘୁଞ୍ଚା ଦେଉଛନ୍ତି, ଯାହା ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟରେ କମ୍ ଖର୍ଚ୍ଚର ପ୍ରମୁଖ କାରଣ। ଏହାବାଦ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସ୍ତରରେ ବହୁସଂଖ୍ୟକ ପ୍ରକଳ୍ପ ପଡ଼ିରହିଛି, ଯାହା ରାସ୍ତାଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ବହୁଳ ଭାବେ ପ୍ରଭାବିତ କରୁଛି। ଏହା ଏକ ଗମ୍ଭୀର ଚିନ୍ତାର ବିଷୟ। ଏଥିଯୋଗୁ ଭାରତ ସରକାରଙ୍କ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା କର୍ତ୍ତବ୍ୟ ପାଳନ କରିବାରେ ଘୋର ଅବହେଳାକୁ ଦର୍ଶାଏ ବୋଲି ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାସହ ୨।୮।୨୦୨୫ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ରକ୍ଷଣାବେକ୍ଷଣରେ ଅବହେଳା ପ୍ରଦର୍ଶନ କରିଥିବା ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ୧୦।୭।୨୦୨୫ ପରେ ନିୟମିତ ଯାଞ୍ଚ କରିବାରେ ବିଫଳ ହୋଇଥିବା ଇଞ୍ଜିନିୟରମାନଙ୍କ ଦରମା ବନ୍ଦ କରାଯିବ ଏବଂ ଯଦି ସେମାନେ ଏପର୍ଯ୍ୟନ୍ତ ଅନୁପାଳନ କରି ନ ଥାନ୍ତି, ତେବେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହାସହିତ ଜଣାପଡିଛି ଯେ, ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେସନ ୟୁନିଟ୍ (ପିଆଇୟୁ)ଗୁଡ଼ିକ ପାଖରେ ଅନୁମୋଦନ ପାଇଁ ବହୁସଂଖ୍ୟକ ଭାଉଚର ବାକି ରହିଛି। ତେଣୁ ସମସ୍ତ ଭାଉଚର ମଞ୍ଜୁର କରିବା ସହ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ତୁରନ୍ତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଡିଏଫ୍‌ଓଙ୍କ ବଦଳି ପରେ ଚପିଗଲା ତଦନ୍ତ

- ରେଞ୍ଜ କାର୍ଯ୍ୟାଳୟରେ ୮ ମାସରୁ ଊର୍ଦ୍ଧ୍ୱ ଧରି ଚାଲିଥିଲା ଫର୍ନିଚର ୟୁନିଟ୍
- ପ୍ରସ୍ତୁତ ହେଉଥିଲା ଖଟ, ଡାଇନିଂ ଟେବୁଲ, କବାଟ, ଝରକା
- କାଠ ଉପକରଣ ଭୁବନେଶ୍ୱର ଚାଲାଣ ହୋଇଥିବା ଅଭିଯୋଗ

ନୟାଗଡ଼,୯।୧(ଲୋକନାଥ ମିଶ୍ର)




ନୟାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ବଢ଼େଇମାନେ ଫର୍ନିଚର ନିର୍ମାଣ କରୁଥିବାର ଦୃଶ୍ୟ।

ନୟାଗଡ ବନଖଣ୍ଡ ନୟାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ପ୍ରାୟ ୮ ମାସ ଧରି ଫର୍ନିଚର ୟୁନିଟ ଚାଲିଥିଲାବେଳେ ଖଟ, ଡାଇନିଂ ଟେବୁଲ୍, କବାଟ, ଝରକା ପରି କାଠ ଉପକରଣ ଦିନବେଳା ତିଆରି ହେଉଥିଲା। ଏପରିକି କାଠ ଉପକରଣଗୁଡ଼ିକ ଭୁବନେଶ୍ୱର ଚାଲାଣ ହେଉଥିବା ଅଭିଯୋଗ ଉଠିଥିଲା। ଏଭଳି ଘଟଣା ଗଣମାଧ୍ୟମରେ ପ୍ରକାଶନ ପରେ ଘଟଣାକୁ ଚାପି ଦେବା ବନ ବିଭାଗର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି। ସମ୍ପୃକ୍ତ ଅନିୟମିତା ଘଟଣାର ୫ ମାସ ପରେ ବି ତଦନ୍ତ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତତ୍କାଳିନ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କ ବଦଳି ପରେ ତଦନ୍ତ ପ୍ରକ୍ରିୟା ଶୀତଳଭଣ୍ଡାରକୁ ଫୋପାଡ଼ି ଦିଆଗଲା ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷେ ନୟାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଫର୍ନିଚର ୟୁନିଟ୍ ପ୍ରସଙ୍ଗ ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଘଟଣାର ତଦନ୍ତ କରିବାକୁ ପିସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ପୂର୍ବରୁ ରେଞ୍ଜ କାର୍ଯ୍ୟାଳୟରୁ ଫର୍ନିଚର ୟୁନିଟ୍ ସ୍ଥାନାନ୍ତର ହୋଇଯାଇଥିଲା। ୨୦୨୫ ଜୁଲାଇ ୨୪ ସନ୍ଧ୍ୟାରେ ୨ଜଣ ଏସିଏଫ୍ ତଦନ୍ତ କରିବାକୁ ପହଞ୍ଚି ଥିଲେ। ତେବେ ନୟାଗଡ଼ ରେଞ୍ଜ କାର୍ଯ୍ୟାଳୟକୁ ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚିବା ପରେ ସେମାନଙ୍କୁ ଫଟୋ ଓ ଭିଜୁଆଲ ନେବାକୁ ବାରଣ କରାଯାଇଥିଲା। ସ୍ଥିତି ଏଭଳି ହୋଇଥିଲା ଜଣେ ଏସିଏଫ୍ ଘଟଣା ସମ୍ପର୍କରେ ଜାଣିନାହାନ୍ତି କହିଥିବା ବେଳେ ଅନ୍ୟ ଜଣେ ତଦନ୍ତକାରୀ ଅଧିକାରୀ ନୁହନ୍ତି ବୋଲି କହିଥିଲେ। ବହୁ ସମୟ ଧରି ଉଭୟ ଏସିଏଫ୍ ରେଞ୍ଜ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ମଧ୍ୟ କେବଳ ବସି ରହି ପଳାଇ ଯାଇଥିଲେ। ବନ ବିଭାଗର ଅନିୟମିତତାର ଗୁମର ଫିଟିଥିବାବେଳେ ଜୁଲାଇରେ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କ ବଦଳି ସବୁ କିଛି ଓଲଟପାଲଟ କରି ଦେଇଥିଲା। ଡିଏଫ୍‌ଓଙ୍କ ବଦଳି ପରେ ଦୁର୍ନୀତିର କ'ଣ ତଦନ୍ତ କରାଯିବ ନାହିଁ ବୋଲି ପ୍ରଶ୍ନ ଉଠିଛି।

ନୟାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଏକ ଫର୍ନିଚର ୟୁନିଟ ଖୋଲିଥିଲା। ଏଠାରେ ବନ ବିଭାଗର କ୍ୱାର୍ଟର୍ସ ଓ ବଙ୍ଗଳା ପାଇଁ ଖଟ, ଡାଇନିଂ ଟେବୁଲ୍, କବାଟ, ଝରକା ପରି କାଠ ଉପକରଣ ତିଆରି କରାଯାଉଛି ଦର୍ଶାଇ ମାସ ମାସ ଧରି କାଠ ଉପକରଣ ତିଆରି ହେଉଥିଲା। ପ୍ରାୟ ୮ ମାସ ଧରି ଅବାଧରେ ଫର୍ନିଚର ୟୁନିଟରେ ଶାଳ ଓ ଶାଗୁଆନରେ ବିଭିନ୍ନ ଉପକରଣ ପ୍ରସ୍ତୁତି ପରେ ବନବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଥିଲା। ଅଭିଯୋଗ ମିଳିବା ପରେ, ୨୦୨୫ ଜୁଲାଇ ୨୨ରେ ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚି ଫର୍ନିଚର ୟୁନିଟ ଚାଲିବା ଦେଖି ଭିଜୁଆଲ ଓ ଫଟୋ ଉତ୍ତୋଳନ କରିଥିଲେ। ରେଞ୍ଜ କାର୍ଯ୍ୟାଳୟରେ ଫର୍ଣ୍ଣିଚର ୟୁନିଟରେ ସୌଖିନ ବମ୍ବେ ପାଟନ ଖଟ, ଡ୍ରେସିଂ ଟେବୁଲ, କବାଟ, ଝରକା ପରି କାଠ ଉପକରଣ ତିଆରି କରାଯାଇଥିବା ଦେଖିବାକୁ ମିଳିଥିଲା। ପୁଣି ୩ଟି ବଖରାରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଶାଗୁଆନ ଓ ଶାଳ ପଟା ଏବଂ ବିଭିନ୍ନ ପ୍ରକାରର ଫର୍ନିଚର ଗଚ୍ଛିତ କରି ରଖାଯାଇଥିବା ଅନୁରୂପ ଭାବେ ଦେଖିବାକୁ ମିଳିଥିଲା। ସେହିପରି ୨ଟି ବଡବଡ କାଠ ଗଣ୍ଡି ଗଦା ରହିଥିବା ଦେଖିବାକୁ ମିଳିଥିଲା। ୫ରୁ ୬ କାଠ କାରିଗର ଉପକରଣ ତିଆରି କରିବାରେ ଲାଗି ପଡିଥିଲେ। ଫର୍ନିଚର ୟୁନିଟ ସମ୍ପର୍କରେ ନୟାଗଡ଼ ରେଞ୍ଜର ଅଶୋକ ସ୍ୱାଇଁଙ୍କୁ ପଚାରିବାରେ କହିଥିଲେ, କିଛିଦିନ ହେଲା ଫର୍ନିଚର ୟୁନିଟ ଚାଲିଥିଲା। ତେବେ କାଠ ଉପକରଣ ନିର୍ମାଣ ନେଇ ଯେଉଁ ତଥ୍ୟ ରଖିଥିଲେ ସେଥିରେ ୮ ମାସ କାର୍ଯ୍ୟ ଆବଶ୍ୟକତା ନ ଥିଲା। ବନ ବିଭାଗର କଥା ଓ କାମରେ ଫରକ ପରେ ସନ୍ଦେହ ସୃଷ୍ଟି ହୋଇଥିଲା। ରେଞ୍ଜରଙ୍କ ମତାମତ ନେଇ ଗଣମାଧ୍ୟମର ପ୍ରତିନିଧି ଫେରିବା ପରେ ଫର୍ନିଚର ୟୁନିଟକୁ ଲକ୍ କରି ଦିଆଯାଇଥିଲା। ପରେ ଜୁଲାଇ ୨୩ରେ ଫର୍ନିଚର ୟୁନିଟ ରେଞ୍ଜ କାର୍ଯ୍ୟାଳୟରେ ନ ଥିଲା। ଏପରିକି କାଠ ଗୁଣ୍ଡ, ପଟା, ସାଇଜ୍, କାଠର ବିଭିନ୍ନ ଉପକରଣ ଗାଏବ ହୋଇ ଯାଇଥିଲା। ଯାହାକି ବନ ବିଭାଗ ସନ୍ଦେହ ଘେରରେ ରହିଥିଲା। ତତ୍କାଳୀନ ଡିଏଫ୍‌ଓ କ୍ଷମା ଷଡଙ୍ଗୀ ଫର୍ନିଚର ୟୁନିଟ ସମ୍ପର୍କରେ ଗଣମାଧ୍ୟମକୁ କିଛି କହି ନ ଥିଲେ। ଅନ୍ୟପକ୍ଷେ ନୂଆ ଆସିଥିବା ଡିଏଫ୍‌ଓ ଦେବାର୍ଚ୍ଚନା ବେହେରା ମଧ୍ୟ ଫର୍ନିଚର ୟୁନିଟ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ହ୍ରିତିକ



@ ଗୌରହରି



@ ଶୁଭେନ୍ଦ୍ର



@ ବିଭୂତି



@ ବିଦ୍ୟାଭୂଷଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗଣଶିକ୍ଷା ମନ୍ତ୍ରୀଙ୍କ ପିଏମ୍‌ଶ୍ରୀ ସୋଲପଟା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ନୟାଗଡ଼, ୯।୧(ଲୋକନାଥ ମିଶ୍ର)

ନୟାଗଡ ଜିଲା ଓଡଗାଁ ବ୍ଲକ ପିଏମ୍‌ଶ୍ରୀ ସୋଲପଟା ଉଚ୍ଚ ବିଦ୍ୟାଳୟକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ପରିଦର୍ଶନ କରି ଫେରିଛନ୍ତି। ସ୍କୁଲରେ ପହଞ୍ଚି ପ୍ରଥମେ ସ୍କୁଲ ହତା ଭିତରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସହ ଖାଇବା ଓ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ କରି ଲାଇବ୍ରେରୀ କକ୍ଷ, ସାଇନ୍ସ ଲ୍ୟାବ୍, ସ୍ମାର୍ଟ କ୍ଲାସରୁମ ପରିଦର୍ଶନ କରିଥିଲେ। ଶ୍ରେଣୀ କକ୍ଷ ପରିଦର୍ଶନ କରିବାବେଳେ ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଦେଶର ପ୍ରଧାନ ମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନାମ ପଚାରିଥିଲେ। ସେହିପରି ସେ କିଏ ଚିହ୍ନିଛନ୍ତି କି କ'ଣ ପଚାରିଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ କ୍ଲାସରୁମରେ ପାଠ ପଢ଼ାଉଥିବା ସମୟରେ ମନ୍ତ୍ରୀ ପିଲାଙ୍କ ପାଖରେ ବସି ପାଠପଢ଼ାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ସାଇନ୍ସ ଲ୍ୟାବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ତିଆରି ହୋଇଥିବା ପ୍ରୋଜେକ୍ଟ ଦେଖିବା ସହ ସ୍କୁଲର ପରିବେଶକୁ ବୁଲି ଦେଖିଥିଲେ। ସେହିପରି ସ୍କୁଲରେ ଚାଲିଥିବା ଆମେ ପଢ଼ିବା ଆମେ ବଢ଼ିବା କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅନୁଧ୍ୟାନ କରିଥିଲେ। ଗଣେଶ ପୂଜାର ଝାଲେରିଗୁଡିକୁ କାଢି ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ନୟାଗଡ଼ ଜିଲା ଶିକ୍ଷାଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାପାତ୍ର ଓ ସ୍କୁଲ ପରିଚାଳନା ପରିଷଦ ସଭାପତି କୁବେର ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହିଥିଲେ। ସ୍କୁଲରେ ଖେଳ ପଡିଆ ନ ଥିବାରୁ ଏକ ଖେଳ ପଡିଆ ନିର୍ମାଣ ,ଡାଇନିଂ ହଲ, ସ୍କୁଲରେ ଅର୍ଦ୍ଧନିର୍ମିତ ହୋଇପଡିରହିବା ଗୃହଗୁଡିକ ସମ୍ପୂର୍ଣ୍ଣ କରାଯିବା ସହ ପିଏମ୍‌ଶ୍ରୀ ସ୍କୁଲକୁ ଏକ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି କରିବା ନିମନ୍ତେ ମନ୍ତ୍ରୀଙ୍କ ନିକଟରେ ମୋ ସ୍କୁଲର ସଭାପତି ସୁଶାନ୍ତ କୁମାର ଜେନା ଅନୁରୋଧ କରିଛନ୍ତି।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ନୟାଗଡ଼,୯।୧(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲାରେ ବିଭିନ୍ନ ଥାନାର ଇନ୍ସପେକ୍ଟରଙ୍କ ସ୍ତରରେ ଅଦଳବଦଳ ହୋଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ କାର୍ଯ୍ୟରତ ପ୍ରୀୟତମା ପ୍ରଧାନଙ୍କୁ ନୟାଗଡ଼ ସଦର ଥାନାକୁ ବଦଳି କରାଯାଇଥିବାବେଳେ ସଦର ଥାନା ଆଇଆଇସି ଶରତ ଚନ୍ଦ୍ର ସେଠୀଙ୍କୁ ଜିଲା କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟର କୃତ୍ତିବାସ ହରିଚନ୍ଦନଙ୍କୁ ଖଣ୍ଡପଡ଼ା ଥାନାକୁ ବଦଳି ହୋଇଥିବାବେଳେ ଅଜୟ ସାହୁଙ୍କୁ ଫତେଗଡ଼ ଥାନାର ଆଇଆଇସି ଭାବେ ବଦଳି କରାଯାଇଛି। ଫତେଗଡ଼ ଥାନାର ଅତିରିକ୍ତ ଆଇଆଇସି ପଞ୍ଚାନନ ପରିଡାଙ୍କୁ ନୟାଗଡ଼ ଟାଉନ ଥାନାର ଅତିରିକ୍ତ ଆଇଆଇସି ଭାବେ ନିଯୁକ୍ତି ମିଳିଛି। ସେହିଭଳି ଜିଲା ପୋଲିସ କାର୍ଯ୍ୟାଳୟର ଟଙ୍କଧର ଛତ୍ରିଆଙ୍କୁ ଗଣିଆ ଥାନାର ଆଇଆଇସି ଭାବେ ଓ ଗଣିଆ ଥାନାର ଆଇଆଇସି ଲକ୍ଷ୍ମଣ ଦଣ୍ଡସେନାଙ୍କୁ ମହିଳା ବିରୋଧରେ ଅପରାଧ ପାଇଁ ତଦନ୍ତ ୟୁନିଟ୍ (ଆଇୟୁସିଏଡବ୍ଲୁ) ନୟାଗଡ଼କୁ ବଦଳି କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟର ସତ୍ୟ ନାରାୟଣ ବାରିକଙ୍କୁ ଓଡ଼ଗାଁ ଥାନା ଆଇଆଇସି ଓ ଓଡ଼ଗାଁ ଥାନାର ଆଇଆଇସି ଅଭୟ ବେହେରାଙ୍କୁ ଚାନ୍ଦପୁର ଥାନା ଆଇଆଇସି ଭାବେ ବଦଳି କରାଯାଇଛି। ମହିଳା ବିରୋଧରେ ଅପରାଧ ପାଇଁ ତଦନ୍ତ ୟୁନିଟ୍ (ଆଇୟୁସିଏଡବ୍ଲୁ) ନୟାଗଡ଼ର ପରମାନନ୍ଦ ଦଳେଇଙ୍କୁ ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେଶନ(ସିସିଆଣ୍ଡ ଇଓଡବ୍ଲୁପିଏସ୍)କୁ ବଦଳି ହୋଇଛି। ଚାନ୍ଦପୁର ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କର ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେଶନ(ସିସିଆଣ୍ଡ ଇଓଡବ୍ଲୁ ପିଏସ୍)କୁ ବଦଳି ହୋଇଥିବାବେଳେ ଜିଲା ପୋଲିସ କାର୍ଯ୍ୟାଳୟର ଲିଜା ମଲ୍ଲିକଙ୍କୁ ନୟାଗଡ଼ ଟାଉନ ଥାନାର ଅତିରିକ୍ତ ଆଇଆଇସି ଭାବେ ଅବସ୍ଥାପିତ କରାଯାଇଛି। ଅନ୍ୟପକ୍ଷେ ଜିଲା ପୋଲିସ କାର୍ଯ୍ୟାଳୟର ସଂଘମିତ୍ରା ଚାନ୍ଦଙ୍କୁ ରଣପୁର ଥାନାର ଅତିରିକ୍ତ ଆଇଆଇସି ଓ ମିନତି କୁମାରୀ ନାୟକଙ୍କୁ ମହିଳା ସେଲ ନୟାଗଡ଼ ଓ ଜିଲା ମାନବାଧିକାର ସୁରକ୍ଷା ପ୍ରକୋଷ୍ଠକୁ ବଦଳି ହୋଇଛି।

# ଟ୍ରକ୍ ଧକ୍କାରେ ମହିଳା ମୃତ

ଗୋପାଳପୁର,୯।୧(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ସମ୍ମୁଖରେ ଶୁକ୍ରବାର ସକାଳେ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଲିଆଗଡ ଗ୍ରାମର ଡ. ଦେବୀ( ୩୮)। ସକାଳେ ଦେବୀ ନିଜ ଗାଁରୁ ତତଡାପଲ୍ଲୀ ସ୍ଥିତ ସନ୍ତୋଷୀ ମନ୍ଦିରକୁ ଯିବା ପାଇଁ ଏକ ବସ୍‌ରେ ଆସି ଗୋଳନ୍ଥରା ଥାନା ସାମ୍ନା ବସ ଷ୍ଟପରେ ଓହ୍ଲାଇ ଜାତୀୟ ରାଜପଥ ପାର ହେଉଥିବା ବେଳେ ଇଚ୍ଛାପୁରରୁ ବ୍ରହ୍ମପୁରକୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା।

# ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ କୋଠଘର ଭୂମି ପୂଜନ

ଖଣ୍ଡପଡା,୯।୧
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ଗୋକୁଳାନନ୍ଦ ପୀଠ ସିଧାମୂଳା ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ସମାଜର କୋଠ ଘର ନିର୍ମାଣ ଭୂମି ପୂଜନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବଗ୍ରହ ପୂଜା, ମାତୃପୂଜା, ବାସ୍ତୁପୂଜା କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ବ୍ରାହ୍ମଣ ସମାଜର ସଭାପତି ଗଙ୍ଗାଧର ଷଡଙ୍ଗୀ କର୍ତ୍ତା ଓ ଉପସଭାପତି ପଣ୍ଡିତ ଉଦ୍ୟନାଥ ମିଶ୍ର ପୁରୋଧା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୬୦ବର୍ଷରୁ ଊର୍ଦ୍ଧ୍ୱ ହେବ ସମ୍ପୃକ୍ତ ସମାଜ ପକ୍ଷରୁ ନିଜସ୍ୱ ଗୃହଟିଏ ନ ଥିଲା।

# ଅଧ୍ୟୟନ କରିବା ସହ କ୍ରୀଡ଼ା ନିପୁଣତା ପ୍ରଦର୍ଶନକୁ ଗୁରୁତ୍ୱ

## ନୀଳମାଧବ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

ଖଣ୍ଡପଡା,୯।୧(ଅଜୟ କୁମାର ମହାରଣା)



ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରାଯାଉଛି।

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋର ୪୨ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୀଳମାଧବ ଜୀଉଙ୍କ ନିକଟରୁ ଆସିଥିବା କ୍ରୀଡା ଜ୍ୟୋତିକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନନ୍ଦିତା ବାରିକ, କ୍ରୀଡା ସଂସଦର ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ବେହେରା, ମାନଗୋବିନ୍ଦ ରାଉତ, ପ୍ରଶାନ୍ତ କୁମାର ସ୍ୱାଇଁ, କ୍ରୀଡା ଶିକ୍ଷକ ଅଶୋକ କୁମାର ବେହେରା, ଅଧ୍ୟାପିକା କଲ୍ୟାଣୀ ପଣ୍ଡା, ନମିତା ସାହୁ, ପ୍ରିତମ କୁମାର ପାତ୍ର, ବନମାଳୀ ଦଳେଇଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ କ୍ରୀଡା ପତାକାକୁ ଅଧ୍ୟକ୍ଷା ଡ. ବାରିକ ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ୧୦୦, ୨୦୦ ମିଟର ଦୌଡ, ଲମ୍ବାଡିଆଁ, ଉଚ୍ଚ ଡିଆଁ, ସଟ୍ ପୁଟ, ଡିସକସ ଥ୍ରୋ, ଜାଭିଲିନ୍ ଥ୍ରୋ ଆଦି ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୨ଦିନ ବ୍ୟାପୀ ଅନୁଷ୍ଠିତ ବିଭନ୍ନ କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ ୩ ବାଳିକାବାଳକ ବିଭାଗରେ ଯଥାକ୍ରମେ ମାମିନା ନାୟକ ଓ ସୌମ୍ୟରଞ୍ଜନ ସୁବୁଦ୍ଧି ଚାମ୍ପିୟନ ହୋଇଥିବା ବେଳେ ଯୁକ୍ତ ୨ବାଳିକାବାଳକ ବିଭାଗରେ ଯଥାକ୍ରମେ ସୁପ୍ରୀୟା ବେହେରା ଓ ସିପୁନ ଦାସ ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ କଲେଜ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ବାରିକ ସୂଚନା ଦେଇଛନ୍ତି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ଡ. ବାରିକ, ପ୍ରାଧ୍ୟାପକ ପ୍ରଭାତ ବେହେରା, ସୁଜଳ କୁମାର ମହାରଣା, ଅଶୋକ ପାତ୍ର, ମାନ ଗୋବିନ୍ଦ ରାଉତ, ନିରୋଦ କୁମାର ମନ୍ତ୍ରୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବା ସହ କ୍ରୀଡା ନିପୁଣତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଧ୍ୱଜା ଅବତରଣ ପୂର୍ବକ କ୍ରୀଡ଼ା ସମାପ୍ତି ଘୋଷଣା କରାଯାଇଥିଲା। ବୁଧବାର ପୂର୍ବାହ୍ନରେ ଛାତ୍ରୀଛାତ୍ର ସ୍ଥାନୀୟ ନୀଳମାଧବ ଜୀଉଙ୍କୁ ଦର୍ଶନ କରି ଏକ ମଶାଲ ଶୋଭାଯାତ୍ରାରେ ମହାବିଦ୍ୟାଳୟର କ୍ରୀଡାଙ୍ଗନକୁ ଆସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ତେବେ ଏହି ୨ ଦିନ ବ୍ୟାପୀ ଅନୁଷ୍ଠିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାକୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ ଅଶୋକ କୁମାର ବାରିକଙ୍କ ସମେତ ଗଣିଆ କଲେଜର ଶେଷଦେବ ରାଉତ, କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ରାଜୀବ ଲୋଚନ ନାୟକ, ବଡବାଣପୁର ଉଚ୍ଚ ବିଦ୍ୟାଳୟର ସୁବାସ ଚନ୍ଦ୍ର ବେହେରା, କିଆଝର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବିଜୟ କୁମାର ମହାପାତ୍ର ଓ ବଳରାମପ୍ରସାଦ କୃଷ୍ଣ ଗୌରାଙ୍ଗ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ବାବୁଲି ଦଳେଇ ପ୍ରମୁଖ ଖେଳ ଶିକ୍ଷକ ପରିଚାଳନା କରିଥିଲେ।

# ନୟାଗଡ଼ ବ୍ଲକ୍‌ସ୍ତରୀୟ ଜଳ ବିଭାଜିକା ମହୋତ୍ସବ

ନୟାଗଡ଼,୯।୧(ଲୋକନାଥ ମିଶ୍ର)




ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପକ୍ଷରୁ ନୟାଗଡ଼ ବ୍ଲକ୍‌ସ୍ତରୀୟ ଜଳ ବିଭାଜିକା ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ ନାଟୁଗାଁ ପଞ୍ଚାୟତ ସାଲୁଣୀ ଗାଁରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, ନାଟୁଗାଁ ସରପଞ୍ଚ ସାଗରବାଳା ବରାଡ଼, ସମିତିସଭ୍ୟା ତୋଫାନୀ ଦାଶ, ଚମ୍ପତିପୁର ସରପଞ୍ଚ ଅମର ପ୍ରସାଦ ସାଥୁଆ, କ୍ରିଦାଶପୁର ସମିତିସଭ୍ୟା ବାସନ୍ତୀ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜଳ ବିଭାଜିକା ଉପଭୋକ୍ତାମାନେ କହିଥିଲେ, ଗ୍ରାମ କୃଷି ଉତ୍ପାଦନ ବୃଦ୍ଧିରେ ଜଳ ବିଭାଜିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଦରକାର। କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ଜ୍ଞାନରଞ୍ଜନ ସାହୁ ବକ୍ତବ୍ୟରେ ରସାୟନିକ ସାରର ସୀମିତ ବ୍ୟବହାର ଏବଂ ଜୈବିକ ସାର ବ୍ୟବହାର ଉପରେ ଆଲୋକପାତ କରିଥିଲେ। ସମ୍ବାରିଆନାଳ ଅଣୁ ଜଳ ବିଭାଜିକା ସମ୍ପାଦକ ଚକ୍ରଧର ଜେନା ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦ୍ୱାରା କିଭଳି କୃଷି ଉପଯୋଗୀ ହୋଇପାରୁଛି, ତା'ଉପରେ ମତ ରଖିଥିଲେ। ଏହି ଅବସରରେ ଜଳ ବିଭାଜିକା ମାର୍ଗଦର୍ଶକ ଏବଂ ଜଳ ବିଭାଜିକା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକଙ୍କୁ ସଚେତନତା ଉଦ୍ଦେଶ୍ୟରେ ନାଟକ ଏବଂ ଏଲ୍ଇଡି ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳୀଚରଣ ବେହେରା, ସୌମ୍ୟରଞ୍ଜନ ଶତପଥୀ, ମଧୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଜଳ ବିଭାଜିକା ମହୋତ୍ସବ ଅବସରରେ ଚାରାରୋପଣ କରାଯିବା ସହ ଚାଷଜମିକୁ ସେଚ କେନାଲ ଲୋକାର୍ପଣ ହୋଇଥିଲା। ଏହାସହ ଏକ ନାଟୁଗାଁ ପୋଖରୀ ଜଳ ପ୍ରବେଶ ଓ ନିଷ୍କାସନ ପଥ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ନୟାଗଡ଼ ବ୍ଲକ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ସହକାରୀ କୃଷି ଯନ୍ତ୍ରୀ ବୀରଭଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ବଡ଼ଚଣା,୯।୧ (ଦିଲୀପ କୁମାର ମହାନ୍ତି)

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ଚଣ୍ଡିଖୋଲ ଛକରେ ସ୍ଥାପନ କରିବା ପାଇଁ ଦାବି ହୋଇଛି। ଯାଜପୁର ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ ଏହି ଦାବି କରିଛନ୍ତି। ୧୯୫୨ରେ ବଡ଼ଚଣା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ଚୌଧୁରୀ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିଲେ। ସେ ସମୟରେ ବଡ଼ଚଣାର ବିକାଶ ଆକାଶ ଛୁଇଁଥିଲା। ବଡ଼ଚଣାର କଳା, ଐତିହ୍ୟ, ସଂସ୍କୃତି, ପରମ୍ପରା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଓ ପରିମଳ ବ୍ୟବସ୍ଥାକୁ ସର୍ବଶ୍ରେଷ୍ଠ ଗୁରୁତ୍ୱ ଦିଆଯାଇଥିଲା। ତାଙ୍କ ସ୍ମୃତିରେ ଏକ ପ୍ରତିମୂର୍ତ୍ତି ଚଣ୍ଡିଖୋଲ ଛକରେ ସ୍ଥାପନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ମାଧ୍ୟମରେ ନାୟକ ଦାବି ଜଣାଇଛନ୍ତି।

# ଏସ୍‌ପି, ଉଚ୍ଚ ନ୍ୟାୟାଳୟଙ୍କୁ ଚିଠି ଲେଖିଲା ସିଡବ୍ଲ୍ୟୁସି

## ଶିଶୁପୁତ୍ରଙ୍କୁ ଉପଜିଲାପାଳ ମା'ଙ୍କୁ ଫେରାଇଦେବା ଘଟଣା

ଯାଜପୁର ଟାଉନ,୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲାରେ ଦୁଇ ବର୍ଷର ଶିଶୁପୁତ୍ରଙ୍କୁ ବେଆଇନଭାବେ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିବା ଘଟଣାର ସମାଧାନ ବାଟ ଫିଟିପାରୁନାହିଁ। ଯାହାକୁ ନେଇ ଶିଶୁ ମଙ୍ଗଳ କମିଟି(ସିଡବ୍ଲ୍ୟୁସି) ଓ ଉପଜିଲାପାଳଙ୍କ ମଧ୍ୟରେ କଥା କଟାକଟି ଜାରିରହିଛି। ଏହାରି ଭିତରେ ଶିଶୁ ମଙ୍ଗଳ କମିଟି ଶୁକ୍ରବାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଶିଶୁ ନ୍ୟାୟ କମିଟି ଏବଂ ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ୍ ପ୍ରତାପ ଶ୍ରୀମାଲଙ୍କୁ ଏକପତ୍ର ଜରିଆରେ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି।

ଗତ ଚାରିଦିନ ତଳେ ଯାଜପୁର ଟାଉନ ପୋଲିସ ଶିଶୁ ମଙ୍ଗଳ କମିଟି ଅଧୀନରେ ରହିଥିବା ଜଣେ ଦୁଇ ବର୍ଷୀୟ ଶିଶୁପୁତ୍ରକୁ ଯାଜପୁର ଉପଜିଲାପାଳଙ୍କ କୋର୍ଟରେ ହାଜର କରାଇଥିଲା। ଉପଜିଲାପାଳଙ୍କ କୋର୍ଟରେ ଶିଶୁର ପୁରୁଣା ଘଟଣାକୁ ସମୀକ୍ଷା ନ କରି ଶିଶୁଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ଶିଶୁ ମଙ୍ଗଳ କମିଟି ଗୋଟିଏ ପକ୍ଷ ହୋଇଥିଲେ ମଧ୍ୟ ତାଙ୍କୁ ଅବଗତ କରାଯାଇ ନ ଥିଲା। ଉପଜିଲାପାଳଙ୍କ କୋର୍ଟ ହିନ୍ଦୁ ବିବାହ ଆଇନକୁ ଆଧାର କରି ଶିଶୁପୁତ୍ରକୁ ମା'କୁ ହସ୍ତାନ୍ତରକରିଥିବାବେଳେ ଏହା ଉପରେ ପ୍ରଶ୍ନ ଉଠାଇଥିଲେ ଶିଶୁ ମଙ୍ଗଳ କମିଟି। ଶିଶୁପୁତ୍ରଙ୍କୁ କୌଣସି ପ୍ରକାର ଶିଶୁ ମଙ୍ଗଳ କମିଟି ଅଗୋଚରରେ ହସ୍ତାନ୍ତର କରିବାର ନିୟମ ନାହିଁ। ମାତ୍ର କିପରି ଶିଶୁପୁତ୍ରଙ୍କୁ ତାଙ୍କ ମା'ଙ୍କ ହାତକୁ ଟେକି ଦିଆଯାଇଛି ତା'ର ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ଶିଶୁ ମଙ୍ଗଳ କମିଟି ଅନୁରୋଧ କରିଛି।

# ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧି ଦଳ।

ଯାଜପୁର ଟାଉନ,୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବଡ଼ଚଣା ବ୍ଲକର ବାଲିକୁଦା ଓ ବରପଦା ପଞ୍ଚାୟତର ଅଧିବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତ ଥର ଏହି ଅଞ୍ଚଳର ଚାଷୀ ଚିନାବାଦାମ ଓ ପୋଟଳ ଚାଷ କରିଛନ୍ତି। କିନ୍ତୁ ଏବେ ବାଦାମ ଫସଲରେ କାଳିମୁଣ୍ଡି ପୋକ ଲାଗି କ୍ଷତି କରୁଛନ୍ତି। ଯଦି ଏହି ରୋଗ ବ୍ୟାପିଯାଏ ତାହେଲେ ଶହଶହ ଏକର ଫସଲ ନଷ୍ଟ ହୋଇଯିବ। ଏ ବିଷୟରେ ଚାଷୀ ବ୍ଲକ କୃଷି ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ଅଧିକାରୀ କ୍ଷେତକୁ ଆସି ତଦନ୍ତ କରିନାହାନ୍ତି କି ଏହାର ପ୍ରତିକାର ଉପଦେଶ ଦେଉନାହାନ୍ତି। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ, ସୁଭେନ୍ଦୁ ମହାନ୍ତ, ସୁଧାଂଶୁ ଶେଖର ଦେଓ, ନିମାଇଁ ରାଉତରାୟ, ବସନ୍ତ ପରିଡ଼ା, ସନ୍ତୋଷ ନନ୍ଦ, ଅକ୍ଷୟ ସ୍ୱାଇଁ, ସଂଗ୍ରାମ ସାହାଣୀ, ପ୍ରଫୁଲ୍ଲ ରାୟ, ଚିନ୍ମୟ ପ୍ରଧାନ ଓ ଜୟପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ



ଯାଜପୁରରୋଡ୍,୯।୧ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଚିରସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରଫେସର ଶରତ ମଲ୍ଲିକ ଯୋଗଦେଇ ଶିବିରରେ ବହୁ ସଂଖ୍ୟକ ଛାତ୍ରୀ ଯୋଗ ଦେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ସନାତନ ଦାସ, ଇଂଲିଶ ବିଭାଗ ମୁଖ୍ୟ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଆଲୋଚନା ରଖିଥିଲେ। ୮ ଦିନ ଧରି ହେବାକୁଥିବା ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ମମତାମୟୀ ଦାଶ, ପ୍ରଜ୍ଞା ପରମିତା ବିଶାଳ ପ୍ରମୁଖ ଉପସ୍ଥିତି ରହି ପ୍ରଶିକ୍ଷଣ ଦେବେ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା ଛବିଳା ସାହୁ, ଅଧ୍ୟାପକ ଅଶୋକ ସାହୁ, ଅଧ୍ୟାପିକା ଅନ୍ନପୂର୍ଣ୍ଣା ସାହୁ, ଅଧ୍ୟାପିକା କ୍ରୀଷ୍ଣାବିତ ରାଉତ ଏବଂ ଅନ୍ୟ ପ୍ରମୁଖ ଅଧ୍ୟାପକ ଯୋଗ ଦେଇଥିଲେ। ପରିଚାଳନା ଦାୟିତ୍ୱରେ ଥିବା ରବି କୁମାର ରାଉଳ, ସୁବାସ ମୁଖି ସହଯୋଗ କରିଥିଲେ। ବାଣିଜ୍ୟ ବିଭାଗର ଛାତ୍ରୀ ଗାୟତ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ବରୁଆଁକୁ ମିଳିଲା ନୂଆ ଆମ୍ବୁଲାନ୍ସ

ଯାଜପୁର ଟାଉନ,୯।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)


ପୂଜାର୍ଚ୍ଚନା କରାଯାଇ ନୂଆ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରାଯାଉଛି।

ଯାଜପୁର ବ୍ଲକର ବରୁଆଁ ଅଞ୍ଚଳକୁ ମିଳିଲା ଏକ ନୂତନ ୧୦୮ ଆମ୍ବୁଲାନ୍ସ। ଦୁଇ ମାସ ହେବ ଏଠାରେ ଥିବା ୧୦୮ ଆମ୍ବୁଲାନ୍ସ ଖରାପ ହୋଇଯାଇଥିବାରୁ ଅଞ୍ଚଳବାସୀ ସେବାରୁ ବଞ୍ଚିତ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାକୁ ନୂତନ ଆମ୍ବୁଲାନ୍ସ ମିଳିଥିବାବେଳେ ବରୁଆଁକୁ ମଧ୍ୟ ନୂତନ ଆମ୍ବୁଲାନ୍ସ ମିଳିଛି। ଶୁକ୍ରବାର ଏହି ଆମ୍ବୁଲାନ୍ସକୁ ପୂଜାର୍ଚ୍ଚନା କରାଯିବା ପରେ ରୋଗୀ ସେବାରେ ନିୟୋଜିତ କରାଯାଇଛି। କ୍ଲଷ୍ଟର ଲିଡର ସୌମ୍ୟରଞ୍ଜନ ଦାସ, କାହ୍ନୁଚରଣ ପଣ୍ଡା, ଆଶୁତୋଷ ମଲ୍ଲିକ, ସୁଜିତ କୁମାର ଓଝା, ଅନିଲ କୁମାର ନାୟକ, ବିକାଶ ଜେନା, ଅମୀୟ କୁମାର ବିଶ୍ୱାଳ ପ୍ରମୁଖ ଆମ୍ବୁଲାନ୍ସ ପୂଜା ସମୟରେ ଉପସ୍ଥିତ ଥିଲେ।

# ସ୍ୱର୍ଣ୍ଣକାର ବଣିକ ସଂଘ ପକ୍ଷରୁ ସଂହିତା ଦିବସ ପାଳିତ


ବୈଠକରେ ସ୍ୱର୍ଣ୍ଣକାର ବଣିକ ସଂଘର କର୍ମକର୍ତ୍ତା।

ଚଣ୍ଡିଖୋଲ,୯।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରସ୍ଥିତ ସ୍ୱର୍ଣ୍ଣକାର ବଣିକ ସଙ୍ଘ ପକ୍ଷରୁ ଶୁକ୍ରବାର ସଂହିତା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ସୁକାନ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ସଦସ୍ୟ ନରେନ୍ଦ୍ର ସାହୁ, କେଶବ ଚନ୍ଦ୍ର ସାହୁ, ଉମେଶ ଚନ୍ଦ୍ର ସାହୁ, ସନ୍ଦୀପ ମହାରଣା, ବିଷ୍ଣୁଚରଣ ସାହୁ, ଭାଗ୍ୟଧର ସାହୁ, ହାଡ଼ିବନ୍ଧୁ ସାହୁ, ପ୍ରସନ୍ନ ସାହୁ, ପରିକ୍ଷିତ ସାହୁ, ସଞ୍ଜୟ ସାହୁ, କଳ୍ପତରୁ ସାହୁ, ଜୟଦେବ ସାହୁ ଓ ବଳରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଚଣ୍ଡିଖୋଲ ପ୍ରେସ୍ କ୍ଲବର ସାଧାରଣ ପରିଷଦ ବୈଠକ



ବଡ଼ଚଣା,୯।୧ (ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ପ୍ରେସକ୍ଲବର ଏକ ସାଧାରଣ ପରିଷଦ ବୈଠକ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସାମ୍ବାଦିକା ଶିଲା ପଟ୍ଟନାୟକଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ହେମନ୍ତ ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ଦିଲୀପ ମହାନ୍ତି, ଉପସଭାପତି ପ୍ରଶାନ୍ତ ଜେନା, ସମରେନ୍ଦ୍ର ମାହାଲା, ସହସମ୍ପାଦକ ସେକ ସବିରୁଦ୍ଦିନ, କୋଷାଧ୍ୟକ୍ଷ ପ୍ରସନ୍ନ ବିଶ୍ୱାଳ, ସାଂସ୍କୃତିକ ସଂପାଦକ ସୁରେନ୍ଦ୍ର ସାମଲ, କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରତାପ ରାଉତରାୟ, ଶିବରାମ ସାହୁ, ନରେନ୍ଦ୍ର ରାଉତ, ଦେବବ୍ରତ ଦେବତା, ଭାରତ ଭୂଷଣ ପଣ୍ଡା, ମୋହନ ଖିଲାର, ମସିର ଆଲାମ, ଆବାହକ ସଂଜୟ ସାଇଁ, ଅଜିତ କୁମାର ମିଶ୍ର, ସୁଶିଲ ଜେନା, ବସନ୍ତ ପଲେଇ, ରଶ୍ମିରଞ୍ଜନ ବିଶ୍ୱାଳ, ଚିନ୍ମୟ ପୃଷ୍ଟି, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବରେଣ୍ୟ ବ୍ୟକ୍ତିବିଶେଷଙ୍କୁ ମିଳିବ ଅଖିଳଚନ୍ଦ୍ର ସମ୍ମାନ

ଯାଜପୁର,୯।୧ (ହର୍ଷବର୍ଦ୍ଧନ ବେହେରା)

ପ୍ରତିବର୍ଷ ଭଳି ଚଳିତବର୍ଷ ବରୁଣେଶ୍ୱର ମକରମେଳା ଅବସରରେ ବରୁଣେଶ୍ୱର କଲେଜଠାରେ ଅଖିଳଚନ୍ଦ୍ର ପକ୍ଷରୁ ରାଜ୍ୟ ସ୍ତରୀୟ ସାରସ୍ୱତ ସମାରୋହ ଓ ମକର ମିଳନ ଉତ୍ସବ ଅନୁଷ୍ଠିତ ହେବ। ଏରେ ରାଜ୍ୟର ବରେଣ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯିବ। ଦୈନିକ ଖବରକାଗଜ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀଙ୍କୁ ରାଜ୍ୟସ୍ତରୀୟ ଅଖିଳଚନ୍ଦ୍ର ମକର ସମ୍ମାନରେ ସମ୍ମାନିତ କରାଯିବ। ଏହାବ୍ୟତୀତ ଓଡ଼ିଆ ଭାଷା ଗବେଷକ ନାରାୟଣ ପଣ୍ଡା ଓ ଯାତ୍ରା ଅଭିନେତା ଦୈତାରୀ ପଣ୍ଡାଙ୍କୁ ଅଖିଳଚନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି କବି ଧନେଶ୍ୱର ରାଉତଙ୍କୁ କବି ରବୀନ୍ଦ୍ର କୁମାର ପାଢ଼ୀ ସ୍ମୃତି ସମ୍ମାନ, ଡା. ସୁଧାଂଶୁ ଶେଖର ସୂତାରଙ୍କୁ କପିଳଚରଣ ସଂଗ୍ରାମୀ ସମ୍ମାନ, ସାମାଜିକ କର୍ମୀ ନିମାଁଇ ଚରଣ ରାୟଙ୍କୁ ପଞ୍ଚାନନ ନାୟକ ସେବା ସମ୍ମାନ, ସାମ୍ବାଦିକ ଅଜୟ କୁମାର ଦାସଙ୍କୁ ସାମ୍ବାଦିକ ଆନନ୍ଦବିହାରୀ ବର୍ମା ସ୍ମୃତି ସମ୍ମାନ, କବି ସୁଜାତା ପତିଙ୍କୁ ଅକ୍ଷୟାରାଣୀ ଲେଖିକା ସମ୍ମାନ, କଣ୍ଠଶିଳ୍ପୀ ଦେବେଶ ପତିଙ୍କୁ ନଟବର ନାୟକ କଳା ସମ୍ମାନ, ସାମାଜିକ କର୍ମୀ ଅଟଳବିହାରୀ ନାୟକଙ୍କୁ ମହେଶ୍ୱର ସାମଲ ସ୍ମୃତି ସମ୍ମାନ, ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କୁ ଶିକ୍ଷକ ଗୋପାଳ ଚରଣ ସ୍ୱାଇଁ ସ୍ମୃତି ସମ୍ମାନ, ସମାଜସେବୀ ପୁରୁଷୋତ୍ତମ ପଲାଇଙ୍କୁ ଲକ୍ଷ୍ମୀପ୍ରିୟା ସ୍ମୃତି ସମ୍ମାନ, ଡା.ଦେବାଶିଷ ଜଷ୍ଟିଙ୍କୁ ଦୁର୍ଗାଚରଣ ପରିଡ଼ା ସ୍ମୃତି ସମ୍ମାନ, ପାଲାଗାୟିକା ନିରୁପମା ପଣ୍ଡାଙ୍କୁ ପରମାନନ୍ଦ ଶରଣ ସ୍ମୃତି ସମ୍ମାନ, ଡା. ରୂପନାରାୟଣ ସାହୁଙ୍କୁ ରାଣୀଦେବୀ ସ୍ମୃତି ସମ୍ମାନ, ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପରିଡାଙ୍କୁ ସରସ୍ୱତୀ ସାମଲ ସ୍ମୃତି ସମ୍ମାନ, ଶିକ୍ଷକ ମିହିର କୁମାର ପରିଡ଼ାଙ୍କୁ ପ୍ରମୋଦ ନାୟକ ସ୍ମୃତି ସମ୍ମାନ, ଶିକ୍ଷକ ଶରତ ଚନ୍ଦ୍ର ପରିଡ଼ାଙ୍କୁ ଉପେନ୍ଦ୍ର ପଣ୍ଡା ସ୍ମୃତି ସମ୍ମାନ, ଡା. ଅନୁପନାଥ ଶର୍ମାଙ୍କୁ ଇଂ ଅଂଶୁମାନ ନାୟକ ସ୍ମୃତି ସମ୍ମାନ, ଲେଖକ ବିଜୟମୋହନ ରାୟଙ୍କୁ ଘନଶ୍ୟାମ ସାମଲ ସ୍ମୃତି ସମ୍ମାନ ଓ ସେବିକା ଶ୍ରଦ୍ଧାଞ୍ଜଳି ପରିଡ଼ାଙ୍କୁ ଅନନ୍ତକିଶୋର ଷଡ଼ଙ୍ଗୀ ସ୍ମୃତି ସମ୍ମାନରେ ମକର ସଂକ୍ରାନ୍ତି ଦିନ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦକ ମଣ୍ଡଳୀ ହରେକୃଷ୍ଣ ପଣ୍ଡା, ଗୌରାଙ୍ଗ ସ୍ୱାଇଁ ଓ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି।

# ଶ୍ରମଶକ୍ତି ହାଇସ୍କୁଲ ୧୯୯୨ ବ୍ୟାଚ୍‌ର ବନ୍ଧୁମିଳନ



କାଳିଆପାଣି,୯।୧ (ଅସିତ ମହାନ୍ତ)

ସୁକିନ୍ଦା ବ୍ଲକ୍ ଅଧୀନ ଶ୍ରମଶକ୍ତି ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡସ୍ଥିତ ବ୍ରାହ୍ମଣୀ ହୋଟେଲଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ର ବିଭିନ୍ନ କୋଣ ଅନୁକୋଣରୁ ଆସି ଏକାଠି ହୋଇଥିଲେ। ପ୍ରଥମେ ପୁଷ୍ପଗୁଚ୍ଛ ଦେଇ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସେମାନେ ନିଜ ପରିଚୟ ପ୍ରଦାନ କରିବା ସହ ବୃତ୍ତିବିଷୟରେ ସମ୍ୟକ ସୂଚନା ଦେଇଥିଲେ। କେକ କାଟି ପରସ୍ପରଙ୍କୁ ଖୁଆଇଥିଲେ। ୩୩ବର୍ଷର ଅତିକ୍ରାନ୍ତ ସମୟ ଉପରେ ଆଲୋଚନା କରିଥିଲେ। ପୁରୁଣା ଦିନକୁ ମନେ ପକାଇ ବିଭିନ୍ନ ଗୀତରେ ନୃତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଭାଷିନୀ ସାହୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଚେତା ପାଲ, ଶିବାନୀ ମହାନ୍ତ, ସସ୍ମିତା ଦାସ, ସୁଶୀଳା ସପ୍ଳୋ, ରୋହିତ ମହାନ୍ତ, ଜଳଧର ସାମଲ, ଲଳିତ ମିଶ୍ର, ପ୍ରଶାନ୍ତ ସାହୁ, ସତ୍ୟାନନ୍ଦ ମହାନ୍ତ, ଲୀଳାବତୀ ହେମ୍ବ୍ରମ, ଲକ୍ଷ୍ମୀଧର ବାହାଦୁର, କରୁଣାକର ମହାନ୍ତ, ମନୋଜ ମହାନ୍ତ, ଗୌରାଙ୍ଗ ସାମଲ, ଜାନକୀ ସିଂ, ରାକେଶ ମହାନ୍ତି ସହ ୪୫ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରିବା ପାଇଁ ସହମତି ପ୍ରଦାନ କରିଥିଲେ।

# ରାସ୍ତା ସମ୍ପ୍ରସାରଣ ପାଇଁ ଡୁବୁରୀ ଛକରୁ ଘର ଉଚ୍ଛେଦ

କଳିଙ୍ଗନଗର,୯।୧ (ଶୁଭାଶିଷ ରାଉତ)

ରାସ୍ତା ସମ୍ପ୍ରସାରଣ ପାଇଁ ଡୁବୁରୀ ଛକରେ ଥିବା ଇନ୍ଦ୍ରଜିତ ମହାନ୍ତଙ୍କ ଘରକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ପୂର୍ବାହ୍ନ ୧୧ଟାରେ ଘର ଉଚ୍ଛେଦ ପାଇଁ ଜେସିବି ମେଶିନ ପହଞ୍ଚିଥିଲା। ଏହି ଉଚ୍ଛେଦ ପ୍ରକ୍ରିୟାରେ କଳିଙ୍ଗନଗର ଅତିରିକ୍ତ ଏସପି ସୁପ୍ରସନ୍ନ ମଲ୍ଲିକ, ସୁକିନ୍ଦା ତହସିଲଦାର, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ୨୦୨୦ରେ ରାସ୍ତା ରାସ୍ତା ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ ଇନ୍ଦ୍ରଜିତଙ୍କୁ ଜମି ଓ ଘରର ଉଚିତ ମୂଲ୍ୟ ମିଳି ନ ଥିଲା। ଫଳରେ ସେ ୨୦୨୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଇଥିଲେ। ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ ଏବଂ ସର୍ବସାଧାରଣଙ୍କୁ ସ୍ୱାର୍ଥ ନିମନ୍ତେ ତୁରନ୍ତ ଏହି ଘରକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।



ଜେସିବି ସାହାଯ୍ୟରେ ରାସ୍ତାକଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଇଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡ଼ିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ବନ୍ଧୁ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ ଯାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | https://evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜିକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |

1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ ୨, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at ୨.00 AM (I ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ ୨, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋଟାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com।
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାତ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 67161526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https://evoting.kfintech.comhttps: llevoting.kfintech.com।

ସ୍ଥାନ: ଭୁବନେଶ୍ୱର, ଓଡ଼ିଶା
ତାରିଖ: ଜାନୁଆରୀ ୨, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

## ୨ ବାଲି ବୋଝେଇ ହାଇୱାକୁ ପୋଲିସ ଜିମା



**ନାଉଗାଁ, ୯।୧ (ସୁଧା ବେହୁରା)**

ନାଉଗାଁ ତହସିଲ ଅନ୍ତର୍ଗତ ଅଲଣା-୨ରେ ଗୁରୁବାର ରାତିରେ ୨ଟି ବାଲି ବୋଝେଇ ହାଇୱା ଗାଡ଼ିକୁ ଗ୍ରାମବାସୀ ଅଟକାଇ ପୋଲିସ ଜିମା ଦେଇଛନ୍ତି। ବାଲି ବୋଝେଇ ଗାଡ଼ି ଦ୍ୱୟ ଆସିବା ସମୟରେ ଉକ୍ତ ଗ୍ରାମର ଗ୍ରାମବାସୀ ତାକୁ ଅଟକାଇଥିଲେ। ଏହି ସମୟରେ ବାଲି କେଉଁ ସୈରାତରୁ ଆସିଛି ଓ କେଉଁ ସ୍ଥାନକୁ ଯିବ ସେ ବିଷୟରେ କୌଣସି ସଠିକ ତଥ୍ୟ ଗାଡି ଚାଳକ ପ୍ରଦାନ କରି ନ ଥିଲେ। ଚୋରା ବାଲିଗାଡି ସନ୍ଦେହ କରି ଗ୍ରାମବାସୀ ନାଉଗାଁ ଥାନାରେ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଟ୍ରାଜିଟ୍ ପାସ୍ ଦେଖାଇବାକୁ ମାଗିବାରୁ ଚାଳକ ଦେଖାଇପାରି ନ ଥିଲେ। ଏହାପରେ ପୋଲିସ ଉଭୟ ଗାଡ଼ିକୁ ଜବତ କରିଛି। ଏପ୍ରସଙ୍ଗରେ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋଙ୍କୁ ପଚାରିବାରେ, ତଦନ୍ତ ଜାରି ରହିଛି ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଚିକିତ୍ସାଧୀନଙ୍କୁ ସହାୟତା ଦାବିରେ ଥାନା ଘେରାଉ

**ରଘୁନାଥପୁର,୯।୧(ରାଜେନ୍ଦ୍ର ନାରାୟଣ ସିଂହ)**

ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ବ୍ୟକ୍ତିଙ୍କୁ ସହାୟତା ଦାବିରେ ଶୁକ୍ରବାର ସିଦ୍ଧଭୂଇଁ ଗ୍ରାମବାସୀଙ୍କ ପକ୍ଷରୁ ରଘୁନାଥପୁର ଥାନା ଘେରାଉ କରାଯାଇଛି। ଗୁରୁତର ଜଣକ ହେଲେ ଏହି ଗ୍ରାମର ଅନିଲ ସ୍ୱାଇଁ (୪୦)।

ଅଭିଯୋଗ ଅନୁଯାୟୀ, ଗତ ଜାନୁଆରୀ ୫ରେ ଅନିଲ ଏକ ପାନ ଦୋକାନ ସମ୍ମୁଖରେ ଠିଆ ହୋଇଥିବାବେଳେ ସାଦେଇପୁର ଗ୍ରାମର ତାରେଣୀ ପ୍ରସାଦ ପଣ୍ଡା (୨୪)ଏକ ପଲସର ବାଇକ୍‌ରେ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଅନିଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିଲା। ସେ ଗୁରୁତର ହୋଇପଡିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ରଘୁନାଥପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ଏବେ ଅନିଲଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏହି ଘଟଣାରେ ରଘୁନାଥପୁର ଥାନା ପୋଲିସ ମାମଲା



ଥାନା ଘେରାଉ କରିଥିବା ଗ୍ରାମବାସୀ।

### ବାଇକ୍ ଧକ୍କାରେ ଗୁରୁତର ହୋଇଥିଲେ

(ନଂ.୧/୨୬) ରୁଜୁ କରିଛି। ମାତ୍ର ତାରେଣୀ ପ୍ରସାଦଙ୍କୁ ନୋଟିସ କରି ଛାଡ଼ି ଦେଇଛି। ଅନ୍ୟପକ୍ଷରେ ଅନିଲ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ଘରେ ଗୋଟିଏ ୪ ବର୍ଷର ପୁଅ, ସ୍ତ୍ରୀ ଏବଂ ରୋଗାକ୍ରାନ୍ତ ମା', ବାପା ରହିଛନ୍ତି। ଏଭଳି ଅବସ୍ଥାରେ ତାଙ୍କ ପରିବାର ବର୍ତ୍ତମାନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅନିଲ ଚିକିତ୍ସା ଅର୍ଥ ବହନ କରିବା ପରିବାର ପାଇଁ ଅସମ୍ଭବ ହୋଇପଡିଛି। ଏଭଳି ପରିସ୍ଥିତିରେ ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବା ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ରଘୁନାଥପୁର ଥାନା ଘେରାଉ କରାଯାଇଥିଲା। ଥାନା ଏସ୍‌ଆଇ ଯୋଗେଶ୍ୱର ବେହେରା ସେମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଫେରିଯାଇଥିଲେ। ଏହି ଘେରାଉରେ ପ୍ରଣତି ଜେନା, ଗାୟତ୍ରୀ ସ୍ୱାଇଁ, କିରଣବାଳା ବାରିକ, ମଞ୍ଜୁଲତା ବାରିକ, ଟୁନି ଦାସ, ଟୁକୁନି ଦାସ, ସୁକାନ୍ତି ସ୍ୱାଇଁ, ପବିତ୍ର ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଅମୂଲ୍ୟ ବାରିକ ପ୍ରମୁଖ ୪୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ।

## ସୁପ୍ରିମକୋର୍ଟ ଆଇନଜୀବୀଙ୍କ ପରଲୋକ

**ରଘୁନାଥପୁର, ୯।୧(ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସ୍ୱର୍ଗତ କୃଷ୍ଣମୋହନ ଜେନାଙ୍କ ପୁଅ ତଥା ସୁପ୍ରିମକୋର୍ଟର ବିଶିଷ୍ଟ ଆଇନଜୀବୀ ପ୍ରଦୀପ୍ତ କୁମାର ଜେନା (୬୬)ଙ୍କ ଶୁକ୍ରବାର ପରଲୋକ ଘଟିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ କିଛିଦିନ ହେବ ଶାରୀରିକ ଅସୁସ୍ଥତା ଯୋଗୁ ଭୁବନେଶ୍ୱରସ୍ଥିତ ବାସଭବନରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଭାଇ ମଦନମୋହନ ଜେନା, ଆଇନଜୀବୀ କିଶୋର କୁମାର ଜେନା, ନିର୍ମଳ କୁମାର ଜେନା ଓ ପ୍ରତାପ କୁମାର ଜେନାଙ୍କ ସହ ଗ୍ରାମବାସୀ ଭୁବନେଶ୍ୱରରେ ପହଞ୍ଚି ପ୍ରଦୀପ୍ତଙ୍କୁ ଜନ୍ମସ୍ଥାନକୁ ଆଣିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମଲ୍ଲିକ, ସମିତି ସଭ୍ୟା ପ୍ରମିଳା ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ଗୌତମ ପାଲିତ, ଅଶୋକ ମହାରଣା, ଭାଜପା ଜିଲା ଉପସଭାପତି ସୁବାସ ଜେନା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପ୍ରଦୀପ୍ତଙ୍କ ଶେଷଦର୍ଶନ କରିଥିଲେ। ପରେ ପ୍ରଦୀପ୍ତଙ୍କ ମୃତଦେହକୁ ବାସସ୍ଥାନରୁ ସଂକୀର୍ତ୍ତନ ଜରଆରେ ଏକ ପଟୁଆରାରେ ମଦନ ମୋହନ ମଠ ପର୍ଯ୍ୟନ୍ତ ଅଣାଯାଇ ସେଠାରୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ବଡ଼ପୁଅ ପ୍ରତ୍ୟୁଷ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସାନପୁଅ ଶିବୁ, ପୁତୁରା ଚାନୁ ଓ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।



ପ୍ରଦୀପ୍ତ କୁମାର ଜେନା

## ପାରାଦୀପ ବିଦ୍ୟୁତ୍ ଉପଭୋକ୍ତା ସଂଘର ଦାବିପତ୍ର




ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଦ୍ୟୁତ୍ ଉପଭୋକ୍ତା ସଂଘର ସଦସ୍ୟ।

**ପାରାଦୀପ,୯।୧(ଶରତ ରାଉତ)**

ପାରାଦୀପ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଛି। ଟାଟା ପାୱାର, ସ୍ମାର୍ଟ ମିଟର ବସାଇବା ଘଟଣାକୁ ବିରୋଧ କରି ଏହା ଦିଆଯାଇଛି। ମଧୁବନ କପିଳ ମୁନି ଆଶ୍ରମଠାରୁ ଏକ ରାଲି ପାରାଦୀପ ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ପ୍ରସଙ୍ଗରେ ସଂଘ ସଭାପତି ଧ୍ରୁବଚରଣ ମହାପାତ୍ର କହିଥିଲେ ଯେ, ସରକାର ଟାଟା ପାୱାରକୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଦେଇଛନ୍ତି। ଜଳଜ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ। ଆମ ରାଜ୍ୟରୁ ବିଦ୍ୟୁତ୍ କ୍ରୟକରି ତାମିଲନାଡୁ, ଦିଲ୍ଲୀ, ପଶ୍ଚିମବଙ୍ଗ ଆଦି ରାଜ୍ୟ ଓଡ଼ିଶାଠାରୁ କମ୍ ଦାମ୍‌ରେ ଖାଉଟିଙ୍କୁ ଦେଉଛନ୍ତି। କିନ୍ତୁ କମ୍ପାନୀ ଯେମିତି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ କରୁଛନ୍ତି ତାକୁ ମୁଖ୍ୟମନ୍ତ୍ରୀ ପ୍ରତିକାର କରନ୍ତୁ। ଏହି ରାଲିରେ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ଆବାହକ ବାବୁରାମ ଚୌଧୁରୀ, ମହିଳା କଲ୍ୟାଣ ଟ୍ରଷ୍ଟର ସଭାନେତ୍ରୀ ଉର୍ମିଳା ମହାନ୍ତି, ସାମାଜିକ କର୍ମୀ ପ୍ରେମଲତା ବାରିକ, ମୋନାଲିସା ସାହିତ୍ୟ ସଂସଦର ସମ୍ପାଦିକା ସଂଘମିତ୍ରା ସାଇଁ, ସୁରେଖା ପ୍ରିୟଦର୍ଶନୀ ପଣ୍ଡା, ସୁବାସ ଚନ୍ଦ୍ର ରାଉତ, ଦିଗାମ୍ବର ସାହୁଓ ଧନେଶ୍ୱର ସାହୁପ୍ରମୁଖ ଯୋଗଦେଇଥିଲେ।

## ପିକ୍‌ଅପ୍ ଭ୍ୟାନ୍ -ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

**କୁଜଙ୍ଗ, ୯।୧(ମନୋଜ ପ୍ରଧାନ)**

ଏରସମା ଚଟୁଆ ୫୫ ନଂ. ଜାତୀୟ ରାଜପଥରେ ପିକ୍‌ଅପ୍ ଭ୍ୟାନ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ଅନ୍ତର୍ଗତ ରାମନଗରର ଅବନୀ ସର୍କାର (୫୦) ଏବଂ ଭଦ୍ରକର କୃଷ୍ଣ ଦୟାଲ ବଇଦ (୪୫)। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ପିକଅପ୍ ଚାଳକ ଫେରାର ହୋଇଯାଇଛନ୍ତି। ଖବରପାଇ କୁଜଙ୍ଗ ପୋଲିସ ସେଠାରେ ପହଞ୍ଚି ପିକ୍‌ଅପ୍ ଭ୍ୟାନ ଓ ବାଇକକୁ ଜବତ କରିଛି।

ଶୁକ୍ରବାର ମଧ୍ୟାହ୍ନରେ ଅବନୀ ଏବଂ କୃଷ୍ଣ ଏକ ବାଇକ୍ (ନଂ.ଓଡି-୨୨-ଏସି-୮୩୯୨) ଯୋଗେ ଏରସମା ଅଭିମୁଖେ ଚିଙ୍ଗୁଡ଼ି ଘେରି ଦେଖିବାକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ କୁଜଙ୍ଗ ଅଭିମୁଖେ ଯାଉଥିବା ପିକଅପ୍ ଭ୍ୟାନ (ନଂ. ଓଡି-୦୫-ବିଏମ୍-୦୪୭୯) ସହ କୁଜଙ୍ଗ ଥାନା ଅନ୍ତର୍ଗତ ବଳେଇପୁର କାଳିଆକଣ ପୋଲ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ବାଇକ ଚାଳକ ଓ ଆରୋହୀ ରାସ୍ତାତଳକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଭାଙ୍ଗି ବିଲ ଭିତରକୁ ଖସିପଡ଼ିଛି।





ଦୁର୍ଘଘଟଣାଗ୍ରସ୍ତ ବାଇକ୍ ଓ ପିକପ୍ ଭ୍ୟାନ।

# ଶିକ୍ଷା, ଶିକ୍ଷକ, ଶିକ୍ଷାର୍ଥୀ ଶିକ୍ଷାନୁଷ୍ଠାନର ତ୍ରିଭୁଜ ସଦୃଶ



ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

**ରଘୁନାଥପୁର,୯।୧(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅନ୍ତର୍ଗତ ଗୋକୁଳପୁରସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟର ୩୪ ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ବିଶ୍ୱଜିତ ଓଝା ପୌରୋହିତ୍ୟ କରିଥିଲେ। ଏଥିରେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଚଳିତ ବିଧି ବ୍ୟବସ୍ଥାରେ ଗୁଣାତ୍ମକ ଶିକ୍ଷା ସହ ବୌଦ୍ଧିକ ଓ ଶାରୀରିକ ବିକାଶ ପ୍ରତି ଯତ୍ନବାନ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଶିକ୍ଷାନୁଷ୍ଠାନ ନିମନ୍ତେ ତ୍ରିଭୁଜ ସଦୃଶ ବୋଲି ସେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ

### ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟ୍ ବାର୍ଷିକୋତ୍ସବ

ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଛାତ୍ରୀଛାତ୍ରଙ୍କ ପାଇଁ ଅମୂଲ୍ୟ ସମ୍ପଦ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ ଶିକ୍ଷାଭିତ୍ତିକ ଦିଗ୍‌ଦର୍ଶନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏଚ୍‌ଏମଟି ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ, ପୂରଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ନାୟକ, ସିଆର୍‌ସିସି ନିରଞ୍ଜନ ସାହୁ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ପ୍ରାକ୍ତନ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଦାସ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବିନୋଦବିହାରୀ ମହାନ୍ତି ଓ ୱାର୍ଡସଭ୍ୟା ବିଜ୍ଞାପରିମିତା ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କ୍ରୀଡ଼ା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁଜିତ କୁମାର ବେହେରା ଅତିଥି ପରିଚୟ, ସ୍ୱାଗତ ଭାଷଣ ଏବଂ କିଶୋର କୁମାର ସେଠୀ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସେଠୀ ଓ ମୌସୁମୀ ରଥଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିକ୍ଷୟିତ୍ରୀ ରଞ୍ଜିତା ବେହେରା, ଶକୁନ୍ତଳା ସେଠୀ, ହରେକୃଷ୍ଣ ସାହୁ, ଆଲୁମନି ଉପସଭାପତି ଚନ୍ଦ୍ରଶେଖର ସିଂହ, ସଭ୍ୟ ଦୁର୍ଗାପ୍ରସାଦ ମହାନ୍ତି, ପ୍ରହ୍ଲାଦ ସାହୁ, ବିଜୟ କୁମାର ନାୟକ, ଜୟନ୍ତ ସିଂହ, ରଞ୍ଜିତ ଭୂୟାଁ ଓ ମହେନ୍ଦ୍ରନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଜିଲା ଭାଜପା ଉପସଭାପତି ବିଜୟଙ୍କୁ ସମ୍ବର୍ଦ୍ଧନା

**ପାଟକୁରା, ୯।୧(ରବିନ୍ଦ୍ର ନାଥ ବାରିକ )**

କେନ୍ଦ୍ରାପଡ଼ା ଜିଲା ଭାଜପା ଉପସଭାପତି ଭାବେ ଗରଦପୁର ବ୍ଲକ୍‌ର ବରିଷ୍ଠ ଭାଜପା ନେତା ବିଜୟ ନାୟକଙ୍କୁ ମନୋନୀତ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ କର୍ମୀ ମହଲରେ ଉତ୍ସାହ ପ୍ରକାଶ ପାଇଛି। ଶୁକ୍ରବାର ବିଜୟଙ୍କ କଳାବୁଦା ବାସଭବନରେ ଏକ ସମ୍ବର୍ଦ୍ଧନା ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଭାଜପା ନାରୀନେତ୍ରୀ ତଥା ଜିଲା ପରିଷଦ ସଦସ୍ୟା ଡଲି ଶତପଥୀ ବିଜୟଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ନେତୃତ୍ୱରେ ଜିଲା ଭାଜପା ସଙ୍ଗଠନ ଓ ଗରଦପୁର ବ୍ଲକ ସଙ୍ଗଠନ ଅଧିକ ସଙ୍ଗଠିତ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କଳାବୁଦା ପଞ୍ଚାୟତରେ ଭାଜପା କର୍ମୀ ବଳରାମ ଦାସ, ପୂର୍ବତନ ସରପଞ୍ଚ ରେଣୁବାଳା ବେହେରା, ଶ୍ରୀକାନ୍ତ ସେନାପତି, ଭାଜପା ଯୁବନେତା ଆଲୋକ ଶତପଥୀ, ଚିତ୍ତରଞ୍ଜନ ସେଠୀ, ଶିବବ୍ରତ ମହାପାତ୍ର, ପ୍ରମୋଦ ପ୍ରଧାନ, ଦୀପ୍ତିରଞ୍ଜନ ଶତପଥୀ, ନରୋତ୍ତମ ମଙ୍ଗରାଜ ପ୍ରମୁଖ ନୂତନ ଜିଲା ଭାଜପା ଉପସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନବବର୍ଷ ଶୁଭେଚ୍ଛା ବ୍ୟାନର ଚିରା ଘଟଣା: ଥାନାରେ ଅଭିଯୋଗ

**କୁଜଙ୍ଗ,୯।୧(ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ଫତେପୁର ପଞ୍ଚାୟତରେ ନବବର୍ଷ ଉପଲକ୍ଷେ ସମିତି ସଭ୍ୟାଙ୍କ ସ୍ୱାମୀ ତଥା ବ୍ଲକ ବିଜେଡିର ବରିଷ୍ଠ ନେତା ବିକ୍ରମ ରାଉତରାୟଙ୍କ ପକ୍ଷରୁ ଲଗାଯାଇଥିବା ବ୍ୟାନର ଚିରା ଘଟଣାରେ ଥାନାରେ ଶୁକ୍ରବାର ରାତିରେ ଅଭିଯୋଗ ହୋଇଛି। ଏହି ଘଟଣାରେ ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ବିକ୍ରମ ଅଭିଯୋଗରେ ଦର୍ଶାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଏକ ଅଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଉକ୍ତ ଅଡିଓରେ ଶୁଭେଚ୍ଛା ବ୍ୟାନର ଚିରିବା ସମୟରେ ବିକ୍ରମଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଥିବା ଜଣାପଡ଼ିଛି। ଉକ୍ତ କଣ୍ଠସ୍ୱର ସରପଞ୍ଚଙ୍କର ବୋଲି ବିକ୍ରମ ଦାବି କରିଛନ୍ତି। ସରପଞ୍ଚ ସିଦ୍ଧାର୍ଥ ଉକ୍ତ ଅଭିଯୋଗକୁ ଅସ୍ୱୀକାର କରିବା ସହ ଅଡିଓର କଣ୍ଠ ତାଙ୍କର ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି, ଅଭିଯୋଗ ମିଳିଛି। ଏହାକୁ ଗୁରୁତର ସହ ନିଆଯାଇ ତଦନ୍ତ କରାଯିବ।

ସୂଚନାଯୋଗ୍ୟ, ବିଜେଡି ସମର୍ଥନରେ ସରପଞ୍ଚ ସିଦ୍ଧାର୍ଥ ଓ ବିକ୍ରମଙ୍କ ସ୍ତ୍ରୀ ସମିତିସଭ୍ୟା ଭାବେ ବିଜୟୀ ହୋଇଥିଲେ। ୨୦୨୪ରେ ସରକାର ବଦଳିବା ପରେ ସିଦ୍ଧାର୍ଥ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଯାଇଥିଲେ। ସେବେଠାରୁ ପଞ୍ଚାୟତ ରାଜନୀତିକୁ ନେଇ ଉଭୟଙ୍କ ମଧ୍ୟରେ ଦୂରତା ବଢ଼ି ଚାଲିଛି ।

## ନାଟକ, ନୃତ୍ୟକଳା, ସଂସ୍କୃତି ପ୍ରଦର୍ଶିତ



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ପାରାଦୀପ, ୯।୧(ଶରତ ରାଉତ)**

ପାରଦୀପ ଜୟଦେବ ସଦନଠାରେ ଆୟୋଜିତ ସର୍ବଭାରତୀୟ ବୃହତ୍‌ବନ୍ଦର ସାଂସ୍କୃତିକ ସମାରୋହର ୨ୟ ସନ୍ଧ୍ୟାରେ ଦିନଦୟାଲ, ଜବାହରଲାଲ ନେହେରୁ, ଚେନ୍ନାଇ ବନ୍ଦରର କଳାକାର ମାନେ ସଙ୍ଗୀତ, ନୃତ୍ୟ, ବାଦ୍ୟ ଓ ନାଟକ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଯେଉଁଥିରେ କଳାକାରମାନେ ନିଜ ନିଜ ରାଜ୍ୟର ସଂସ୍କୃତିର ଝଲକ ଦେଖାଇଥିଲେ। ଭାଷା ଓ ସଂସ୍କୃତିରେ ବିଭିନ୍ନତା ଥାଇ ମଧ୍ୟ କାର୍ଯ୍ୟକ୍ରମ ଆକର୍ଷଣୀୟ ଥିଲା। ବିଶେଷ କରି ବୁଡି ଯାଉଥିବା ଲୋକ କଳା ଓ ସଂସ୍କୃତି ଉପରେ ଆଧାରିତ କାର୍ଯ୍ୟକ୍ରମଗୁଡ଼ିକ ବେଶୀ ଆଦୃତ ହୋଇଥିଲା।

# ଯୁବ ସମାଜ ଜାଗ୍ରତ ହେଲେ ସମାଜ ବଦଳିବ

**ଏରସମା, ୯।୧ (ଦୀପ୍ତି ଖଣ୍ଡୁଆଳ)**

ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୩ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀର ଭାଜପା ନେତା ସତ୍ୟସାରଥୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଶିକ୍ଷା ଗ୍ରହଣ ସହ ଯୁବ ସମାଜ ଜାଗ୍ରତ ହୋଇ ଅଧ୍ୟବସାୟ କରି ଚାଲିଲେ ଏ ସମାଜ ବଦଳିପାରିବ। ଏଥିରେ ସ୍ଥାନୀୟ ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ, ପଣ୍ଡିତ

### ବୃନ୍ଦାବନ ବିହାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ନାଗୁଚାରଣ ଦେବତା, ଗୁରୁ ଚରଣ ସ୍ୱାଇଁ, ଧୂଳେଶ୍ୱର ନାୟକ, ଭ୍ରମରବର ସ୍ୱାଇଁ, ଗୋଡ଼ା ମଣ୍ଡଳର ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୈଳବାଳା ରାଉତ, ଭାଜପା ଜିଲା କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ନିକଟସ୍ଥ ବୃନ୍ଦାବନ ବିହାରୀ ଉଚ୍ଚ ବିଦ୍ୟାଳୟର ଉପରୋକ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ସୁଜାତା ମୁଦୁଲି, ଅନସୂୟା ବେହେରା, ଅଧ୍ୟାପକ ସୁକାନ୍ତ କୁମାର ଜେନା, ଅଜୟ କୁମାର ଦେବାଶିଷ, ଉମେଶ ଲେଙ୍କା, ସୌରଭ ଦାସ, ପ୍ରଦୀପ କୁମାର ସ୍ୱାଇଁ, ପ୍ରଦୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସଚେତନ ହୁଅ ଶୀର୍ଷକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଧ୍ୟାପକ ତୁଷାର ଶିଖର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

**କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍**
CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

**ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି**

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଉଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡ଼ିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ବନ୍ଧୁ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ କାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | htpps://evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜିକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |
1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ 9, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at 9.00 AM (| ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ 9, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋଟାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com |
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାତ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 67161526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https: //evoting.kfintech.comhttps: llevoting.kfintech.com |

ସ୍ଥାନ: ଭୁବନେଶ୍ୱର, ଓଡ଼ିଶା
ତାରିଖ: ଜାନୁଆରୀ 9, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

# ଶୃଙ୍ଖଳା ପଡ଼ିଛି ମହାନଦୀ, ତଟବର୍ତ୍ତୀ ଅଞ୍ଚଳବାସୀ ପ୍ରଭାବିତ

**ଖଣ୍ଡପଡା,୯।୧(ଅଜୟ କୁମାର ମହାରଣା)**



ଛତିଶଗଡ ସରକାର ମହାନଦୀ ଉପରମୁଣ୍ଡରେ ଛୋଟବଡ଼ ୫୦ରୁ ଊର୍ଦ୍ଧ୍ୱ ବ୍ୟାରେଜ ତଥା ପ୍ରକଳ୍ପ ନିର୍ମାଣ କରିବା ଫଳରେ ଏହାର ପ୍ରଭାବ ମହାନଦୀ ଉପରେ ପଡିଛି। ନୟାଗଡ଼ ଜିଲା ଖଣ୍ଡପଡା ନିର୍ବାଚନମଣ୍ଡଳୀ ମହାନଦୀ ଉପକୂଳରେ ଥିବା ୬ଟି ପଞ୍ଚାୟତବାସୀ ଗଭୀର ଭାବରେ ପ୍ରଭାବିତ ହୋଇଛନ୍ତି। ଚିରସ୍ରୋତା ମହାନଦୀର ଯେଉଁ ସ୍ଥାନରେ ଅକାତକାତ ପାଣି ଥିଲା, ସେଠାରେ ଏବେ ବାଲିର ପାହାଡ ସୃଷ୍ଟି ହୋଇଛି। ମହାନଦୀ ଅବବାହିକାରେ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁ ନଦୀ ଗର୍ଭ କ୍ରମେ ବାଲି ପୋତି ହୋଇଯାଉଛି। ଏଥିଯୋଗୁ ନିର୍ବାଚନୀମଣ୍ଡଳୀ ଅନ୍ତର୍ଗତ ସିଧାମୂଳା, ବଡ଼ବାଣପୁର, କଣ୍ଟିଲୋ, ପଥରଚକଡା, ପଦ୍ମାବତୀ, କରବର ପଞ୍ଚାୟତ ଜନସାଧାରଣ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଏଥିଯୋଗ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି।

ମହାନଦୀର ଜଳକୁ ଆଧାର କରି ଗଢ଼ି ଉଠିଥିବା ପାନୀୟ ଜଳ ଓ ସେଚ ପ୍ରକଳ୍ପଗୁଡିକ ବନ୍ଦ ହୋଇପଡିଛି। ସିଧାମୂଳା ଗ୍ରାମଠାରେ ମହାନଦୀ ଉପକୂଳରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଇନ୍‌ଟେକ୍ ୱେଲ୍ ପୋତି ହୋଇଯିବା ଫଳରେ ପ୍ରାୟ ୧୦ ଲକ୍ଷ ଟଙ୍କା ପାଣିରେ ପଡିଛି। ସେହିଭଳି ବଡବାଣପୁର ଗ୍ରାମଠାରେ ଥିବା ୭୦ ଲକ୍ଷ ଟଙ୍କାର କେଏଫ୍‌ଡବ୍ଲ୍ୟୁ ମେଗା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡିବା ସହ ବହୁ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଖତ ଖାଉଛି। ଅପରପକ୍ଷରେ ବାଣପୁର ନିକଟ ମହାନଦୀରେ ନୟାଗଡ଼କୁ ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମହାନଦୀରେ ବାଲି ଜମା ହୋଇଯାଇଥିବାରୁ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ ହୋଇଛି। ଏବେ ମହାନଦୀର

## ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ

ବାଲିରେ ଟ୍ରେଞ୍ଚ(ନାଳ) ଖୋଳାଯାଇ ପ୍ରକଳ୍ପ ମଧ୍ୟକୁ ପାଣିର ସ୍ରୋତ ପାଇଁ ବ୍ୟବସ୍ଥା କରାଯାଉଛି। ସେହିଭଳି କଣ୍ଟିଲୋ ଗ୍ରାମରେ ମଧ୍ୟ ପାନୀୟଜଳ ଯୋଗାଣ ପ୍ରଭାବିତ ହେବା ସହ ଛୋଟ ଛୋଟ ସେଚ ପ୍ରକଳ୍ପଗୁଡିକ ମଧ୍ୟ ବନ୍ଦ ହୋଇଯାଇଛି। ସାମ୍ପ୍ରତିକ ସ୍ଥିତିରେ ମହାନଦୀର ଜଳସ୍ତର ଏଭଳି କମିଯାଇଛି ଯେ, ଭବିଷ୍ୟତରେ ଏହା ସାଂଘାତିକ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। ମହାନଦୀ ଜଳକୁ ଆଧାର କରି ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଥିବା ମତ୍ସ୍ୟଜୀବୀମାନଙ୍କ ଜୀବିକା ଗଭୀର ଭାବେ ପ୍ରଭାବିତ ହୋଇଛି। ମତ୍ସ୍ୟଜୀବୀ ଦୈନିକ ମହାନଦୀରୁ ମାଛଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ମତ୍ସ୍ୟଜୀବୀଙ୍କ ବେଉଷା ଚାଲିଯିବା ପରେ ସେମାନଙ୍କ ପରିବାର ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ଅନେକେ ବ୍ୟବସାୟ ଛାଡି ଦାଦନ ମୁହାଁ ହେଲେଣି। ଏହାସହ ସ୍ଥାନୀୟ ମାଛ ବଜାରରେ ମହାନଦୀର ମଧୁର ମାଛ ସ୍ୱପ୍ନ ପାଲଟି ଗଲାଣି। ମହାନଦୀ ଓଡ଼ିଶାର ଜୀବନରେଖା ହୋଇଥିବା ବେଳେ ଏବେ ଚିରସ୍ରୋତା ସତା ହରାଇବାକୁ ବସିଛି। ଫଳରେ ମହାନଦୀ କୂଳବର୍ତ୍ତୀ ଚାଷୀ, ଜନସାଧାରଣ ଏହାର କୁପରିଣାମ ଭୋଗିବାକୁ ଯାଉଛନ୍ତି। ମହାନଦୀର ଏପରି ସ୍ଥିତିକୁ ଦେଖି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରୁଥିବାବେଳେ ରାଜ୍ୟ ସରକାର ଏ ସମ୍ପର୍କରେ ଅବଗତ ଥିଲେ ହେଁ କୌଣସି ଆଶୁ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର କ୍ଷୁଦ୍ର ଜଳସେଚନ ବିଭାଗ ଓ ବ୍ଲକ୍ ପ୍ରଶାସନ ଜରିଆରେ ବହୁ କୋଟି ଟଙ୍କା ବ୍ୟୟ କରି ବିଭିନ୍ନସ୍ଥାନରେ ଛତୁ ଫୁଟିଲା ଭଳି ଚେକ୍ ଡ୍ୟାମଗୁଡ଼ିକ ନିର୍ମାଣ କରିଛନ୍ତି। ମାତ୍ର ଠିକଣା ସମୟରେ ସେଗୁଡ଼ିକ ଚାଷୀଙ୍କ କାର୍ଯ୍ୟରେ ନ ଆସି ଶୁଖିଲା ପଡୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ସଚିବ ଓ ସର୍ବୋପରି ଲୋକପ୍ରତିନିଧିମାନେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ତେବେ ରାଜ୍ୟ ସରକାର ଏ ଦିଗରେ ମହାନଦୀର ବିଭିନ୍ନସ୍ଥାନରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରୟାସ କରିଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି।

# ନିର୍ବାଚନ ସଂସ୍କାର ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀମାନେ।

**ଦଶପଲ୍ଲା, ୯।୧ (ପ୍ରକାଶ କୁମାର ପାଣି)**

ଭାଜପା ପକ୍ଷରୁ ଶୁକ୍ରବାର ବାଣିଗୋଛା ମଣ୍ଡଳସ୍ତରୀୟ ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ଏମ୍‌ପିଙ୍କ ଦଶପଲ୍ଲା ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ପରିଚାଳନା କରିଥିଲେ। ନାୟକ ଏବଂ ଜିଲା ଉପସଭାପତି ଚନ୍ଦ୍ର ଶେଖର ଦାଶ ଏବଂ ଏମ୍‌ପି ପ୍ରତିନିଧି ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ବିଷୟରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରିଥିଲେ। ତତସହିତ ସଙ୍ଗଠନକୁ ପ୍ରତି ଘରେ ପହଞ୍ଚାଇବା ସହ ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ଯେମିତି ପହଞ୍ଚିବ ସେଥିପ୍ରତି ସମସ୍ତେ ସଚେତନ ହେବାକୁ ସଭାରେ ଆଲୋଚନା ହୋଇଥିଲା। ଏମପିଙ୍କ ପାଣ୍ଠିରୁ ଦଶପଲ୍ଲା ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କୋଠ ଘର ମନ୍ଦିର, ବିଭିନ୍ନ ଉନ୍ନତିକରଣ ଓପେନ ଜିମ, ହାଇମାକ୍ସ ଲାଇଟି ସଙ୍କସନ ହୋଇ କାର୍ଯ୍ୟ ଚାଲିଛି। ବୈଠକରେ ଏମ୍‌ପି ପ୍ରତିନିଧି ଦଳବେହେରା ଅବଗତ କରିଥିଲେ। ଉକ୍ତ ବିଷୟରେ ସମସ୍ତେ ସାଂସଦଙ୍କୁ କୃତଜ୍ଞତା ଜଣାଇଥିଲେ। ବାଣିଗୋଛା ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବସନ୍ତ ମୁଦୁଲି ସାଧାରଣ ସମ୍ପାଦକ, ଗୋକୁଳ ଚନ୍ଦ୍ର ନାୟକ ସାଧାରଣ ସମ୍ପାଦକ, ଅଶୋକ ନୟକ ବିସିକେଶନ ଯାନୀ, ଦାଶରଥି ମହାଖୁଡ଼, ରବୀନ୍ଦ୍ର ନାଥ ନାୟକ, ଉଦୟ ଆମନ୍ତ, ଲୋଚନ କହଁର, ମଧୁସୂଦନ ମହାଖୁଡ଼ଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦାନ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦଖଲ କରିବା ସହ ସଙ୍ଗଠନ ମଜଭୂତ କରିବାକୁ ନିଷ୍ପତ୍ତି ହୋଇଥିଲା ବୋଲି ଏମ୍‌ପିଙ୍କ ପ୍ରତିନିଧି ଦଳବେହେରା ପ୍ରକାଶ କରିଛନ୍ତି।

# ସେମିରେ ପଥରପୁଞ୍ଜି କ୍ରିକେଟ ଟିମ୍

## ମା' ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଜଣେ ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ଭାପୁର, ୯।୧ (ପ୍ରଭାତ ବରାଡ)**

ଭାପୁର ବ୍ଲକ ଅନ୍ତର୍ଗତ ବଡ଼ସହରା ପଞ୍ଚାୟତ ଅଧୀନ ରାମପଡା ଗ୍ରାମରେ ମା' ରାମଚଣ୍ଡୀ କ୍ରିକେଟ କ୍ଲବ ପକ୍ଷରୁ ୧୬ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଥରପୁଞ୍ଜି ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ପଥରପୁଞ୍ଜି ସହ ଗୁଣ୍ଠୁଣୀ କ୍ରିକେଟ କ୍ଲବ ସହ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଥରପୁଞ୍ଜି ଟସ୍ ଜିତି ଫିଲଡିଂ କରିବାର ନିଷ୍ପତ୍ତି ନେଇଥିଲା। ଗୁଣ୍ଠୁଣୀ ଟିମ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୩ ରନ କରିଥିଲା। ଜବାବରେ ପଥରପୁଞ୍ଜି ୧୧ .୨ ଓଭରରେ ୫ ଉଇକେଟ ହରାଇ ୮୪ ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ବିଜୟୀ ଦଳର ଚିନ୍ମୟ ବୋଲିଂ କରି ୩ ଉଇକେଟ ନେଇ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହି ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖେଳକୁ ତୁଷାର କାନ୍ତ ସ୍ୱାଇଁ ଓ ତାପସ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ସ୍କୋର ସହାୟତା ସିଦ୍ଧାନ୍ତ ସ୍ୱାଇଁ ଓ ଭାଷ୍ୟକାର କରିବାରେ ରାମନାଥ ବରାଡ ସହଯୋଗ କରିଥିଲେ। ଉକ୍ତ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବାନାମ୍ବର ସ୍ୱାଇଁ ଯୋଗଦେଇ ସମସ୍ତ ଖେଳାଳି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ଲେମ୍ବରୀ ସହିତ ଆୟୋଜକ ରାମପଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି।

# ଜିଲାସ୍ତରୀୟ ନିଯୁକ୍ତିମେଳାରେ ୧୦୬୫ ଆଶାୟୀ




ନିଯୁକ୍ତିମେଳାରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ନୟାଗଡ଼,୯।୧(ଲୋକନାଥ ମିଶ୍ର)**

ଜିଲା ପ୍ରଶାସନ ଆନୁକୁଲ୍ୟରେ ଜିଲାସ୍ତରୀୟ ନିଯୁକ୍ତି ମେଳା ନୟାଗଡ଼ ପିଟିଏସ୍ (ପୋଲିସ ଟ୍ରେନିଂ ସ୍କୁଲ) ପଡ଼ିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ନିଯୁକ୍ତି ମେଳାକୁ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏବଂ ନୟାଗଡ଼ ଜିଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଥିଲେ। ଜିଲାପାଳ ରଥ କହିଥିଲେ, ଛାତ୍ରୀଛାତ୍ର ନିଜର ପାଠପଢ଼ା ସମୟକୁ ସଦୁପଯୋଗ କଲେ ଜୀବନରେ ଖୁସି ପାଇବେ। ଯେଉଁମାନେ ପାଠପଢ଼ା ସମୟରେ ପାଠ ନ ପଢ଼ି ଦୁଷ୍ଟାମୀ କରନ୍ତି ସେମାନଙ୍କ ଜୀବନ ସୁଖମୟ ହୁଏନାହିଁ। ସମୟକୁ ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ପ୍ରଶିକ୍ଷଣ ବିଦ୍ୟାଳୟର ଅଧ୍ୟକ୍ଷ ଭବେଶ କୁମାର ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ କାନ୍ତି ରଞ୍ଜନ ସାହୁ ଉପସ୍ଥିତ ଥିଲେ। ସଭାକୁ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସୀ ସେଠୀ ପରିଚାଳନା କରିଥିଲେ। ଏଥିରେ ୨୩ ଟି ନିଯୁକ୍ତିଦାତା କମ୍ପାନୀ ଏବଂ ୭ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୦୬୫ ଜଣ ଛାତ୍ରୀଛାତ୍ର ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ଯୋଗଦେଇ ନିଜର ପସନ୍ଦର ନିଯୁକ୍ତିଦାତାଙ୍କ ପାଖରେ ନାମ ପଞ୍ଜୀକରଣ କରିଥିଲେ। ୨୦୨୫ରେ ୯୭୨ ଜଣ ଛାତ୍ରୀଛାତ୍ର ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଆସିଥିବା ବେଳେ ୧୬୬ ଜଣ ଚୟନ ହୋଇଥିଲେ। ତେବେ ଚଳିତବର୍ଷ କେତେଜଣ ନିଯୁକ୍ତି ପାଇଲେ ସୂଚନା ମିଳିନାହିଁ।

# ମୂଲ୍ୟବୋଧ ସଂସ୍କାର, ମାନବିକତା ଗଢ଼ିବା ହିଁ ପ୍ରକୃତ ଶିକ୍ଷା

**ଗଣିଆ, ୯।୧(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକସ୍ଥିତ ଶ୍ରୀ ଶ୍ରୀରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜଣେ ଅଧ୍ୟାପକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସଲିଳା ସେଠୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ, ଇଟାମାଟି କଲେଜର ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ଦଶପଲ୍ଲା ବିଏସ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାଏକ ଓ ଅବସରପ୍ରାପ୍ତ ସୋସିଓଲୋଜି ଅଧ୍ୟାପକ ନିହାର ରଞ୍ଜନ ପଣ୍ଡା, ନୟାଗଡ଼ ଜିଲା ପିଜିଟି ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ଓ ସମ୍ପାଦକ ପବିତ୍ର କୁମାର ବେହେରା, ବିଦାୟୀ ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରଦ୍ୟୁମ୍ନ କୁମାର ବଘାର ଉପସ୍ଥିତ ଥିଲେ। ଅତିଥିମାନେ ମୂଲ୍ୟବୋଧ ସଂସ୍କାର, ମାନବିକତା ଗଢ଼ିବା ହିଁ ପ୍ରକୃତ ଶିକ୍ଷା ବୋଲି କହିଥିଲେ।

ମହାବିଦ୍ୟାଳୟ ପକ୍ଷରୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ବିଦାୟୀ ଅଧ୍ୟାପକ ବଘାରଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ସହକର୍ମୀ ଓ ଛାତ୍ରୀଛାତ୍ରମାନେ ବକ୍ତବ୍ୟ ରଖିଥିଲେ। ପରେ ବିଦ୍ୟାଳୟର ସହକର୍ମୀଙ୍କ ପକ୍ଷରୁ ଫୁଲତୋଡ଼ା, ଉପଢୌକନ ଓ ମାନପତ୍ର ଦେଇ ବଘାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସଭାରେ ଉପସ୍ଥିତ ଅତିଥିମାନେ।

# ଖଲିସାହି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସେମିରେ କଟକ ନିହାର ଟିମ୍




ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଖଣ୍ଡପଡ଼ା, ୯।୧ (ଅଜୟ କୁମାର ମହାରଣା): ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ବଡପଡିଆରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟି-୨୦ ଖଲିସାହି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୩ୟ ଲିଗ ମ୍ୟାଚରେ କଟକ ନିହାର କ୍ରିକେଟ କ୍ଲବ ଖୋର୍ଦ୍ଧା କ୍ରିକେଟ କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କଟକ ନିହାର କ୍ରିକେଟ କ୍ଲବ ୧୮ ଓଭରରେ ୯ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ ୧୧.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୯ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ମନୋଜ ସେଠୀ ୧୭ଟି ବଲରୁ ୭୫ ରନ ସଂଗ୍ରହ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଚନ୍ଦ୍ର ପୃଷ୍ଟି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବି ନାରାୟଣ ମିଶ୍ର ଓ ଦୀପକ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ। ବାଙ୍କୀ ଏକାଦଶ ଟିମ ଓ ନୟାଗଡ଼ ଏକାଦଶ ଟିମ ମଧ୍ୟରେ ଶନିବାର ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୁତ୍ରରୁ ଜଣାପଡିଛି।

# ୩ୟ ଦିବସରେ ଦିଲ୍ଲୀ ବିଜୟୀ



ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଦଶପଲ୍ଲା, ୯।୧( ପ୍ରକାଶ କୁମାର ପାଣି)**

## ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ତୃତୀୟ ଦିବସ ଥିଲା। ଖେଳ ହାଲ ଟିମ୍ ସୁନାବେଡା ଓ ଜେବି ୟୁନାଇଟେଡ ଫେସି ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଖେଳରେ ଦିଲ୍ଲୀ ଗୋଟିଏ ଗୋଲ୍ କରିବା ପରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ସୁନାବେଡା ଗୋଲ ସୁଜାଇ ପାରି ନ ଥିଲା। ଫଳରେ ଦିଲ୍ଲୀ ବିଜୟୀ ଲାଭ କରିଥିଲା। ଖେଳକୁ ରେଫରୀ ରାଜୁ ମହାନ୍ତି, ଲାଇନ୍ସରେ ରବୀନ୍ଦ୍ର ନାଥ ନାୟକ, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲରେ ଅଶୋକ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଖେଳରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଡିଓ ଶରତ କୁମାର ମଲ୍ଲିକ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ଦିଲୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ୪ର୍ଥ ଦିନରେ ଜେବି ୟୁନାଇଟେଡ ଫେସି ଦିଲ୍ଲୀ ଓ ମଣିପୁର ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସୂତ୍ରରୁ ଜଣାଯାଇଛି।


## କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍

CIN: U85110OR1990PLC002492
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା -751023
ୱେବସାଇଟ୍: www.kalingahospital.com,
ଟେଲ ନଂ: 0674-2300570, ଇମେଲ୍: cs@kalingahospital.com

### ଡାକ ବାଲାଟ ଏବଂ ଇ-ଭୋଟିଂ ସୂଚନା ପାଇଁ ବିଜ୍ଞପ୍ତି

କମ୍ପାନୀ ଅଧିନିୟମ, 2013 ("ଅଧି ନିୟମ") ର ଧାରା 108 ଏବଂ 110 ର ନିୟମାବଳୀ ଅନୁଯାୟୀ ଏଠାରେ ବିଜ୍ଞପ୍ତି ଦିଆଯାଇଛି। କମ୍ପାନୀଗୁଡିକ (ପରିଚାଳନା ଏବଂ ପ୍ରଶାସନ) ନିୟମ, 2014 ("ନିୟମ") ର ନିୟମ 20 ଏବଂ 22 ସହିତ ପଢ଼ନ୍ତୁ | କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଯୁଜ୍ୟ ସର୍କୁଲାର୍ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ, ନିୟମାବଳୀ | ବର୍ତ୍ତମାନ ପର୍ଯ୍ୟନ୍ତ, କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ("କମ୍ପାନୀ") ର ସଦସ୍ୟଙ୍କ ଅନୁମୋଦନ ଲୋଡିଛି ସଂଶୋଧନ, ବଦଳାଇବା, ଗ୍ରହଣ କରିବା ସମ୍ବନ୍ଧରେ କେବଳ ଦୂର ଇ-ଭୋଟିଂ ("ଇ-ଭୋଟିଂ") ମାଧ୍ୟମରେ ଡାକ ବାଲାଟ୍ ମାଧ୍ୟମରେ | ଏବଂ ଅଂଶୀଦାରମାନଙ୍କ ବିଭିନ୍ନ ଧାରାକୁ ଅନ୍ତର୍ଭୁକ୍ତ କରି ଆସୋସିଏସନର ବିଦ୍ୟମାନ ଆର୍ଟିକିଲଗୁଡିକୁ ବଦଳାଇବା | ଏପ୍ରିଲ୍ 25, 2022 ତାରିଖର ଚୁକ୍ତିନାମା, କମ୍ପାନୀ, ଓଡ଼ିଶା ହସ୍ପିଟାଲ୍ କର୍ପୋରେସନ୍, ଏବଂ କମ୍ପାନୀ ମଧ୍ୟରେ ପ୍ରବେଶ କରିଥିଲା | ଏବଂ BRS କ୍ୟାପିଟାଲ୍ ଦଟ୍ଟ PTE ଲିମିଟେଡ୍ | ସୀମିତ | ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ, ପୋଷ୍ଟାଲ୍ ବାଲାଟ୍ ନୋଟିସ୍ ("ବିଜ୍ଞପ୍ତି") ସହିତ ବ୍ୟାଖ୍ୟାକାରୀ ବିବୃତ୍ତି ଦିଆଯାଉଛି | ସେହି ସଦସ୍ୟମାନଙ୍କୁ କେବଳ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ପଠାଯାଇଛି ଯାହାର ଇ-ମେଲ୍ ଠିକଣା କମ୍ପାନୀରେ ପଞ୍ଜିକୃତ ହୋଇଛି | କିମ୍ବା ଏହାର ରେଜିଷ୍ଟ୍ରାର ଏବଂ ସେୟାର ଟ୍ରାନ୍ସଫର ଏଜେଣ୍ଟ ଯଥା କେଫିନ ଟେକ୍ନୋଲୋଜି ଲିମିଟେଡ୍ ("RTA") କିମ୍ବା ଜମାକାରୀ (ies) ଏବଂ କାହାର ନାମଗୁଡିକ କମ୍ପାନୀର ସଦସ୍ୟଙ୍କ ରେଜିଷ୍ଟରରେ ଏବଂ / କିମ୍ବା ରକ୍ଷଣାବେକ୍ଷଣକାରୀ ଲାଭକାରୀ ମାଲିକଙ୍କ ରେଜିଷ୍ଟରରେ ଦେଖାଯାଏ | ଜମାକାରୀଙ୍କ ଦ୍ୱାରା ରବିବାର, ଜାନୁୟାରୀ 4, 2026 ("କଟ୍ ଅଫ୍ ତାରିଖ") | ସଦସ୍ୟମାନେ ଏଠାରେ ସୂଚନା ଦେଇଛନ୍ତି ଯେ: କମ୍ପାନୀର ୱେବସାଇଟରେ www.kalingahospital.com ଏବଂ ଇ-ଭୋଟିଂରେ ମଧ୍ୟ ଏହି ବିଜ୍ଞପ୍ତି ଉପଲବ୍ଧ | htpsː//evoting.kfintech.com ରେ RTA ର ୱେବସାଇଟ୍ | ଯେଉଁ ସଦସ୍ୟମାନେ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜୀକୃତ କରିନାହାଁନ୍ତି, ସେମାନଙ୍କୁ ଇମେଲ୍ କରି ସମାନ ପଞ୍ଜିକରଣ କରିବାକୁ ଅନୁରୋଧ କରାଯାଇଛି | cs@kalingahospital.com ରେ କମ୍ପାନୀର କମ୍ପାନୀ ସଚିବ ଶ୍ରୀ ଦେବାଶିଷ ଦିବ୍ୟାଜୋତି ଦେଓଙ୍କ ନାମ | ଇଲେକ୍ଟ୍ରୋନିକ୍ ଭାବରେ କମ୍ପାନୀ ଠାରୁ ସମସ୍ତ ଯୋଗାଯୋଗ ଗ୍ରହଣ କରୁଛି | ଇ-ମେଲ୍ ଠିକଣାର ସଫଳ ପଞ୍ଜିକରଣକୁ ସମର୍ଥନ କରନ୍ତୁ, ଇ-ଭୋଟିଂ ପାଇଁ ୟୁଜର୍-ଆଇଡି ଏବଂ ପାସୱାର୍ଡ ସଦସ୍ୟଙ୍କ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଅଂଶୀଦାର ହେବ |

1. କଟ୍ ଅଫ୍ ତାରିଖ ପରି ଅଂଶଧନ ଧାରଣ କରିଥିବା ସଦସ୍ୟ ଇ-ଭୋଟିଂ ମାଧ୍ୟମରେ ଭୋଟ୍ ଦେବାର ଅଧିକାର ପାଇଛନ୍ତି | ଆପର୍ସନ୍ ଯିଏ ସଦସ୍ୟ ନୁହଁନ୍ତି | ଯେପରି କଟ୍ ଅଫ୍ ତାରିଖ କେବଳ ସୂଚନା ଉଦ୍ଦେଶ୍ୟରେ ନୋଟିସକୁ ବ୍ୟବହାର କରିବା ଉଚିତ୍ |
2. ଜାନୁୟାରୀ 9, 2026 ରେ ଇ-ମେଲ ମାଧ୍ୟମରେ କମ୍ପାନୀ ନୋଟିସର ପଠାଇବା କାର୍ଯ୍ୟ ସମାପ୍ତ କରିଛି |
3. ପ୍ରଯୁଜ୍ୟ ନିୟମ ଅନୁଯାୟୀ, କମ୍ପାନୀ ଏହି ନୋଟିସକୁ ଇଲେକ୍ଟ୍ରୋନିକ୍ ଫର୍ମରେ ସଦସ୍ୟମାନଙ୍କୁ ଇ-ମେଲ୍ ମାଧ୍ୟମରେ ପଠାଉଛି | ଡିମେଟେରିଆଲାଇଜଡ୍ ଫର୍ମରେ କମ୍ପାନୀରେ ଅଂଶଧନ ଧାରଣ କରନ୍ତୁ ଏବଂ ସେମାନଙ୍କ ସହିତ ସେମାନଙ୍କର ଇ-ମେଲ୍ ଠିକଣା ପଞ୍ଜିକରଣ କରିଛନ୍ତି |
4. କମ୍ପାନୀ ଅନ୍ୟ ସମସ୍ତ ସଦସ୍ୟଙ୍କ ପାଇଁ, ଏହି ବିଜ୍ଞପ୍ତି ପଞ୍ଜୀକୃତ ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ପଠାଯାଇଛି | ଇ-ଭୋଟିଂକୁ ସୁବିଧା କରିବା ପାଇଁ କମ୍ପାନୀ ଏହାର ଆରଟିଆର ସେବାଗୁଡିକ ନିୟୋଜିତ କରିଛି |
5. ଇ-ଭୋଟିଂ ପ୍ରକ୍ରିୟା ଉପରେ ବିସ୍ତୃତ ପଦ୍ଧତି / ନିର୍ଦ୍ଦେଶାବଳୀ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି |
6. ଇ-ଭୋଟିଂ ଅବଧି 11 ଜାନୁୟାରୀ 2026at 9.00 AM (| ST) ରେ ଆରମ୍ଭ ହେବ ଏବଂ ସୋମବାର ଦିନ ଶେଷ ହେବ, ଫେବୃଆରୀ 9, 2026 until 5.00 PM (IST) | ଏହା ପରେ ଇ-ଭୋଟିଂ ମଡ୍ୟୁଲ୍ ଅକ୍ଷମ ହେବ | Once the ଭୋଟ ଦିଅନ୍ତୁ | ରିଜୋଲ୍ୟୁସନ୍ ଜଣେ ସଦସ୍ୟଙ୍କ ଦ୍ୱାରା କାଷ୍ଟ ହୋଇଛି, ତାଙ୍କୁ ପରବର୍ତ୍ତୀ ସମୟରେ ଏହାକୁ ପରିବର୍ତ୍ତନ କରିବାକୁ ଦିଆଯିବ ନାହିଁ |
7. ଶ୍ରୀ ନାରୋଟାମ ବାଗରିଆ (CSI ସଦସ୍ୟତା ନମ୍ବର F5443) N.Bagaria & Associates, ଅଭ୍ୟାସ କମ୍ପାନୀ ସଚିବ, ମୁମ୍ବାଇ ସ୍କ୍ରୁଟିନାଇଜର ("ସ୍କ୍ରୁଟିନାଇଜର") ଡାକଘର ଭୋଟ୍ ପ୍ରକ୍ରିୟାକୁ ଏକ ମେଳାରେ ପରିଚାଳନା କରିବା ପାଇଁ ଏବଂ ସ୍ୱଚ୍ଛ ପଦ୍ଧତି |
8. ଭୋଟ୍ ଶେଷ ହେବା ଠାରୁ 2 କାର୍ଯ୍ୟଦିବସ ମଧ୍ୟରେ ଡାକଘରର ଫଳାଫଳ ଘୋଷଣା କରାଯିବ | କହିଛନ୍ତି ସ୍କ୍ରୁଟିନାଇଜରଙ୍କ ରିପୋର୍ଟ ସହିତ ଫଳାଫଳଗୁଡିକ କମ୍ପାନୀର ପଞ୍ଜୀକୃତ ଏବଂ କର୍ପୋରେଟ୍ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ | ଏହା ସହିତ, ଉକ୍ତ ଫଳାଫଳଗୁଡିକ କମ୍ପାନୀର ୱେବସାଇଟ୍ www.kalingahospital.com ରେ ମଧ୍ୟ ଅପଲୋଡ୍ ହେବ | ସେହିପରି ଆରଟିଆର ଇ-ଭୋଟିଂ ୱେବସାଇଟରେ https://evoting.kfintech.com।
9. ଇ-ଭୋଟିଂ ସମ୍ବନ୍ଧୀୟ କୌଣସି ପ୍ରଶ୍ନ କିମ୍ବା ଅଭିଯୋଗ କ୍ଷେତ୍ରରେ, ସଦସ୍ୟମାନେ ଶ୍ରୀ ହନୁମାନଥା ରାଓ ପାତ୍ରିଙ୍କ ସହ ଯୋଗାଯୋଗ କରିପାରିବେ, ସହକାରୀ ଉପରାଷ୍ଟ୍ରପତି, ଡି। ଉପରାଷ୍ଟ୍ରପତି, ଇ-ମେଲରେ KFin ଟେକ୍ନୋଲୋଜି ଲିମିଟେଡ୍: einward.ris@kfintech.com, ଫୋନ୍: 040 67161526/040 67162222, ଅଧିକନ୍ତୁ, ଅଂଶୀଦାରମାନେ ସହାୟତା ଏବଂ FAQ ର ବିଭାଗକୁ ମଧ୍ୟ ପରିଦର୍ଶନ କରିପାରିବେ | KFintech ର ୱେବସାଇଟ୍ https: //evoting.kfintech.comhttps: llevoting.kfintech.com।

ସ୍ଥାନ: ଭୁବନେଶ୍ୱର, ଓଡିଶା
ତାରିଖ: ଜାନୁଆରୀ 9, 2026

କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍
Sd / -
ଦେବାଶିଷ ଦିବ୍ୟାଜ୍ୟୋତି ଦେଓ
କମ୍ପାନୀ ସଚିବ

## ସଂକ୍ଷେପରେ

### ମୂର୍ତ୍ତି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ଧର୍ମଶାଳା,୯।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଞ୍ଚାୟତର ବଳଦେବଜୀଉ ମନ୍ଦିରରୁ ୬ ବିରଳ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବିକାଶ ଯାଦବ। ୨୦୨୨ ନଭେମ୍ବର ୧୧ରେ ମନ୍ଦିରରୁ ଚୋରି ହୋଇଥିଲା। ଏନେଇ ମନ୍ଦିର ଟ୍ରଷ୍ଟି ବିନୋଦ ଦାଶ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୦୯/୨୨ରେ ଏକ ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯାଜପୁର ଏସ୍‌ପି ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଉତ୍ତରପ୍ରଦେଶ ଯାଇ ବିକାଶଙ୍କୁ ଧରିବାରେ ସଫଳ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଧରା ପଡ଼ିଥିଲେ ମଧ୍ୟ ରାମକୃଷ୍ଣ, ମଦନମୋହନ, ଦେବୀ ରାଧା, ଲକ୍ଷ୍ମୀ, ସରସ୍ୱତୀ ଆଦି ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତି ଉଦ୍ଧାର ହୋଇପାରିନାହିଁ। ଧର୍ମଶାଳା ପୋଲିସ ବିକାଶଙ୍କୁ ରିମାଣ୍ଡରେ ଆଣି ମୂର୍ତ୍ତି ଉଦ୍ଧାର କରିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଚୋରି ହୋଇଥିବା ମୂର୍ତ୍ତି ବହୁ ପୁରାତନ ଓ ବହୁ ମୂଲ୍ୟବାନ ବୋଲି ଜଣାଯାଇଛି। ୫ ଶହ ବର୍ଷର ଏହି ପୁରୁଣା ମନ୍ଦିରରୁ ଏଭଳି ଚୋରି ପ୍ରଥମ ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ବିନୋଦ ଦାଶ ପ୍ରକାଶ କରିଛନ୍ତି।

### ଭାଜପା ଉପସଭାପତିଙ୍କ ପିତୃ ବିୟୋଗ

ଯାଜପୁର ଟାଉନ,୯।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଭାଜପା ଉପସଭାପତି ମନ୍ମଥ ବରାଳଙ୍କ ପିତା ବଟକୃଷ୍ଣ ବରାଳ(୯୩)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ବଟକୃଷ୍ଣ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ମାତ୍ରେ ଜାଫପୁର ପଞ୍ଚାୟତ ସଇପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ବଟକୃଷ୍ଣଙ୍କ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ବିଜ୍ଞାନ ଶିକ୍ଷୟିତ୍ରୀଙ୍କ ପରଲୋକ

ଚଢ଼େଇଧରା,୯।୧(ଦିଲୀପ ପରିଡ଼ା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ



ସୂର୍ଯ୍ୟପ୍ରଭା ରାଉତଙ୍କ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡ଼ିବା ପରେ ଗଡ଼ମଧୁପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସୂର୍ଯ୍ୟପ୍ରଭା ଜଣେ ମେଳାପୀ, ମିଷ୍ଟଭାଷୀ ମଣିଷ ଥିଲେ। ବହୁ ଶିକ୍ଷାବିତ, ସାହିତ୍ୟିକ ଓ ରାଜନେତା ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ସ୍ଥିତି ସମୀକ୍ଷାକଲେ ରାଜ୍ୟ କୃଷି ପ୍ରତିନିଧି ଦଳ



ବାଦାମ କ୍ଷେତରେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି କୃଷି ପ୍ରତିନିଧି ଦଳ।

## ବାଦାମ ଫସଲରେ କାଳିମୁଣ୍ଡି ପୋକ

■ଡ୍ରୋନ୍ ସହାୟତାରେ କୀଟନାଶକ ସିଞ୍ଚନ

ରସୁଲପୁର,୯।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକର ଚାଷୀଙ୍କ ଚିନ୍ତା ବଢ଼ାଇଛି ଧୂଆଁପତ୍ର ଗୋଟିପୋକ (କାଳିମୁଣ୍ଡି ପୋକ)। ରବି ଫସଲ ବାଦାମ, ବିରି, କୋଳଥ, ମୁଗ, ସୋରିଷ ଆଦି ଫଳସକୁ ଚରିଯାଉଛନ୍ତି ଏହି ଗୋଟିପୋକ। କ୍ଷେତକୁ ଦେଖି ଚାଷୀଙ୍କ ହୋସ ଉଡ଼ିଯାଉଛି। ବହୁ ପ୍ରକାର ଉପାୟ ଅବଲମ୍ବନ ସତ୍ତ୍ୱେ ପୋକ ନିୟନ୍ତ୍ରଣରେ ଚାଷୀ ବିଫଳ ହୋଇଆସୁଛନ୍ତି। ଏହାପରେ ଗୋଟିପୋକ ପ୍ରଭାବିତ କ୍ଷତିଗ୍ରସ୍ତ ଚାଷୀ ବ୍ଲକ କୃଷି ଅଧିକାରୀଙ୍କ ନଜରକୁ ଆଣିଥିଲେ। ଉକ୍ତ ଘଟଣା ସମ୍ପର୍କରେ ଧରିତ୍ରୀରେ ଶୁକ୍ରବାର ଖବର ପ୍ରକାଶ ଓ କୃଷକଙ୍କ ଅଭିଯୋଗ ଆଧାରରେ ରାଜ୍ୟ କୃଷି ପ୍ରତିନିଧିଦଳ ବ୍ଲକ ଅଧୀନ ଭୋଟକା ପଞ୍ଚାୟତରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଚାଷୀ ରଘୁନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଚୌଧୁରୀ ପଣ୍ଡା କ୍ଷତିଗ୍ରସ୍ତ ବାଦାମ କ୍ଷେତର ସ୍ଥିତି ସମ୍ପର୍କରେ ଅଧିକାରୀଙ୍କୁ ଜଣାଇଥିଲେ। ଏହା ଶୁଣି ଅଧିକାରୀମାନେ ମର୍ମାହତ ହୋଇଥିଲେ। ଚଳିତମାସ ୧୫ ତାରିଖ ସୁଧା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ନାମ ପଞ୍ଜୀକରଣ କରିବାକୁ ପ୍ରତିନିଧିଦଳ ପରାମର୍ଶ ଦେଇଥିଲେ। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ରବି ଫସଲ ପ୍ରଭାବିତ ହୋଇଥିବା ଚାଷୀଙ୍କ ଫସଲ କଟାକଟି ସମୟରେ କ୍ଷୟକ୍ଷତି ଆକଳନ କରାଯିବ। ଫସଲ ଅମଳ ଶତକଡ଼ା ୫୦ଭାଗରୁ କମ୍ ହୋଇଥିଲେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଏହାଛଡ଼ା କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ଅନ୍ୟ ରିହାତି ଯୋଜନାରେ ସାମିଲ କରିବାରେ ଅଗ୍ରାଧିକାର ପ୍ରଦାନ କରାଯାଇ କ୍ଷତିଭରଣା କରାଯିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ତପନ କୁମାର ମହାପାତ୍ର ଧରିତ୍ରୀକୁ ସୂଚନା ଦେଇଥିଲେ।

ପରିଦର୍ଶନରେ ଆସିଥିବା ପ୍ରତିନିଧି ଦଳରେ ଓକାକ୍, ଭୁବନେଶ୍ୱରର ପ୍ରଜ୍ଞାନ ପ୍ରଭା ବାରିକ୍, ସେକ୍ ରିୟାଜ ଉଦ୍ଦିନ, ଜିଲା ମୁଖ୍ୟ କୃଷି ଅଧିକାରୀ ମହାପାତ୍ର, ଅତିରିକ୍ତ ଜିଲା କୃଷି ନିର୍ଦ୍ଦେଶିକା ମୀରା ପରିଚ୍ଛା, ଇଫ୍‌କୋ ଆଞ୍ଚଳିକ ପରିଚାଳକ ଅରୁଣ କୁମାର ବେହେରା, କ୍ଷୀରୋଦ ନାଗ, ବ୍ଲକ କୃଷି ଅଧିକାରୀ ସମାପ୍ତିକା କର, ବ୍ଲକ ସହକାରୀ କୃଷି ଅଧିକାରୀ ଅରିଜିତ୍ ଉପାଧ୍ୟାୟ, ଗ୍ରାମ୍ୟ କୃଷି କର୍ମଚାରୀ ଶ୍ରୀକାନ୍ତ ସେଠୀ, ଡ୍ରୋନ ପାଇଲଟ୍ ରାକେଶ କୁମାର ପଣ୍ଡା ଓ ସହଯୋଗୀଙ୍କ ଉପସ୍ଥିତିରେ କ୍ଷତିଗ୍ରସ୍ତ କ୍ଷେତରେ ଡ୍ରୋନ ସହାୟତାରେ ଲୁଭାନୋଜନ ଓ ଇମାମେକ୍ଟିନ ବେନଜୋଏଟ କୀଟନାଶକ ସିଞ୍ଚନ କରାଯାଇଥିଲା। ପାଣିପାଗ ତାପମାତ୍ରାରେ ଅଚାନକ ପରିବର୍ତ୍ତନ ଗୋଟିପୋକଙ୍କ ବଂଶ ବୃଦ୍ଧିରେ ସହାୟକ ହେଉଛି। ଏହିପୋକ ନିୟନ୍ତ୍ରଣ ପାଇଁ କ୍ଷେତରେ ଲୁଭାନୋଜନ ଓ ଇମାମେକ୍ଟିନ ବନଜୋଟ କୀଟନାଶକକୁ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରିବା ପାଇଁ ଚାଷୀଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଏଥିସହ ବିଲ ହୁଡ଼ାରେ କୀଟନାଶକ ସିଞ୍ଚନ କଲେ ପୋକ ଅନ୍ୟ କ୍ଷେତକୁ ଯାଇପାରିବେ ନାହିଁ, ନ ଚେତ ଗୋଟିଏ କ୍ଷେତରୁ ଅନ୍ୟକ୍ଷେତକୁ ପୋକ ଚାଲିଯାଇ ଫସଲ ପ୍ରତି ହାନୀ ପହଞ୍ଚାଇବେ ବୋଲି ଚାଷୀଙ୍କୁ ବୁଝାଇ କହିଥିଲେ। ଚାଷୀ ଲାଇସେନ୍ସପ୍ରାପ୍ତ କୀଟନାଶକ ଡିଲରଙ୍କଠାରୁ କୀଟନାଶକ କ୍ରୟ କରିବାକୁ ପରାମର୍ଶ ଦେଇଥିଲେ। ଏଭଳି କଲେ ଚାଷୀ କୀଟନାଶକ କ୍ରୟକରିଥିବା ବିଲକୁ ବିଭାଗ ନିକଟରେ ଦାଖଲ କଲେ କୀଟନାଶକ ମୂଲ୍ୟର ଶତକଡ଼ା ୫୦ଭାଗ ସେମାନଙ୍କ ଜମାଖାତାକୁ ଅର୍ଥ ଫେରସ୍ତ ହେବ ବୋଲି ସୂଚନା ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ମହାପାତ୍ର ଅଧସ୍ତନ କୃଷି ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବାକୁ କହିଥିଲେ। ଫସଲ ଅମଳ ସମୟରେ ସେହି ଚାଷୀଙ୍କ କ୍ଷେତ ଓ ଅମଳକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ, ଫସଲବୀମା ଯୋଜନାରେ ସମ୍ପୃକ୍ତ ଚାଷୀଙ୍କ ନାମ ପଞ୍ଜୀକରଣକୁ ନିଶ୍ଚିତ କରିବା, ସହକାରୀ ସହାୟତା ପ୍ରଦାନରେ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# କଂଗ୍ରେସର କ୍ଷେତ୍ର ପରିଦର୍ଶନ



କଂଗ୍ରେସ ପ୍ରତିନିଧି ଦଳକୁ ଚାଷୀମାନେ କ୍ଷତିଗ୍ରସ୍ତ ବାଦାମ ଗଛ ଦେଖାଉଛନ୍ତି।

ଚଣ୍ଡିଖୋଲ,୯।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଚାଷୀ ମୁଣ୍ଡରେ ଚଡ଼କ, ହଜାରହଜାର ହେକ୍ଟର ଚିନାବାଦାମ ଫସଲ ଖାଇଯାଉଛନ୍ତି କାଳିମୁଣ୍ଡି ପୋକ। ଗଛର ପତ୍ର ଖାଇ ଗଛକୁ ଖେଣ୍ଟା କରି ଦେଉଛନ୍ତି। ଏକଥା ଜଣାପଡ଼ିବା ପରେ ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ କ୍ଷେତ୍ର ପରିଦର୍ଶନରେ ଆସି ବଡ଼ଚଣା ବ୍ଲକ ଅନ୍ତର୍ଗତ ବରପଦା ଓ ବଡ଼ବାଲିକୁଦା ପଞ୍ଚାୟତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଚାଷୀ ବାଦାମ ଚାଷ କରିଛନ୍ତି। ହେଲେ ଏବେ ପୋକଦାଉରୁ ରକ୍ଷା ପାଇପାରୁନାହାନ୍ତି। ତୁରନ୍ତ କୃଷି ବିଭାଗ ପକ୍ଷରୁ ଡ୍ରୋନ ସାହାଯ୍ୟରେ ଔଷଧ ସିଞ୍ଚନ ନ କଲେ ବାଦାମ ଫସଲ ନଷ୍ଟ ହୋଇଯିବ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏହି ପୋକଗୁଡିକ ଖରାହେଲେ ଗଛମୂଳରେ ଲୁଚିଯାଉଛନ୍ତି। ଖରା କମିଗଲେ ଗଛର ପତ୍ରକୁ ଖାଇ ସଫା କରି ଦେଉଛନ୍ତି ବୋଲି ଚାଷୀ କହିଛନ୍ତି।

ଏହାପରେ ଚାଷୀନେତା ସଚ୍ଚିଦାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବଡ଼ଚଣା ବ୍ଲକ ଅନ୍ତର୍ଗତ ନିଆଳିସ୍ଥିତ ମେରିବଟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ସୃଜନ କମିଟି ଅଧ୍ୟକ୍ଷ ସୁଧାଂଶୁ ଦେଓ, ଯାଜପୁର ଜିଲା କଂଗ୍ରେସ ସଭାପତି ମାଗୁଣି ଜେନା, କିଷାନ ମୋର୍ଚ୍ଚା ରାଜ୍ୟ ଉପସଭାପତି ନିମାଇଁ ରାଉତରାୟ, ଯୁବନେତା ଚିନ୍ମୟ ପ୍ରଧାନ, ଜିଲା କିଷାନ ମୋର୍ଚ୍ଚା ସଭାପତି ବସନ୍ତ ପରିଡ଼ା, ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ, ଗ୍ରାମାଞ୍ଚଳ ଲୋକ ଚାଷ ଉପରେ ନିର୍ଭର କରିଥାଆନ୍ତି। ସରକାର ଚାଷୀଙ୍କ ପାଇଁ କିଛି କରୁନାହାନ୍ତି। ସେମାନଙ୍କ ଦୁଃଖ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ନଦୀକୂଳ ଚାଷୀ ଧାନରେ ବ୍ୟାପକ କ୍ଷତି ସହୁଛନ୍ତି। କେବଳ ବାଦାମ ଓ ପୋଟଳ ଚାଷ ଉପରେ ନିର୍ଭର କରୁଛନ୍ତି। ମାତ୍ର ତାହାକୁ ପୋକ ଖାଇଗଲା ପରେ ସେମାନେ କିପରି ବଞ୍ଚିବେ ବୋଲି ପ୍ରକାଶ କରିଥିଲେ। କଂଗ୍ରେସର ଏକ ପ୍ରତିନିଧିଦଳ ଯାଜପୁର ଜିଲାପାଳଙ୍କୁ ଭେଟି ତୁରନ୍ତ ଡ୍ରୋନ ସାହାଯ୍ୟରେ ଔଷଧ ସିଞ୍ଚନ ନେଇ ଦାବି କରିବ ବୋଲି ପ୍ରକାଶ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଏଠାକୁ ଆସିଥିବା ଚାଷୀଙ୍କୁ ଶ୍ରୀକାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ବସ୍‌କୁ ଅଟକାଇଲେ ଲୋକେ



ବସ୍ ଅଟକାଇ ରାସ୍ତାରେ ବସିଛନ୍ତି ଗ୍ରାମବାସୀ ଓ ଛାତ୍ରୀଛାତ୍ର।

## ୧୦ରୁ ସେବା ମିଳିବନି ଶୁଣି ତାତିଲେ ଛାତ୍ରୀଛାତ୍ର, ଗ୍ରାମବାସୀ

ବରୀ,୯।୧(ମହେନ୍ଦ୍ର ସ୍ୱାଇଁ)

ଗ୍ରାମାଞ୍ଚଳ ଲୋକଙ୍କ ଯାତାୟାତ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନା କରାଯାଇଛି। ଏହି ବସ ସେବା ଅବ୍ୟାହତ ଥିବାରୁ ଲୋକେ ବ୍ଲକ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ ସହ ଛାତ୍ରୀଛାତ୍ରୀ କଲେଜକୁ ସୁବିଧାରେ ଯାତାୟାତ କରୁଛନ୍ତି। ବରୀରେ ଏହି ବସ ବ୍ଲକକାର୍ଯ୍ୟାଳୟଠାରୁ ଗମୁଦେଇ ଅମଠପୁର ପଞ୍ଚାୟତର ପାଲଟପୁର୍, ମହାକାଳପଡ଼ା, ରତ୍ନଗିରି ଦେଇ ଯାତାୟାତ କରିଥାଏ। ବସରେ ପ୍ରତିଦିନ ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କଲେଜ ଯାଇଥାନ୍ତି। ଅଞ୍ଚଳର ଲୋକଙ୍କ ପାଇଁ ଏହି ବସ ଏକମାତ୍ର ଭରସା। କିନ୍ତୁ ଏହି ବସ ଆସନ୍ତା ୧୦ ତାରିଖରୁ ଉପଲବ୍ଧ ହେବ ନାହିଁ ବୋଲି କର୍ମଚାରୀଙ୍କଠାରୁ ସୂଚନା ପାଇବା ପରେ ସ୍ଥାନୀୟ ଲୋକେ ଏବଂ ଛାତ୍ରୀଛାତ୍ର ବସ ସେବା ବନ୍ଦ ନ କରିବାକୁ ଜିଲାପାଳ ଓ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରିଥିଲେ। ମାତ୍ର ଏହାର କୌଣସି ସୁଫଳ ନ ମିଳିବା ଆଶଙ୍କା କରି ଶୁକ୍ରବାର ପାଲଟପୁରଠାରେ ଛାତ୍ରୀଛାତ୍ର ଓ ଗ୍ରାମବାସୀ ତାତିଯାଇ ବସ୍ ଅଟକାଇ ପ୍ରତିବାଦ କରିଛନ୍ତି। କାହାନିର୍ଦ୍ଦେଶରେ ଏହି ବସ ସେବା ବନ୍ଦ କରିବାକୁ ଯୋଜନା କରାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହିତ ଏହାକୁ ଚାଲୁ ରଖିବାକୁ ସେମାନେ ଦାବି କରିଛନ୍ତି।

### ବିରିପଟା ଜୁନିୟର ମହାବିଦ୍ୟାଳୟ
## ଛାତ୍ରୀଛାତ୍ରଙ୍କଠାରୁ ବେଆଇନ ଅର୍ଥ ଆଦାୟ ଅଭିଯୋଗ

ବିଞ୍ଝାରପୁର,୯।୧(ରାମକୃଷ୍ଣ ଦାସ)

ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ବିରିପଟାସ୍ଥିତ ଜୁନିୟର ମହାବିଦ୍ୟାଳରେ ଛାତ୍ରୀଛାତ୍ରଙ୍କୁ ଶୋଷଣ କରାଯାଉଛି। ପ୍ରାକ୍ଟିକାଲ ପରୀକ୍ଷା ନାଁରେ ଛାତ୍ରୀଛାତ୍ରଙ୍କଠାରୁ ହାତଗୁଞ୍ଜି ଟଙ୍କା ଆଦାୟ କରାଯାଉଛି। ଟଙ୍କା ନ ଦେଲେ ଛାତ୍ରୀଛାତ୍ରଙ୍କୁ ପ୍ରାକ୍ଟିକାଲ ପରୀକ୍ଷାରୁ ବଞ୍ଚିତ କରାଯାଉଛି ବୋଲି ଅଭିଭାବକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସରକାର ବାର୍ଷିକ ଫର୍ମ ପୂରଣ ସମୟରେ ପ୍ରାକ୍ଟିକାଲ ପରୀକ୍ଷା ବାବଦକୁ ପିଲାପ୍ରତି ୨୦ ଟଙ୍କା ଲେଖା ଆଦାୟ କରୁଛନ୍ତି। ଏବେ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଥିବାବେଳେ କଲେଜ କର୍ତ୍ତୃପକ୍ଷ ଜୋରଜବରଦସ୍ତ ହାତଗୁଞ୍ଜି ବାବଦକୁ ପିଲାଙ୍କଠାରୁ ୩୦୦ ଟଙ୍କା ଲେଖା ଆଦାୟ କରୁଛନ୍ତି। ପିଲାଙ୍କଠାରୁ ଟଙ୍କା ଆଦାୟ ପାଇଁ ଜଣେ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସେ ପିଲାଙ୍କଠାରୁ ଟଙ୍କା ରଖି ଟିକେଟି ଦେଲେ ପିଲା ପରୀକ୍ଷା ହଲରେ ବସିବାର ସୁଯୋଗ ପାଉଛନ୍ତି। ଯେଉଁପିଲା ୩୦୦ ଟଙ୍କା ଦେବାକୁ ଅସମର୍ଥ ହେଉଛନ୍ତି ତାଙ୍କୁ ପ୍ରାକ୍ଟିକାଲ ପରୀକ୍ଷା କରାଇ ଦେଉନାହାନ୍ତି ବୋଲି ଅଭିଭାବକ ଶରତ ବିନ୍ଧାଣୀ, ଅଲେଖ ମଲ୍ଲିକ, ସୁକାନ୍ତି ପରିଡ଼ା, ସସ୍ମିତା ପାଣିଙ୍କ ସମେତ ବହୁ ଅଭିଭାବକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ରାମମୋହନ ଦେବତାଙ୍କୁ ପଚାରିବାରୁ ସେ ଟଙ୍କା ଆଦାୟ ବିଷୟରେ ଜାଣି ନ ଥିବା କହିଛନ୍ତି।

# ମଦନମୋହନ ଜୀଉ ମନ୍ଦିର ରୋଷଗୃହର ଶିଳାନ୍ୟାସ




କାଏମା,୯।୧(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଅଧୀନ କାଏମା ଦାସସାହି ଗ୍ରାମରେ ଥିବା ମଦନମୋହନ ଜୀଉ ମନ୍ଦିର ରୋଷଗୃହର ଶିଳାନ୍ୟାସ କରାଯାଇଛି। ସାମାଜିକ କର୍ମୀ ମିନତି ସାହୁ ଶୁକ୍ରବାର ଏହାର ଶିଳାନ୍ୟାସ କରିଛନ୍ତି। ମନ୍ଦିରର ପୁନରୁଦ୍ଧାର ନିମନ୍ତେ ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କୁ କିଛି ଦିନ ପୂର୍ବେ ମନ୍ଦିର କମିଟି ପକ୍ଷରୁ ଲିଖିତ ଭାବେ ଦାବି କରାଯାଇଥିଲା। ବିଧାୟକ ଏହାର ପୁନରୁଦ୍ଧାର ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ଯୁବ ଭାଜପା ନେତା ଅଭିଷେକ ରାଉତ, ଜାରକା ମଣ୍ଡଳ ସଭାପତି ଦେବବ୍ରତ ପଣ୍ଡା, କାଏମା ପ୍ରଭାରୀ ସୁରେଶ ଚନ୍ଦ୍ର ନାୟକ, ବରିଷ୍ଠ ଭାଜପା ନେତା ମଧୁସୂଦନ ପଣ୍ଡା ଏବଂ ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

ଯାଜପୁର ଟାଉନ,୯।୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ପ୍ରକାଶ ପାଇଛି ୨୦୨୪-୨୫ ଶିକ୍ଷା ବର୍ଷର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଫଳ। ଏହି ପରୀକ୍ଷାରେ ମାର୍କଣ୍ଡପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଦିବ୍ୟଜ୍ୟୋତି ମିଶ୍ର କୃତିତ୍ୱ ଅର୍ଜନ କରିବା ସହ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ର ଦିବ୍ୟଜ୍ୟୋତି ହେଉଛନ୍ତି ବଡ଼ସୁଆର ଗ୍ରାମର ସତ୍ୟପ୍ରକାଶ ମିଶ୍ର ଓ ସସ୍ମିତା ମିଶ୍ରଙ୍କ ପୁତ୍ର। ଏହି ସଫଳତା ପାଇଁ ଅଞ୍ଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଦିବ୍ୟଜ୍ୟୋତି ମିଶ୍ର

# ବରୁଣେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବିଞ୍ଝାରପୁର,୯।୧(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ୍ ଅଧୀନ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ବିନ୍ଦୁରେଖା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟିକା ପ୍ରମିଳା ମଲିକ, ଅନ୍ୟତମ ଅତିଥି ଭାବେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ସମାଜରେ ଭଲ ଓ ବଡ଼ମଣିଷ ହୋଇ ମହାବିଦ୍ୟାଳୟ ପାଇଁ ଆଲୋକବର୍ତ୍ତିକାଭାବେ ଉଭା ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର ଯୋଗଦେଇ କହିଥିଲେ, ମହାବିଦ୍ୟାଳୟ କେବଳ ଡିଗ୍ରୀ ଦେବାର ସ୍ଥାନ ନୁହେଁ, ଏଠାରେ ମାନବିକତା, ଶିଷ୍ଟାଚାର ଓ ନୀତିମୂଲ୍ୟର ଗଢ଼ନ ହୁଏ। ଛାତ୍ରଜୀବନ ହେଉଛି ଜୀବନର ସର୍ବଶ୍ରେଷ୍ଠ ସମୟ। ଛାତ୍ରୀଛାତ୍ର ଏହି ସମୟକୁ ଶ୍ରମ, ଶିଷ୍ଟାଚାର ଓ ସ୍ୱପ୍ନ ସହିତ ବ୍ୟୟ କରନ୍ତୁ। ନିଜ ଲକ୍ଷ୍ୟକୁ ସ୍ପଷ୍ଟ କରି ପରିଶ୍ରମ ଦ୍ୱାରା ସଫଳତା ଅର୍ଜନ କରନ୍ତୁ ବୋଲି ମହାପାତ୍ର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ମଞ୍ଚାସୀନ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ମନୋସ୍ୱିନୀ ବେହେରା ସଭା ପରିଚାଳନା କରିଥିଲେ। ଅଧ୍ୟକ୍ଷା ନାୟକ ସ୍ୱାଗତ ଭାଷଣ ଦେବାସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସଂସ୍କୃତି ସଂଘ ଉପସଭାପତି ମିହିର ବିକାଶ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଗ୍ରନ୍ଥକାର ରବୀନ୍ଦ୍ର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରାଜଶ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ପାଇଁ ସମୀକ୍ଷା

ଯାଜପୁର,୯।୧(ହର୍ଷବର୍ଦ୍ଧନ ବେହେରା)

ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ପର୍ବର ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଶୁକ୍ରବାର ଉଦୟଗିରି ସ୍ଥିତ ମଝିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା କାର୍ଯ୍ୟର ସ୍ଥିତି ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଜାନୁଆରୀ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀ, ଧର୍ମାବଲମ୍ବୀ ଯୋଗଦେବା ସହ ଉଦୟଗିରି, ରତ୍ନଗିରି, ଲଳିତଗିରି ଆଦି ବୌଦ୍ଧ କୀର୍ତ୍ତିରାଜି ପରିଦର୍ଶନ କରିବେ। ପର୍ଯ୍ୟଟକମାନଙ୍କ ରହଣି, ସମ୍ମିଳନୀ ସ୍ଥଳ, ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତା ଆଲୋକୀକରଣ, ପରିମଳ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟକାରୀ ସଂସ୍ଥାକୁ ଜିଲାପାଳ ଅମ୍ବର କୁମାର କର ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକଙ୍କ ସହ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଅଧିକାରୀ, ଗୋପାଳପୁର ପଞ୍ଚାୟତର ସରପଞ୍ଚ, ସ୍ଥାନୀୟ ବୌଦ୍ଧ ମହୋତ୍ସବ ସମିତିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସମ୍ମିଳନୀ ସ୍ଥାନ ପରିଦର୍ଶନ କରୁଛନ୍ତି।

# ଡାକ୍ତର ଅଭାବରୁ ରୋଗୀ ସେବା ବ୍ୟାହତ

## ଅବ୍ୟବସ୍ଥା ମଧ୍ୟରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଡେରାବିଶ, ୯।୧(ବେବର୍ତ୍ତା ଅଜୟ ଦାସ)




କେନ୍ଦ୍ରାପଡ଼ା ଜିଲାର ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲା ଅଞ୍ଚଳରେ ରୋଗୀସେବା ପାଇଁ ଗୁରୁତ୍ୱ ବହନ କରି ଆସିଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ଯୋଗୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେବ ରୋଗୀ ସେବା ବ୍ୟାହତ ହେବାରେ ଲାଗିଛି। ଡାକ୍ତର ଓ କର୍ମଚାରୀମାନଙ୍କ ଅଭାବ ଯୋଗୁ ଅଞ୍ଚଳର ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ପ୍ରସୂତି ମହିଳାମାନେ ସେମାନଙ୍କ ଚିକିତ୍ସା ପାଇଁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ହେଉଛନ୍ତି। ସେହିପରି ଭେଷଜ ବିଭାଗର ଡାକ୍ତର ନ ଥିବାରୁ ସାଧାରଣ ରୋଗୀଟିଏ ଚିକିତ୍ସାରୁ ବଞ୍ଚିତ ହେଉଛି। ସରକାରଙ୍କ ନିରାମୟ ଯୋଜନା ମଧ୍ୟ ଏଠାରେ ବିପର୍ଯ୍ୟସ୍ତ ହୋଇଛି।

ପୂର୍ବରୁ ଏଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବହୁ ବିବାଦୀୟ ହୋଇ ପଡିଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ରୋଗୀ କଲ୍ୟାଣ ସମିତି କେବଳ କାଗଜକଲମରେ ସୀମିତ ରହିଛି। ଜିଲାର ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ ଜଣେ ଡାକ୍ତରଙ୍କୁ ଦାୟିତ୍ୱ ଦେଇଥିଲେ। ମାତ୍ର ସେହି ଡାକ୍ତର ସ୍ଥାନାନ୍ତର ହେବା ପରେ, ପୁନର୍ବାର ଆଉ ଜଣେ ଡାକ୍ତରଙ୍କୁ ଅସ୍ଥାୟୀ ଭାବେ ପୁଣି ନିଯୁକ୍ତି କରାଯାଇଛି। ୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଚିକିତ୍ସା ପାଇଁ ଆସୁଥିବାବେଳେ, ତାଙ୍କର ଆଶୁ ଚିକିତ୍ସା କରିବାକୁ ଆସୁଥିବା ବ୍ୟକ୍ତିମାନେ ଡାକ୍ତରଙ୍କ ଅଭାବରୁ କେନ୍ଦ୍ରାପଡ଼ା କିମ୍ବା କଟକକୁ ସ୍ଥାନାନ୍ତର କରାଯାଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟାନ୍ୟ ଦିଗ ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ନେଇ ଚାଟରା ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତି କହିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅଚଳ ଅବସ୍ଥା କେବେ ଦୂର ହେବ ତାହା ସମସ୍ତଙ୍କୁ ଚକିତ କରିଥିବା ସେ କହିଛନ୍ତି। ରୋଗୀ କଲ୍ୟାଣ ସମିତିକୁ ଆସୁଥିବା ବିଭାଗୀୟ ସହାୟତା ରୋଗୀଙ୍କ ସେବାରେ ଲାଗୁ ନ ଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସେହିପରି ସାମାଜିକ କର୍ମୀ ହଳଧର ଦାଶ କହିଛନ୍ତି, ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ପାଇଁ ବହୁ ବଦାନ୍ୟ ବ୍ୟକ୍ତିଙ୍କ ଅବଦାନ ରହିଥିଲା। ମାତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯେପରି ଅଣଦେଖା କରାଯାଉଛି, ତାହା ଅତ୍ୟନ୍ତ ଦୁଃଖଦାୟକ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାଶ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ଡାକ୍ତରଙ୍କ ଅଭାବରୁ ଏଭଳି ସମସ୍ୟା ହୋଇଛି। ତେବେ ସପ୍ତାହକ ମଧ୍ୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା କେନ୍ଦ୍ର ଅଧିକାରୀ ଓ ଅନ୍ୟ ଡାକ୍ତର ପଦବୀ ପୂରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି ବୋଲି ସେ କହିଛନ୍ତି।

# ସଙ୍ଗଠିତ ମନ ବିଶାଳ ସମସ୍ୟାକୁ ଛୋଟିଆ କରିଦିଏ

କେନ୍ଦ୍ରାପଡ଼ା, ୯।୧ (ଜଗନ୍ନାଥ ଧଳ)

## ଯୁବ ସ୍ୱାଭିମାନ ଟ୍ରଷ୍ଟର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା ଜିଲାର ଯୁବ ସ୍ୱାଭିମାନ ଟ୍ରଷ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ନିକଟ ଓଳାଶୁଣୀ ଗୁମ୍ଫାସ୍ଥିତ ଶ୍ରୀସିଦ୍ଧ ଅରକ୍ଷିତ ଦାସଙ୍କ ପୀଠ ପରିସରରେ ଆୟୋଜିତ ଉତ୍ସବରେ ଟ୍ରଷ୍ଟ ସଭାପତି ଇଂ. ସ୍ମୃତିରଞ୍ଜନ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ପ୍ରତାପ କୁମାର ନାୟକ, ସୁବୁଦ୍ଧି ଚରଣ ସାହୁ, ଆଦିକନ୍ଦ ରାଉଳ, ଇଂ. ଅକ୍ଷୟ କୁମାର ପାଣି, ରମଣୀ ରଞ୍ଜନ ରାଉତରାୟ, ଯୁବନେତା ରାଜେଶ ଦାସ, ରଶ୍ମିରଞ୍ଜନ ରାଉତ, ପ୍ରଦ୍ୟୁମ୍ନ ଜେନା, ସାଗର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ସୁସ୍ଥ ସମାଜ ଗଠନରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ପ୍ରତ୍ୟେକ ସଫଳ ପଦକ୍ଷେପ ସାଧାରଣ ଲୋକଙ୍କ ପାଇଁ ଅମୃତର ଧାରା ସଦୃଶ। ଯୁବ ସ୍ୱାଭିମାନ ଟ୍ରଷ୍ଟ ଏପରି କାର୍ଯ୍ୟଧାରାକୁ ଆଗକୁ ନେଇଛି। ଫଳରେ ଟ୍ରଷ୍ଟ ପକ୍ଷରୁ ବିଭିନ୍ନ ସମୟରେ ନିଆଯାଉଥିବା ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉଦାହରଣ ହେଉଛି। ସଙ୍ଗଠିତ ମନରେ ହେଉଥିବା କାର୍ଯ୍ୟ ବିଶାଳ ସମସ୍ୟାକୁ ଛୋଟକରି ଦେଉଥିବା ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସାମାଜିକ କର୍ମୀ ଅମରେନ୍ଦ୍ର ଦାସ, ମାନସ ରଞ୍ଜନ ପ୍ରଧାନ, ଦୀପକ କୁମାର ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଖବରଦାତା ପରେଶ ଦାସ, ସୋମନାଥ ସାହୁ, ସନ୍ତୋଷ ପଣ୍ଡା, ଶିବାଶିଷ ମହାନ୍ତି, ସୁନୀଲ ମହାପାତ୍ର ପ୍ରମୁଖଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୭୯୨ ପରୀକ୍ଷାର୍ଥୀ

ରାଜକନିକା,୯।୧(ସଞ୍ଜୟ କୁମାର ଦାଶ)

ଗୁଣାତ୍ମକ ଶିକ୍ଷାର ବିକାଶ ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରିଚାଳିତ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଦ୍ୱାରା ଶୁକ୍ରବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍‌ର ୪ଟି ସେଣ୍ଟରରେ ମୋଟ ୮୦୬ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ୭୯୨ ପରୀକ୍ଷାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ୧୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ତେବେ ୪ଟି ସେଣ୍ଟର ମଧ୍ୟରୁ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ୩ଶହ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ଷ୍ଠ ଶ୍ରେଣୀ ପାଇଁ ୨୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୦ ଜଣ, ୭ମ ଶ୍ରେଣୀ ପାଇଁ ୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୨ ଜଣ, ୮ମ ଶ୍ରେଣୀ ପାଇଁ ୧୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ ଜଣ, ୯ମ ଶ୍ରେଣୀ ପାଇଁ ୧୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ରାଜକନିକା ବାଳିକା ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀ ପାଇଁ ୧୫୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୦ ଜଣ, ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ଭାରିଗଦାରେ ୬ଷ୍ଠ ଶ୍ରେଣୀ ପାଇଁ ୧୯୬ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୮୭ ଜଣ, ଓଳାଭର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀ ପାଇଁ ୧୬୦ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୫୨ ଜଣ ପରୀକ୍ଷା ଦେଇଛନ୍ତି। ରାଜକନିକା ବିଇଓ ତଥା ଓଏଭି ପ୍ରବେଶିକା ପରୀକ୍ଷା ପରିଦର୍ଶକ (ଅବଜରଭର) ରତିକାନ୍ତ ସେନାପତି ଉପରୋକ୍ତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଜକନିକା ବ୍ଲକ ଆଦର୍ଶ ବିଦ୍ୟାଳୟରେ ସରକାରୀ ବିଜ୍ଞପ୍ତି ଅନୁଯାୟୀ ୬ଷ୍ଠ ପାଇଁ ୮୦ଟି ସିଟ୍, ୭ମ ପାଇଁ ୧ଟି ସିଟ୍, ୮ମ ପାଇଁ ୨ଟି ସିଟ୍ ଓ ୯ମ ପାଇଁ ୩ଟି ସିଟ୍ ଥିବା ଅଧ୍ୟକ୍ଷ ଜୟଦେବ ଦେ ସୂଚନା ଦେଇଛନ୍ତି।

# ୧୧ ବର୍ଷ ପରେ ବି ଆବଣ୍ଟନ ହେଉନି ୨୦ ଦୋକାନଘର



## ପାଣିରେ ପଡ଼ିଲା ୬୬ ଲକ୍ଷ

ରାଜକନିକା,୯।୧(ସଞ୍ଜୟ କୁମାର ଦାଶ)

ବ୍ୟବସାୟୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ପକ୍ଷରୁ ୨୦୧୪ରେ ରାଜକନିକା ବ୍ଲକ କଣ୍ଟପଡ଼ା ବଜାର ସଂଲଗ୍ନ ପଡ଼ିଆରେ ଗ୍ରାମୀଣ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେଠାରେ ୨୦ଟି ଦୋକାନ ଗୃହ ନିର୍ମାଣ ବାବଦକୁ ୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଆଜକୁ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଦୋକାନ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ କି ବ୍ୟବସାୟୀମାନଙ୍କୁ ତାହା ଆବଣ୍ଟନ କରାଯାଇନାହିଁ। ଫଳରେ ଦୋକାନ ଗୃହଗୁଡ଼ିକ ଏବେ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। କେଉଁଠି ପ୍ଲାଷ୍ଟର ଛାଡ଼ିଲାଣି ତ କେଉଁଠାରେ ଭାଙ୍ଗିରୁଜି ଗଲାଣି। ଏହାର କାନ୍ଥ, ବାରଣ୍ଡାରେ ଗଛ ଓ ଲତା ମାଡ଼ିଗଲାଣି। ସରକାରଙ୍କ ୬୬ ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି।

କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ସମ୍ପ୍ରସାରଣ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଘରଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆରଏମ୍‌ସି ପକ୍ଷରୁ ୬୬ ଲକ୍ଷ ବ୍ୟୟ ଅଟକଳରେ ୨୦ଟି ଦୋକାନ ଘର ନିର୍ମାଣ ଆରମ୍ଭ ହୋଇଥିଲା। ଏହି ଘରଗୁଡ଼ିକର କାର୍ଯ୍ୟ ସରିପାରିନାହିଁ। ପ୍ରାୟ ୯୦ ପ୍ରତିଶତ କାର୍ଯ୍ୟ ସରିଥିବା ବେଳେ ବଳକା କାର୍ଯ୍ୟ ଏବେ ବି ବାକି ରହିଛି। ଦୀର୍ଘଦିନ ହେବ ଘରଗୁଡ଼ିକ ଅଧାପନ୍ତରିଆ ହୋଇରହିଥିବାରୁ ତାହା ଏବେ ଦୁର୍ବୃତ୍ତମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି, ଯାହାକୁ ନେଇ ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଦୋକାନଘର ଅଭାବରୁ ଅନେକ ଛୋଟ ବ୍ୟବସାୟୀ ରାସ୍ତାର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ଦୋକାନ କରି ନିଜ ଗୁଜରାଣ ମେଣ୍ଟାଉଛନ୍ତି। ଏମିତି କି ବିଭିନ୍ନ ସମୟରେ ରାସ୍ତା ଜାମ୍ ହେବା ସହ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏ ନେଇ କେନ୍ଦ୍ରାପଡ଼ା ଜିଲା ଆରଏମ୍‌ସି ସମ୍ପାଦକ ବିଦ୍ୟାଧର ବେହେରାଙ୍କୁ ପଚାରିବାରେ ଏଠାକୁ ନୂଆକରି ଆସିଛି। ତଥାପି ଠିକାଦାର ଓ ଯନ୍ତ୍ରୀଙ୍କ ସହ ଏକ ବୈଠକ କରି ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷକରି ବ୍ୟବସାୟୀଙ୍କୁ ଘର ଆବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

# ଶିଶୁ ହସିଲେ ଦେଶ ହସିବ

ଡେରାବିଶ, ୯।୧(ବେବର୍ତ୍ତା ଅଜୟ ଦାସ)

## ମାରୁତି ଉଚ୍ଚ ବିଦ୍ୟାପୀଠରେ ଛାତ୍ରୀଛାତ୍ର ସମାବେଶ

ଡେରାବିଶ ଆଜିର ଶିଶୁ ହସିଲେ ଦେଶ ହସିବ। ଖାଲି ପାଠପଢ଼ି ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଗଲେ ଚଳିବ ନାହିଁ, ଚରିତ୍ର ଗଠନକୁ ଗୁରୁତ୍ୱ ଦେବା ଦରକାର। ଶୁକ୍ରବାର ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଘିଲୋ ବାବନପୁର ମାରୁତି ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ ଛାତ୍ରୀଛାତ୍ରଙ୍କ ସମାବେଶରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ କିଶୋର କୁମାର ପଣ୍ଡା, ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର, ଦେବଦତ୍ତ ଶତପଥୀ, ଶିକ୍ଷାବିତ କରୁଣାକର ସ୍ୱାଇଁ, ବିଶିଷ୍ଟ ଶଲ୍ୟ ଚିକିତ୍ସକ ପ୍ରମୋଦ କୁମାର ପରିଡ଼ା, ରାମଚନ୍ଦ୍ର ଆଚାର୍ଯ୍ୟ, ନିରଞ୍ଜନ ମଲିକ, ସରପଞ୍ଚ ପ୍ରତାପ ବେହେରା, ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ କ୍ରୀଡା ପ୍ରଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଜଣେ ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମାଜିକ କର୍ମୀ ନରହରି ନାଥଶର୍ମା, ଶିକ୍ଷକ ବିଚିତ୍ର କୁମାର ବିଶ୍ୱାଳ, ମନୋରଞ୍ଜନ ସାମଲ, ସସ୍ମିତା ବାରିକ, ପ୍ରିୟଦର୍ଶିନୀ ପ୍ରଧାନ ଓ ରଶ୍ମି ରେଖା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅମର ଜ୍ୟୋତି ବେହେରା ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଗାୟତ୍ରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

ଆଳି,୯।୧( ବନମାଳୀ ସେନାପତି)



ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଖେଳାଳି ତଥା ଓଡ଼ିଶାର ଗାୟତ୍ରୀ ମଲ୍ଲିକଙ୍କୁ ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳର ସହକାରୀ ପ୍ରଶିକ୍ଷିକା ଭାବେ ନିଯୁକ୍ତ କରାଯାଇଛି। ସେ ୧୦ ତାରିଖରୁ କୋଲକାତାରେ ଆରମ୍ଭ ହେବାକୁ ଥିବା ଟ୍ରେନିଂ କ୍ୟାମ୍ପରୁ ତାଙ୍କର କାର୍ଯ୍ୟଭାର ଗ୍ରହଣ କରିବେ। ଫୁଟ୍‌ବଲର ଅନ୍ତୁଡ଼ିଶାଳ ଆଳି ମିନି ଷ୍ଟାଡିୟମରୁ ଖେଳ ଆରମ୍ଭ କରିଥିବା ଗାୟତ୍ରୀଙ୍କ ଏହି ସଫଳତା ନିମନ୍ତେ ତାଙ୍କୁ ଆଳି ଆଥ୍‌ଲେଟିକ ଆସୋସିଏଶନର ସଭାପତି ପ୍ରତାପ କେଶରୀ ଦେବ, ସମ୍ପାଦକ ବିଜୟ କୁମାର ସେନାପତି, କୃଷ୍ଣଚନ୍ଦ୍ର ପଣ୍ଡା, କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ମଲ୍ଲିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ କିଭଳି ଭାରତୀୟ ସିନିୟର ମହିଳା ଫୁଟ୍‌ବଲ ଦଳକୁ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚାଇବେ ସେ ନେଇ ତାଙ୍କୁ ଶୁଭକାମନା ଜଣାଇଛନ୍ତି। ଏହି ଖବର ଆଳି ପାଇଁ ଗର୍ବର ବିଷୟ ପାଲଟିଛି।

# ଜିଲାପାଳଙ୍କ ଚାନ୍ଦୋଳ ପଞ୍ଚାୟତ ପରିଦର୍ଶନ

ଡେରାବିଶ, ୯।୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାର ଶୁକ୍ରବାର ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଓ ଆବାସ ହିତାଧିକାରୀଙ୍କ ଗୃହ ନିର୍ମାଣର ସ୍ଥିତି ସମ୍ପର୍କରେ ବୁଲି ଦେଖିଛନ୍ତି। ଅପରାହ୍ନରେ ଜିଲାପାଳ ଆୟାର ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସହି ଗ୍ରାମର ଅନ୍ତୋଦୟ ହିତାଧିକାରୀ ସଞ୍ଜୟ ଜେନା ଓ ଉମା ମଲିକଙ୍କ ଗୃହ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଦେଖିବା ସହ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ବିଧାୟକଙ୍କ ପାଣ୍ଠିରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଚାନ୍ଦୋଳ ବସ୍‌ଷ୍ଟାଣ୍ଡରେ ନିର୍ମିତ ହେଉଥିବା ଶୌଚାଳୟକୁ ବୁଲି ଦେଖିଥିଲେ। ପରେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲିକଙ୍କ ଅନୁରୋଧକ୍ରମରେ ଚାନ୍ଦୋଳ ହାଟର ସ୍ଥିତିକୁ ବୁଲି ଦେଖିଥିଲେ। ହାଟକୁ ଆସୁଥିବା ଚାଷୀ ଓ ଗ୍ରାହକଙ୍କ ସୁବିଧା ନିମନ୍ତେ ଚାନ୍ଦୋଳ ହାଟ ମଧ୍ୟରେ ଏକ ଶୌଚାଳୟ ନିର୍ମାଣ କରାଇବାକୁ ସରପଞ୍ଚ ମଲିକ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଡେରାବିଶ ବିଡିଓ ନମିତା ବାରିକ, କନିଷ୍ଠ ଯନ୍ତ୍ରୀ ହିମାଂଶୁ ପତି, ଦେବେଶ କୁମାର ବେହେରା, ପଞ୍ଚାୟତ ପିଇଓ ପ୍ରଣବ ଦାଶ, ଏଡିଇଓ କ୍ଷଣପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବାଇକ୍‌କୁ ଧକ୍କାଦେଲା ହାଇୱା: ଜଣେ ମୃତ

ରାଜକନିକା,୯।୧(ସଞ୍ଜୟ କୁମାର ଦାଶ)

ସଡ଼କ ଦୁର୍ଘଟଣାରେ ମତ୍ସ୍ୟ ବୈଷୟିକ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ରାଜକନିକା ଥାନା କୁହୁଡ଼ି ଗାଁର ସମୀର ଦାସ ଯିଏକି ପାରାଦୀପ ସାମୁଦ୍ରିକ ମତ୍ସ୍ୟ ବିଭାଗରେ ବରିଷ୍ଠ ମତ୍ସ୍ୟ ବୈଷୟିକ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ବୁଧବାର ଦାସ ପାରାଦୀପ ନେହେରୁ ବଙ୍ଗଳା କାର୍ଯ୍ୟାଳୟରୁ ଡ୍ୟୁଟି ସାରି ବାଇକ୍ ଯୋଗେ କୁହୁଡି ଗାଁକୁ ଫେରୁଥିଲେ। ଏହି ସମୟରେ ପାରାଦୀପ-ଭୂତମୁଣ୍ଡାଇରୁ ନୀଳାଚଳ ବଜାର ମଧ୍ୟରେ ପଛପଟୁ ହାଇୱା (ନଂ.ଓଡି ୧୯ ଏଚ୍ ୦୧୫୫) ଧକ୍କା ନେଇ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ଫଳରେ ଦାସ ଘଟଣାସ୍ଥଳରେ ଛିଟିକି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ସ୍ତ୍ରୀ ସହ ଝିଅ,ପୁଅ ଅଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଗରଦପୁର ତହସିଲରେ ୧୭ ପଦବୀ ଖାଲି: କାର୍ଯ୍ୟରେ ବାଧା

ପାଟକୁରା, ୯।୧(ରବୀନ୍ଦ୍ର ନାଥ ବାରିକ )




ଗରଦପୁର ତହସିଲ କାର୍ଯ୍ୟାଳୟ।

ଗରଦପୁର ତହସିଲ କାର୍ଯ୍ୟାଳୟରେ ୧୭ ପଦବୀ ଖାଲି ପଡ଼ିଛି। ଫଳରେ ଜନସାଧାରଣ ତହସିଲରୁ ଜମିବାଡ଼ି ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲରେ ୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଲୋକମାନେ କେସ୍ ରେକର୍ଡ କମ୍ପ୍ୟୁଟରର କପି ପାଇ ପାରୁନାହାନ୍ତି। ବିଭିନ୍ନ କେସ୍‌ର ସାର୍ଟିଫାଏଡ୍ ନକଲ ନେବାରେ ଅହେତୁକ ବିଳମ୍ବ ହେଉଛି। ଲୋକମାନଙ୍କୁ ଜମି ରେଜେଷ୍ଟ୍ରି ପଟ୍ଟା ମଧ୍ୟ ମିଳୁନାହିଁ। ହେଡ୍‌କ୍ଲର୍କ ବର୍ଷେ ହେବ ଚାକିରିରୁ ଅବସର ନେଇଥିଲେ ସୁଦ୍ଧା ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ୨ଜଣ ବରିଷ୍ଠ କିରାଣିଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଥିଲେ ସୁଦ୍ଧା ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ମିଳିନାହିଁ। ତହସିଲରେ ୫ ଜଣ ଅମିନ ରହିବା ଜାଗାରେ ୪ଜଣ ଅଛନ୍ତି। ସହକାରୀ ଆର୍‌ଆଇ ୫ ଜଣଙ୍କ ସ୍ଥାନରେ ୩ଜଣ ଅଛନ୍ତି, ଦୁଇଟି ପଦବୀ ଖାଲି ପଡ଼ିଛି। ୧୨ଜଣ ପିଅନ ରହିବା ଜାଗାରେ ୨ଜଣ ପିଅନ କାର୍ଯ୍ୟ କରୁଛନ୍ତି। ଫଳରେ ବିଭିନ୍ନ କେସରେ ଜନସାଧାରଣଙ୍କୁ ନୋଟିସ ପଠାଇବା କଷ୍ଟକର ହେଉଛି। ତହସିଲ କାର୍ଯ୍ୟାଳୟରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରେକର୍ଡକିପରଙ୍କର ହୋଇଥିବାବେଳେ ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇ ରେକର୍ଡକିପର ପଦବୀକୁ ଖାଲି ରଖାଯାଇଛି। ଏପରି ସମୁଦାୟ ୧୭ ପଦବୀ ଖାଲି ପଡିଛି। ଫଳରେ ଜନସାଧାରଣ ଜମିବାଡ଼ି ସଂକ୍ରାନ୍ତୀୟ କାର୍ଯ୍ୟ ଓ ବିଭିନ୍ନ ସାର୍ଟିଫିକେଟ ନେବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବେଡାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗରଦପୁର ଗ୍ରାମରେ ଚାଲୁଛି। ସେଠାରେ ଜଣେ ମହିଳା ରାଜସ୍ୱ ନିରୀକ୍ଷକ ଥିବାବେଳେ କୌଣସି ସହକାରୀ ରାଜସ୍ୱ ନିରୀକ୍ଷକ, ପିଅନ କିମ୍ବା ଅମିନ ନାହାନ୍ତି। ଏହା ଅଧୀନରେ ଥିବା ପାଟକୁରା, ବେଡାରୀ ଓ ପଦ୍ମପୁର ପଞ୍ଚାୟତର ଜନସାଧାରଣ ଜମିବାଡ଼ି ସଂକ୍ରାନ୍ତୀୟ ଭଲମନ୍ଦ ବୁଝିବା ପାଇଁ ୧୦ କିଲୋମିଟର ବାଟ ଯିବାକୁ ପଡୁଛି। ୩ ପଞ୍ଚାୟତର ଜନସାଧାରଣ ସେଠାକୁ ବିଭିନ୍ନ କାର୍ଯ୍ୟରେ ଯାଉଥିବାବେଳେ ସେଠାରେ ପିଇବା ପାଣିର କୌଣସି ବ୍ୟବସ୍ଥା ନାହିଁ କି ପରିସ୍ରାଗାର କିମ୍ବା ଶୌଚାଳୟ ମହିଳାପୁରୁଷମାନଙ୍କ ପାଇଁ ରଖାଯାଇନାହିଁ। ଫଳରେ ଜନସାଧାରଣ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଖୋଲାରେ ପରିସ୍ରା କରୁଛନ୍ତି। ଏପରି ଅବ୍ୟବସ୍ଥା ମଧ୍ୟରେ ତହସିଲ କାର୍ଯ୍ୟ ଚାଲିଛି। ତୁରନ୍ତ ଗରଦପୁର ତହସିଲରେ ଖାଲି ପଡିଥିବା ପଦବୀଗୁଡ଼ିକ ପୂରଣ କରିବାକୁ ଓ ବେଡାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବେଡାରୀ ଗ୍ରାମରେ ନିର୍ମାଣ ହୋଇଥିବା ନୂତନ ଗୃହରେ ଖୋଲିବାକୁ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍. ଆୟାରଙ୍କ ନିକଟରେ ଦାବି କରିଛନ୍ତି। ଫଳରେ ତହସିଲ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ଅଧ୍ୟକ୍ଷ ମହାରାଜ ଆଶାବ୍ୟକ୍ତ କରିଛନ୍ତି।

# ଗୋବିନ୍ଦପୁର, ଗରଦପୁର, ବରୁଣାରେ ଖୋଲିଲା ଧାନମଣ୍ଡି

ଆଳି,୯।୧(ବନମାଳୀ ସେନାପତି)

କେନ୍ଦ୍ରାପଡା ଜିଲାରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଳି ବ୍ଲକର ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ଗୋବିନ୍ଦପୁର ପାକ୍ସର ସମ୍ପାଦକ ବିରଜା ପ୍ରସାଦ ଦାସଙ୍କ ନେତୃତ୍ୱରେ ସମବାୟର ସଭାପତି ଧନରଞ୍ଜନ ବୋଷ ମଣ୍ଡି ଉଦ୍‌ଘାଟନ କରିଥିଲେ। ମଣ୍ଡିରେ ଧାନ ବିକ୍ରି କରି ସରକାରୀ ମୂଲ୍ୟ ନେବା ନିମନ୍ତେ ଚାଷୀମାନଙ୍କୁ ସଭାପତି ଓ ସମ୍ପାଦକ ନିବେଦନ କରିଛନ୍ତି। ଚାଷୀମାନେ କିଭଳି ଭାବେ ସୁରକ୍ଷିତ ଭାବେ ନିଜର ଧାନ ବିକ୍ରି କରିପାରିବେ ଓ ସରକାରୀ ମୂଲ୍ୟ ପାଇପାରିବେ ସେ ନେଇ ପାକ୍ସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ମଣ୍ଡି ଉଦ୍‌ଘାଟନ ସମୟରେ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ। ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାବେଳେ ଚଳିତ ଥର ଆଳି ବ୍ଲକର ୧୩ଟି ମଣ୍ଡି ଖୋଲାଯିବାକୁ ଥିଲା। ଶୁକ୍ରବାର ଗୋବିନ୍ଦପୁରପାକ୍ସ ପକ୍ଷରୁ ମଣ୍ଡି ଖୋଲାଯାଇଛି। ଅନ୍ୟ ପାକ୍ସଗୁଡ଼ିକ କେବେ ମଣ୍ଡି ଖୋଲିବେ ତାହା ଜଣାପଡିନି। ଖୁବ୍‌ଶୀଘ୍ର ସମସ୍ତ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି।

**ପାଟକୁରା, (ରବୀନ୍ଦ୍ର ନାଥ ବାରିକ):** ଗରଦପୁରଠାରେ ଥିବା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗରଦପୁର ତହସିଲଦାର ତୃପ୍ତି ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ପାକ୍ସ ସଭାପତି ରଞ୍ଜିତ କୁମାର ପଣ୍ଡା ସେଠାରେ ଉପସ୍ଥିତ ଥିଲେ। ପଞ୍ଜୀକୃତ କୃଷକମାନେ ମଣ୍ଡିରେ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ବିକ୍ରୟ କରିପାରିବେ ବୋଲି ତହସିଲଦାର ଦାସ କହିଛନ୍ତି। ଏହି ପାକ୍ସରେ ୬୧୪ଜଣ ଚାଷୀ ଚଳିତ ଖରିଫ ଧାନ ଫସଲ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି ବୋଲି ସଭାପତି ପଣ୍ଡା କହିଛନ୍ତି। ଗରଦପୁର ରାଜସ୍ୱ ନିରୀକ୍ଷକ ବିଜୟାଲକ୍ଷ୍ମୀ ନାୟକ, ନୋଡାଲ ଅଧିକାରୀ ବାଦଲ କୁମାର ପରିଡ଼ା, ସମିତି ସମ୍ପାଦକ ଜ୍ୟୋତି ରଞ୍ଜନ ପଣ୍ଡା, ସହ ସମ୍ପାଦକ ରଞ୍ଜିତ କୁମାର ପଣ୍ଡା, ନିର୍ଦ୍ଦେଶନା ମଣ୍ଡଳୀ ସଭ୍ୟ ପ୍ରତିନିଧି ମଲ୍ଲିକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସେହିପରି ବ୍ଲକ୍‌ର ତଳକୁସୁମା, ବେଡାରୀ, ତେଣ୍ଡାକୁଡ଼ା, ସାନଅଢଙ୍ଗା, ନଡ଼ିଆ ବରେଇ, ବଙ୍ଗାଳପୁର, ଓ ବଡ଼ବେତରା ପାକ୍ସଗୁଡିକରେ ମଧ୍ୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ଜଣାପଡ଼ିଛି।




ଗରଦପୁର ପାକ୍ସରେ ଧାନମଣ୍ଡି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ତହସିଲଦାର ତୃପ୍ତି ଦାସ ଓ ଅନ୍ୟମାନେ।

**ରାଜକନିକା, (ରବୀନ୍ଦ୍ର କୁମାର ଦାସ):** ରାଜକନିକା ବ୍ଲକ୍ ବଳରାମପୁର ପଞ୍ଚାୟତସ୍ଥିତ ବରୁଣା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଶୁକ୍ରବାର ସମ୍ପାଦକ ଅସିତ କୁମାର ବେହୁରିଆଙ୍କ ସଂଯୋଜନାରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜକନିକାର ଶାଖା ପରିଚାଳକ ଇତିଶ୍ରୀକାନ୍ତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଓଳାଭର ପଞ୍ଚାୟତର ସରପଞ୍ଚ ନଉସ ନାୟକ, ମଣ୍ଡି ନୋଡାଲ ଅଫିସର ସତ୍ୟ ଅମରଜ୍ୟୋତି ମହାନ୍ତି, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବେହୁରା, ବରୁଣା ପାକ୍ସର ସଭାପତି ଡମ୍ବରୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କେମିତି ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ସାଧାରଣ ମାନର ଧାନ କୁଇଣ୍ଟାଲ ପ୍ରତି ମୂଲ୍ୟ ୨୩୬୯ ଶହ ଟଙ୍କା ଓ ରାଜ୍ୟ ସରକାରଙ୍କର ନିର୍ଦ୍ଧାରିତ ଇନ୍‌ପୁଟ ସବ୍‌ସିଡି ମୂଲ୍ୟ ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୬୯ ଟଙ୍କା ଏବଂ ଗ୍ରେଡ୍ (ଏ) କୁଇଣ୍ଟାଲ ପ୍ରତି ମୂଲ୍ୟ ୨୩୬୯ ଟଙ୍କାରେ ସମସ୍ତ ଚାଷୀ ଧାନମଣ୍ଡିରେ ଦେଇ ପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ସୁମନ କୁମାର ଦାସ, ଡିଇଓ ଶେଷଦେବ ଦାସ, ଶ୍ରୀଧର ପ୍ରସାଦ ବାୟୀ ଓ ବରୁଣା ପାକ୍ସର ସଭ୍ୟା ପ୍ରୀତିରଞ୍ଜନ ନାୟକ, ଅନାଦି ସାହୁ, ଘନଶ୍ୟାମ ମୁଦୁଲି, ଅଞ୍ଜଳ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଅକ୍ଷୟ ସୁନୀଲ ଅଗ୍ରୱାଲ ଗଜପତି ଜିଲାପାଳ



ପାରଳାଖେମୁଣ୍ଡି,୯।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ନୂତନ ଜିଲାପାଳ ଭାବେ ଶୁକ୍ରବାର ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗ ଦେଇଛନ୍ତି। ନୂତନ ଜିଲାପାଳ ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ ପରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ପାଇଁ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଓ ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଆଲୋଚନା ବେଳେ ଗୁରୁତ୍ୱାରୋପ କରିଥିଲେ। ଜିଲାର ବିଭିନ୍ନ ବିକାଶମୂଳକ ଯୋଜନା ଯଥା-ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ତଙ୍କ ନିକଟରେ ପହଞ୍ଚାଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସାରିବା ଦିଗରେ ସେ ପ୍ରାଥମିକତା ଦେବେ ବୋଲି ଜିଲାପାଳ ଅଗ୍ରୱାଲ କହିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଜିଲାର ବିକାଶ ହୋଇପାରିବ ବୋଲି ସେ କହିଥିଲେ। ଜିଲାାପାଳଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ଡିଏଫଓ କେ.ନାଗାରାଜୁ, ଅତିରିକ୍ତ ଜିଲାପାଳ ମୁନିନ୍ଦ୍ର ହୋନନାଗା ଓ ଫାଲଗୁନୀ ମାଝୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଉପଜିଲାପାଳ ଅନୁପ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଆଲ୍ଲୀଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହା ପୂର୍ବରୁ ଅକ୍ଷୟ ସୁନୀଲ ଅଗ୍ରୱାଲ ନୟାଗଡ଼ ଜିଲାପାଳ ଭାବରେ କାର୍ଯ୍ୟରତ ଥିଲେ ।

## ବୃଦ୍ଧାଶ୍ରମ ଗୃହରୁ ବିଭିନ୍ନ ସାମଗ୍ରୀ ଚୋରି

ଛତ୍ରପୁର,୯।୧ (ଦିଲୀପ ସାମଲ)

ଛତ୍ରପୁର ଥାନା ଅନ୍ତର୍ଗତ ଗୋଲାପଲ୍ଲୀସ୍ଥିତ ଯଶୋଦା ଫାଉଣ୍ଡେଶନ ଆଣ୍ଡ ଟ୍ରଷ୍ଟ ଆନୁକୂଲ୍ୟରେ ଥିବା କସ୍ତୁରବା ବୃଦ୍ଧାଶ୍ରମ ଗୃହରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ଏ ନେଇ ଟ୍ରଷ୍ଟି ସାଗରିକା ପଣ୍ଡା ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। କସ୍ତୁରବା ବୃଦ୍ଧାଶ୍ରମ ଗୃହରେ ଟ୍ରଷ୍ଟ କାର୍ଯ୍ୟକ୍ରମ ନେଇ ବିଭିନ୍ନ ସରଞ୍ଜାମ ରହୁଥିଲା। ଦୁର୍ବୃତ୍ତମାନେ ସାମନା ପଟ ଗ୍ରିଲ ଭାଙ୍ଗି ପାଣି ପମ୍ପ, ଘାସକଟା ଯନ୍ତ୍ର, ପ୍ଲାଷ୍ଟିକ ଡ୍ରମ, ମଗ, ବାଲଟି ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି ବୋଲି ଏତଲାରେ ଦର୍ଶାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଉକ୍ତ ଗୃହରେ ଟ୍ରଷ୍ଟ ପକ୍ଷରୁ ମହିଳା ସଂଘଗୁଡ଼ିକୁ ନେଇ ବୈଠକ ଓ ତାଲିମ କାର୍ଯ୍ୟକ୍ରମ ହୁଏ।

## ଏକାଠି ହେଲେ ଭାଜପା ସମର୍ଥିତ ପଞ୍ଚାୟତ ପ୍ରତିନିଧି

### ନବବର୍ଷ ଶୁଭେଚ୍ଛା ଜଣାଇଲେ ବିଧାୟକ

**ଛତ୍ରପୁର,୯।୧ (ଦିଲୀପ ସାମଲ):** ଛତ୍ରପୁର ବ୍ଲକର ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କୁ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୁକ୍ରବାର ନୂତନ ବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ରିକାପଲ୍ଲୀସ୍ଥିତ ଏନଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିମାନଙ୍କ ସମେତ ବ୍ଲକ ଉପାଧ୍ୟକ୍ଷା ଶାଡି ଶାରଦା ରେଡ୍ଡୀଙ୍କୁ ବିଧାୟକ ନାୟକ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପରେ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ବ୍ଲକ ଉପାଧ୍ୟକ୍ଷା, ଭାଜପାର ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ପଦ୍ମ ଚରଣ ସାହୁ, ଜିଲ୍ଲା ସମ୍ପାଦକ ବସନ୍ତ କୁମାରୀ ବେହେରା ଓ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଏବଂ ଯୁବନେତା ବନୋଜ ନାହାକ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । କାର୍ଯ୍ୟକ୍ରମକୁ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ସଂଯୋଜନା କରିଥିଲେ। ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ପରିଚାଳନାରେ ସହଯୋଗ କରିଥିଲେ ।

# ଚାଷୀଙ୍କ ବିକ୍ଷୋଭ: ସବୁ ମଣ୍ଡି ଖୋଲ, ଟୋକନ୍ ଦିଅ

ଛତ୍ରପୁର, ୯।୧ (ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକରେ ସବୁ ଧାନମଣ୍ଡି ଖୋଲିବା, ଚାଷୀ ଓ ଭାଗଚାଷୀଙ୍କୁ ସବୁଧାନ ବିକ୍ରି ନେଇ ଟୋକନ ଦେବାକୁ ଦାବିକରି ଶୁକ୍ରବାର ଅଖିଳ ଭାରତ କୃଷକ ସଭା ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଛି। ୭ ଦଫା ଦାବି ନେଇ କୃଷକ ସଭା ଚଳାଇଥିବା ଆନ୍ଦୋଳନର ନେତୃତ୍ୱ ଜିଲା ସଭାପତି ଶ୍ରୀହର୍ଷ ରଥ ନେଇଥିଲେ। ଏହି ଅବସରରେ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ। ଚାଷୀ ଦାବିପତ୍ରରେ ସବୁ ପଞ୍ଜୀକୃତ ଚାଷୀ, ଭାଗଚାଷୀଙ୍କ ନିକଟରେ ଟୋକନ ପହଞ୍ଚି ନ ଥିବା ଅଭିଯୋଗ କରି ଜଣେ ପଞ୍ଜୀକୃତ ଚାଷୀ କେତେ ପରିମାଣର ଧାନ ବିକ୍ରୟ କରିବ କିପରି ଜାଣିବ ବୋଲି ପ୍ରଶ୍ନ ଉଠାଇଛନ୍ତି। ଅମଳପରଠାରୁ ଚାଷୀ ଅଖାରେ ଧାନ ଭର୍ତ୍ତି ମଣ୍ଡିକୁ ଚାହିଁ ବସିଥିବା ବେଳେ ଏବେ ଚାଷୀଙ୍କୁ ଝୋଟ ଅଖାରେ ଧାନ ଆଣିବାକୁ କୁହାଯାଉଛି। ଧାନ ବିକ୍ରୟ ନେଇ ସରକାରଙ୍କ ଯୋଜନା, ନିୟମ ଓ କଟକଣା ସମ୍ପର୍କରେ କାହିଁକି ଚାଷୀଙ୍କୁ ପୂର୍ବରୁ ଅବଗତ କରାଯାଉନାହିଁ ବୋଲି ପ୍ରଶାସନକୁ ଚାଷୀ ସିଧାସଳଖ ପଚାରିଛନ୍ତି। ସବୁ ମଣ୍ଡି ଖୋଲି ଧାନ କ୍ରୟକୁ ତ୍ୱରାନ୍ୱିତ କରିବା, କଟ୍‌ନିଛଟ୍‌ନି ବନ୍ଦକରି ଚାଷୀ ଓ ଭାଗଚାଷୀଙ୍କୁ ଧାନ ବିକିବା ନେଇ ସୁନିଶ୍ଚିତ କରିବା, ଜଣେ ଚାଷୀର ସବୁତକ ଟୋକନ ତାକୁ ଏକାଥରକେ ପ୍ରଦାନ କରିବା, ଚାଷୀଙ୍କୁ ଅଯଥା ଖର୍ଚ୍ଚାନ୍ତ ନ କରିବା, ଝୋଟ ଅଖାରେ ଧାନ ଦେବା ପାଇଁ ବାଧ ନ କରିବା, ଧାନ ବିକ୍ରି, ବୀମା ସୂଚନା ଚାଷୀଙ୍କୁ ଠିକ୍ ସମୟରେ ଦେବା,




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଚାଷୀ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଖିଳ ଭାରତ କୃଷକ ସଭାର ଦାବିପତ୍ର**

ଚାଷୀଙ୍କ ଅଭିଯୋଗର ସମାଧାନ ଲାଗି ପ୍ରତ୍ୟେକ ବ୍ଲକରେ ସତନ୍ତ୍ର ପ୍ରକୋଷ୍ଠ ଖୋଲିବା ସହ ଦାବିପତ୍ରରେ ଅନ୍ୟାନ୍ୟ ଦାବି ରହିଛି। ଚାଷୀ ସ୍ଥାନୀୟ ଲକ୍ଷ୍ମଣ ଭବନଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। କାର୍ଯ୍ୟକ୍ରମରେ କୃଷକ ସଭାର ସାଙ୍ଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ, ସିପିଆଇ ଜିଲା ସହସମ୍ପାଦକ ପ୍ରଦୀପ ସେଠୀ, ରଙ୍କନାଥ ସ୍ୱାଇଁ, ଶରତ ପଟ୍ଟନାୟକ, ଏସ. କ୍ରିଷ୍ଣା ରେଡ୍ଡୀ, ସୀମାଞ୍ଚଳ ସାହୁ, ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ଡି. ଆଦିନାରାୟଣ ରେଡ୍ଡୀଙ୍କ ସହ ବହୁ ସଂଖ୍ୟାରେ ଚାଷୀ ସାମିଲ ହୋଇଥିଲେ ।

# ଅପମିଶ୍ରିତ ଖାଦ୍ୟ ପ୍ରସ୍ତୁତି ଅଭିଯୋଗ

**ଗଞ୍ଜାମ ସହରରେ ଯାଞ୍ଚ ହେଉନି ମାନ**

ଗଞ୍ଜାମ,୯।୧ (ବିଦ୍ୟାଧର ସାହୁ)

ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ଗଞ୍ଜାମ ସହରରେ ଅପମଶ୍ରିତ ଖାଦ୍ୟ ପ୍ରସ୍ତୁତ ହେଉଥିବା ଅଭିଯୋଗ ହୋଇଛି। ଗଞ୍ଜାମ ସହର ବଡ଼ ବଜାର ଠାରୁ ଆରମ୍ଭ କରି ସାନ ବଜାର ଓ ଆଖ ପାଖ ଅଞ୍ଚଳରେ ଛତୁ ଫୁଟିବା ଭଳି ହୋଟେଲ ଓ ବିଭିନ୍ନ ଦୋକାନ ଗଢି ଉଠିଛି। ଦୋକାନ ଗୁଡ଼ିକରେ ବିଭିନ୍ନ ଅପମିଶ୍ରିତ ଜିନିଷ ତେଲ ଓ ରାସାୟନିକ ରଙ୍ଗ ମିଶ୍ରଣ ସହ ଭେଜାଲ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଅଧିକ ସ୍ୱାଦିଷ୍ଟ ପାଇଁ ଦୋକାନୀମାନେ ଏହିଭଳି କରୁଥିବା ସହରରେ ଚର୍ଚ୍ଚା ହେଉଛି। ହୋଟେଲ କିମ୍ବା ଫାଷ୍ଟ ଫୁଡ ଓ ଜଳଖିଆ ଦୋକାନ ଗୁଡିକରେ ତିଆରି ହେବା ପରେ ଖାଦ୍ୟ ସାମଗ୍ରୀକୁ ଘୋଡ଼ା ଯାଉ ନ ଥିବାରୁ ଉକ୍ତ ଖାଦ୍ୟ ପଦାର୍ଥରେ ମଶା ମାଛି ବସୁଛନ୍ତି। ଉକ୍ତ ଖାଦ୍ୟକୁ ଖାଇବା ଦ୍ୱାରା ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ମଧ୍ୟ ହେଉଛନ୍ତି। ପ୍ରତି ମାସକୁ ଥରେ ଖାଦ୍ୟର ମାନ ଯାଞ୍ଚ କରିବାକୁ ନିୟମ ଥିଲେ ମଧ୍ୟ କେବେବି ଖାଦ୍ୟ ସୁରକ୍ଷା ଟିମ ପକ୍ଷରୁ ଯାଞ୍ଚ କରାଯାଉନି। ଏନେଇ ଅଭିଯୋଗ କଲେ ଇଛା ହେଲେ ଖାଅ ନହେଲେ ଯାଅ ବୋଲି ଧମକ ମିଳୁଥିବା ଜଣେ ବ୍ୟକ୍ତି ସୂଚନା ଦେଇଛନ୍ତି। ଏନେଇ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ ଖୁବ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅନ୍ୟପଟେ ଜିଲା ଉଚ୍ଚ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗଞ୍ଜାମ ସହର ତଥା ନିକଟବର୍ତ୍ତୀ ଅଞ୍ଚଳ ଯାଇ ଖାଦ୍ୟର ମାନ ଯାଞ୍ଚ କରିବାକୁ ସହରବାସୀ ଦାବି କରିଛନ୍ତି।

## ଆଦର୍ଶ ବିଦ୍ୟାଳୟ ୩ୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ନୂଆଗାଁ, ୯।୧ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ଓଡ଼ଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାଇ ୩ୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡା ଉତ୍ସବ ଅବସରରେ ସ୍କୁଲର ଛାତ୍ରମାନେ ସକାଳୁ ଏକ ମଶାଲ ନେଇ ନୂଆଗାଁ ହାଇସ୍କୁଲ ଖେଳପଡିଆଠାରେ ପହଞ୍ଚି ଥିଲେ। ପରେ ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନରତ ଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ଡିସକସ ଥ୍ରୋ, ସଟପୁଟ ଥ୍ରୋ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ସାହୁ, ନୂଆଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ଅମ୍ବିକା ଆଚାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ନବକିଶୋର ମାର୍ଥା, କୀର୍ତ୍ତି କିରଣ ସ୍ୱାଇଁ, ପ୍ରଣୟ ରଞ୍ଜନ ସାହୁ, ରବୀନ୍ଦ୍ର ଚନ୍ଦ୍ର ସ୍ୱାଇଁ, ହେମନ୍ତ କୁମାର ସେଠୀ, ଶିକ୍ଷୟିତ୍ରୀ ଶୁଭସ୍ମିତା ମାହାର, ଇତ୍ୟାଶା ମିଶ୍ର, ଦେବସ୍ମିତା ସାହୁ, ସ୍ୱର୍ଣ୍ଣପ୍ରଭା ଚଣ୍ଡ, ଅର୍ପିତା ହିମାନୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସ୍ୱୟମଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭାପୁର,୯।୧ ( ପ୍ରଭାତ ବରାଡ)

**ଭାପୁର ଉତ୍କର୍ଷ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା**

ଭାପୁର ବ୍ଲକ ଅନ୍ତର୍ଗତ ସଦର ମହକୁମାରେ ଅବସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ପଡ଼ିଆରେ ପ୍ରଥମତମ ଭାପୁର ଉତ୍କର୍ଷ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟାରୁ ସ୍ଥାନୀୟ ଲୋକକଳା, ଭଜନ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଏହାପରେ ସ୍ୱେଚ୍ଛାସେବୀମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଗଲା। ମୁଖ୍ୟ ଅତିଥି ଭାବେ ଚିଳିକା ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଭିନେତା ବବି ମିଶ୍ର, ସମ୍ମାନିତ ଅତିଥି ଭାବରେ ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ଡ. ଶରତ ଚନ୍ଦ ଜୟସିଂ, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ବିଶ୍ୱନାଥ ସାହୁ, ଭାପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅଭିନେତ୍ରୀ ଗୁନୁଗୁନ୍ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ସଭା ପରେ ସଙ୍ଗୀତ ଦୁନିଆର ସୁନାମଧନ୍ୟ କଣ୍ଠଶିଳ୍ପୀ ସୟମ ପାଢୀ ଓ ତାଙ୍କ ଟିମଙ୍କ ମତୁଆଲା ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଶନିବାର ୩ୟ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ମନ୍ତୁ ଛୁରିଆ ଦର୍ଶକମାନଙ୍କ ମନୋରଞ୍ଜନ କରିବେ ବୋଲି ମହୋତ୍ସବ କମିଟିର ସମ୍ପାଦକ ଗୟାଧର ପରିଡା ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଘଟଣା: ଜେଲ ଗଲେ ଯୁବକ

ନୟାଗଡ଼, ୯।୧ (ଲୋକନାଥ ମିଶ୍ର)

ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ଖୋର୍ଦ୍ଧା ଜିଲା ଚନ୍ଦ୍ରଶେଖରପୁର ଥାନାର ଚନ୍ଦ୍ରଶେଖରପୁର ପଣ୍ଡା ପାର୍କର ରାହୁଲ ରାଉତ(୨୪)ଙ୍କୁ ଗିରଫ କରି ନୟାଗଡ଼ ପୋକସୋ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଯୁବକଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ନାବାଳିକା ଅପହରଣ ଅଭିଯୋଗ ପରେ ପୋଲିସ ତଦନ୍ତ କରି ୨୦୨୫ ନଭେମ୍ବର ୧୬ରେ ନଂ. ୨୪୭/୨୫ରେ ମାମଲା ରୁଜୁ କରିଥିଲା। ଶରଣକୁଳ ଥାନା ଅଞ୍ଚଳରୁ ନାବଳିକା ଅପହରଣ କରାଯାଇଥିଲା।

## ପରୀକ୍ଷା ଦେଲେ ୧୮୯ ଛାତ୍ରୀଛାତ୍ର

ବୁଗୁଡ଼ା,୯।୧ (କାଳିଚରଣ ଦାଶ)

ପିପୁଲ୍ଲି ହାଇସ୍କୁଲ କେନ୍ଦ୍ରରେ ଶୁକ୍ରବାର ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ଉକ୍ତ କେନ୍ଦ୍ରରେ ବୁଗୁଡ଼ା ବ୍ଲକ୍ ଓ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମ ପୂରଣ କରିଥିବା ୨୦୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ପିପୁଲ୍ଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୯ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଇନଭିଜିଲେଟର ଭାବେ ନିୟୋଜିତ ଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ପୋଚାଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରମା ରଞ୍ଜନ ମିଶ୍ର ଯୋଗ ଦେଇଥିଲେ।

## ଭେନେଜୁଏଲା ଉପରେ ଆକ୍ରମଣ ଘଟଣାକୁ ଏସ୍‌ୟୁସିଆଇର ବିରୋଧ

ଶରଣକୁଳ, ୯।୧ (ଦୀପକ କର)

ଶରଣକୁଳରେ ଭେନେଜୁଏଲା ଆକ୍ରମଣ ଘଟଣାକୁ ଏସ୍‌ୟୁସିଆଇ ଶୁକ୍ରବାର ବିରୋଧ କରିଛି। ଆମେରିକା ଜାତିସଂଘର କୌଣସି ନୀତିନିୟମ ନ ମାନି ଖଣିଜ ସମ୍ପଦ ଲୁଟ ଉଦ୍ଦେଶ୍ୟରେ ଅଧରାତିଆ ଆକ୍ରମଣ କରି ଭେନେଜୁଏଲାର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା ସହ ରାଷ୍ଟ୍ରପତି ଦମ୍ପତିଙ୍କୁ ଅପହରଣ କରି ନେଇଛି। ଆମେରିକା ଜେଲରେ ବନ୍ଦି କରି ରଖିଛି। ଭେନେଜୁଏଲା ଉପରେ କ୍ଷେପଣାସ୍ତ୍ର ପ୍ରୟୋଗ କରି ଅନେକ କ୍ଷୟକ୍ଷତି କରିବା ସହ ଅନେକ ଜୀବନହାନୀ ଘଟାଇଛି। ଏସୟୁସିଆଇ କମ୍ୟୁନିଷ୍ଟ ପାର୍ଟି ଏହାର ଦୃଢ଼ ନିନ୍ଦା କରିଛି। ଏହି ପରିପ୍ରେକ୍ଷୀରେ ଏସ୍ଏୟୁସିଆଇ ଶରଣକୁଳ ଶାଖା ପକ୍ଷରୁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସହରର ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଏକାଠି ହୋଇ ପ୍ରତିବାଦ ସଭା କରି ଏହାର ଦୃଢ଼ ନିନ୍ଦା କରିଛନ୍ତି। ଏହି ସଭାରେ ସଂଗ୍ରାମ ମହାପାତ୍ର, ଓମ୍ ପ୍ରକାଶ ଦଳେଇ, ବବୁଲ ମହାପାତ୍ର ଓ ବିଶ୍ୱଜିତ ବାରିକ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ।




ଏସ୍‌ୟୁସିଆଇ ପକ୍ଷରୁ ଭେନେଜୁଏଲା ଆକ୍ରମଣ ବିରୋଧରେ ପ୍ରତିବାଦ।

## ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଶେରଗଡ଼, ୯।୧ (ସୂର୍ଯ୍ୟ ନାରାୟଣ ଦାଶ)

ଧନନ୍ତର ଗ୍ରାମସ୍ଥିତ ପିଏମଶ୍ରୀ ନାଥେଶର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିସରରୁ ଛାତ୍ରୀଛାତ୍ରମାନେ ସଡ଼କର ନିୟମ ମାନି ଚଳିବା, ହେଲମେଟ ପିନ୍ଧି ବାଇକ ଚଳାଇବା, ଟ୍ରାଫିକ ପୋଲିସ ନିର୍ଦ୍ଦେଶକୁ ଠିକ ଭାବେ ପାଳନ କରିବା, ମଦ ପିଇ ଗାଡି ନ ଚଲାଇବା ଆଦି ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଶିଶିର ପ୍ରଧାନ ଶୁଭାରମ୍ଭ କରିଥିଲେ। ସେହିପରି ଶେରଗଡ଼ ବ୍ଲକ ଧବଳପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଛି। ଏହାକୁ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ଏବିଇଓ ଶୈଳେନ୍ଦ୍ରି ଦଳେଇ,ସିଆରସିସି ଈଶର ପାତ୍ର ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରମାନେ ଯେପରି ପାଠପଢ଼ା ନ ଛାଡି ବିଦ୍ୟାଳୟ ମୁହାଁ ହେବେ ସେ ଦିଗରେ ସମସ୍ତେ ଉଦ୍ୟମ ଜାରି ପରାମର୍ଶ ଦେଇଥିଲେ। ସରପଞ୍ଚ ବର୍ଣ୍ଣମାଳା ପ୍ରଧାନ, ସମିତି ସଭ୍ୟ ପୁଷ୍ପାଞ୍ଜଳି ଗୌଡ଼ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦ୍ୱିତୀୟ ରଜନୀରେ ମନମୋହିଲା ନୃତ୍ୟ,ସଙ୍ଗୀତ



ପାରଳାଖେମୁଣ୍ଡି,୯।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ସଦର ମହକୁମାରେ ଚାଲିଥିବା ମହେନ୍ଦ୍ରତନୟା ମହୋତ୍ସବ ଦ୍ୱିତୀୟ ରଜନୀରେ ପାରମ୍ପରିକ ନୃତ୍ୟଶିଳ୍ପୀ, କଣ୍ଠଶିଳ୍ପୀ ଦର୍ଶକ ଓ ଶ୍ରୋତାଙ୍କୁ ବେଶ୍ ବାନ୍ଧି ରଖିଥିଲା। ବହୁ ସଂଖ୍ୟକ ଦର୍ଶକ ତଥା ଅଞ୍ଚଳବାସୀ ଏହି ଶୀତ ସନ୍ଧ୍ୟାକୁ ନୃତ୍ୟଓ ସଙ୍ଗୀତରେ ଉପଭୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମାଞ୍ଚଳର କଳାକାରଙ୍କ ସଙ୍ଗୀତ ନୃତ୍ୟରେ ମଞ୍ଚ ଦୁଲିକିଥିଲା । ଆୟେଜିତ ସଭାରେ ବ୍ଲକ ଅଧକ୍ଷ ଏନ.ବୀରରାଜୁ ସଭାପତିତ୍ୱ କରିଥିଲେ। ପାରଳାଖେମୁଣ୍ଡି ଡିଏଫଓ କେ. ନାଗାରାଜୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ଜିଲା ପରିଷଦ ସଭ୍ୟ ଏସ.ବାଲାରାଜୁ ଅତିଥି ରୂପେଯୋଗ ଦେଇଥିଲେ । ବିଭିନ୍ନ ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ବିଡିଓ ଗୌରଚନ୍ଦ୍ର ପଟ୍ଟନୟକ ପରିଚାଳନା କରିଥିଲେ। ଜିପିଓ ଅଶୋକ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ଆକାଉଣ୍ଟସ ଅଫିସର ଗଜେନ୍ଦ୍ର ବେହେରା, ଗୁରାଣ୍ଡି ଥାନା ଅଧିକାରୀ ଓମ ନାରାୟଣ ପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଶନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲା।

# ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

ଆସିକା/ଧରାକୋଟ,୯।୧ (ସୁରେନ୍ଦ୍ର ନାଥ ସାହୁ/ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଆସିକା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଶୁକ୍ରବାର ବ୍ଲକ ସଭା ଗୃହରେ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଶାନ୍ତି କରସୁଧା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ସୁଶାନ୍ତ କୁମାର ବେହେରା, ଆସିକା ଓକିଲ ସଂଘ ସଭାପତି ଅଜିତ କୁମାର ଚୌଧୁରୀ, ପୋଲିସ ଇନିସପେକ୍ଟର ଜ୍ଞାନରଞ୍ଜନ ସେଠୀ, ପୂର୍ବତନ ଶିଶୁ ମଙ୍ଗଳ ସମିତି ସଦସ୍ୟ ତଥା ଜିଲ୍ଲା ପ୍ରଶିକ୍ଷକ ହରିହର ପାଢୀ, ସମବାୟ କେନ୍ଦ୍ର ବ୍ୟାଙ୍କ ଶାଖା ପରିଚାଳକ ଗିତାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ । ସାମାଜିକ ସ୍ତରରେ ପୁଅ-ଝିଅ ମଧ୍ୟରେ ସମାନତା ରକ୍ଷା ଏବଂ ଏଥିରେ ବ୍ୟତିକ୍ରମ ହେଲେ ରହିଥିବା ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ କନ୍ୟାଙ୍କୁ ବଞ୍ଚାଇବା, ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରସର କରିବା, ସ୍ୱାସ୍ଥ୍ୟ ଓ ପୋଷଣର ଯତ୍ନ ନେବା, ଲିଙ୍ଗ ଅନୁପାତରେ କନ୍ୟା ଶିଶୁହାର ବୃଦ୍ଧି କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଞ୍ଚଳ ପରିଦର୍ଶିକା ରଞ୍ଜୁକ୍ତା ସ୍ୱାଇଁ, ଦିପ୍ତୀରାଣୀ ଧୋବା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ୩ଜଣ କିଶୋରୀ ପ୍ରାଚି ପରିଡା, ମୋନାଲିସା କାର୍ଜି ଓ ସୁଇଟି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଲାଗି ଏକ ଶପଥପାଠ କରାଯାଇଥିଲା ।

ଧରାକୋଟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମିଶନ ଶକ୍ତି କାର୍ଯ୍ୟାଳୟଠାରେ ସିଡିପିଓ ସୁନୀଲ ପ୍ରଭା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବିଡିଓ ସଂଗ୍ରାମ କେଶରୀ ଜେନା, ଏବିଇଓ ସୌରୀ ଶଙ୍କର ବେହେରା, ପୂର୍ବତନ ଶିଶୁ ମଙ୍ଗଳ ସମିତିର ସଦସ୍ୟ ତଥା ଜିଲାସ୍ତରୀୟ ତାଲିମ ଦାତା ହରିହର ପାଢ଼ୀ, ଏସ୍‌ବିଆଇ ପରିଚାଳକ ସୀତାକାନ୍ତ ବେହେରା, ଯୁବ ଆଇନଜୀବୀ ବି.ତେଜେଶ୍ୱେର ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଞ୍ଚଳ ପରିଦର୍ଶିକା ଭାଗ୍ୟଲତା ମଣ୍ଡଳ, ରାଜଲକ୍ଷ୍ମୀ ପ୍ରଧାନ, ଲକ୍ଷ୍ମୀ ଦଳେଇ, ପଦ୍ମାବତୀ ମଲ୍ଲିକ ପ୍ରମୁଖ ସଂଯୋଜନା କରିଥିବା ବେଳେ ବନବାସ ବେହେରା, ଅଜୟ ସେମିଲି ସହଯୋଗ କରିଥିଲେ। ଶେଷରେ ୩ ଜଣ କିଶୋରୀଙ୍କୁ ଏକ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଧରାକୋଟ ବ୍ଲକର ମ୍ୟାଟ୍ରିକ୍ ଟପ୍ପର ବର୍ଷା ଗୌଡ଼, ଶ୍ରେଷ୍ଠ ବକ୍ତୃତା ଅଙ୍କିତା ଜେନା, ବିଜ୍ଞାନ ମେଳାର ଶ୍ରେଷ୍ଠ ଆଦ୍ୟସା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା।



ଆସିକା କାର୍ଯ୍ୟକ୍ରମରେ କିଶୋରୀଙ୍କୁ ପୁରସ୍କୃତ କରାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଧରାପଡ଼ିଲା ୬.୨୭ କୋଟିର ସାଇବର ଠକେଇ

- ୫ ଅଭିଯୁକ୍ତ ଗିରଫ, ୧୦ ଜଣଙ୍କୁ ନୋଟିସ
- ବିଦେଶକୁ ଲମ୍ବିଛି ଅର୍ଥ କାରବାର ଲିଙ୍କ୍

**ଫୁଲବାଣୀ,୯।୧(ରାକେଶ କୁମାର ରାଉତ)**

କନ୍ଧମାଳ ଜିଲା ସାଇବର ଥାନା ପୋଲିସ ବଡ଼ଧରଣର ସାଇବର ଅପରାଧର ପର୍ଦ୍ଦାଫାଶ କରିଛି । ଜିଲାର ବିଭିନ୍ନ ବ୍ୟାଙ୍କରେ ଖୋଲାଯାଇଥିବା ମ୍ୟୁଲ ଆକାଉଣ୍ଟରେ ହୋଇଥିବା ୬ କୋଟି ୨୭ ଲକ୍ଷ ଟଙ୍କାର ସାଇବର ଠକେଇ ଧରାପଡିଛି । ଏହି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମାଷ୍ଟରମାଇଣ୍ଡ ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନା ଅନ୍ତର୍ଗତ କାଳଟିଆର ତୁଷାରକାନ୍ତି ଦାସ, ଫୁଲବାଣୀର ଅବିନାଶ ମହାପାତ୍ର, କିରଣ କୁମାର ବେହେରା, ଗୋପାଳ ସିଂ ଓ ବାଦଲ କୁମାର ସ୍ୱାଇଁ। ଏଥିସହ ୧୦ ଆକାଉଣ୍ଟଧାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା ୟୁ/ଏସ୍ ୩୫ରେ ନୋଟିସ ଜାରି କରାଯାଇଛି । ଘଟଣାର ଅଧିକ ତଦନ୍ତ ଚାଲିଥିବା ଏଏସ୍‌ପି ରମେନ୍ଦ୍ର ପ୍ରସାଦ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରଛନ୍ତି।

କ୍ରାଇମବ୍ରାଞ୍ଚ ସିଆଇଡି ପକ୍ଷରୁ କନ୍ଧମାଳ ଜିଲା ସାଇବର ସେଲକୁ ଫୁଲବାଣୀରେ ଥିବା ଏକାଧିକ ବ୍ୟାଙ୍କରେ ସାଇବର ଠକେଇ ହେଉଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଏହାକୁ କନ୍ଧମାଳ ଏସ୍‌ପି ହରିଶ ବିଶି ଗୁରୁତ୍ୱର ସହ ନେଇ ଏଏସ୍‌ପି ରମେନ୍ଦ୍ରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ତଦନ୍ତ ବେଳେ ସମସ୍ତ ଆକାଉଣ୍ଟ ନିରୀହ, ଗରିବ ଶ୍ରେଣୀର ଲୋକଙ୍କ ନାମରେ ଥିବା ଜଣାପଡ଼ିଥିଲା । ସେମାନଙ୍କୁ ପଚରାଉଚରା କରିବାରୁ ଆକାଉଣ୍ଟ ଖୋଲିଥିବା କେତେଜଣ ଯୁବକଙ୍କ ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଆକାଉଣ୍ଟ ଟ୍ରାଞ୍ଜାକଶନ ଏବଂ ଫୋନ କଲକୁ ଆଧାର କରି ପୋଲିସ ଭୁବନେଶ୍ୱରର ସୂର୍ଯ୍ୟୋଦୟ ବ୍ୟାଙ୍କରେ କାମ କରୁଥିବା ମାଷ୍ଟରମାଇଣ୍ଡ ତୁଷାରକାନ୍ତିଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା । ଏହି ଘଟଣାରେ ଅନ୍ୟ ୪ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡିବା ପରେ ସେମାନଙ୍କୁ ଗିରଫ କରାଯାଇଛି। ତୁଷାରକାନ୍ତି ଏକ ହ୍ୱାଟସ୍‌ଆପ ଗ୍ରୁପ୍ କରି ସମ୍ପୃକ୍ତ ଯୁବକଙ୍କୁ ସେଭିଂ ଆକାଉଣ୍ଟ ଖୋଲିଲେ କମିଶନ ବାବଦରେ ୫ ହଜାର ଏବଂ କର୍ପୋରେଟ ଆକାଉଣ୍ଟ ଖୋଲିଲେ ୫୦ ହଜାର ଟଙ୍କା ମିଳିବ ବୋଲି ପ୍ରଲୋଭନ ଦେଖାଉଥିଲେ । ଯୁବକମାନେ ସାଇବର ଅପରାଧ ଉପରେ ଅବଗତ ଥିଲେ । ତେଣୁ ସେମାନେ ଆକାଉଣ୍ଟଧାରୀଙ୍କ ପାସ୍ ବୁକ, ଏଟିଏମ୍, ନେଟ ବ୍ୟାଙ୍କିଂ ଏବଂ ସିମ୍ କାର୍ଡ ମାସକ ପାଇଁ ଦେବାକୁ କହି ଆଣୁଥିଲେ । କିନ୍ତୁ ପରେ ଫେରାଉ ନ ଥିଲେ । ସିଆଇଡି ପକ୍ଷରୁ ଖବର ମିଳିବା ପରେ ତଦନ୍ତକୁ ଜୋରଦାର କରାଯାଇଥିଲା। ଫୁଲବାଣୀରେ ୧୬ଟି ଆକାଉଣ୍ଟରେ ୬ କୋଟି ୨୭ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡିଥିଲା । ଦେଶ ଏବଂ ବିଦେଶରେ ଏହି ଠକେଇର ଲିଙ୍କ ଥିବା ସହ ଅର୍ଥ କାରବାର ହୋଇଛି। ସମସ୍ତ ଆକାଉଣ୍ଟକୁ ଅଚଳ କରାଯାଇଛି। ତୁଷାରକାନ୍ତିଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ସାଇବର ଅପରାଧୀଙ୍କ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ଏଏସପି ରମେନ୍ଦ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ କେ.ଶ୍ରୀନିବାସୁଲୁ, ଫୁଲବାଣୀ ସାଇବର ଥାନାଧିକାରୀ ଗେହ୍ଲି କୁମାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ୬୮ ଗ୍ରାମ୍ ବ୍ରାଉନସୁଗାର ଜବତ

## ଜେଲ ଗଲେ ଦମ୍ପତି

**ବାଲେଶ୍ୱର, ୯।୧(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ଶୁକ୍ରବାର ଅରଡ଼ବଜାର ଅଞ୍ଚଳର ଗଉଡ଼ସାହି ନିକଟରେ ଚଢ଼ାଉ କରି ବ୍ରାଉନସୁଗାର କାରବାର କରୁଥିବା ବେପାରୀ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅରଡ଼ବଜାର ଗଳାପୋଲ ଅଞ୍ଚଳର ସେକ୍ ସାହିଦ (୩୪) ଓ ତାଙ୍କ ସ୍ତ୍ରୀ ମମତା ସୋରେନ। ସେମାନଙ୍କ ନିକଟରୁ ୬୮ ଗ୍ରାମ୍ ବ୍ରାଉନସୁଗାର ସହ ବୁଲେଟ୍ (ନଂ. ଓଡ଼ି୦୧ବିଇ-୬୮୯୧) ଓ ଏକ ସ୍ମାର୍ଟଫୋନ୍ ଜବତ ହୋଇଛି। ଏ ସମ୍ପର୍କରେ ଏକ ମାମଲା (ନଂ. ୧୪/୨୬) ରୁଜୁ କରି ପୋଲିସ ଗିରଫ ସ୍ୱାମୀ, ସ୍ତ୍ରୀଙ୍କୁ କୋର୍ଟଚାଲାଣ କରିଛି।

ଅଭିଯୁକ୍ତ ଦମ୍ପତି ଅରଡ଼ବଜାର ଅଞ୍ଚଳର ଗଉଡ଼ସାହିସ୍ଥିତ ଏକ ପରିତ୍ୟକ୍ତ ଘର ନିକଟରେ ଗ୍ରାହକମାନଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ପୋଲିସ ନିକଟରେ ଖବର ଥିଲା। ଆଇଆଇସି ବିରଞ୍ଚି ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଏକ ସ୍ୱତନ୍ତ୍ର ଟିମ୍ ସହ ଚଢ଼ାଉ କରି ଉଭୟଙ୍କୁ ଗିରଫ ସହ ବ୍ରାଉନସୁଗାର ଜବତ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମରେ ସହଦେବଖୁଣ୍ଟା ଥାନା ଓ ଏସ୍‌ଟିଏଫ୍‌ରେ ପୂର୍ବରୁ ବହୁ ମାମଲା ଥିବା ପୋଲିସ କହିଛି। ଦମ୍ପତିଙ୍କ ସହ ଦୁଇମାସର ଶିଶୁକନ୍ୟା ରହିଛି।



ଜବତ ବ୍ରାଉନସୁଗାର ସହ ଗିରଫ ଦମ୍ପତି।

# ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ବଇଣ୍ଡା, ୯।୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଘରୁ ଅପହରଣ କରିନେଇ ଉକ୍ତ ଅଞ୍ଚଳର ବୀରେନ ପ୍ରଧାନ ବଳତ୍କାର କରିଥିବା ଗୁରୁବାର ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୭/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବିବାହ ପୂର୍ବରୁ ସମ୍ପୃକ୍ତା ମହିଳାଙ୍କ ସହ ବୀରେନଙ୍କ ପ୍ରେମ ସମ୍ପର୍କ ରହିଥିଲା। ତେବେ ମହିଳାଙ୍କ ଘରକୁ ଯାଇ ବୀରେନ ତାଙ୍କୁ ସେଠାରୁ ଅପହରଣ କରିନେଇ ବଳତ୍କାର କରିଥିବା ମହିଳା ଜଣକ ଅଭିଯୋଗ ଉଲ୍ଲେଖ କରିଛନ୍ତି।

# ସାନବାପା ପୁଅକୁ ବଡ଼ବାପା ପୁଅ ହାଣିଦେଲେ

**ରାୟଗଡ଼ା/ଅମ୍ବାଦଳା,୯।୧(ଆଶିଷ ରଞ୍ଜନ ପଣ୍ଡା/ରବୀନ୍ଦ୍ର ପଣ୍ଡା)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଡ଼ବାପାଙ୍କ ପୁଅ ଟାଙ୍ଗିଆ ଚୋଟରେ ସାନବାପାଙ୍କ ପୁଅର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଇଚ୍ଛାପୁର ପଞ୍ଚାୟତର ବଡ଼ନାଗଝରି ଗ୍ରାମରେ ଶୁକ୍ରବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ବଡ଼ନାଗଝରି ଗ୍ରାମର ବଡ଼ନୁନା କଟିମ୍ । ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଅଭିଯୁକ୍ତ ବିଶ୍ୱମ୍ଭର କଟିମଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସାନବାପା ପୁଅ ବଡ଼ନୁନା ତାଙ୍କ କାନ୍ଧୁଲ ବାଡ଼ ରକ୍ଷଣାବେକ୍ଷଣ ପାଇଁ ଜମିକୁ ଯାଉଥିବାବେଳେ ପୂର୍ବରୁ ବଡ଼ବାପା ପୁଅ ବିଶ୍ୱମ୍ଭର ତାଙ୍କ ଜମିରେ ଥିବା ଏକ ଜାମୁକୋଳି ଗଛ କାଟୁଥିବା ଦେଖିଥିଲେ । ଏତେ ବଡ଼ ଗଛ କାହିଁକି କାଟି ଦେଉଛ ବୋଲି ବଡନୁନା ବିଶ୍ୱମ୍ଭରକୁ ପଚାରିବାରୁ ସେ ଗଛରୁ ଓହ୍ଲାଇ ଆସିଥିଲେ। ଉଭୟଙ୍କ ମଧ୍ୟରେ ଗଛ କଟାକୁ ନେଇ ବଚସା ହେବା ପରେ ବିଶ୍ୱମ୍ଭର ଉତ୍ତ୍ୟକ୍ତ ହୋଇ ହାତରେ ଧରିଥିବା ଟାଙ୍ଗିଆରେ ବଡନୁନାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବଡନୁନାଙ୍କ ମୃତ୍ୟୁ ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବଡ଼ନୁନାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ କାନ୍ଧୁଲ ବାଡ଼ରେ ଅପେକ୍ଷା କରିଥିବାବେଳେ ସେ ନ ପହଞ୍ଚିବାରୁ ତାଙ୍କୁ ଖୋଜାଖୋଜି କରିଥିଲେ। ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ଦେଖି ଗାଁ ଲୋକଙ୍କୁ ଜଣାଇବା ପରେ ସେମାନେ ପୋଲିସକୁ ଖବର ଦେଇଥିଲେ । ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି। ଏ ନେଇ ଅମ୍ବାଦଳା ଥାନାରେ କେସ୍ ନ. ୫/୨୬ରେ ମାମଲା ରୁଜୁକରି ପୋଲିସ ତଦନ୍ତ କରୁଛି। ପୋଲିସ ହତ୍ୟାକାରୀ ବିଶ୍ୱମ୍ଭରଙ୍କୁ ଗିରଫ କରିଥିବାବେଳେ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବେହେରା ସୂଚନା ଦେଇଛନ୍ତି।

# ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା

## ଥାନାରେ ଆତ୍ମସମର୍ପଣ କଲେ ବାପା

**ଠାକୁରମୁଣ୍ଡା,୯।୧(ତାରାକାନ୍ତ ପଟ୍ଟନାୟକ)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ଭରାଣ୍ଡିହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନିଶାସକ୍ତ ପୁଅକୁ କୁରାଢ଼ିରେ ହାଣି ହତ୍ୟା କରିବାପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି ବାପା। ମୃତକ ହେଲେ ତପନ ବାଇଁଶିଆ (୩୫)। ଏନେଇ ପୋଲିସ ଏକ ମାମଲା(ନଂ.୭/୨୬) ରୁଜୁ କରି ଅଭିଯୁକ୍ତ ଅନାମ ବାଇଁଶିଆ (୬୫)ଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଅନାମ ଘର ସମ୍ମୁଖରେ ନିଆଁ ପୋଇଁ ହେଉଥିବା ବେଳେ ରାତି ପ୍ରାୟ ୮ଟା ସମୟରେ ପୁଅ ତପନ ନିଶାସକ୍ତ ଅବସ୍ଥାରେ ଆସି ତାଙ୍କ ପାଖରେ ବସିଥିଲେ। କୌଣସି କଥାକୁ ନେଇ ବାପା ଅନାମଙ୍କ ସହିତ ଝଗଡ଼ା କରିବା ସହ ଗୋଇଠା ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅନାମ ଘରୁ ଏକ କୁରାଢ଼ି ଆଣି ପୁଅ ତପନଙ୍କ ବେକକୁ ହାଣି ହତ୍ୟା କରିଥିଲେ। ପରେ ରାତି ପ୍ରାୟ ୯ଟା ସମୟରେ ଠାକୁରମୁଣ୍ଡା ଥାନାକୁ ଆସି ଆତ୍ମସମର୍ପଣ କରିଥିଲେ।

# ଗୋଚାଲାଣରେ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି

## ଟଙ୍କା ଦେଣନେଣକୁ ନେଇ ଅଡିଓ ଭାଇରାଲ

**କେନ୍ଦୁଝର,୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା କାଳିଆହତା ପୋଲିସ ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ଗୋଚାଲାଣରେ ସମ୍ପୃକ୍ତି ଅଭିଯୋଗ ହେଉଛି। ଟଙ୍କା ଦେଣନେଣକୁ ନେଇ ସୋସିଆଲ ମିଡ଼ିଆରେ ଗୋଚାଲାଣକାରୀଙ୍କ ସହ କନ୍‌ଷ୍ଟେବଲଙ୍କ ଅଡିଓ ଭାଇରାଲ ହେଉଥିବାରୁ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଟଙ୍କା ଦେଣନେଣକୁ ନେଇ ଜଣେ ଦଲାଲଙ୍କ ସହିତ ଫାଣ୍ଡିର ଜଣେ କନଷ୍ଟେବଲ ଫୋନ୍ ଯୋଗେ କଥାବାର୍ତ୍ତା ହେଉଥିବା ଅଡିଓରୁ ଜଣାପଡ଼ୁଛି। କନଷ୍ଟେବଲ ଜଣକ ଦୀର୍ଘ ବର୍ଷ ହେଲା ଏଭଳି କାମ କରି ଆସୁଥିବା ସ୍ଥାନୀୟ ଲୋକ ଆଲୋଚନା କରୁଛନ୍ତି। କେଉଁ ମାଫିଆ କେତେ ଟଙ୍କା ଦେଲା କେତେବେଳେ ଦେଲା ଅଡିଓରେ ସ୍ପଷ୍ଟ ଜଣାପଡୁଛି। ଅନ୍ୟପକ୍ଷେ ମାସେ ପୂର୍ବରୁ ଗୋ ଚାଲାଣରେ ପୋଲିସ ସମ୍ପୃକ୍ତିକୁ ନେଇ ତେଲକୋଇ ଥାନାର ଜଣେ କର୍ମଚାରୀ ଗିରଫ ହୋଇଥିଲେ। ଏବେ ତେଲକୋଇ ଥାନା ଅଧୀନ କାଳିଆହତା ଫାଣ୍ଡିର ଜଣେ କନ୍‌ଷ୍ଟେବଲଙ୍କ ସହିତ ଗୋଚାଲାଣକୁ ନେଇ ଅଡିଓ ଭାଇରାଲ ହେବା ଗୋଚାଲାଣରେ ପୋଲିସ ସମ୍ପୃକ୍ତିକୁ ସ୍ପଷ୍ଟ କରୁଛି। ଏ ନେଇ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ କହିଛନ୍ତି, ଅଡିଓ ଶୁଣିବା ପରେ ପଦକ୍ଷେପ ନିଆଯିବ।

# ଗୁଜରାଟରୁ ୫ ଅଭିଯୁକ୍ତ ଗିରଫ

## ତ୍ରିକୋଣୀୟ ପ୍ରେମରୁ ବବୁଲ ହତ୍ୟାକାଣ୍ଡ

**ଭୁବନେଶ୍ୱର,୯।୧(ତ୍ରିନାଥ ମହାନ୍ତି)**

ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଜିତେନ୍ଦ୍ର ଦାସ ଓରଫ ବବୁଲଙ୍କୁ ହତ୍ୟା ଘଟଣାରେ ନୟାପଲ୍ଲୀ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗୁଜରାଟରୁ ଗିରଫ କରିଛି। ସେମାନେ ହେଲେ ରାଜା ରାୟ ଓରଫ ବେଙ୍ଗଲୀ ରାଜା, କାଳିଆ ମହାନ୍ତି, ସୁନିଲ ନାୟକ ଓରଫ ଟିନା, ରାଜେଶ ନାୟକ ଓରଫ ନଣ୍ଟୁ ଓ ରାଜେଶ ବେହେରା। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଆଗ୍ନେୟାସ୍ତ୍ର କଟୁରୀ, ୪ଟି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଥିବା ପୋଲିସ କମିଶନର ସୁରେଶ ଦବଦତ୍ତ ସିଂ ସୂଚନା ଦେବା ସହ ପୂରା ଘଟଣା ସମ୍ପର୍କରେ କହିଛନ୍ତି।


# Classified Everyday 0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777



**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Wellness relax body massage & jointpain treatment by traind therapist. 7008773793. D-3034

Newly open health benefits, joint pain relax good environment atmosphere. 7653969971. D-3035

**AFFIDAVIT**

By virtue of an affidavit sworn before the Executive Magistrate, Jagannathprasad, Ganjam, dated- 09.12.2025, I, Smt Saraswati Pradhan, W/o.- Laxman Pradhan, age- 47 year, Address: Village- Mentapur, P.O.- B.D Pur, P.S.- Jagannath Prasad and presently residing at Village/Post- B. D Pur, P.S.- Jagannath Prasad, in the district of Ganjam Odisha declare that I have changed my name from Smt Sarswati Pradhan to Smt Saraswati Pradhan. Henceforth, I shall be known as Smt Saraswati Pradhan for all purposes. D-3065

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Panposh on Dtd.- 09.01.2026, I, Satyanarayan Mahanta, S/o.- Harekrushna Mahanta, Vill.- Sukhapali, P.O./P.S.- Lahunipada, Dist.- Sundargarh, Odisha- 770040 declare that name of my parents in some documents mentioned as Harekrishna Mahanta (Father), Lilmani Mahanta (Mother) instead of Harekrushna Mahanta (Father), Jira Mahanta (Mother) which is correct. Both name Harekrushna Mahanta (Father), Jira Mahanta (Mother) & Harekrishna Mahanta (Father), Lilmani Mahanta (Mother) is one and same person. D-3067

I, Manaranjan Malik, father of minor Mamita Malik of Village Jirakua, P.O.- Ramnabadi- 761151, P.S.- Surada. Hereby notify that through this affidavit filed before Executive Magistrate, Surada, Ganjam that my daughter's name has been changed to Mami Malik. All records, deeds and transactions should henceforth reflect her new name. Old Name: Mamita Malik, New Name: Mami Malik. Henceforth, she will be known as Mami Malik for all purposes.
Sd./- Manaranjan Malik
D-3068

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Batakrushna Mohanty, S/o.- Basanta Mohanty, resident of house No.- 56, Ward No.- 16, Village- Dhobapalli, Post- Baragam, P.S.- Kotinada, Aska, Dist.- Ganjam, PIN- 761111, State- Odisha declare by this affidavit No.- 1606, Dtd.- 01.11.2025 that now onwards I shall be known as BATAKRUSHNA BASANTA MOHANTY for all future purposes. D-3069

I, Jagadish Sethi, S/o.- Madan Sethi, Resident of Solagadia, P.O.- Majhigadia, P.S.- Kaptipada, Dist.- Mayurbhanj, PIN- 757106 declare by this affidavit No. 363 dtd.- 25.11.2025 that the name of my son mentioned earlier in various documents as AUROASHRITA SETHI has been changed to AUROASHRIT SETHI. Henceforth, the latter one willbe executed. D-3063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**
ଓଁ ସାଇରାମ



⁄ବନବାସିନୀ ମହାପାତ୍ର (ବୁଲୀ)
ଆବିର୍ଭାବ ୦୭/୧୨/୧୯୪୦ | ତିରୋଧାନ ୩୧/୧୨/୨୦୨୫ (ପୌଷ ଦ୍ୱାଦଶୀ)
୧୭, ଗୌତମ ନଗର, ଭୁବନେଶ୍ୱର
ତୁମେ ଆମ ପାଇଁ ସବୁକିଛି। ସାରା ଜୀବନ ଆମ ସମସ୍ତଙ୍କ ଦାୟିତ୍ୱ ବୁଝି ବୁଝି ଶେଷରେ ଆମ ମାନଙ୍କୁ ଶୋକସାଗରରେ ଭସାଇଦେଇ ଅଫେରା ରାଇଜକୁ ଚାଲିଗଲ। ତୁମେ ବହୁତ ମନେ ପଡୁଛ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ସାଇରାମଙ୍କ ପାଦପଦ୍ମରେ ଥାଇ ଆମ ମାନଙ୍କୁ ସଦାସର୍ବଦା ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ବାପୁ, ଲାଡୁ, କୀଶୋର, ପୁଷ୍ପ, ରୀନା, ସରୋଜ, ବାବାଲୀ, ବିବେକ ଓ ରୁଶାଲୀ ଏବଂ ପରିବାରବର୍ଗ
ଧ-୩୦୭୦

**ମନେ ପଡ଼ନ୍ତି**



⁄ ଭାରତୀ ତ୍ରିପାଠୀ
ସ୍ୱାମୀ: ସ୍ୱର୍ଗତ ଶରତ ଚନ୍ଦ୍ର ତ୍ରିପାଠୀ
(ଜ୍ୟୋସ୍ନାପୁରୀ ଲାଇନ୍, ଲୋଚାପଡା ରୋଡ, ବ୍ରହ୍ମପୁର)
ଆବିର୍ଭାବ: ୦୬.୧୧.୧୯୪୪
ତିରୋଧାନ: ୩୦.୧୨.୨୦୨୫
ଆଜି ଦ୍ୱାଦଶାହ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକ ସନ୍ତପ୍ତ ପରିବାର: କୁନି, ଟୁନା, ରୁନା, ମିନି, ବଦ୍ରି, ଅର୍ଚ୍ଚନା, ନିବେଦିତା, ମଧୁସ୍ମିତା, ବିଜୟ ଏବଂ ନାତି ନାତୁଣୀ ବର୍ଗ।
ଧ-୩୦୭୧

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ପ୍ରଶାନ୍ତ କୁମାର ମହାନ୍ତି
ବିଶିଷ୍ଟ ଶିକ୍ଷାବିତ
ଶାଳେଶ୍ୱର, ପାହଳ
ଆବିର୍ଭାବ- ୦୮।୦୫।୧୯୬୩
ତିରୋଧାନ- ୩୧।୧୨।୨୦୨୫
ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ବକ୍ସି ଜଗବନ୍ଧୁ ବିଦ୍ୟା ମନ୍ଦିର ପାହଳ, ଭୁବନେଶ୍ୱର
ଧ-୭୧୨୪୬

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ରବୀନ୍ଦ୍ରନାଥ ରଥ
ଭୁବନେଶ୍ୱର
ଆବିର୍ଭାବ- ୨୭।୦୯।୧୯୪୨
ତିରୋଧାନ- ୧୯।୦୧।୧୯୯୬
ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୩୦୭୨



କୋଲକାତାରେ ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍‌ସି ନେତା ଓ କର୍ମୀଙ୍କ ସହ ବିକ୍ଷୋଭ ଶୋଭାଯାତ୍ରା କରୁଛନ୍ତି।

ପଲିଟିକାଲ କନ୍‌ସଲ୍ଟାନ୍ସି ସଂସ୍ଥା ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଏହାର ସହପ୍ରତିଷ୍ଠାତା ପ୍ରତୀକ ଜୈନଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଚଢ଼ାଉକୁ ନେଇ କେନ୍ଦ୍ର ସହ ପଶ୍ଚିମବଙ୍ଗ ସରକାର ମୁହାଁମୁହିଁ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଭାଜପା ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କୋଲକାତାରେ ବିକ୍ଷୋଭ ରାଲି କରିଛନ୍ତି। ସେପଟେ ନୂଆଦିଲ୍ଲୀରେ ମଧ୍ୟ ଡେରେକ୍ ଓ'ବ୍ରାଏନ୍‌ଙ୍କ ନେତୃତ୍ୱରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀଙ୍କ ମୁହଁ ବନ୍ଦ ପାଇଁ ଶାହା କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଦର୍ଶାଇ କେନ୍ଦ୍ର ବିରୋଧୀ ସ୍ଲୋଗାନ ଦେଉଥିବାବେଳେ ଟିଏମ୍‌ସି ଏମ୍‌ପିମାନଙ୍କୁ ଦିଲ୍ଲୀ ପୋଲିସ ଘୋଷାଡ଼ି ନେଇ ଭ୍ୟାନ୍‌ରେ ବସାଇଥିଲା। ସେମାନଙ୍କୁ ଅଟକ ରଖାଯାଇଥିବାବେଳେ ପଶ୍ଚିମବଙ୍ଗ କେନ୍ଦ୍ରକୁ ଉଚିତ ଶିକ୍ଷା ଦେବ ବୋଲି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର କହିଛନ୍ତି। ମୋଟାମୋଟି ଭାବେ ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ବିଧାନସଭା ନିର୍ବାଚନ ପୂର୍ବରୁ ଆଇ-ପିଏସି ଉପରେ ଇଡିର ଚଢ଼ାଉ କେନ୍ଦ୍ର ବନାମ ପଶ୍ଚିମବଙ୍ଗ ଲଢ଼େଇର ରୂପ ନେଇସାରିଛି। ଅନ୍ୟପକ୍ଷେ ଗୁରୁବାର ଚଢ଼ାଉବେଳେ ମମତା ବାଧାଦେବା ସହ ଆଇ-ପିଏସିର ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଶୁଭ୍ର ଘୋଷ ଅତ୍ୟଧିକ ଭିଡ଼ ଜମିଥିବା ଦର୍ଶାଇ କୋର୍ଟରୁମ୍ ଛାଡ଼ି ଚାଲିଯାଇଛନ୍ତି। ଆଗକୁ ଛୁଟି ଥିବାରୁ ହାଇକୋର୍ଟରେ ବୁଧବାର ଏହାର ପରବର୍ତ୍ତୀ ଶୁଣାଣି ହୋଇପାରେ।




ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍‌ଙ୍କୁ ଦିଲ୍ଲୀ ପୋଲିସ ଉଠାଇ ନେଉଛି।

# କୋଲକାତାରୁ ଦିଲ୍ଲୀ ଦିଦିଙ୍କ ଲଢ଼େଇ

- ମମତାଙ୍କ ବିରୋଧରେ ସିବିଆଇ ତଦନ୍ତ ଦାବିକଲା ଇଡି
- ଶୁଣାଣି ମଞ୍ଚରୁ ଉଠିଗଲେ ହାଇକୋର୍ଟ ବିଚାରପତି
- ଭାଜପାକୁ ଦେବା ପାଇଁ ଟିଏମ୍‌ସିର ନିର୍ବାଚନୀ ରଣନୀତି ଚୋରି କରିଛି ଇଡି: ମମତା
- ଶାହାଙ୍କ ଅଫିସ ସମ୍ମୁଖରୁ ଟିଏମ୍‌ସି ଏମ୍‌ପିଙ୍କୁ ଉଠାଇନେଲା ଦିଲ୍ଲୀ ପୋଲିସ

**କୋଲକାତା/ନୂଆଦିଲ୍ଲୀ,୯।୧**

ଆସନ୍ତା ମାର୍ଚ୍ଚ-ଏପ୍ରିଲ ଆଡ଼କୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କେନ୍ଦ୍ରୀୟ ଏଜେନ୍ସି ଇଡି ତୃଣମୂଳ କଂଗ୍ରେସକୁ ରାଜନୈତିକ ସହାୟତା ପ୍ରଦାନ କରୁଥିବା ଆଇପିଏସି ଉପରେ ଗୁରୁବାର ଚଢ଼ାଉ କରିଥିଲା। ତେବେ ଟିଏମ୍‌ସି ସୁପ୍ରିମୋ ଉକ୍ତ ସଂସ୍ଥାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଓ ଅଫିସରେ ପହଞ୍ଚି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ନେଇଯାଇଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମମତା ନିଜ ସାମ୍ବିଧାନିକ ପଦର ଦୁରୁପଯୋଗ କରି ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଚାଲିଥିବା ତଦନ୍ତରେ ବାଧା ଦେଉଥିବା ଇଡି ନିଜ ପିଟିଶନରେ ଦର୍ଶାଇଛି। ବେଆଇନ କୋଇଲା ଖଣି ଖନନ ମାମଲାରେ ମମତାଙ୍କ ସମ୍ପୃକ୍ତି ରହିଛି। ହାୱାଲା ଜରିଆରେ ଆସିଥିବା ଟଙ୍କାକୁ ଆଇ-



କର୍ତ୍ତବ୍ୟ ଭବନ ଆଗରେ ବିକ୍ଷୋଭବେଳେ ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କୁ ପୋଲିସ ଉଠାଇନେଉଛି।

ପିଏସି ଜରିଆରେ ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରାଯାଇଥିଲା। ତେଣୁ ଏହି ହାଇପ୍ରୋଫାଇଲ ମାମଲାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା କରାଯିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଇଡି ଉକ୍ତ ରିଟ୍ ପିଟିଶନରେ ନିବେଦନ କରିଛି। ସେହିପରି ତଲାସି ବେଳେ ସେଠାରୁ ମମତା ନେଇଯାଇଥିବା ସମସ୍ତ ଡିଜିଟାଲ ଡିଭାଇସ, ଇଲେକ୍ଟ୍ରୋନିକ୍ ରେକର୍ଡ ଓ ଅନ୍ୟ ଦସ୍ତାବିଜଗୁଡ଼ିକୁ ତୁରନ୍ତ ହସ୍ତାନ୍ତର କରାଯାଉ ବୋଲି ମଧ୍ୟ ଏଜେନ୍ସି ଦାବି କରିଛି। ବିଚାରପତି କୋର୍ଟରୁମ୍‌ରେ ଅତ୍ୟଧିକ ଭିଡ଼ ହୋଇଥିବା ଦର୍ଶାଇ ଶୁଣାଣି ମଞ୍ଚରୁ ଉଠିଚାଲିଯାଇଥିଲେ। ଆସନ୍ତା ସପ୍ତାହରେ ଏହା ଉପରେ ପୁଣି ଶୁଣାଣି ହୋଇପାରେ।

ଅନ୍ୟପକ୍ଷେ ହାଇକୋର୍ଟରେ ଶୁଣାଣି ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାର ଯାଦବପୁରରୁ ୧୦ କି.ମି. ଦୂର ହଜରା କ୍ରସିଂ ପର୍ଯ୍ୟନ୍ତ ଦଳୀୟ ନେତା ଓ କର୍ମୀଙ୍କ ସହ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ମମତା କହିଛନ୍ତି, ନିର୍ବାଚନରେ ଭାଜପା ସବୁ ପ୍ରକାର ଉପାୟ ଅବଲମ୍ବନ କରି ଜିତିବାକୁ ଚାହୁଁଛି। ଟିଏମ୍‌ସିର ନିର୍ବାଚନୀ ରଣନୀତି ଚୋରି କରି ଭାଜପାକୁ ସବୁ ଦସ୍ତାବିଜ ଦେବା ଇଡି ଚଢ଼ାଉ ପଛର ଉଦ୍ଦେଶ୍ୟ। ସେ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ବରଂ ଟିଏମ୍‌ସି ଅଧ୍ୟକ୍ଷା ଭୂମିକାରେ ଚଢ଼ାଉ ବେଳେ ହସ୍ତକ୍ଷେପ କରିଥିଲେ। ଏହା ଉପରେ ଭାଜପା ନେତା ରବିଶଙ୍କର ପ୍ରସାଦ କହିଛନ୍ତି, ମମତା ଦୁର୍ନୀତିରେ ବୁଡି ରହିଛନ୍ତି। ଇଡି ଅଫିସରଙ୍କୁ ଧମକ ଦେବା ନେଇ ତାଙ୍କୁ ଏହି ମାମଲାରେ ଅଭିଯୁକ୍ତ କରାଯିବା ଉଚିତ।

ମମତା କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରା କରୁଥିବାବେଳେ ତାଙ୍କ ଦଳର ସାଂସଦମାନେ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଫିସ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଟିଏମ୍‌ସି ଏମ୍‌ପି ଏବଂ ଦିଲ୍ଲୀ ପୋଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଟିଏମ୍‌ସି ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏବଂ ମହୁଆ ମୋଇତ୍ରଙ୍କ ସମେତ ଅନ୍ୟ ସାଂସଦମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଥିବା କର୍ତ୍ତବ୍ୟ ଭବନକୁ ପ୍ରବେଶ ଉଦ୍ୟମ କରିଥିଲେ। ସେମାନେ ବିନା ଅନୁମତିରେ ବିକ୍ଷୋଭ କରୁଥିଲେ ଏବଂ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ସେଠାରୁ ହଟାଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାକୁ ନିଆଯାଇଥିଲା। କିଛି ଘଣ୍ଟାର ଅଟକ ପରେ ଏମ୍‌ପିମାନଙ୍କୁ ପୋଲିସ ଛାଡ଼ି ଦେଇଥିଲା।

## ଦିଲ୍ଲୀ ଏୟାରପୋର୍ଟରୁ ୪୩ କୋଟିର ଗଞ୍ଜେଇ, ସିଗାରେଟ୍ ଜବତ

**ନୂଆଦିଲ୍ଲୀ,୯।୧(ପିଟିଆଇ)**

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୪୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଗଞ୍ଜେଇ ଏବଂ ସିଗାରେଟ୍ ଜବତ ହେବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। ଗତ ୬ ତାରିଖରେ ବ୍ୟାଙ୍କକ୍‌ରୁ ଆସିଥିବା ଉକ୍ତ ଯାତ୍ରୀମାନଙ୍କୁ କଷ୍ଟମ୍ସ ଅଫିସରମାନେ ଧରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ୪ଟି ଟ୍ରଲି ବ୍ୟାଗ୍‌ରୁ ସବୁଜ ରଙ୍ଗର ନିଶାଦ୍ରବ୍ୟ ମିଳିଥିଲା, ଯାହାକି ଗଞ୍ଜେଇ ହୋଇଥିବା ଅନୁମାନ କରାଯାଉଛି। ଏହାର ଓଜନ ୪୩.୧୩ କିଲୋଗ୍ରାମ ରହିଛି। ଅନ୍ୟ ୨ଟି ବ୍ୟାଗ୍‌ରୁ ଗୋଲ୍ଡ ଫ୍ଲେକ୍ ସିଗାରେଟ୍ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୋଟ ମୂଲ୍ୟ ୪୩.୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

# ଇରାନରେ ବିକ୍ଷୋଭ, ଇଣ୍ଟରନେଟ୍ ବନ୍ଦ

**ମୃତ୍ୟୁସଂଖ୍ୟା ୪୨**

**ଦୁବାଇ,୯।୧**

ଇରାନର ନିର୍ବାସିତ କ୍ରାଉନ୍ ପ୍ରିନ୍ସଙ୍କ ଡାକରାକ୍ରମେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଛନ୍ତି। ସରକାର ଇଣ୍ଟରନେଟ୍ ଏବଂ ଅନ୍ତର୍ଜାତୀୟ ଟେଲିଫୋନ୍ କଲ୍ ବିଚ୍ଛିନ୍ନ କରିଦେଇଥିଲେ ମଧ୍ୟ ବିକ୍ଷୋଭ ଜାରି ରହିଛି। ଆକ୍ଟିଭିଷ୍ଟମାନଙ୍କ ଦ୍ୱାରା ଶେୟାର କରାଯାଇଥିବା ଶର୍ଟ ଅନ୍‌ଲାଇନ ଭିଡିଓଗୁଡ଼ିକରେ ବିକ୍ଷୋଭକାରୀ ଇରାନ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖାଯାଇଛି। ରାଜଧାନୀ ତେହରାନ ସମେତ ବିଭିନ୍ନ ସହରରେ ରାସ୍ତାଘାଟରେ ନିଆଁ ଜଳୁଛି।



ଅନ୍ୟପକ୍ଷରେ ଆମେରିକା ଓ ଇସ୍ରାଏଲ୍‌ର ଆତଙ୍କବାଦୀ ଏଜେଣ୍ଟ ନିଆଁ ଲଗାଇବା ସହ ହିଂସାକୁ ଉସୁକାଉଥିବା ଇରାନ ସରକାରୀ ଗଣମାଧ୍ୟମ ଅଭିଯୋଗ କରିଛି। ଇରାନର ୮୬ ବର୍ଷୀୟ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ଦେଇଥିବା ଏକ ସଂକ୍ଷିପ୍ତ ଭାଷଣ ସରକାରୀ ଟିଭିରେ ପ୍ରସାରିତ ହୋଇଛି। ବିକ୍ଷୋଭକାରୀଙ୍କ ବିରୋଧରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସେ ସଙ୍କେତ ଦେଇଛନ୍ତି। ବିକ୍ଷୋଭକାରୀ ଅନ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରାଇବାକୁ ଯାଇ ନିଜ ଦେଶର ରାସ୍ତାଘାଟକୁ ଧ୍ୱଂସ କରୁଛନ୍ତି। ଟ୍ରମ୍ପଙ୍କ ହାତ ରକ୍ତରଞ୍ଜିତ ବୋଲି ଖାମେନେଇ କହିଛନ୍ତି।

ଇରାନରେ ଅତ୍ୟଧିକ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଙ୍କଟ ବିରୋଧରେ ଡିସେମ୍ବର ୨୮ରୁ ଲାଗି ରହିଥିବା ବିକ୍ଷୋଭ ଉଗ୍ରରୂପ ନେଇଛି। କ୍ରାଉନ୍ ପ୍ରିନ୍ସ ରେଜା ପହ୍ଲବୀଙ୍କ ଦ୍ୱାରା ଇରାନ ଜନସାଧାରଣ ପ୍ରଭାବିତ ହୋଇପାରୁଛନ୍ତି କି ନାହିଁ, ଏହି ବିକ୍ଷୋଭ ତାହାର ପ୍ରଥମ ପରୀକ୍ଷା। ରେଜାଙ୍କ ଅସୁସ୍ଥ ବାପା ୧୯୭୯ ଇସ୍‌ଲାମୀୟ ବିପ୍ଳବ ପୂର୍ବରୁ ଦେଶ ଛାଡ଼ି ପଳାଇଥିଲେ।

ପ୍ରାୟ ୨ ସପ୍ତାହ ହେଲା ଇରାନରେ ବିକ୍ଷୋଭ ଓ ହିଂସା ଲାଗିରହିଥିବାବେଳେ ଇତିମଧ୍ୟରେ ଅନ୍ୟୂନ ୪୨ ଜଣଙ୍କ ମୃତ୍ୟୁ ଘଟିଲାଣି। ୨,୨୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇଥିବା ଆମେରିକାର ହ୍ୟୁମ୍ୟାନ୍ ରାଇଟ୍ସ ଆକ୍ଟିଭିଷ୍ଟସ୍ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ବିକ୍ଷୋଭ ପାଇଁ କ୍ରାଉନ୍ ପ୍ରିନ୍ସ ଗୁରୁବାର ରାତିରେ ଡାକରା ଦେଇଥିଲେ। ଇରାନୀୟମାନେ ଏହାକୁ ଗୁରୁତର ସହ ନେଇ ଇସ୍‌ଲାମିକ୍ ରିପବ୍ଲିକ୍ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ବହୁସଂଖ୍ୟାରେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଏହି ଖବର ଯେପରି ଦେଶ ବାହାରକୁ ନ ଯାଏ ସେଥିପାଇଁ ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ସୁରକ୍ଷା ବଳ ଦ୍ୱାରା ବିକ୍ଷୋଭକାରୀଙ୍କୁ ହତ୍ୟାକରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇ ଥାଇପାରେ ବୋଲି କୁହାଯାଉଛି।

**ଟ୍ରମ୍ପଙ୍କ ହାତ ରକ୍ତ ରଞ୍ଜିତ: ଖାମେନେଇ**



ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଭଳି ଇରାନ ସୁପ୍ରିମଲିଡରଙ୍କୁ ଆମେରିକା ଉଠାଇ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ସେ ସେଥିରୁ ବର୍ତ୍ତିବା ପାଇଁ ପଳାୟନର ସୁଯୋଗ ଖୋଜୁଛନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଖାମେନେଇ କହିଛନ୍ତି, ଟ୍ରମ୍ପ୍ ଅନେକ ହିଂସାରେ ଜଡ଼ିତ। ଇରାନର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକାର ହସ୍ତକ୍ଷେପ ବରଦାସ୍ତ କରାଯିବ ନାହିଁ।

## ଶୂନ ଡିଗ୍ରୀ ତଳେ କଶ୍ମୀର, ବରଫ ପାଲଟିଲା ଡାଲ୍ ହ୍ରଦ

**ଶ୍ରୀନଗର,୯।୧**

ସମଗ୍ର କଶ୍ମୀର ଉପତ୍ୟକାର ତାପମାତ୍ରା ଶୂନ ଡିଗ୍ରୀରୁ ବହୁ ତଳକୁ ଖସିଯାଇଛି। ଶ୍ରୀନଗରରେ ଗୁରୁବାର ସବୁଠୁ ଶୀତ ରାତି ଅନୁଭୂତ ହୋଇଛି। ଡାଲ୍ ହ୍ରଦର କେତେକ ଭାଗ ବରଫ ପାଲଟିଯାଇଛି। ଗୁରୁବାର ରାତିରେ ଶ୍ରୀନଗରରେ ବିୟୁକ୍ତ ୬.୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପୂର୍ବ ରାତିରେ ତାପମାତ୍ରା ବିୟୁକ୍ତ ୫.୧ ଡିଗ୍ରୀ ସେଲ୍‌ସିୟସ୍ ଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶୀତ ଋତୁରେ ସେଠାର ସ୍ୱାଭାବିକ ତାପମାତ୍ରାଠାରୁ ପାରଦ ୪.୧ ଡିଗ୍ରୀ ତଳକୁ ଖସିଛି। ହାଡ଼ଥରା ଶୀତ ଯୋଗୁ



ଡାଲ୍ ହ୍ରଦର ଆଭ୍ୟନ୍ତରୀଣ ଅଂଶ ସମେତ ବହୁ ଜଳାଶୟ ବରଫ ପାଲଟିଯାଇଛି।

ଦକ୍ଷିଣ କଶ୍ମୀରର ପହଲଗାମ୍ ଟୁରିଷ୍ଟ ରିସର୍ଟ ଜମ୍ମୁ-କଶ୍ମୀରର ସବୁଠୁ ଥଣ୍ଡା ସ୍ଥାନ ଯେଉଁଠି ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୭.୬ ଡିଗ୍ରୀ ରହିଛି। ଉତ୍ତର କଶ୍ମୀରର ବାରମୂଲ୍ଲା ଜିଲାରେ ଥିବା ଗୁଲ୍‌ମାର୍ଗସ୍ଥିତ ସ୍କାଇ ରିସର୍ଟରେ ରାତି ତାପମାତ୍ରା ବିୟୁକ୍ତ ୭.୨ ଡିଗ୍ରୀ ସେଲ୍‌ସିୟସ୍ ଅନୁଭୂତ ହୋଇଛି। ସେହିପରି କେନ୍ଦ୍ରୀୟ କଶ୍ମୀରର ଗଣ୍ଡେରବାଲ୍ ଜିଲା ଅନ୍ତର୍ଗତ ସୋନାମାର୍ଗ ଟୁରିଷ୍ଟ ରିସର୍ଟରେ ତାପମାତ୍ରା ବିୟୁକ୍ତ ୫.୪ ଡିଗ୍ରୀ ଓ କାଜିଗୁଣ୍ଡରେ ବିୟୁକ୍ତ ୬.୨ ଡିଗ୍ରୀ ରହିଛି। ଉପତ୍ୟକାର ସମତଳ ଅଞ୍ଚଳରେ ତୁଷାରପାତ ହୋଇଛି। ୨୧ ତାରିଖ ଯାଏ ପାଗ ଶୁଖିଲା କିନ୍ତୁ ମେଘୁଆ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

# ଓସ୍କାର ଦୌଡ଼ରେ କାନ୍ତାରା, ତନ୍ୱି ଦି ଗ୍ରେଟ୍

**ଲସ୍ ଏଞ୍ଜେଲ୍ସ,୯।୧**

ଚଳିତ ବର୍ଷର ଓସ୍କାର ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଁ ପ୍ରତିଯୋଗିତାରେ ସାମିଲ ହେବାକୁ ଯୋଗ୍ୟତା ଅର୍ଜନ କରିଥିବା ୨୦୧ଟି ଫିଚର ଫିଲ୍ମ ମଧ୍ୟରେ କନ୍ନଡ ଚଳଚ୍ଚିତ୍ର 'କାନ୍ତାରା: ଏ ଲିଜେଣ୍ଡ- ଚାପ୍ଟର ୧' ଏବଂ ହିନ୍ଦୀ ଚଳଚ୍ଚିତ୍ର 'ତନ୍ୱି ଦି ଗ୍ରେଟ୍' ରହିଛି। ଦି ଏକାଡେମୀ ଅଫ୍ ମୋଶନ ପିକ୍ଚର ଆର୍ଟ୍ସ ଆଣ୍ଡ ସାଇନ୍ସ ପକ୍ଷରୁ ଏହା ଘୋଷଣା କରାଯାଇଛି। ୯୮ତମ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ଚଳଚ୍ଚିତ୍ରଗୁଡ଼ିକର ତାଲିକା ଗୁରୁବାର ପ୍ରକାଶ ପାଇଥିଲା। ଆସନ୍ତା ୨୨ରେ ନାମାଙ୍କନ ଘୋଷଣା ହେବ। ୯୮ତମ ଏକାଡେମୀ ପୁରସ୍କାର ପାଇଁ ମୋଟ ୩୧୭ ଫିଚର ଫିଲ୍ମ ଯୋଗ୍ୟ ବିବେଚିତ ହୋଇଥିବାବେଳେ ସେଥିରୁ ୨୦୧ଟି ଚଳଚ୍ଚିତ୍ର ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିଛନ୍ତି। ଅନୁପମ୍ ଖେର୍‌ଙ୍କ ନିର୍ଦ୍ଦେଶିତ ବହୁଭାଷୀ ଆନିମେଟେଡ୍ ଚଳଚ୍ଚିତ୍ର 'ମହାବତାର ନରସିଂହା' ଏବଂ ପ୍ରଥମ ଥର ଫିଲ୍ମ ନିର୍ମାତା ହୋଇଥିବା ଅବିଶାନ ଜୀବିନ୍ଥଙ୍କ ତାମିଲ ଟାଇଟଲ୍ 'ଟୁରିଷ୍ଟ ଫାମିଲି' ଏବଂ ରାଧିକା ଆପ୍‌ଟେ ଅଭିନୀତ 'ସିଷ୍ଟର ମିଡ୍‌ନାଇଟ୍' ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ